# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୧୬/୨୦୨୩ (୧୬ ପୃଷ୍ଠା) | Bhubaneswar, Monday, October 16/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୩୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 322 | ମୂଲ୍ୟ ₹୭/-




**ଦେବାଶିଷଙ୍କୁ ଆଇଟିଏଫ୍ ଟାଇଟଲ**

ଓଡ଼ିଶା ଟେନିସ ଖେଳାଳି ଦେବାଶିଷ ସାହୁ ଘାନାର ଆକ୍ରାଠାରେ ଆଇଟିଏଫ୍ ଜୁନିୟର ଡବଲ୍ସ ଟାଇଟଲ୍ ହାସଲ କରିଛନ୍ତି ।

୦୯

୦୪

**ଲେଡି ସିଙ୍ଘମ୍ ବେଶରେ ଦୀପିକା**

ଫିଲ୍ମ 'ସିଙ୍ଘମ୍ ଏଗେନ୍'ର ଫାଷ୍ଟ ଲୁକ୍‌ରେ ଅଭିନେତ୍ରୀ ଦୀପିକାଙ୍କୁ ପ୍ରଥମ ଥର ପାଇଁ ପୋଲିସ ପୋଷାକରେ ଦେଖିବାକୁ ମିଳିଛି, ଯାହାକୁ ଦର୍ଶକ ବେଶ ପସନ୍ଦ କରୁଛନ୍ତି।



# ୭୮ରେ ନବୀନ

- ଭଉଣୀଙ୍କ ବିୟୋଗ ଲାଗି ପାଳିବେନି ଜନ୍ମଦିନ
- ନବୀନ ନିବାସ ନ ଆସିବାକୁ ଶୁଭେଚ୍ଛୁଙ୍କୁ ଅନୁରୋଧ କଲେ

ଭୁବନେଶ୍ୱର, ୧୫।୧୦
(ସୁନିତ୍ ମିଶ୍ର)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ୭୮ ବର୍ଷ ବୟସରେ ପଦାର୍ପଣ କରିବେ। ହେଲେ ଚଳିତଥର ମୁଖ୍ୟମନ୍ତ୍ରୀ ତାଙ୍କ ଜନ୍ମଦିନ ପାଳନ କରିବେ ନାହିଁ ବୋଲି ରବିବାର ସୂଚନା ଦେଇଛନ୍ତି। ଗତ ମାସରେ ତାଙ୍କ ବଡ଼ ଭଉଣୀ ଗୀତା ମେହେଟାଙ୍କ ବିୟୋଗ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଚଳିତ ବର୍ଷ ଜନ୍ମଦିନ ପାଳନ କରିବେ ନାହିଁ ବୋଲି କହିଛନ୍ତି। ତେଣୁ ଏଥର ଶୁଭେଚ୍ଛା ଜଣାଇବା ଲାଗି ନବୀନ ନିବାସକୁ କେହି ନ ଆସିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛୁମାନଙ୍କୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ କିଛିବର୍ଷ ହେଲା ବିଭିନ୍ନ କାରଣ ସକାଶେ ମୁଖ୍ୟମନ୍ତ୍ରୀ ନିଜ ଜନ୍ମଦିନ ପାଳନ କରୁନାହାନ୍ତି। କୋଭିଡ ସମୟରେ ମଧ୍ୟ ସେ ତାଙ୍କ ଜନ୍ମଦିନ ପାଳନ କରି ନ ଥିଲେ।



କେନ୍ଦୁଝର ଜିଲାରେ ଏକ ଧାନକ୍ଷେତରେ ହାତୀପଲ ।

# ସଡ଼କ ଦୁର୍ଘଟଣାରେ ୨୦ ମୃତ

- ମହାରାଷ୍ଟ୍ରରେ ମିନିବସ୍-ଟ୍ରକ୍ ଧକ୍କା: ୧୨ ମୃତ, ୨୩ ଆହତ
- ତାମିଲନାଡୁରେ କାର୍-ଟ୍ରକ୍ ମୁହାଁମୁହିଁ: ୨ ଶିଶୁଙ୍କ ସମେତ ୮ ମୃତ

ଛତ୍ରପତି ସମ୍ଭାଜୀନଗର/ ତିରୁଭନ୍ନାମଲାଇ,୧୫।୧୦

ରବିବାର ମହାରାଷ୍ଟ୍ର ଓ ତାମିଲନାଡୁରେ ଘଟିଥିବା ୨ଟି ପୃଥକ୍ ସଡ଼କ ଦୁର୍ଘଟଣାରେ ୨୦ ଯାତ୍ରୀ ପ୍ରାଣ ହରାଇଛନ୍ତି। ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗର ଜିଲାରେ ସମୃଦ୍ଧି ଏକ୍ସପ୍ରେସ୍‌ୱେରେ ଏକ ଟ୍ରକ୍‌କୁ ମିନିବସ୍ କଣ୍ଟେନର ଧକ୍କା ଦେବାରୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୩ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୬ ମହିଳା, ୫ ପୁରୁଷ ଓ ଜଣେ ନାବାଳିକା ଅଛନ୍ତି। ସେହିପରି ତାମିଲନାଡୁର ତିରୁଭନ୍ନାମଲାଇରେ କାର୍-ଟ୍ରକ୍ ଧକ୍କା ହେବାରୁ ୨ ପିଲାଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଛି। ୧୭ ଧାରଣ କ୍ଷମତା ବିଶିଷ୍ଟ ଉକ୍ତ ଘରୋଇ ବସ୍‌ରେ ୩୫ ଯାତ୍ରୀ ଥିଲେ। ସେମାନେ ସୈଲାନି ବାବା ଦରଘା ଦର୍ଶନ କରି ନାଶିକ ଫେରୁଥିବାବେଳେ ଦ୍ରୁତଗତିରେ ମାଡ଼ିଆସୁଥିବା ଗାଡ଼ିର ଡ୍ରାଇଭର ବୈଜାପୁର ଅଞ୍ଚଳରେ ଭାରସାମ୍ୟ ହରାଇବାରୁ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ଶୋକବ୍ୟକ୍ତ କରିଛନ୍ତି। ☞ପୃଷ୍ଠା-୪

# ଫରିଦାବାଦରେ ଭୂକମ୍ପ
## ଦିଲ୍ଲୀ-ଏନ୍‌ସିଆର୍‌ରେ ଝଟକା

ନୂଆଦିଲ୍ଲୀ,୧୫।୧୦(ପି.ଟି.)

ହରିୟାଣାର ଫରିଦାବାଦରେ ରବିବାର ଅପରାହ୍ନ ୪ଟା ୮ ମିନିଟରେ ଭୂକମ୍ପ ଅନୁଭୂତ ହୋଇଛି। ୩.୧ ତୀବ୍ରତା ବିଶିଷ୍ଟ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଦକ୍ଷିଣପୂର୍ବ ଦିଲ୍ଲୀରୁ ୩୦ କି.ମି. ଦୂର ଫରିଦାବାଦର ପୂର୍ବଭାଗରେ ଥିଲା ବୋଲି ନ୍ୟାଶନାଲ ସେଣ୍ଟର ଫର୍ ସେସ୍‌ମୋଲୋଜି ପକ୍ଷରୁ କୁହାଯାଇଛି। ଭୂକମ୍ପ ପରେ ଏହାର ଝଟକା ଦିଲ୍ଲୀ ଓ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅଗ୍ନିବୀରଙ୍କ ଦୁଃଖ**

# ଧାନକ୍ଷେତ ଛାଡ଼ି ଯାଉନାହାନ୍ତି ହାତୀ

- ଅମଳକୁ ନେଇ ଆଶଙ୍କାରେ ଚାଷୀ
- ସହାୟତା ଟଙ୍କାରେ କ୍ଷତି ଭରଣା ହେଉନି

କେନ୍ଦୁଝର,୧୫।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଚଳିତ ବର୍ଷ ଧାନ ଫସଲ ଭଲ ହୋଇଛି। କ୍ଷେତରେ ଏବେ ଧାନ କେଣ୍ଡା ମାରିଲାଣି। ଆଉ ପ୍ରାୟ ମାସକ ମଧ୍ୟରେ ଚାଷୀ ଫସଲ ଅମଳ କରିବ। ଧାନ ଅମଳ କଲେ ବିକି ଧାର କରଜ ଶୁଝିବ ଏବଂ ଆସନ୍ତା ଏକବର୍ଷ ପାଇଁ ପରିବାର ଗୁଜୁରାଣ କରିବ। କିନ୍ତୁ ଏବେ ସବୁଜ ଧାନ କ୍ଷେତରେ ହାତୀପଲଙ୍କ ଉପଦ୍ରବ ଚାଷୀର ନିଦ ହଜାଇଦେଇଛି। ହାତୀଙ୍କ ଖାଦ୍ୟର ସ୍ୱାଦରେ ପରିବର୍ତ୍ତନ ହୋଇଯାଇଥିବାରୁ ଧାନ ଫସଲ ଖାଇବାକୁ ଜଙ୍ଗଲ ଛାଡ଼ି ଜନବସତିମୁହାଁ ହେଉଛନ୍ତି। ଧାନ ଫଳିବା ଆରମ୍ଭ ହୋଇଥିବାରୁ ଜମି ଛାଡ଼ି ଯାଉନାହାନ୍ତି। ହାତୀ ବିଲରେ ପଶି ଧାନ ଖାଇବା ସହ ବହୁ ପରିମାଣରେ ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଯଦିଓ ଫସଲ ନଷ୍ଟ ପାଇଁ ବନ ବିଭାଗ ପକ୍ଷରୁ କ୍ଷତିପୂରଣ ମିଳୁଛି। ତେବେ ପ୍ରକୃତ କ୍ଷତିପୂରଣ ମିଳୁ ନ ଥିବାରୁ ଚାଷୀମାନେ ଜୀବନକୁ ବାଜି ଲଗାଇ ଫସଲର ସୁରକ୍ଷା କରିବାକୁ ଦିନରାତି ଜଗି ରହୁଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲାରେ ପାଖାପାଖି ଏକ ଶହ ହାତୀ ବିଭିନ୍ନ ରେଞ୍ଜ ଅଞ୍ଚଳରେ ବିଚରଣ କରୁଛନ୍ତି। କେନ୍ଦୁଝର ସଦର ରେଞ୍ଜର କେରୀ, ମଇଦାନକେଲ, ତାଳପଦା, ଦେଓବନ୍ଧ ଆଦି ଗ୍ରାମାଞ୍ଚଳରେ ଏକ ୧୮ ଟିକିଆ ହାତୀପଲ ଏକ ମାସରୁ ଊର୍ଦ୍ଧ୍ୱ ହେଲା ଉପଦ୍ରବ ଜାରି ରଖିଛନ୍ତି। ଦିନରେ ହାତୀପଲ ପାଖ ଜଙ୍ଗଲରେ ରହୁଛନ୍ତି, ସନ୍ଧ୍ୟା ହେଲେ ଚାଷ ଜମିମୁହାଁ ହେଉଛନ୍ତି। ଧାନ ଫସଲର ସୁରକ୍ଷା ପାଇଁ ରାତି ଉଜାଗର ରହି ପିଲାଠାରୁ ବୃଦ୍ଧ ହାତୀ ଘଉଡ଼ାଉଛନ୍ତି। ଘଉଡ଼ାଇବା ସମୟରେ ହାତୀ ପଲ ଏଣେ ତେଣେ ବିଲରେ ଧାଉଁ ଥିବାରୁ ବହୁ ଫସଲ ଉଜୁଡ଼ି ଯାଉଛି। ଯଦିଓ ହାତୀ ଗତିପଥକୁ ଟ୍ରାକିଂ କରି ବନ ବିଭାଗ ଲୋକଙ୍କୁ ହାତୀ ଆସିବା ପୂର୍ବରୁ ବିଭିନ୍ନ ବାଟରେ ସଚେତନ କରୁଛି, କିନ୍ତୁ ଚାଷ ଜମିର ସୁରକ୍ଷା ☞ପୃଷ୍ଠା-୪





SOMETIMES, THE SMALLEST GESTURES MAKE THE BIGGEST IMPACT. ONLY A FEW UNDERSTAND THAT AND ENSURE THEIR ACTIONS LAST FOREVER. JUST LIKE PLATINUM, A METAL THAT STAYS TRUE TO ITSELF FOR A LIFETIME AND DOESN'T CHANGE. MAKING IT RARE. AND TRULY COMPLEMENTING THOSE WHO RISE ABOVE LIFE'S CHALLENGES IN THE MOST REMARKABLE WAY.

WHEN CHARACTER DISPLAYS COMPASSION, IT'S RARE. IT'S PLATINUM.

PRESENTING THE NEW COLLECTION FROM MEN OF PLATINUM.

— MEN OF — PLATINUM

KHIMJI® Jewellers since 1936

EXPLORE THE NEW COLLECTION AT A STORE NEAREST TO YOU.

LOOK FOR PT950 - THE ASSURANCE OF 95% PURE PLATINUM, A MARK OF AUTHENTICITY AND PURITY.
For an assured buyback, ask for your platinum purity assurance card.

Available at: **Bhubaneswar:** Janpath Road: 7873000153 | Chandrasekharpur: 7077726627 | Soubhagya Nagar: 6742560977 | **Cuttack:** 6712970099 | **Rourkela:** 7873000118 | **Jharsuguda:** 6645677777 | **Puri:** 6752224400 | **Berhampur:** 7873000102

# ଲକ୍ଷାଧିକ ପାଲେଷ୍ଟିନୀୟ ବିସ୍ଥାପିତ

■ଗାଜା ସୀମାରେ ଇସ୍ରାଏଲୀ ଟ୍ୟାଙ୍କ
■ସ୍ଥଳଭାଗରେ ଆକ୍ରମଣ ପାଇଁ ପ୍ରସ୍ତୁତି

ଜେରୁଜେଲମ୍/ଗାଜା ସିଟି,୧୫।୧୦

ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସ୍ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧର ସପ୍ତାହେ ଭିତରେ ଗାଜାରୁ ଲକ୍ଷାଧିକ ଲୋକ ବିସ୍ଥାପିତ ହୋଇଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ପାଲେଷ୍ଟିନୀୟ ଶରଣାର୍ଥୀଙ୍କୁ ସମର୍ଥନ କରୁଥିବା ଜାତିସଂଘର ଏକ ସହଯୋଗୀ ଏଜେନ୍ସି କହିଛି, ଗାଜାରେ ଅତ୍ୟନ୍ତ ବିଧ୍ୱଂସକ ସ୍ଥିତି ଲାଗିରହିଛି।


ଇସ୍ରାଏଲର ରକେଟ ମାଡ଼ରେ ଧ୍ୱସ୍ତବିଧ୍ୱସ୍ତ ଗାଜା ଷ୍ଟ୍ରିପ୍‌ର ଖାନ୍ ୟୁନିସ୍‌ରେ ଏକ ଘରେ ଲାଗିଥିବା ନିଆଁକୁ ଲିଭାଉଛନ୍ତି ଜଣେ ବ୍ୟକ୍ତି।

ଗତ ୭ ତାରିଖରୁ ଉଭୟ ପକ୍ଷରୁ ଦୁହାକୁ ଦୁହା ରକେଟ ମାଡ଼ ଜାରି ରହିଥିବାରୁ ଗାଜା ସୀମାନ୍ତ ଅଞ୍ଚଳରେ ଇସ୍ରାଏଲ ବିପୁଳ ଟ୍ୟାଙ୍କ ଓ ଅସ୍ତ୍ରଶସ୍ତ୍ର ମୁତୟନ କରିଛି। ଆକାଶମାର୍ଗରୁ ଏୟାରଷ୍ଟ୍ରାଇକ୍ ପରେ ଇସ୍ରାଏଲ ସ୍ଥଳଭାଗରେ ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଛି। ହେଜ୍‌ବୋଲ୍ଲା ଫାଇଟର୍ସ ମିଶାଇଲ ମାଡ଼କରି ଇସ୍ରାଏଲର ଜଣେ ନାଗରିକଙ୍କୁ ହତ୍ୟା କରିବା ପରେ ଇସ୍ରାଏଲୀ ସେନା ଲେବାନନ୍ ଉପରେ ଆକ୍ରମଣ କରିଛି। ଗାଜା ବିରୋଧୀ ଅଭିଯାନରେ ଆମେରିକୀୟ ଏୟାରକ୍ରାଫ୍ଟ କେରିୟର ୟୁଏସ୍‌ଏସ୍ ଡ୍ୱିଟ୍ ଡି ଏସେନ୍‌ହୋଭର ସାମିଲ ହୋଇଛି। ଏହି ଯୁଦ୍ଧବିମାନ ଇସ୍ରାଏଲକୁ ସହଯୋଗ କରିବା ପାଇଁ ଭୂମଧ୍ୟସାଗରୀୟ ଅଞ୍ଚଳରେ ପହଞ୍ଚିଛି। ୟୁରୋପୀୟ ସଂଘ (ଇୟୁ) ନେତାମାନେ ମଧ୍ୟ ଇସ୍ରାଏଲକୁ ସମର୍ଥନ କରିଛନ୍ତି। ଅନ୍ତର୍ଜାତୀୟ ଆଇନାନୁସାରେ ଇସ୍ରାଏଲ ଆତ୍ମରକ୍ଷା କରିବା ପାଇଁ ନେଇଥିବା କାର୍ଯ୍ୟାନୁଷ୍ଠାନ ଯଥାର୍ଥ ବୋଲି ସେମାନେ କହିଛନ୍ତି। ଇତିମଧ୍ୟରେ ଇସ୍ରାଏଲ ଆକ୍ରମଣରେ ଅନ୍ୟୁନ ୭୨୪ ଶିଶୁଙ୍କ ସମେତ ୨,୩୨୯ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଲାଣି। ହମାସ୍‌ର ସାମରିକ ଅପରେଶନରେ ଇସ୍ରାଏଲର ୧,୩୦୦ ଜଣ ନିହତ ହେଲେଣି। ମୃତକଙ୍କ ମଧ୍ୟରେ ୨୮୬ ଇସ୍ରାଏଲୀ ସୈନ୍ୟ ଅଛନ୍ତି। ସେପଟେ ଗାଜା ବିରୋଧରେ 'ଯୁଦ୍ଧ ଅପରାଧ' ତୁରନ୍ତ ବନ୍ଦ କରିବାକୁ ଇସ୍ରାଏଲକୁ ଇରାନ୍ ଚେତାବନୀ ଦେଇଛି।

## ଗାଜା ଷ୍ଟ୍ରିପ୍




➩ଗାଜାର ଜନସଂଖ୍ୟା ହେଉଛି ପ୍ରାୟ ୨.୩ ନିୟୁତ। ଗାଜାବାସୀ ୫ଟି ଅଞ୍ଚଳରେ ବସବାସ କରନ୍ତି। ସେଗୁଡ଼ିକ ହେଲା ନର୍ଥ ଗାଜା, ଗାଜା ସିଟି, ଡେଇରେଲ-ବଲାହ, ଖାନ୍ ୟୁନିସ୍ ଏବଂ ରଫହ।

➩ଭୂମଧ୍ୟସାଗର ଉପକୂଳରେ ଇସ୍ରାଏଲ, ଇଜିପ୍ଟ ସୀମା ସହ ସଂଲଗ୍ନ ଗାଜା ଷ୍ଟ୍ରିପ୍‌ର ମୋଟ ଆୟତନ ହେଉଛି ୩୬୫ ବର୍ଗ କି.ମି. (୧୪୧ ବର୍ଗ ମାଇଲ)।

➩ଗାଜା ଷ୍ଟ୍ରିପ୍‌ର ଦକ୍ଷିଣରେ ଥିବା ରଫହରୁ ଉତ୍ତରରେ ସ୍ଥିତ ବେଇଟ୍ ହାନୁନ୍‌ର ଦୂରତା ହେଉଛି ୪୧ କି.ମି., ଯାହାକୁ କୌଣସି ଗାଡ଼ିରେ ଅତିକ୍ରମ କରିବା ପାଇଁ ଘଣ୍ଟାଏରୁ କମ୍ ସମୟ ଲାଗିଥାଏ।

# ପ୍ରଶ୍ନ କରିବାକୁ ଲାଞ୍ଚ ନେଇଛନ୍ତି ମହୁଆ

ଭାଜପା ଏମ୍‌ପିଙ୍କ ସାଂଘାତିକ ଅଭିଯୋଗ

ନୂଆଦିଲ୍ଲୀ,୧୫।୧୦

ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର ପାର୍ଲାମେଣ୍ଟରେ ପ୍ରଶ୍ନ କରିବା ପାଇଁ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କଠାରୁ ଲାଞ୍ଚ ଆକାରରେ ଟଙ୍କା ଓ ଉପହାର ନେଇଥିବା ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଅଭିଯୋଗ ଆଣିଛନ୍ତି।

ଝାଡ଼ଖଣ୍ଡର ଗୋଡ୍ଡାରୁ ଲୋକ ସଭାରେ ପ୍ରତିନିଧିତ୍ୱ କରୁଥିବା ନିଶିକାନ୍ତ କହିଛନ୍ତି, ଟିଏମ୍‌ସିର କ୍ରିଷ୍ଣନଗର ଏମ୍‌ପି ମହୁଆ ଲାଞ୍ଚ ନେଇ ପାର୍ଲାମେଣ୍ଟରେ ପ୍ରାୟ ୫୦ ପ୍ରଶ୍ନ କରିଛନ୍ତି। ଆଇନଜୀବୀ ଜୟ ଅନନ୍ତ ଦେହାଦ୍ରୀଙ୍କ ଗବେଷଣାକୁ ଭିତ୍ତିକରି ସେ ଏପରି ଅଭିଯୋଗ ଆଣିଛନ୍ତି। ଏନେଇ ନିଶିକାନ୍ତ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନିକଟକୁ ପତ୍ର ଲେଖିଛନ୍ତି। ମହୁଆଙ୍କୁ ତୁରନ୍ତ ଗୃହରୁ ବହିଷ୍କାର କରାଯାଉ ବୋଲି ସେ ଦାବି କରିଛନ୍ତି। ଏହା ଉପରେ ମହୁଆ ଜବାବ ରଖି କହିଛନ୍ତି, ଏହି ପ୍ରସଙ୍ଗରେ ତଦନ୍ତ ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ସ୍ୱାଗତ କରୁଛି। କିନ୍ତୁ ଏହା ପୂର୍ବରୁ ସେମାନେ ଶିଳ୍ପପତି ଗୌତମ ଆଦାନୀଙ୍କ ବିରୋଧରେ



ଆଗତ ମନି ଟ୍ରାଏଲ, ଓଭର-ଇନ୍‌ଭଏସିଂ ଏବଂ ବେନାମୀ କାରବାରଗୁଡ଼ିକର ତଦନ୍ତ କରାନ୍ତୁ। ଭାଜପାବାଲା ମୋତେ ଚୁପ୍ କରାଇବା ପାଇଁ ନିଜ ସମୟ ନଷ୍ଟ କରୁଛନ୍ତି। ସେମାନେ ନିଜ ଓକିଲଙ୍କ ସଦୁପଯୋଗ କରନ୍ତୁ ବୋଲି ମହୁଆ କହିଛନ୍ତି। ନିଶିକାନ୍ତ ହେଉଛନ୍ତି ସେହି ବ୍ୟକ୍ତି, ଯିଏକି ସଂସଦର ସ୍ୱତନ୍ତ୍ର ଅଧିବେଶନ ଶେଷ ଦିନରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏମ୍‌ପି ଦାନିସ୍ ଅଲୀଙ୍କୁ ମୁସଲମାନ ଆତଙ୍କବାଦୀ କହି ବିବାଦୀୟ ହୋଇଥିଲେ।

# ୱାଶିଂଟନରେ 'ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି'

ଭାରତ ବାହାରେ ଆମ୍ବେଡକରଙ୍କ ସର୍ବୋଚ୍ଚ ପ୍ରତିମୂର୍ତ୍ତି ଅନାବରଣ

ୱାଶିଂଟନ୍,୧୫।୧୦

ଭାରତୀୟ ସମ୍ବିଧାନର ସ୍ଥପତି ଡ. ବାବାସାହେବ ଭୀମରାଓ ଆମ୍ବେଡକରଙ୍କ ୧୯ ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ପ୍ରତିମୂର୍ତ୍ତି ଆମେରିକାର ୱାଶିଂଟନ୍ ନିକଟରେ ଅନାବରଣ କରାଯାଇଛି। ଏହା ହେଉଛି ଭାରତ ବାହାରେ ଆମ୍ବେଡକରଙ୍କ ସର୍ବବୃହତ୍ ପ୍ରତିମୂର୍ତ୍ତି। ଏହି ଐତିହାସିକ କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ଭାରତୀୟ-ଆମେରିକୀୟ ଯୋଗଦେଇ 'ଜୟ ଭୀମ' ସ୍ଲୋଗାନ ଦେଇଥିଲେ। ବିଖ୍ୟାତ ସ୍ଥପତି ରାମ ସୂତାର ଏହି ପ୍ରତିମୂର୍ତ୍ତି ତିଆରି କରିଛନ୍ତି। ରାମ ସୂତାର ହେଉଛନ୍ତି ଗୁଜରାଟର ନର୍ମଦା ସରୋବର ଡ୍ୟାମ୍‌ରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ 'ଷ୍ଟାଚ୍ୟୁ ଅଫ୍ ୟୁନିଟି'ର ନିର୍ମାତା। ଅସମାନତା କେବଳ ଭାରତରେ ଅଛି ତାହା ନୁହେଁ, ବରଂ ସବୁଠି ବିଭିନ୍ନ ରୂପରେ ବିଦ୍ୟମାନ। ତେଣୁ ଆମେ ଏହାକୁ 'ସମାନତାର ପ୍ରତିମୂର୍ତ୍ତି' ନାମକରଣ କରିଛୁ ବୋଲି ଆମ୍ବେଡକର ଇଣ୍ଟରନ୍ୟାଶନାଲ ସେଣ୍ଟର (ଏଆଇସି) ଅଧ୍ୟକ୍ଷ ରାମ କୁମାର କହିଛନ୍ତି।



# ପୂର୍ବତନ ସିଇସି ଏମ୍.ଏସ୍. ଗିଲ୍‌ଙ୍କ ପରଲୋକ

ନୂଆଦିଲ୍ଲୀ,୧୫।୧୦(ପି.ଟି.)

ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏମ୍.ଏସ୍. ଗିଲ୍ (୮୬)ଙ୍କ ପରଲୋକ ହୋଇଛି। ଅସୁସ୍ଥ ଗିଲ୍ ଦକ୍ଷିଣ ଦିଲ୍ଲୀର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ରବିବାର ତାଙ୍କ ମୃତ୍ୟୁ ଘଟିଥିବାବେଳେ ସୋମବାର ଶେଷକୃତ୍ୟ ସମ୍ପନ୍ନ କରାଯିବ। ୧୯୫୯ ବ୍ୟାଚ୍‌ର ପଞ୍ଜାବ କ୍ୟାଡର ପୂର୍ବତନ ଆଇଏଏସ୍ ଅଧିକାରୀ ଗିଲ୍ ଜଣେ ଯୁବ ଅଫିସର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଟି.ଏନ୍. ସେଶାନ୍ ସିଇସି ପଦରେ ଥିବାବେଳେ ଗିଲଙ୍କୁ ନିର୍ବାଚନ କମିଶନ ନିଯୁକ୍ତ କରାଯାଇଥିଲା। ଗିଲ୍ ୧୯୯୬ରୁ ୨୦୦୧ ପର୍ଯ୍ୟନ୍ତ ଦେଶର ଏକାଦଶ ସିଇସି ରୂପେ ଦାୟିତ୍ୱ ସମ୍ପାଦନ କରିଥିଲେ। ପରବର୍ତ୍ତୀ ସମୟରେ ସେ କଂଗ୍ରେସ ଦଳରୁ ରାଜ୍ୟ ସଭାକୁ ଯାଇଥିଲେ। ୨୦୦୮ରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ହୋଇଥିଲେ।



# ଶିବରାଜଙ୍କୁ ଟକ୍କର ଦେବେ 'ହନୁମାନ'

ଏମ୍‌ପି, ଛତିଶଗଡ଼, ତେଲଙ୍ଗାନା ପାଇଁ କଂଗ୍ରେସ ଜାରିକଲା ପ୍ରଥମ ପ୍ରାର୍ଥୀ ତାଲିକା

ନୂଆଦିଲ୍ଲୀ,୧୫।୧୦

ମଧ୍ୟପ୍ରଦେଶ(ଏମ୍‌ପି), ଛତିଶଗଡ଼ ଓ ତେଲଙ୍ଗାନାରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ରବିବାର ପ୍ରଥମ ପ୍ରାର୍ଥୀତାଲିକା ଜାରି କରାଯାଇଛି। ଏମ୍‌ପି ପାଇଁ ୧୪୪ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିବାବେଳେ ଛତିଶଗଡ଼ ଏବଂ ତେଲଙ୍ଗାନା ସକାଶେ ଯଥାକ୍ରମେ ୩୦ ଓ ୫୫ ଜଣଙ୍କୁ ଦଳ ଟିକେଟ ଦେଇଛି।

ଛତିଶଗଡ଼ ବିଧାନସଭାର ୯୦ ଆସନ ପାଇଁ ନଭେମ୍ବର ୭ ଓ ୧୭ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ନଭେମ୍ବର ୧୭ରେ ମଧ୍ୟପ୍ରଦେଶ ବିଧାନସଭାର ୨୩୦ ଏବଂ ୩୦ ତାରିଖରେ ତେଲଙ୍ଗାନାର ୧୧୯ ନିର୍ବାଚନମଣ୍ଡଳୀ ପାଇଁ ଭୋଟ ଗ୍ରହଣ କରାଯିବ। ଡିସେମ୍ବର ୩ରେ ଫଳାଫଳ ପ୍ରକାଶ ପାଇବ।


ବିକ୍ରମ ମସ୍ତାଲ


ଶିବରାଜ ସିଂ ଚୌହାନ

ଏହାକୁ ଦୃଷ୍ଟିରେ ରଖି ଏମ୍‌ପିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ କମିଟି ସଭାପତି କମଲନାଥଙ୍କୁ ଛିନ୍ଦୱାଡାରେ ପ୍ରାର୍ଥୀ କରାଯାଇଛି। ଅନ୍ୟତମ ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂଙ୍କ ପୁଅ ଜୟବର୍ଦ୍ଧନ ସିଂଙ୍କୁ ଦଳ ରାଘୋଗଡ଼ ଆସନ ପାଇଁ ଟିକେଟ ଦେଇଛି। ଜୟବର୍ଦ୍ଧନ କମଲନାଥ ସରକାରରେ ମନ୍ତ୍ରୀ ଥିଲେ। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ବିରୋଧରେ ଲୋକପ୍ରିୟ ଅଭିନେତା ବିକ୍ରମ ମସ୍ତାଲଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। ଆନନ୍ଦ ସାଗରଙ୍କ ୨୦୦୮ ଟିଭି ଧାରାବାହିକ ରାମାୟଣରେ ହନୁମାନ ଭୂମିକାରେ ଅଭିନୟ କରିଥିବା ମସ୍ତାଲ ଗତ ଜୁଲାଇରେ କମଲନାଥଙ୍କ ଉପସ୍ଥିତିରେ କଂଗ୍ରେସରେ ସାମିଲ ହୋଇଥିଲେ। ସେ ବୁଧନୀ ଆସନରେ ଶିବରାଜଙ୍କୁ କଡ଼ା ଟକ୍କର ଦେଇପାରନ୍ତି। ସେହିପରି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ପଟନ ଆସନରୁ ଏବଂ ଉପମୁଖ୍ୟମନ୍ତ୍ରୀ ଟି.ଏସ୍. ସିଂଦେଓ ଅମ୍ବିକାପୁର ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ିବେ। ତେଲଙ୍ଗାନାରେ ପିସିସି ସଭାପତି ଅନୁମାଲା ରେଭାନ୍ଥ ରେଡ୍ଡୀଙ୍କୁ କଂଗ୍ରେସ କୋଡଙ୍ଗଲ ଆସନରୁ ଲଢ଼ିବା ପାଇଁ ଟିକେଟ ଦେଇଛି। ବିଧାୟକ ଦଳ ନେତା ଭଟ୍ଟି ବିକ୍ରମର୍କା ମାଲ୍ଲୁଙ୍କୁ ମାଧିରା-ଏସ୍‌ସି ଆସନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ସୁଯୋଗ ମିଳିଛି।

ଫୁର୍‌ସତ୍

# ଖାଦ୍ୟ ସଂରକ୍ଷଣ ଅପରିହାର୍ଯ୍ୟ

## ବିଶ୍ୱ ଖାଦ୍ୟ ଦିବସ

ବିଶ୍ୱ ଖାଦ୍ୟ ଦିବସ ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖ ଦିନ ସାରା ବିଶ୍ୱରେ ପାଳିତ ହୁଏ। ମିଳିତ ଜାତିସଂଘ ଦ୍ୱାରା ୧୯୪୫ ମସିହାରେ ଖାଦ୍ୟ ଏବଂ କୃଷି ସଂଗଠନର ସ୍ଥାପନା ଦିବସକୁ ସମ୍ମାନ ଜଣାଇ ଏହି ଦିନଟିକୁ ବିଶ୍ୱ ଖାଦ୍ୟ ଦିବସ ରୂପେ ପାଳନ କରିବା ଲାଗି ଘୋଷଣା କରାଯାଇଛି। ନଭେମ୍ବର ୧୯୭୯ ମସିହାରେ ଖାଦ୍ୟ ଏବଂ କୃଷି ସଂଗଠନର ସଦସ୍ୟ ରାଷ୍ଟ୍ରମାନଙ୍କଦ୍ୱାରା ଏହି ସଂଗଠନର ୨୦ତମ ସମ୍ମିଳନୀରେ ଏହି ଦିବସ ପାଳନ କରିବା ନିଷ୍ପତ୍ତି ନିଆଯାଇଥିଲା।

ତତ୍କାଳୀନ ହଙ୍ଗେରିଆନ କୃଷି ଏବଂ ଖାଦ୍ୟ ମନ୍ତ୍ରୀ ଡଃ ପାଲ ରମାନୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳ ଖାଦ୍ୟ ଏବଂ କୃଷି ସଂଗଠନର ୨୦ତମ ସମ୍ମିଳନୀରେ ଏକ ସକ୍ରୀୟ ଭୂମିକା ଗ୍ରହଣ କରି ଏ ସଂକ୍ରାନ୍ତରେ ଏକ ବିଚାର ବ୍ୟକ୍ତ କରିଥିଲେ। ଏହା ଉକ୍ତ ସମ୍ମିଳନୀରେ ଗୃହୀତ ହେବା ପରେ ବିଶ୍ୱର ୧୫୦ରୁ ଅଧିକ ଦେଶ ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖକୁ ବିଶ୍ୱ ଖାଦ୍ୟ ଦିବସ ରୁପେ ପାଳନ କରୁଛନ୍ତି।



ଖାଦ୍ୟାଭାବ ତଥା ଦାରିଦ୍ର୍ୟ ଜନିତ ସମସ୍ୟା ତଥା ଏହାର ନିରାକରଣ ସମ୍ପର୍କରେ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ବିଶ୍ୱରୁ କ୍ଷୁଧା ଦୂର କରି ସର୍ବିଙ୍କୁ ଆହାର ଯୋଗାଇବା ପାଇଁ ପ୍ରୟାସ କରିବା ପାଇଁ ବିଭିନ୍ନ ଯୋଜନା ଉପରେ ଏହି ଦିନ ବିଚାର ବିମର୍ଷ କରାଯାଇଥାଏ। ଏହାସହ ଲୋକଙ୍କୁ ଜାଗୃତ କରିବା। ବିଶ୍ୱ ଖାଦ୍ୟ ଦିବସ ୧୯୮୧ରେ ପ୍ରଥମ ଥର ପାଳନ କରାଯାଇଥିଲା। ପୃଥିବୀରେ ଅଧିକାଂଶ ଲୋକେ ସଠିକ ସମୟରେ ଖାଦ୍ୟ ନ ପାଇବାରୁ ସେମାନଙ୍କ ମୃତ୍ୟୁ ହୋଇଥାଏ। ଏହାସହ ଏଭଳି ମଧ୍ୟ ଅଧିକାଂଶ ସମୟରେ ଦେଖାଯାଇଥାଏ ଅନେକ ଲୋକଙ୍କୁ ସଠିକ ସମୟରେ ଖାଦ୍ୟ ମିଳିଥାଏ, ମାତ୍ର ସେମାନେ ଖାଦ୍ୟ ଅଧା ଖାଇ ଫିଙ୍ଗିଥାନ୍ତି। ତେଣୁ କୁହାଯାଏ ଯେତିକି ଖାଦ୍ୟ ଖାଇବେ ସେତିକି ହିଁ ନେବା ଉଚିତ। ଖାଦ୍ୟ ଆଦୌ ନଷ୍ଟ କରିବା ଉଚିତ ନୁହେଁ। ଖାଦ୍ୟ ପ୍ରତ୍ୟେକ ବ୍ୟକ୍ତିର ମୌଳିକ ଅଧିକାର। ତେଣୁ ଲୋକଙ୍କୁ ଭୋକରୁ ରକ୍ଷା କରିବାକୁ ଏହି ଦିନ ପାଳନ କରାଯାଇଥାଏ। ଏହି ଦିନ ବିଭିନ୍ନ ସଚେତନା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଯାଦ୍ୱାରା ବିଭିନ୍ନ ପ୍ରକାର ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ପାଇଁ ପ୍ରେରିତ ହେବା ସହ ଭୋକ କାରଣରୁ କାହାର ମଧ୍ୟ ମୃତ୍ୟୁ ନ ହେଉ ସେଥିପ୍ରତି ଦୃଷ୍ଟି ପ୍ରଦାନ କରାଯାଇଥାଏ। ପ୍ରତିବର୍ଷ ବିଶ୍ୱ ଖାଦ୍ୟ ଦିବସ ଏକ ସ୍ୱତନ୍ତ୍ର ବାର୍ତ୍ତା ବହନ କରିଥାଏ। ଚଳିତ ୨୦୨୩ ବର୍ଷ ପାଇଁ ଏହି ଦିବସର ବାର୍ତ୍ତା ହେଉଛି ' ଜଳ ହିଁ ଜୀବନ, ଜଳ ହିଁ ଖାଦ୍ୟ, ପଛରେ କାହାକୁ ଛାଡି ଦିଅନାହିଁ(ୱାଟର ଇଜ ଲାଇଫ, ୱାଟର ଇଜ ଫୁଡ, ଲିଭ ନୋ ୱାନ ବିହାଇଣ୍ଡ) ।

# ମ୍ୟାଚ୍‌ବେଳେ ସୁନାଖଚିତ ଫୋନ୍ ହଜାଇଲେ

**ମୁମ୍ବାଇ:** ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଭାରତ- ପାକିସ୍ତାନ ମ୍ୟାଚ ଦେଖିବାକୁ ବଲିଉଡ୍‌ର ଅଭିନେତ୍ରୀ ଉର୍ବଶୀ ରଉତେଲା ପହଞ୍ଚିଥିଲେ। ଏହି ସମୟରେ ଅଭିନେତ୍ରୀଙ୍କ ୨୪ କ୍ୟାରେଟ୍ ସୁନା ଖଚିତ ଆଇଫୋନ୍ ଷ୍ଟାଡିୟମରେ ହଜିଯାଇଛି। ଏନେଇ ସେ ନିଜେ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ଯେଉଁଥିରେ ସେ ଅହମଦାବାଦ ପୋଲିସକୁ ଟ୍ୟାଗ୍ କରି ଲେଖିଛନ୍ତି- 'ମୋର ୨୪ କ୍ୟାରେଟ୍ ସୁନାଖଚିତ ଆଇଫୋନ୍ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ହଜିଯାଇଛି। ଦୟାକରି ଯଦି କେହି ଏହା ପାଆନ୍ତି, ତୁରନ୍ତ ଯୋଗାଯୋଗ କରନ୍ତୁ। ଅଭିନେତ୍ରୀ ଏହି ପୋଷ୍ଟକୁ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ମଧ୍ୟ ଶେୟାର କରିଛନ୍ତି। ଏହା ପୂର୍ବରୁ ଉର୍ବଶୀ ରଉତେଲା ଷ୍ଟାଡିୟମରୁ ଏକ ଭିଡିଓ ଶେୟାର କରିଥିଲେ। ଯେଉଁଥିରେ ଭାରତ ବିଜୟ ଆଡକୁ ଗତି କରୁଥିବା ଦେଖି ସେ ବହୁତ ଖୁସି ଥିଲେ।



# କଷ୍ଟ ଲାଘବ କରେ ନିଶ୍ଚେତକ

## ବିଶ୍ୱ ନିଶ୍ଚେତକ ଦିବସ



ଚିକିତ୍ସା କ୍ଷେତ୍ରରେ ନିଶ୍ଚେତକର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏହା ବିନା ସାଧାରଣ ପରୀକ୍ଷାଠାରୁ ଆରମ୍ଭ କରି ଛୋଟ ଅବା ବଡ଼ ଅପରେଶନ ସମ୍ଭବ ହୋଇପାରି ନ ଥାଏ। ନିଶ୍ଚେତକ ବ୍ୟବହାର ଦ୍ୱାରା ରୋଗୀ ଅପରେଶନ ସମୟରେ କଷ୍ଟ ଅନୁଭବ କରିପାରି ନ ଥାନ୍ତି। ଚିକିତ୍ସା ବିନା କଷ୍ଟ ଅନୁଭବରେ ହେବା ଦ୍ୱାରା ରୋଗୀ ମାନସିକସ୍ତରରେ ଏହାର ସାମନା କରିବାକୁ ସକ୍ଷମ ହୋଇଥାନ୍ତି ଏବଂ ଚିକିତ୍ସା ସେବା ଗ୍ରହଣ କରିବାକୁ ସ୍ୱୀକୃତି ପ୍ରଦାନ କରିଥାନ୍ତି। ଚିକିତ୍ସା କ୍ଷେତ୍ରରେ ନିଶ୍ଚେତକର ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅକ୍ଟୋବର ୧୬ରେ ବିଶ୍ୱ ନିଶ୍ଚେତକ ଦିବସ ପାଳନ କରାଯାଇଥାଏ। ଏହାକୁ ଇଥର ଦିବସ ମଧ୍ୟ କୁହାଯାଇଥାଏ।

ଚିକିତ୍ସା କ୍ଷେତ୍ରରେ ୧୮୪୬ ଅକ୍ଟୋବର ୧୬ରେ ସଫଳତାର ସହିତ ଡାଇଇଥାଇଲ ଇଥର ନିଶ୍ଚେତକର ପ୍ରୟୋଗ କରାଯାଇଥିଲା। ଏହାକୁ ସ୍ମରଣ କରିବା ପାଇଁ ସାରା ବିଶ୍ୱରେ ବିଶ୍ୱ ନିଶ୍ଚେତକଦିବସ ପାଳନ କରାଯାଇଥାଏ।

ୱିଲିୟମ ଟି.ଜି. ମୋର୍ଟନ ଆନୁଷ୍ଠାନିକ ଭାବେ ଡାଇଇଥାଇଲ ଇଥରର ପ୍ରଥମ ସଫଳ ବ୍ୟବହାର ହାର୍ଭାର୍ଡ ସ୍କୁଲ ଅଫ ମେଡିସିନର ମାସାଚୁସେଟ୍ସ ଜେନେରାଲ ହସ୍ପିଟାଲରେ ଏକ ଅପରେଟିଂ ଥିଏଟରରେ କରିଥିଲେ। ବିଶ୍ୱ ନିଶ୍ଚେତକ ଦିବସ ପ୍ରତିବର୍ଷ ଏକ ବାର୍ତ୍ତା ଉପରେ ପର୍ଯ୍ୟବେସିତ ହୋଇଥାଏ। ଚଳିତ ୨୦୨୩ ବର୍ଷ ପାଇଁ ଏହି ଦିବସର ବାର୍ତ୍ତା ହେଉଛି, 'ନିଶ୍ଚେତକ: ଆକ୍ସେସ ସୁନିଶ୍ଚିତ କରିବା, ସବୁ ସ୍ଥାନରେ ନିରାପଦ ସର୍ଜିକାଲ କେୟାର ବୃଦ୍ଧି କରିବା'( ଆନାଥେସିଆ: ଏନସ୍ୟୁରିଂ ଆକ୍ସେସ, ଏନହାନ୍ସିଂ ସେଫ୍ ସର୍ଜିକାଲ କେୟାର ଏଭ୍ରିହ୍ୱେର)।

# ୟୁନିଭର୍ସିଟିରେ ତନ୍ତ୍ରବିଦ୍ୟା



ଲଣ୍ଡନ

ବିଜ୍ଞାନ ତନ୍ତ୍ରବିଦ୍ୟା ଉପରେ ବିଶ୍ୱାସ କରେନି। ହେଲେ ଜଣାପଡିଛି କି, ଏକ ୟୁନିଭର୍ସିଟି ଯାଦୁ-ଟୋନା ଉପରେ କୋର୍ସ ଆରମ୍ଭ କରିବାକୁ ଯାଉଛି। କୋର୍ସରେ ବିଭିନ୍ନ ପ୍ରକାରର ଯାଦୁ ସାମିଲ ରହିଛି। ଏହି ବାବଦରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯିବ। ତନ୍ତ୍ର-ମନ୍ତ୍ର କିପରି ହୁଏ, ସେ ନେଇ ଟ୍ରେନିଂ ଦିଆଯିବ। ୨ ବର୍ଷ ଏହି କୋର୍ସ କରିବା ପରେ ପିଲାମାନେ ଏଥିରେ ପିଜି ମଧ୍ୟ କରିପାରିବେ। ରିପୋର୍ଟ ମୁତାବକ, ବ୍ରିଟେନର ଏକ୍ସିଟର ୟୁନିଭର୍ସିଟି ଯାଦୁ ଏବଂ ଗୁପ୍ତ ବିଜ୍ଞାନର ବିଦ୍ୟା ଆରମ୍ଭ କରିବାକୁ ଯାଉଛି। ଏହା ଦୁନିଆର ସବୁଠୁ ପ୍ରଥମ ୟୁନିଭର୍ସିଟି, ଯେଉଁଠାରେ ଏପରି ବିଦ୍ୟା ଆରମ୍ଭ ହେବାକୁ ଯାଉଛି। ଏଠାକାର ପ୍ରଫେସର ଏମିଲି ସିଲଭ୍ କହିଛନ୍ତି, ତନ୍ତ୍ର-ବିଦ୍ୟା ଅନେକ ରୋମାଞ୍ଚକର। ଏଥିପ୍ରତି ଅନେକଙ୍କ ଆଗ୍ରହ ରହିଛି। ସେଥିପାଇଁ ଏପରି ଏକ ପିଜି କୋର୍ସ ଆରମ୍ଭ ହେବାକୁ ଯାଉଛି। ଏମିଲି ସେଲୋୱେ ୟୁନିଭର୍ସିଟି ଏକ୍ସିଟରରେ ମଧ୍ୟକାଳୀନ ଆରବୀ ସାହିତ୍ୟ ପଢାନ୍ତି। ତାଙ୍କୁ ଏହି କୋର୍ସର କୋଅର୍ଡିନେଟର କରାଯାଇଛି। ପିଲାମାନେ ପଢିବାବେଳେ ତନ୍ତ୍ରବିଦ୍ୟା ବାବଦରେ ଜାଣିବେ। ଯାଦୁ-ଟୋନାରେ କ'ଣ ପ୍ରଭାବ ପଡ଼ିବ, ତାହା ମଧ୍ୟ ଶିକ୍ଷା ଦିଆଯିବ। ଏଥିସହ ମଧ୍ୟକାଳୀନ ଯୁଗରେ ମହିଳାମାନେ କିପରି ଯାଦୁ କରୁଥିଲେ, ତାହା ପଢ଼ାଯିବ। ଏମିଲିଙ୍କ କହିବା କଥା, ସାଧାରଣତଃ ଯୁବକ ଏବଂ ମହିଳାମାନେ ଏଥିପ୍ରତି ଅଧିକ ରୁଚି ରଖିଥାନ୍ତି। ନିକଟରେ ଲୋକେ ଟିକ୍‌ଟକ୍‌ରେ ଚୁଡେଲ ବାବଦରେ ଜାଣିବାକୁ ଆଗ୍ରହୀ ଥିବା ଜଣାପଡ଼ିଛି।

# ସତ୍ୟ, ଅସତ୍ୟ, ଅର୍ଦ୍ଧସତ୍ୟ ପାର୍ଥକ୍ୟ ବୁଝିବା ଗଣମାଧ୍ୟମର କାମ




ପାରାଦୀପ ପ୍ରେସ ମିଡିଆର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ପାରାଦୀପ,୧୫।୧୦(ଶରତ ରାଉତ)**

## ପାରାଦୀପ ପ୍ରେସ ମିଡିଆର ବାର୍ଷିକ ଉତ୍ସବ

ଜଣେ ଖବରଦାତାଙ୍କ ନିଷ୍ଠା ଓ ପ୍ରତିଷ୍ଠା ତାଙ୍କ ଖବରରୁ ଜଣାପଡ଼େ। ଗୋଟିଏ ଘଟଣାକୁ ଲୋକଲୋଚନକୁ ଆଣିବା ବେଳେ ଖବରଦାତା ଧ୍ୟାନ ଦେବା ଜରୁରୀ। ଘଟଣାର ସତ୍ୟତା ଜାଣିବା ପାଇଁ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରି ଖବର ପରିବେଷଣ କରିବା ଦରକାର। ଲୋକଙ୍କ କଥା ଶୁଣି ଖବର କଲେ ସେଥିରେ ଅସତ୍ୟ ରହିଥାଏ । କାହାଠାରୁ କିଛି ଶୁଣି ଫଟୋ ଓ ଭିଡିଓ ସଂଗ୍ରହ କରି ଖବର କଲେ ସେଥିରେ ଅର୍ଦ୍ଧସତ୍ୟ ରହିଥାଏ ବୋଲି ରବିବାର ପାରାଦୀପ ନୂଆବଜାରସ୍ଥିତ ପୋର୍ଟ କ୍ଲବ ପରିସରରେ ପାରାଦୀପ ପ୍ରେସ୍ ମିଡିଆ ସଂଘର ୮ମ ବାର୍ଷିକ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଅଧ୍ୟାପକ ତଥା ସାମାଜିକ କର୍ମୀ ପ୍ରଦୀପ ଶତପଥୀ ଏହା କହିଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ କହିଛନ୍ତି, ସାମ୍ପ୍ରତିକ ସ୍ଥିତିରେ ଗଣମାଧ୍ୟମକୁ ରାଜନୀତିଠାରୁ ଅଲଗା କରି ହେବନାହିଁ। ରାଜନୀତି ପ୍ରତି ପରିବାରରୁ ହେଉଛି। ସେ ପୁଣି କହିଛନ୍ତି, ଯେମିତି ଶୈଶବରୁ ଜଣେ ପିଲା ତା'ର ମା' ବାପାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରୁଛି, ସେମିତି ଗଣମାଧ୍ୟମ ଲୋକଙ୍କର ସମସ୍ୟା ସମ୍ପର୍କରେ ପ୍ରଶ୍ନ ପଚାରିବା ହେଉଛି ମୌଳିକ କର୍ତ୍ତବ୍ୟ। ମାତ୍ର ଏକବିଂଶ ଶତାବ୍ଦୀରେ ଏହା ଏବେ ପରିବର୍ତ୍ତନ ହେବାରେ ଲାଗିଛି। ରାଜନେତାମାନେ ଏବେ ଗଣମାଧ୍ୟମକୁ ନିୟନ୍ତ୍ରଣ କରୁଛନ୍ତି। କେତେକାଂଶରେ ସଫଳ ମଧ୍ୟ ହେଉଛନ୍ତି। ଅନ୍ୟ ଦେଶରେ ପ୍ରତିଷ୍ଠିତ ବ୍ୟବସାୟୀମାନେ ନିଜର ଗବେଷଣା ବଳରେ ଉଚ୍ଚ ସୋପାନରେ ପହଞ୍ଚିଛନ୍ତି। କିନ୍ତୁ ଭାରତରେ ବ୍ୟବସାୟୀମାନେ ସରକାରଙ୍କ ସହ ସାଲିସ କରି ଗଣମାଧ୍ୟମକୁ ବ୍ୟବହାର କରି ବଡ଼ ହେବାକୁ ଚେଷ୍ଟା କରୁଛନ୍ତି। ଅଧିକାଂଶ ମିଡିଆ ଏବେ ବ୍ୟବସାୟୀ ଓ ରାଜନେତାଙ୍କ ନିୟନ୍ତ୍ରଣରେ। ଯେଉଁ ଗଣମାଧ୍ୟମ ସରକାରଙ୍କୁ ପ୍ରଶ୍ନ ପଚାରିବା କଥା ସେ ଏବେ ପ୍ରଶ୍ନବାଚୀରେ ପହଞ୍ଚିଗଲାଣି। ମୁଦ୍ରିତ ଗଣମାଧ୍ୟମ, ବୈଦ୍ୟୁତିକ ଗଣମାଧ୍ୟମ ପରେ ଏବେ ସାମାଜିକ ଗଣମାଧ୍ୟମରେ ଯୁବପିଢ଼ି କବଳିତ। ଆଜିର ଯୁବପିଢ଼ି ଆଖିଠାରୁ ଆଠ ଇଞ୍ଚ ଦୂରତାରେ ରହୁଥିବା ସୋସିଆଲ ମିଡିଆରେ ନିଜର ଭବିଷ୍ୟତ ଦେଖୁଛନ୍ତି। ଏହା ପ୍ରତ୍ୟେକ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ବୋଲି ସତପଥୀ ପ୍ରକାଶ କରିଛନ୍ତି।

ଏଥିରେ ସମ୍ମାନିତ ଅତିଥି ଭାବେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ କହିଥିଲେ, ସଶକ୍ତ ସମାଜ ଗଠନ କ୍ଷେତ୍ରରେ ଗଣମାଧ୍ୟମର ଭୂମିକା ଅଧିକ। ଖବରଦାତାମାନେ ସତର୍କ, ସଜାଗ ରହି କାମ କଲେ ସାମାଜିକସ୍ତରରେ ପରିବର୍ତ୍ତନ ଆସିପାରିବ। ଅନ୍ୟତମ ସମ୍ମାନିତ ଅତିଥି 'ପରିଦର୍ଶକ ମିଡିଆ' ସମ୍ପାଦକ ବାବା ଲଲାଟେନ୍ଦୁ କେଶରୀ କହିଥିଲେ, ଏବର ନେତା ସେବା ଓ କର୍ତ୍ତବ୍ୟ ଭୁଲି ଗଲେଣି। ଗଣମାଧ୍ୟମ ସେଥିରେ ବଳି ନ ପଡୁ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରେସ୍ ମିଡିଆ ପରାମର୍ଶଦାତା ଚିତ୍ତ ସ୍ୱାଇଁ ବାର୍ଷିକ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସଭାପତି ବସନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବଟ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଅଜିତ ଦାସ ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ପାରାଦୀପ ବିତରକ ସଂଘ ପକ୍ଷରୁ ସଭାପତି ପ୍ରଦୀପ ଜେନା ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ପାରାଦୀପର ୫ଟି ସ୍ୱେଚ୍ଛାସେବୀ ସଙ୍ଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେଗୁଡିକ ହେଲା ମନସା ଚାରିଟେବୁଲ ଟ୍ରଷ୍ଟ, ଆହ୍ୱାନ କମ୍ବାଇନ୍ଡ ଫାଉଣ୍ଡେଶନ, ଆଦର୍ଶପ୍ରୟାସ, ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ଏବଂ ବିବେକାନନ୍ଦ ୟୁଥ୍ କ୍ଲବ। କାର୍ଯ୍ୟକ୍ରମ ପୂର୍ବରୁ ପ୍ରେସ୍ ମିଡିଆ ପକ୍ଷରୁ ଗଲ୍ଫ ପଡ଼ିଆଠାରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା।

# ଓଜେଇ ରିପୋର୍ଟ ପରେ ବି ନିଆଯାଉନି କାର୍ଯ୍ୟାନୁଷ୍ଠାନ

**ବିନା ଯୋଗ୍ୟତାରେ ଡାକ୍ତରୀ ପାଠ ପ୍ରସଙ୍ଗ**

- **ନକଲି ସାର୍ଟିଫିକେଟ ପଛରେ ବଡ଼ ରାକେଟ**
- **ଆୟୁଷ ବିଭାଗ ଚାପିଥିଲା, ଧରାପଡ଼ିଲା**

**ଖୋର୍ଦ୍ଧା,୧୫।୧୦ (ପ୍ରଭାତ ପାଣିଗ୍ରାହୀ)**

ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜ(ଜିଏଏମ୍)ରେ ବିନା ଏନ୍ଇଇଟି, ଓଜେଇ ଆଲଟ୍‌ମେଣ୍ଟ ନମ୍ବର ଏପରି କି ପୂର୍ବରୁ କୌଣସି କଲେଜରେ ନାମ ଲେଖାଇ ନ ଥିବା ପିଲାଙ୍କୁ ଡାକ୍ତରୀ ପାଠ୍ୟକ୍ରମ ପାଇଁ ନାମ ଲେଖାଇବାକୁ ସୁଯୋଗ ଦିଆଯାଉଛି। ଏହାର ସମସ୍ତ ତଥ୍ୟ ପ୍ରମାଣ ସତ୍ତ୍ୱେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟର ପଛଘୁଞ୍ଚା ତଦନ୍ତରେ ସ୍ୱଚ୍ଛତା, ନିରପେକ୍ଷତା ଏବଂ କାର୍ଯ୍ୟଦକ୍ଷତା ଉପରେ ଅଙ୍ଗୁଳି ଉଠିଛି। ଏପରି କି ଓଜେଇ ଚେୟାରମ୍ୟାନ ଆୟୁଷ ନିର୍ଦ୍ଦେଶକଙ୍କୁ ଦେଇଥିବା ରିପୋର୍ଟକୁ ମଧ୍ୟ ଚାପି ଦିଆଯାଇଛି। ଧରିତ୍ରୀକୁ ମିଳିଥିବା ତଥ୍ୟ ଅନୁସାରେ ଗତ ଜୁନ ୨୭ ରେ ଓଜେଇ ଏହାର ରିପୋର୍ଟ ଆୟୁଷ ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଛି, ଯେଉଁଥିରେ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ନାମଲେଖାରେ ଅନିୟମିତତା ହୋଇଥିବା ସ୍ପଷ୍ଟ ହେଉଛି। ବଲାଙ୍ଗୀରରେ ନକଲି ସାର୍ଟିଫିକେଟ ଘଟଣାରେ ୫ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବାବେଳେ ଏଠାରେ ସବୁ ପ୍ରମାଣ ମିଳିବା ପରେ ମଧ୍ୟ କୌଣସି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ଜିଏଏମ୍ କଲେଜରେ ଡାକ୍ତରୀପାଠ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ନକଲି ନିଟ୍ ଆପ୍ଲିକେଶନ ନମ୍ବର, ର୍ୟାଙ୍କ କାର୍ଡ ଏବଂ ଓଜେଇ ଆଲଟମେଣ୍ଟ ଲେଟର, କଲେଜ ଲିଭିଂ ସାର୍ଟିଫିକେଟ(ସିଏଲ୍‌ସି) ଓ ମାଇଗ୍ରେଶନ ସାର୍ଟିଫିକେଟ, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ ବ୍ୟବସ୍ଥା କରାଯାଇ ବେଆଇନଭାବେ ଛାତ୍ରୀଛାତ୍ରଙ୍କୁ ନାମଲେଖା ସୁଯୋଗ ଦିଆଯାଇଛି ବୋଲି ଓଜେଇ ରିପୋର୍ଟରୁ ଜଣାପଡ଼ିଛି। ଏହି ଘଟଣାରେ କଲେଜ କର୍ତ୍ତୃପକ୍ଷଙ୍କଠାରୁ ରାଜ୍ୟ ଆୟୁଷ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମ୍ପୃକ୍ତି ରହିଛି। ଏଥିସହିତ ୨୦୧୬ ନାମଲେଖା ପଛରେ ଜଣେ ଆଇଏଏସ୍ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିବା ପରେ ଏହି ଘଟଣାକୁ ଚାପି ଦେବା ପାଇଁ ଷଡ଼ଯନ୍ତ୍ର ଚାଲିଥିବା କୁହାଯାଉଛି। କାହା ଇଙ୍ଗିତରେ ଏହି ବେଆଇନ ନାମଲେଖାକୁ ପ୍ରଶ୍ରୟ ଦିଆଯାଇଛି ଏବଂ କେଉଁମାନଙ୍କ ଏଥିରେ ସମ୍ପୃକ୍ତି ରହିଛି। ତାହାର ଖୋଳତାଡ଼ କରାଗଲେ ବହୁ ଗୁମର ତଥ୍ୟ ପଦାକୁ ଆସିପାରିବ ବୋଲି ଚର୍ଚ୍ଚା ହେଉଛି। ଏହି ଘଟଣାର ତଦନ୍ତ ପାଇଁ ଗତ ଅକ୍ଟୋବର ୫ରେ ଜଣେ ବ୍ୟକ୍ତି ମୁଖ୍ୟମନ୍ତ୍ରୀ ଏବଂ ୧୦ତାରିଖରେ ଭୁବନେଶ୍ୱର ଦୁର୍ନୀତି ନିବାରଣ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଗୋପବନ୍ଧୁ ଆୟୁର୍ବେଦ କଲେଜରେ ୨୦୧୬-୧୭, ୨୦୧୭-୧୮ ଏବଂ ୨୦୨୦-୨୧ ବ୍ୟାଚରେ ବିନା ଯୋଗ୍ୟତାରେ ଛାତ୍ରୀଛାତ୍ରଙ୍କଠାରୁ ମୋଟା ଅଙ୍କର ଅର୍ଥ ନେଇ ସେମାନଙ୍କୁ ପାଠପଢ଼ା ସୁଯୋଗ ଦିଆଯାଇଛି। ୨୦୧୬ରେ ବିନା ଏନ୍ଇଇଟିଧାରୀ ଜଣେ ଛାତ୍ରୀ ପାସ୍ କରିଥିବାବେଳେ ୨୦୧୭ରେ ନାମ ଲେଖାଇଥିବା ଦୁଇଜଣ ଗତ ଜୁଲାଇ ମାସରେ ହାଉସ ସର୍ଜନ କାର୍ଯ୍ୟ ସାରି ସାର୍ଟିଫିକେଟ ହାସଲ କରିଛନ୍ତି। ୨୦୨୦-୨୧ରେ ନାମ ଲେଖାଇଥିବା ଦୁଇ ଜଣ ଛାତ୍ରୀଛାତ୍ରଙ୍କୁ କଲେଜ ନୋଟିସ ଦେଇ ବାହାର କରିଦେଇଥିବା ଖୋଦ୍ କଲେଜ ଅଧ୍ୟକ୍ଷ ସୁଦର୍ଶନ ବେହେରା ଗଣମାଧ୍ୟମ ଆଗରେ ସ୍ୱୀକାର କରିଥିବାବେଳେ କର୍ତ୍ତୃପକ୍ଷଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏସମ୍ପର୍କରେ ପୂର୍ବରୁ ଧରିତ୍ରୀରେ ପ୍ରକାଶିତ ଖବର ଉପରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ମନ୍ତ୍ରଣାଳୟ ଏ ସଂକ୍ରାନ୍ତରେ ନ୍ୟାଶନାଲ କମିଶନ ଫର ଇଣ୍ଡିଆନ ସିଷ୍ଟମ ଅଫ ମେଡିସିନ(ଏନ୍‌ସିଆଇଏସ୍‌ଏମ୍) କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ନୋଟିସ ଜାରି କରିଛନ୍ତି। ତେବେ ଏହା ସତ୍ତ୍ୱେ ବିଭାଗୀୟ ଶିଥିଳତା ନେଇ ଗତ ଜୁଲାଇ ମାସରେ ତଥ୍ୟ ସମ୍ବଳିତ ଏକ ଅଭିଯୋଗ ଫର୍ଦ୍ଦ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କ ନିକଟରେ ଦାଖଲ ହୋଇଥିଲା। ଏହି ଅଭିଯୋଗକୁ ୩ ମାସ ବିତିଯାଇଥିବା ସତ୍ତ୍ୱେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ।



ବିଶ୍ୱ ଧଳାବାଡ଼ି ଦିବସ ପାଳନ ଅବସରରେ ରବିବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହଯୋଗରେ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପେଶାଲ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚ (ଏସ୍‌ଆଇଏସ୍‌ଇଆର୍) ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ଏସ୍‌ଆଇଆର୍‌ଡି କାର୍ଯ୍ୟାଳୟଠାରୁ ବାହାରିଥିବା ସଚେତନତା ପଦଯାତ୍ରା।



**ଆଜିର ମନ୍ତବ୍ୟ**

‘ଇଣ୍ଡିଆ’ କେବଳ ଭୋଟ ପାଇଁ ନୁହେଁ, ବରଂ ନୀତି ନିର୍ଦ୍ଧାରଣ ସକାଶେ ଏକ ମେଣ୍ଟ। ତେଣୁ ୨୦୨୪ ଲୋକ ସଭା ନିର୍ବାଚନ ପରେ କେନ୍ଦ୍ରରେ ଆଉ ମୋଦି ସରକାର ରହିବ ନାହିଁ।

-ଏମ୍.କେ. ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡେଙ୍ଗୀ ରାନ୍ଧିବ,**
**ବାଙ୍ଗେରୀ ପରଷିବ,**
**ଭେଣ୍ଡିଆ ଖାଇବ,**
**ଏହାକି ମୋ ଦେହ ସହିବ?**

ଅନ୍ୟମାନେ ଖଟି ଚାଲୁଥିବାବେଳେ ସମର୍ଥ ବ୍ୟକ୍ତି ଜଣକ କୌଣସି କାମ ନ କରି ବସି ଖାଇବା ନିହାତି ଏକ ଅବିବେକୀର କାର୍ଯ୍ୟ ହୋଇଥାଏ। ନିକମା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଡଗର ପଠାଇ ଆଣିବେ ଧରି**
**ମାଡ଼ ମରାଇବେ ଯନ୍ତାରେ ଭରି।**

ଇଂରେଜ ଶାସନ କାଳରେ ଓଡ଼ିଶାର ପ୍ରଜାଙ୍କ ଅବସ୍ଥା ଦୟନୀୟ ହୋଇଥିବା ଇତିହାସ ପୃଷ୍ଠାରୁ ଜଣାଯାଏ। ସେ କାଳରେ ସବୁ ଅନ୍ୟାୟ ଅନୀତିକୁ ଆଖିବୁଜି ସହିଯିବାକୁ ପଡୁଥିଲା। ରାଜା ସୈନ୍ୟସାମନ୍ତ ପଠାଇ ଦଣ୍ଡ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଲେଡି ସିଙ୍ଘମ୍ ବେଶରେ ଦୀପିକା



**ମୁମ୍ବାଇ**

ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶିତ ଫିଲ୍ମ ‘ସିଙ୍ଘମ୍ ଏଗେନ୍’ରେ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କୁ ପ୍ରଥମ ଥର ପାଇଁ ପୋଲିସ ବେଶରେ ଦେଖିବାକୁ ମିଳିବ। ନବରାତ୍ରି ଅବସରରେ ଫିଲ୍ମର ଫାଷ୍ଟ ଲୁକ ରିଲିଜ୍ ହୋଇଛି, ଯେଉଁଥିରେ ଦୀପିକା ଦେହରେ ଖାକି ପୋଷାକ, ହାତରେ ବନ୍ଧୁକ, ମୁହଁରୁ ରକ୍ତ ଝରୁଥିବା ଲୁକ୍‌ରେ ନଜରକୁ ଆସିଛନ୍ତି ; ଯାହା ପ୍ରଶଂସକଙ୍କୁ ବେଶ ଆକୃଷ୍ଟ କରିଛି। ସିନେମାରେ ଲେଡି ସିଙ୍ଘମ୍ ଦୀପିକାଙ୍କୁ ଶକ୍ତି ଶେଟ୍ଟୀଙ୍କ ଭୂମିକାରେ ଦେଖିବାକୁ ମିଳିବ। ଏନେଇ ଦୀପିକା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଫିଲ୍ମର ୨ଟି ପୋଷ୍ଟର ଶେୟାର କରି ସୂଚନା ଦେଇଛନ୍ତି। ଦୀପିକାଙ୍କ ଲେଡି ସିଙ୍ଘମ୍ ରୂପକୁ ପ୍ରଶଂସକମାନେ ବେଶ ପସନ୍ଦ କରିଛନ୍ତି। ଦୀପିକାଙ୍କ ଏହି ପୋଷ୍ଟରେ ତାଙ୍କ ସ୍ୱାମୀ ତଥା ଅଭିନେତା ରଣବୀର ସିଂ କମେଣ୍ଟରେ ନିଆଁ ଲଗାଇ ଦେବେ ବୋଲି ଲେଖିଛନ୍ତି। ସେହିପରି ଅନେକ କଳାକାର ମଧ୍ୟ ଏହି ପୋଷ୍ଟରେ ଦୀପିକାଙ୍କ ଲୁକ୍‌କୁ ପ୍ରଶଂସା କରିଛନ୍ତି। ତେବେ ‘ସିଙ୍ଘମ୍ ଏଗେନ୍’ ଆସନ୍ତାବର୍ଷ ଅଗଷ୍ଟ ୧୫ରେ ରିଲିଜ୍ ହେବ। ଏଥିରେ ଅଜୟ ଦେବଗନ ଲିଡ ରୋଲରେ ନଜରକୁ ଆସିବେ। ତାଙ୍କ ବିପକ୍ଷରେ ଦୀପିକାଙ୍କୁ ଦେଖିବାକୁ ମିଳିବ। ଦୁହିଁଙ୍କ ବ୍ୟତୀତ ରଣବୀର ସିଂ, କରୀନା କପୁର, ଅକ୍ଷୟ କୁମାର, ଜ୍ୟାକି ଶ୍ରଫ ଓ ଭିକ୍କି କୌଶଲ ପ୍ରମୁଖ ସିନେମାରେ ମୁଖ୍ୟ ଚରିତ୍ରରେ ଅଭିନୟ କରିବେ।

# ରଙ୍ଗିନ ରାତି ପାଇଁ ନିୟମ ଫୁଁ’

**ଚଢ଼ାଉ, ନୋଟିସ ଭେଳିକି**

- ବାର୍‌ରେ କମିଶନରେଟ୍ ପୋଲିସର ଚଢ଼ାଉ
- ୫ ଡ୍ୟାନ୍ସ ବାର୍‌କୁ ଅବକାରୀ ନୋଟିସ



ଭୁବନେଶ୍ୱରସ୍ଥିତ ଏକ ଡ୍ୟାନ୍ସ ବାର୍‌ରେ ଉଡ଼ାଯାଇଥିବା ନକଲି ଟଙ୍କାକୁ ସଂଗ୍ରହ କରାଯାଉଛି।



କମିଶନରେଟ୍ ପୋଲିସ ପକ୍ଷରୁ ଏକ ବାର୍‌ରେ ଚଢ଼ାଉ କରାଯାଉଛି।

**ଭୁବନେଶ୍ୱର,୧୫।୧୦(ସତ୍ୟଜିତ୍ ରାଉତ)**

କମିଶନରେଟ ପୋଲିସର କଡ଼ା ନିୟମ, ହେଲେ ଢିଲା ପାଳନ। ବାରମ୍ବାର ଚଢ଼ାଉ ଚାଲୁଛି, କିନ୍ତୁ ସବୁ ନିୟମ ଭାଙ୍ଗି ରାତି ସେମିତି ରଙ୍ଗିନ ହେଉଛି। ରାଜଧାନୀରେ ଥିବା ବାର୍, ନାଇଟ୍ କ୍ଲବ୍ ଓ ଡ୍ୟାନ୍ସବାର୍‌ଗୁଡ଼ିକ ବିଳମ୍ବିତ ରାତି ଯାଏ ଖୋଲା ରହୁଥିବାବେଳେ ମାଲିକମାନେ ସବୁ ନିୟମକୁ ଫୁଁ କରି ଉଡାଇ ଦେଉଛନ୍ତି। ରେଜିଷ୍ଟରକୁ ଠିକ୍ ଭାବେ ପରିଚାଳନା ନ କରି ନାନା ବେଆଇନ କାର୍ଯ୍ୟ ଚଳାଉଛନ୍ତି। ବେଆଇନ ଭାବେ ନାବାଳିକାଙ୍କୁ ନଚାଉଥିବାବେଳେ ମଦ ଓ ନିଷିଦ୍ଧ ନିଶା ସେବନ କରି ଗ୍ରାହକମାନେ ମତୁଆଲା ହେଉଛନ୍ତି। ଟଙ୍କା ଉଡାଇବା ସହ ନାନା ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ପୋଲିସ ଓ ଅବକାରୀ ବିଭାଗ କେବଳ ଚଢ଼ାଉ, ନୋଟିସ କରି ଭେଳିକି କରୁଥିବାରୁ ସହରର ରାତି ଅସୁରକ୍ଷିତ ହୋଇପଡୁଛି। ଏବେ ପାର୍ବଣକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ତତ୍ପରତା ଦେଖାଉଥିବା ଭଳି ସହରବାସୀ ମନେ କରୁଛନ୍ତି। ‘ସେଫ୍ ସିଟି ଡ୍ରାଇଭ୍’ ଜରିଆରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଶନିବାର ବିଳମ୍ବିତ ରାତିରେ କଟକ ରୋଡ୍, ମଞ୍ଚେଶ୍ୱର, ଚନ୍ଦ୍ରଶେଖରପୁର ଓ ଇନ୍‌ଫୋସିଟି ଅଞ୍ଚଳରେ ଥିବା ନାଇଟ୍ କ୍ଲବ୍, ଡ୍ୟାନ୍ସ ବାର୍‌ଗୁଡ଼ିକ ଉପରେ ଚଢ଼ାଉ କରିଛି। ଏହି ସମୟରେ କିଛି ବାର୍ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହୁଥିବା ଜଣାପଡ଼ିଥିଲା। ଚନ୍ଦ୍ରଶେଖରପୁରସ୍ଥିତ ଏମ୍ବାସି, ବିବିଆଇ, ମିଡିଲ୍‌ଟନ୍ ରାତି ପ୍ରାୟ ୨ଟା ୩୦ ପର୍ଯ୍ୟନ୍ତ ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ସେହିପରି କଟକ ରୋଡସ୍ଥିତ ପେଣ୍ଟାଗନ୍ ବାର୍ ମଧ୍ୟ ରାତି ପ୍ରାୟ ୨ଟା ପର୍ଯ୍ୟନ୍ତ ଖୋଲା ରହିଥିବାବେଳେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ତେବେ ଏଭଳି ନିୟମ ଭଙ୍ଗ ନ କରିବାକୁ ଏସବୁ ବାର୍‌କୁ ପୋଲିସ ପକ୍ଷରୁ ତାଗିଦ୍ କରିଦିଆଯାଇଛି।

ଅନ୍ୟପକ୍ଷରେ ନିୟମ ଭଙ୍ଗ କରିଥିବା କଟକ ରୋଡସ୍ଥିତ ୫ଟି ଡ୍ୟାନ୍ସ ବାର୍‌କୁ ଅବକାରୀ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ସେଗୁଡ଼ିକ ହେଲା ପେଣ୍ଟାଗନ୍, ଆଲିଶାନ୍, ମହାନ୍ତି, ଏକାମ୍ର ଓ ଦୀପାଳି ଡ୍ୟାନ୍ସ ବାର୍। ଏନେଇ ଭୁବନେଶ୍ୱର ଅବକାରୀ ଇନ୍‌ସ୍ପେକ୍ଟର ବିକାଶ ନାୟକ କହିଛନ୍ତି, ନିୟମ ଭଙ୍ଗ ନ ହେବା ପାଇଁ ନିୟମିତ ବାର୍‌ଗୁଡ଼ିକୁ ଯାଞ୍ଚ କରାଯାଉଛି। ୮ଟି ଟିମ୍ ଗଠନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଯାଞ୍ଚବେଳେ ୫ଟି ଡ୍ୟାନ୍ସ ବାର୍ ନିୟମ ଭଙ୍ଗ କରିଥିବା ଜଣାପଡ଼ିବାରୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଉକ୍ତ ବାର୍‌ଗୁଡ଼ିକ ରେଜିଷ୍ଟର୍ ପରିଚାଳନା ଠିକ୍ ଭାବେ କରୁ ନ ଥିଲେ। କିଛି ସ୍ଥାନରେ ନକଲି ନୋଟ୍ ଉଡୁଥିବା ଦେଖିବାକୁ ମିଳିଥିଲା ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ବାର୍‌ରେ ନାବାଳିକାଙ୍କୁ ଡ୍ୟାନ୍ସର ଭାବେ ନିୟୋଜିତ କରାଇ ନିୟମ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ଆସିବା ପରେ ଗତ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ଅବକାରୀ ବିଭାଗ ପକ୍ଷରୁ କଟକ ରୋଡସ୍ଥିତ ୮ଟି ଡ୍ୟାନ୍ସ ବାର୍‌ରେ ମଧ୍ୟ ଚଢ଼ାଉ ହୋଇଥିଲା।

# ପିଏଚ୍‌ଓ ଡାକ୍ତରଙ୍କ ଗିରଫ ପରେ ଗୁମର ଖୋଲୁଛି

- ଅଡିଓ ଭିଡିଓ ଭାଇରାଲ
- ଖୁସି ମନାଇଲେ ଏଜେଣ୍ଟ କର୍ମଚାରୀ

**ପାରାଦୀପ,୧୫।୧୦(ଶରତ ରାଉତ)**

ପିଏଚ୍‌ଓ (ପୋର୍ଟ ହେଲ୍‌ଥ ଅର୍ଗାନାଇଜେଶନ)ଡାକ୍ତର ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କୁ ସିବିଆଇ ଗିରଫ କରି କୋର୍ଟ ଚାଲାଣ କରିବା ପରେ ପାରାଦୀପର ମଧୁବନ ଭୂୟାଁ ଛକ ନିକଟରେ ରବିବାର ସନ୍ଧ୍ୟାରେ ବନ୍ଦର ଏଜେଣ୍ଟ କର୍ମଚାରୀମାନେ ଖୁସି ମନାଇଛନ୍ତି। ଏପରିକି ସିବିଆଇରେ ଅଭିଯୋଗ କରିଥିବା ଆଲୋକ ରାଉତଙ୍କୁ ଫୁଲତୋଡ଼ା ଦେଇ ସମ୍ମାନିତ କରିଛନ୍ତି। ଅପରପକ୍ଷେ ପାରାଦୀପ ବନ୍ଦର ବ୍ୟବହାରକାରୀ ସଂସ୍ଥା ମଧ୍ୟରେ କେତେକ ଅଡିଓ ଭିଡିଓ ଭାଇରାଲ ହୋଇଛି। ପିଏଚ୍‌ଓ ଡାକ୍ତର ରାଜେନ୍ଦ୍ର କିପରି ଏଜେଣ୍ଟ କର୍ମଚାରୀ, ଜାହାଜର ନାବିକ, କ୍ୟାପଟେନମାନଙ୍କୁ ଅର୍ଥ, ମଦ, ସିଗାରେଟ, ବିଦେଶୀ ସୌଖୀନ ସାମଗ୍ରୀ ଆଦି ପାଇଁ ହଇରାଣ କରୁଥିଲେ ସେ ସମ୍ପର୍କିତ ଦୃଶ୍ୟ ଉକ୍ତ ଭିଡିଓରେ ରହିଛି।

ଡାକ୍ତର ରାଜେନ୍ଦ୍ରଙ୍କ ସମ୍ପର୍କରେ ଅଧିକ ତଦନ୍ତ କରିବା ପାଇଁ ସିବିଆଇ ତାଙ୍କୁ ରିମାଣ୍ଡରେ ନେବ ବୋଲି କୁହାଯାଉଛି। ଏସବୁ ଖୋଳତାଡ଼ ହେଲେ ଆହୁରି ଅଧିକ କେଳେଙ୍କାରୀ ଖୋଲିବ ବୋଲି ରାଜେନ୍ଦ୍ରଙ୍କ ପୂର୍ବତନ ଡ୍ରାଇଭର ମନୋରଞ୍ଜନ ରାଉତ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ରାଜେନ୍ଦ୍ର ଅର୍ଥ ଓ ବିଦେଶୀ ସାମଗ୍ରୀ ନେବା ବ୍ୟତୀତ ଏଜେଣ୍ଟ ଥିବା କମ୍ପାନୀର କର୍ମଚାରୀଙ୍କୁ ପ୍ରାୟତଃ ଅଶାଳୀନ ବ୍ୟବହାର ଦେଖାଉଥିଲେ। ଏନେଇ ଅନେକଙ୍କ ମଧ୍ୟରେ ପୁଞ୍ଜିଭୂତ ଅସନ୍ତୋଷ ଥିଲା ବୋଲି ସମରଜିତ୍ ବିଶ୍ୱାଳ ନାମକ କର୍ମଚାରୀ କୁହନ୍ତି। ସେହିପରି ଆଉ ଜଣେ ଏଜେଣ୍ଟ କର୍ମଚାରୀ ସୌଭାଗ୍ୟ ମାଝୀ କୁହନ୍ତି,ଯେତେବେଳେ



ଡାକ୍ତର ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀ

ଜାହାଜ ଲାଗେ ସେତେବେଳେ ଆମେ ଅନ୍‌ଲାଇନ ଜରିଆରେ ସମସ୍ତ ସୂଚନା ବିଭାଗୀୟ ଅଧିକାରୀଙ୍କୁ ଦେଇଥାଉ। କାରଣ ଜାହାଜ ବନ୍ଦରରେ ବର୍ଥିଂ ପରଠାରୁ ମିନିଟ ହିସାବରେ ଅର୍ଥ ଦେବାକୁ ପଡ଼ିଥାଏ। ବିଳମ୍ବ ହେଲେ ଏଜେଣ୍ଟ କମ୍ପାନୀକୁ ଅଧିକ ଅର୍ଥ ଦେବାକୁ ପଡ଼େ। ଏହାଛଡ଼ା କମ୍ପାନୀ ବଦନାମ ହେବାର ଆଶଙ୍କା ମଧ୍ୟ ଥାଏ। ଏପରି ସ୍ଥିତିରେ ଡାକ୍ତର ରାଜେନ୍ଦ୍ର କେବଳ ଅର୍ଥ ଲୋଭରେ ସମୟ ଗଡ଼ାଇବା ସହ ହଇରାଣ କରିଥାନ୍ତି। ଏପରିକି ଜାହାଜ କ୍ୟାପଟେନ ଓ ନାବିକମାନଙ୍କୁ ସ୍ୱାସ୍ଥ୍ୟ ରିପୋର୍ଟ ଦେବା ଆଳରେ ବିଦେଶୀ ସାମଗ୍ରୀ, ଡଲାର ଆଦି ନେଇଥାନ୍ତି। ଏହାଦ୍ୱାରା ଆମ ଦେଶ ମଧ୍ୟ ବଦନାମ ହୋଇଥାଏ ବୋଲି ସୌଭାଗ୍ୟ କହିଛନ୍ତି।

# ୧୮ରୁ ବଦଳିପାରେ ପାଗ

**ଭୁବନେଶ୍ୱର, ୧୫।୧୦**
**(ଅସମାପିକା ସାହୁ)**

ସାରା ରାଜ୍ୟରେ ତାତି ଜାରି ରହିଛି। ଉପାନ୍ତରୁ ଉପକୂଳ ସବୁଠି ଗରମ, ଗୁଳୁଗୁଳି ଅନୁଭୂତ ହେଉଛି। ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ତାପମାତ୍ରା ଅଧିକ ରହୁଥିବାରୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଛି। ରବିବାର ପାରାଦୀପ ଓ ଚାନ୍ଦବାଲିରେ ସର୍ବାଧିକ ୩୬.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ଏହା ତଳକୁ ଅନୁଗୋଳରେ ୩୬.୧ ଡିଗ୍ରୀ ରହିଥିଲା। ତେବେ ଆସନ୍ତା ୩ଦିନ ପର୍ଯ୍ୟନ୍ତ ସ୍ୱାଭାବିକଠାରୁ ୨ ରୁ ୩ ଡିଗ୍ରୀ ଉପରେ

**ଶୀତକୁ ପ୍ରତିବନ୍ଧକ ଶୁଷ୍କ ପବନ**

ତାପମାତ୍ରା ରହିବ। ୧୮ ତାରିଖରୁ ପାଗ ବଦଳିପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଉତ୍ତର ଓ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ଆକଳନ କରିଛି। ସେପଟେ ଶୀତକୁ ପ୍ରତିବନ୍ଧକ ସାଜିଛି ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ଶୁଷ୍କ ପବନ। ସ୍ୱାଭାବିକ ସମୟର ୩ଦିନ ପୂର୍ବରୁ ମୌସୁମୀ ଓଡ଼ିଶାରୁ ବିଦାୟ ନେଇଥିବା ବେଳେ ପାଗ କିନ୍ତୁ ବଦଳୁନି। ଅଧିକାଂଶ ସହରରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ତାତି ଜୋର୍ ରହୁଛି। ଓଡ଼ିଶା ଉପରେ କୌଣସି ପାଣିପାଗ ନିୟାମକ ନ ଥିବାବେଳେ ବିହାରଠାରୁ ଦକ୍ଷିଣ ବାଂଲାଦେଶ ପର୍ଯ୍ୟନ୍ତ ଏକ ଟ୍ରଫ୍‌ଲାଇନ୍ ରହିଛି। ଏହା ପ୍ରଭାବରେ ଆସନ୍ତା ୧୮ ବେଳକୁ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଗଞ୍ଜାମ ଏବଂ ଗଜପତି ଜିଲାର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

## ପ୍ରଥମ ପୃଷ୍ଠାରୁ...

### ସଡ଼କ ଦୁର୍ଘଟଣାରେ ...

ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି (ପିଏମ୍‌ଏନ୍‌ଆର୍‌ଏଫ୍)ରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଓ ଆହତ ବ୍ୟକ୍ତିମାନଙ୍କୁ ୫୦,୦୦୦ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବା ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ଏକ୍ସ’ରେ ସୂଚନା ଦିଆଯାଇଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ତାମିଲନାଡୁରେ ଜଣେ କାର୍ ମାଲିକ ଏକ ମନ୍ଦିରରେ ଦର୍ଶନ ସାରି ରାଜଧାନୀ ବେଙ୍ଗାଲୁରୁକୁ ଫେରୁଥିଲେ। ତିରୁଭନ୍ନାମଲାଇ-ବେଙ୍ଗାଲୁରୁ ରାଜପଥରେ ଉକ୍ତ କାର୍ ଓ ଏକ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାସ୍ଥଳରେ ୪ ପୁରୁଷ, ଜଣେ ମହିଳା ଓ ୨ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏହି ଦୁର୍ଘଟଣା ଘଟିବାର କାରଣ ସ୍ପଷ୍ଟ ହୋଇନାହିଁ ବୋଲି ଚେନ୍‌ଗାମ ଟାଉନ୍ ପୋଲିସ କହିଛି।

### ଧାନକ୍ଷେତ ଛାଡ଼ି ...

କରିପାରୁ ନ ଥିବାରୁ ଅନେକ ସମୟରେ ଚାଷୀଙ୍କ ସହିତ ବନ କର୍ମଚାରୀଙ୍କ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଛି। ଗ୍ରାମବାସୀ ଫସଲର ସୁରକ୍ଷା ପାଇଁ ହାତୀପଲକୁ ଘଉଡ଼ାଇବା ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅନେକ ସମୟରେ ଉତ୍ତେଜନା ଦେଖାଯାଉଛି। ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ଭାଗୀରଥି ସିଂ କହିଛନ୍ତି, ହାତୀ ଉପଦ୍ରବ ଯୋଗୁ ଜିଲାରେ ଅନେକ ଶହ ଏକର ଧାନ ଫସଲ ନଷ୍ଟ ହେଉଛି। ସରକାରୀ ବ୍ୟବସ୍ଥା ଅନୁଯାୟୀ ଏକର ପିଛା ମିଳୁଥିବା ୨୦ ହଜାର ଟଙ୍କାରେ ଉକ୍ତ କ୍ଷୟକ୍ଷତି ଭରଣା ହେଉନାହିଁ। ଅନେକ ଅଞ୍ଚଳରେ କ୍ଷୟକ୍ଷତି ଆକଳନ ମଧ୍ୟ ଠିକ୍ ଭାବରେ ହେଉନାହିଁ। ଫଳରେ ବହୁ ଚାଷୀ କ୍ଷତିପୂରଣ ପାଉନାହାନ୍ତି। ହାତୀ ଉପଦ୍ରବ ଲାଗି ରହୁଥିବାରୁ ଅନେକ ଚାଷ କାର୍ଯ୍ୟ ଛାଡ଼ି ଦେଲେଣି। କେନ୍ଦୁଝର ସଦର ବନାଞ୍ଚଳ ରେଞ୍ଜ ଅଧିକାରୀ ବିଜୟ କୁମାର ମହାନ୍ତ କହିଛନ୍ତି, ଲୋକ ଓ ହାତୀଙ୍କ ସୁରକ୍ଷା ପାଇଁ ବନ କର୍ମଚାରୀମାନେ ଦିନରାତି କାମ କରୁଛନ୍ତି। ହାତୀ ପଲ ଏ ପର୍ଯ୍ୟନ୍ତ ୬ ଏକର ଧାନ କ୍ଷେତ ନଷ୍ଟ କରିଥିବା ଜଣାପଡ଼ିଥିବାବେଳେ ତଦନ୍ତ ପରେ ପ୍ରକୃତ ରିପୋର୍ଟ ଆସିବ। ତେବେ ଫସଲହାନୀ ହେଲେ ଆକଳନ କରି କ୍ଷତିପୂରଣ ଦିଆଯାଉଛି ବୋଲି ମହାନ୍ତ କହିଛନ୍ତି।

### ଫରିଦାବାଦରେ ଭୂକମ୍ପ...

ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ମଧ୍ୟ ଅନୁଭୂତ ହୋଇଥିଲା। ଫଳରେ ଘର ଭିତରେ ଆସବାବପତ୍ର ହଲିବାରେ ଲାଗିଥିଲା। ନୋଏଡାରେ ମଧ୍ୟ ଭୂକମ୍ପକୁ ନେଇ ଲୋକେ ଆତଙ୍କିତ ହୋଇଯାଇଥିଲେ। ଘର ଓ ଅଫିସ କୋଠାରୁ ବାହାରି ଖୋଲାସ୍ଥାନକୁ ଚାଲିଯାଇଥିଲେ। ଏହା ପୂର୍ବରୁ ଅକ୍ଟୋବର ୩ରେ ନେପାଳରେ ୨୫ମିନିଟ ଅନ୍ତରରେ ୨ଥର ଭୂକମ୍ପ ସୃଷ୍ଟି ହୋଇଥିଲା। ଏହାର ପ୍ରଭାବ ଦିଲ୍ଲୀ-ଏନ୍‌ସିଆର୍ ସମେତ ଉତ୍ତର ଭାରତର ଅନେକ ସ୍ଥାନରେ ଅନୁଭୂତ ହୋଇଥିଲା। ସେହିପରି ଗତ ଅଗଷ୍ଟ ୫ ଏବଂ ଜୁନ୍ ୨୩ରେ ଯଥାକ୍ରମେ ୫.୮ ଏବଂ ୫.୨ ରିକ୍ଟର ସ୍କେଲରେ ଭୂକମ୍ପ ହୋଇଥିଲା। ଭୂବିଜ୍ଞାନ ମନ୍ତ୍ରଣାଳୟ ଅଧୀନ ନ୍ୟାଶନାଲ ସେଣ୍ଟର ଫର୍ ସେସ୍‌ମୋଲୋଜି ନିର୍ଦ୍ଦେଶକ ଓ.ପି. ମିଶ୍ର କହିଛନ୍ତି, ଭାରତ ଏକ ଭୂକମ୍ପ ପ୍ରବଣ କ୍ଷେତ୍ରରେ ଅବସ୍ଥିତ। ଦେଶରେ ପ୍ରତିଦିନ ଅନେକ ସୂକ୍ଷ୍ମ ଭୂକମ୍ପ ହେଉଥିବାରୁ ବଡ଼ ଭୂକମ୍ପ ଅନୁଭୂତ ହେଉନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବୁଧାଦିତ୍ୟ ଯୋଗରୁ କର୍ମକ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ। କିନ୍ତୁ ସପ୍ତମସ୍ଥ ପାପଗ୍ରହ ପ୍ରଭାବରୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। କଳା, କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ବୃଷ** କେନ୍ଦ୍ରସ୍ଥ ନୀଚାରୋହୀ ଶୁକ୍ରଜନିତ ଅର୍ଥ ଓ ସମ୍ମାନ ମିଳିବା ଦିଗରେ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣ ସମସ୍ୟା ସୃଷ୍ଟିର ଏକମାତ୍ର ମୁଖ୍ୟ କାରଣ ହୋଇପାରେ। ରାଜନୈତିକ କ୍ଷେତ୍ରରେ ସାଙ୍ଗଠନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିବ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ** ଭାଗ୍ୟାଧିପତିଙ୍କ ସ୍ୱଗୃହମଣ୍ଡନଜନିତ ପ୍ରତ୍ୟେକ କାର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ବନ୍ଧୁମାନଙ୍କ ମେଳରେ ଆଜିର ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରୀତିପ୍ରଦ ହୋଇପାରେ। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଅଫିସ୍ କାମର କେତେକ ଘଟଣାର ବିବରଣୀ ସମୂହ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ।

**କର୍କଟ** ଅଷ୍ଟମସ୍ଥ ଶନି ପ୍ରଭାବରୁ ଆଜି ଦିନଟିରେ କୌଣସି ଅତୀତ ଘଟଣାର ସମୀକ୍ଷା କରିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଆବଶ୍ୟକତା ପୂରଣ କରିବା ଦିଗରେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ବ୍ୟବସାୟରେ ଉନ୍ନତି ଘଟିବ। ସାଙ୍ଗକୁ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ସିଂହ** ମୁଖଭାବରେ ବୁଧ ହେତୁ ଅପ୍ରିୟ ସତ୍ୟ ଭାଷଣ ସମସ୍ୟା ସୃଷ୍ଟି କରିପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଉପରିସ୍ଥଙ୍କ ଆଦେଶାନୁଶାରେ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡିପାରେ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**କନ୍ୟା** କେତୁଯୁକ୍ତ ମଙ୍ଗଳ ହେତୁ ଆପଣଙ୍କ ରୁକ୍ଷ ବ୍ୟବହାରରେ ବନ୍ଧୁ ଅତିଷ୍ଠ ହେବେ। ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାମ ହାସଲ କରିବେ। ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ ଓ କାର୍ଯ୍ୟଗୁଡ଼ିକ ମଧ୍ୟ ଠିକ୍ ସମୟରେ ସମ୍ପନ୍ନ ହେବା କଷ୍ଟକର ହେବ। ଯେତେ ଭଲ କାମ କଲେ ମଧ୍ୟ ଟିକିଏ କଥାରେ ଚିହ୍ନା ପଡ଼ି ସମାଲୋଚିତ ହେବେ।

**ତୁଳା** ପାପଗ୍ରହ ପ୍ରଭାବରୁ ଦୈହିକ ଅସୁସ୍ଥତା ମାନସିକ ଅଶାନ୍ତିର କାରଣ ହୋଇପାରେ। ଯେତେ ପ୍ରକାରର ଉପାୟ ଅବଲମ୍ବନ କଲେ ମଧ୍ୟ ଲୋକସମ୍ପର୍କ ବୃଦ୍ଧି ପାଇବା ଦୁଷ୍କର ହୋଇପଡିବ। ଅପରାହ୍ନେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ।

**ବିଛା** କର୍ମକ୍ଷେତ୍ରରେ ଶୁକ୍ରଜନିତ ପ୍ରତ୍ୟେକ ସ୍ତରରେ ପ୍ରଶଂସିତ ହେବେ। ଦୀର୍ଘଦିନରୁ ଅପେକ୍ଷା କରିଥିବା କାମ ସମ୍ପର୍କରେ କିଛି ଆଶାଜନକ ଖବର ପାଇ ସାମୟିକ ଖୁସି ହୋଇଯିବେ। ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ଅଧିକ ସମୟ କଟିବ। ସଂଗଠନ, ରାଜନୀତି, ପ୍ରଶାସନ ପାଇଁ ଆଜି ଦିନଟି ବହୁତ ଭଲ।

**ଧନୁ** ଶନିଙ୍କ ପ୍ରଭାବରେ ମନୋବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିବେ। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି। ଆଜିର ଦୂରଯାତ୍ରା ସଫଳ ହେବ। ଆଶା ପୂରଣ ହେବ। ଅଭାବ ନ ଥିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଅସ୍ଥିରତା ହିଁ ମାନସିକ ଅଶାନ୍ତିର କାରଣ ହେବ।

**ମକର** ଭାଗ୍ୟ ସ୍ଥାନରେ ରବି ଓ ବୁଧଜନିତ ମାନସିକ ସ୍ଥିତି ଏକପ୍ରକାର ଭଲ ରହିବ। ଭୁଲ୍ ବୁଝାମଣା କାରଣରୁ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଠିକ୍ ଭାବେ ବୁଝି ପାରିବେନି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନହୁବା ଅଦଳବଦଳ ହୋଇପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ** ଶୁକ୍ର ଓ ଶନିଙ୍କ ପାରସ୍ପରିକ ଦୃଷ୍ଟିଜନିତ ପ୍ରତ୍ୟେକ କାର୍ଯ୍ୟରେ ଜୟଯୁକ୍ତ ହେବେ। ତଥାପି ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଆର୍ଥିକ ଦୁଃସ୍ଥିତି ଚିନ୍ତାଜନକ ପରିଣାମ ସୃଷ୍ଟି କରିବାର ଆଶଙ୍କା ରହିଛି।

**ମୀନ** ଦ୍ୱିତୀୟସ୍ଥ ଗୁରୁଚଣ୍ଡାଳ ଯୋଗ ପ୍ରଭାବରେ କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀହୋଇପାରନ୍ତି। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି।

ଆଜି ଆଶ୍ୱିନ ଶୁକ୍ଳ ଦ୍ୱିତୀୟା ସୋମବାର, ଅକ୍ଟୋବର ୧୬ ତାରିଖ, ବିଶ୍ୱ ଖାଦ୍ୟ ଦିବସ, ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୫।୪୫ ଗତେ, ଘ.୦୭।୧୧ ମଧ୍ୟେ, ଘ.୦୮।୫୦ ଗତେ, ଘ.୧୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୧୧ ଗତେ, ଘ.୦୮।୩୮ ମଧ୍ୟେ ରାହୁକାଳ।

# ସର୍ଭେରେ ଲଟକିଛି ୧୭ ରେଳପ୍ରକଳ୍ପ

ଯାଜପୁର,୧୫।୧୦(ହର୍ଷବର୍ଦ୍ଧନ ବେହେରା)



ଓଡ଼ିଶାରେ ୧୭ ପ୍ରକଳ୍ପ ସର୍ଭେ ପ୍ରକ୍ରିୟାରେ ଥିବା ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ଏହା ବର୍ଷ ବର୍ଷ ସର୍ଭେରେ ହିଁ ଲଟକି ରହିଛି। ସର୍ଭେ ଶେଷ ହୋଇ ବୃତାନ୍ତ ରିପୋର୍ଟକୁ ଅନୁମୋଦନ ମିଳିବା ପରେ ଜମି ଅଧିଗ୍ରହଣ, ଜଙ୍ଗଲ ଜମି କିସମ ପରିବର୍ତ୍ତନ, କ୍ଷତିପୂରଣ ପ୍ରଦାନ ଆଦି ପ୍ରକ୍ରିୟା ରହିଛି। ତେବେ ପ୍ରାରମ୍ଭିକ ସର୍ଭେ ପ୍ରକ୍ରିୟା ସରୁ ନ ଥିବାରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବାରେ ଅନିଶ୍ଚିତତା ଦେଖାଦେଇଛି। ଗତ ୨୮ ବର୍ଷ ହେବ ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ନୂତନ ରେଳପ୍ରକଳ୍ପ ପୂର୍ଣ୍ଣତା ଲାଭ କରି ପାରିନାହିଁ। ସେହିପରି ୭ଟି ନୂତନ ରେଳ ଲାଇନ ପ୍ରକଳ୍ପ ମଞ୍ଜୁର ଲାଭ କରି ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ରିପୋର୍ଟ ମିଳିଛି।

ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ସୂଚନା ଅଧିକାର ଆଇନ(ଆରଟିଆଇ)ବଳରେ ୧୨।୧୦।୨୦୨୩ରେ ମିଳିଥିବା ତଥ୍ୟ ଆଧାରରେ ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନଠାରୁ ଧାମରା ଭାୟା ଯାଜପୁର ଓ ଆରଡି ୯୬ କିମି ରେଳଲାଇନ କାର୍ଯ୍ୟ ସର୍ଭେରେ ସୀମିତ ରହିଛି। ଏଭଳି ତଥ୍ୟ ବିଗତ ଏକ ଦଶନ୍ଧି ହେଲା ମିଳିଆସୁଛି। ହେଲେ ସର୍ଭେ କାର୍ଯ୍ୟ ସରୁନି କି ଆଗକୁ କୌଣସି କାର୍ଯ୍ୟ ବଢୁନାହିଁ ବୋଲି ଚର୍ଚ୍ଚା ହେଉଛି। ୧୧।୯।୨୦୨୩ରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଏହି ପ୍ରସ୍ତାବିତ ନୂତନ ରେଳପଥର ଫାଇନାଲ ଲୋକେସନ ସର୍ଭେ(ଏଫଏଲ୍ଏସ୍) ପାଇଁ ୨ କୋଟି ୪୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ହେଲେ ଏଯାଏ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ ହୋଇ ନ ଥିବା ସୂଚନା ମିଳିଛି। ସର୍ଭେରେ ସୀମିତ ଅନ୍ୟ ରେଳପ୍ରକଳ୍ପଗୁଡିକ ହେଲା ଜୁନାଗଡ-ନବରଙ୍ଗପୁର ୧୧୮ କିମି, ମାଲକାନଗିରି-ଭଦ୍ରଚଲମ୍ ୧୨୫ କିମି, ଶାଶୁବୋହୂମାଲି-ସିଜୁମାଲି-କୁଟ୍ରୁମାଲି ବକ୍ସାଇଟ ମାଇନ୍ସଠାରୁ ଟିକିରି ରେଳଷ୍ଟେଶନ ୫୮ କିମି, ନାଉପଦା-ଗୁଣୁପୁରଠାରୁ ଥେରୁବାଲି ୭୯ କିମି, ତାଳଚେର-ଗୋପାଳପୁର ୨୮୨ କିମି, ବଲାଙ୍ଗୀର-ନୂଆପଡ଼ା ରୋଡ୍ ଭାୟା ପାଟଣାଗଡ ୧୦୦ କିମି, ପୁରୀ-କୋଣାର୍କ ୩୩ କିମି, ଦୈତାରୀ ଷ୍ଟେଶନଠାରୁ ବାଲିପର୍ବତ ଆଇରନ ଓର ମାଇନ୍ସ ୮ କିମି, ନୟାଗଡ଼ ଷ୍ଟେଶନଠାରୁ ଦୁବୁଣା ଆଇରନ ଓର ମାଇନ୍ସ ୫ କିମି, ରାୟପୁର-ସମ୍ବଲପୁର ୨୭୦ କିମି, ବରଗଡ଼ ରୋଡ୍-ନୂଆପଡ଼ା ରୋଡ୍ ୧୪୨ କିମି, ବାରକୋଟ-ଝାରସୁଗୁଡା ୧୬୦ କିମି, ଜଗନ୍ନାଥପୁର-ରେଢ଼ାଖୋଲ ୨୪୦ କିମି, ରଜଥଗଡ଼ଠାରୁ କାଇପଦର ରୋଡ୍ ୭୦ କିମି, ତେନ୍ତୁଲୋଇ-ବୁଢାପଙ୍କ ୧୦୬ କିମି ଏବଂ ଏମ୍ସିଆର୍ଏଲ୍ ଇନର କରିଡର ଫେଜ-୨୫୪ କିମି ରହିଛି। ଅନ୍ୟପକ୍ଷେ ଖୋର୍ଦ୍ଧାରୋଡ-ବଲାଙ୍ଗୀର ୩୦୧ କିମି, ତାଳଚେର-ବିମଳଗଡ ୧୪୯ କିମି, ଜୟପୁର-ମାଲକାନଗିରି ୧୨୬ କିମି, ଜୟପୁର-ନବରଙ୍ଗପୁର ୫୦ କିମି, କୋଡିଙ୍ଗମାଲି ବକ୍ସାଇଟ ମାଇନ୍ସଠାରୁ ସିଙ୍ଗରାମ ଷ୍ଟେଶନ ୯.୪ କିମି, ତାଳଚେର-ଅନୁଗୋଳ ୧୬.୫୦ କିମି ଓ ଗନ୍ଧମାର୍ଦ୍ଦନ ଆଇରନ ଓର ମାଇନ୍ସଠାରୁ ଗୋଲଡିହ ରେଳଷ୍ଟେଶନ ୧୨ କିମି ଆଦି ରେଳପ୍ରକଳ୍ପ ମଞ୍ଜୁର ହୋଇ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ୭ଟି ପ୍ରକଳ୍ପର ଅଗ୍ରଗତି ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ, ଗଛ ସଂଖ୍ୟା ନିରୂପଣ, ଗଛ କଟା ବାବଦ କ୍ଷତିପୂରଣ, ଏଫ୍ଆର୍ଏ (ଫରେଷ୍ଟ ରାଇଟ ଆକ୍ଟ) ସାର୍ଟିଫିକେଟ, ବନ୍ୟଜନ୍ତୁ ଇତ୍ୟାଦି ବିବାଦ ଯୋଗୁ ନୈରାଶ୍ୟଜନକ ରହିଛି। ୧୦ରୁ ଉର୍ଦ୍ଧ୍ୱ ବର୍ଷ ହେଲା କେତେକ ପ୍ରକଳ୍ପର ଜଙ୍ଗଲ ଜମିବିବାଦର ସମାଧାନ ହୋଇପାରି ନ ଥିବା ସୂଚନା ମିଳିଛି। ବିଭାଗସ୍ତରରେ ନିୟମିତ ଭାବେ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯାଉଥିଲେ ହେଁ ବିଭିନ୍ନ କାରଣରୁ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ରେଳ ପ୍ରକଳ୍ପ ସ୍ୱପ୍ନ ଅଧୁରା ରହିଥିବା ମତପ୍ରକାଶ ପାଇଛି। ପ୍ଲାନିଂ ଷ୍ଟେଜ୍‌ରେ ଥିବା ୧୭ରୁ ୪ଟି ପ୍ରକଳ୍ପର ଅଟକଳ ପରିମାଣ ବୃତ୍ତାନ୍ତ ହୋଇଛି। ଏଥିରେ ଜୁନାଗଡ଼-ନବରଙ୍ଗପୁର ପ୍ରକଳ୍ପ ପାଇଁ ୨୮୬୪.୫୦ କୋଟି, ମାଲକାନଗିରି-ଭଦ୍ରଚଲମ ପ୍ରକଳ୍ପ ପାଇଁ ୩୫୯୧.୭୬ କୋଟି, ଶାଶୁବୋହୂମାଲି-ସିଜୁମାଲି-କୁଟ୍ରୁମାଲି ପ୍ରକଳ୍ପ ପାଇଁ ୧୩୧୫.୧୬ କୋଟି ଏବଂ ନଉପଦା-ଗୁଣୁପୁର ପ୍ରକଳ୍ପ ପାଇଁ ୧୩୯୭.୩୬ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ଆର୍‌ଟିଆଇରେ ସୂଚନା ଦିଆଯାଇଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ହାତୀ ମୃତ



ପାରମସାହିରେ ହାତୀ ମୃତଦେହ ପଡ଼ି ରହିଛି।

ଟେନ୍ସା,୧୫।୧୦
(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ରେଞ୍ଜ ଓରାଘାଟ ଗ୍ରାମର ପାରମସାହିରେ ଦନ୍ତା ହାତୀର ମୃତ ଦେହ ପଡ଼ିରହିଛି। କୋଇଡା ରେଞ୍ଜର ଗୌତମ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରାଥମିକ ତଦନ୍ତରୁ ହାତୀର ବୟସ ୨୦ବର୍ଷ ହେବ ବୋଲି ଜଣାପଡ଼ିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ଘଟିଥିବା ବଣାଇଁ ଡିଏଫ୍ଓ ଲଳିତ ପାତ୍ର ପ୍ରକାଶ କରିଛନ୍ତି। ଡାକ୍ତରୀ ଟିମ୍ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୧ରେ ମଧ୍ୟ ଏହି ସମାନ ସ୍ଥାନରେ ସନ୍ଦେହଜନକ ଭାବେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ଗତ ୩ ବର୍ଷ ମଧ୍ୟରେ କୋଇଡା ଓ ବରସୁଆଁ ରେଞ୍ଜ ଅଞ୍ଚଳରେ ୪ ହାତୀଙ୍କ ଜୀବନ ଗଲାଣି।

# ନୂଆଁଖାଇ ଭେଟ୍‌ଘାଟ୍ ଭାଇଚାରାର ନିଦର୍ଶନ



ନୂଆଁଖାଇ ଭେଟ୍‌ଘାଟ୍‌ରେ ଯୋଗଦେଇଥିବା ଅତିଥି ଓ ସଦସ୍ୟା,ସଦସ୍ୟ।

ଯାଜପୁର,୧୫।୧୦(ହର୍ଷବର୍ଦ୍ଧନ ବେହେରା)

ପୂର୍ବରୁ ଭିନ୍ନ ଭିନ୍ନ ଦିନରେ ନୂଆଁଖାଇ ପାଳିତ ହେଉଥିଲା। ୧୯୯୨ରୁ ସାରା ପଶ୍ଚିମ ଓଡ଼ିଶାବାସୀ ଗୋଟିଏ ଲଗ୍ନରେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ନୂଆଁଖାଇ ପାଳନ କରି ଆସୁଛନ୍ତି। ତେବେ ନୂଆଁଖାଇ ପାଳନର ପ୍ରାୟ ୧ ମାସ ପରେ ରାଜ୍ୟର ଉପକୂଳବର୍ତ୍ତୀ ଯାଜପୁର ଜିଲାରେ ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀଙ୍କ ନୂଆଁଖାଇ ଭେଟଘାଟ ଏକ ଭାଇଚାରାର ନିଦର୍ଶନ ଦେଇଛି ବୋଲି ଅତିଥିମାନେ କହିଛନ୍ତି ।

ରବିବାର ଯାଜପୁର ଜିଲା ବ୍ୟାସନଗର ସଂସ୍କୃତି ଭବନଠାରେ ସୁବୋଧ ପଣ୍ଡା, ଉମାରାଣୀ ଦେବତା, ଶ୍ୱେତାଲିନା ମହାପାତ୍ର ଓ ସଂସ୍କୃତି ପଣ୍ଡାଙ୍କ ସଂଯୋଜନାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତଙ୍କ ମୁହଁରେ ନୂଆଁଖାଇ ଜୁହାର ଶୁଣିବାକୁ ମିଳିଥିଲା। ବ୍ୟାସନଗର ନୂଆଁଖାଇ ପରିବାରର ସଭାପତି ନୀଳକଣ୍ଠ ପ୍ରଧାନ, ସମ୍ପାଦକ ରାଧାକାନ୍ତ ସାହୁଙ୍କ ସମେତ ପୂର୍ଣ୍ଣେନ୍ଦୁ ଶୁକ୍ଲା, ବରୁଣ ବନ୍‌ଛୋର, ସୁମନ୍ତ ପଣ୍ଡା, ପ୍ରୀତିଶ ଗଡତ୍ୟା ପ୍ରମୁଖ ନୂଆଁଖାଇ ସମ୍ପର୍କରେ ସମ୍ୟକ୍ ସୂଚନା ଦେଇଥିଲେ। ସେମାନଙ୍କ ମତରେ କୃଷି, କୃଷକ ଓ ଶ୍ରମିକଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହିଛି। କେତେକ ନିର୍ଦ୍ଦିଷ୍ଟ ଜାତିର ଚଳଣି ଅନୁଯାୟୀ ବିଭିନ୍ନ ପତ୍ରରେ ଇଷ୍ଟଦେବୀଙ୍କୁ ନବାନ୍ନ ଭୋଗ ବଢାଯାଇଥାଏ ଏବଂ ସେହି ପତ୍ରରେ ନୂଆ ଖାଇବାର ପରମ୍ପରା ରହିଛି । ମହୁଲ, କୁରେଇ, ସର୍ଗି ପତ୍ରକୁ ମୁଖତଃ ଏଭଳି ବ୍ୟବହାର କରାଯାଇଥାଏ। ଏହାପଛରେ ନିର୍ଦ୍ଦିଷ୍ଟ ଗଛ ଓ ଇଷ୍ଟଦେବୀଙ୍କ ପାରମ୍ପରିକ ସମ୍ପର୍କ ରହିଛି । ସାଂପ୍ରତିକ ଅର୍ଥନୀତି ଓ ବିକାଶର ଧାରା ମଧ୍ୟ ନୂଆଁଖାଇକୁ ପ୍ରଭାବିତ କରିଛି। ଚାଷୀ ପରିବାରର ପୁଅ ଚାକିରି କରିବାକୁ ଘର ଛାଡି ଦୂରଦୂରାନ୍ତକୁ ଯାଇଛି। ତେଣୁ ନୂଆଁଖାଇରେ ପରିବାର ଲୋକେ ସମସ୍ତେ ଏକଜୁଟ ହେବା ଆଉ ସମ୍ଭବପର ହୋଇପାରୁନାହିଁ। ସେଥିପାଇଁ ନୂଆଁଖାଇ ଭେଟ୍‌ଘାଟ୍ ଏକ ପ୍ରମୁଖ ମାଧ୍ୟମ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷେ ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା ଏହି ଅବସରରେ ଉପସ୍ଥିତ ରହି ଯାଜପୁର ଏବଂ ପଶ୍ଚିମ ଓଡ଼ିଶାର ସୁବର୍ଣ୍ଣପୁର ସହିତ ଐତିହାସିକ ନିବିଡ଼ତା ଉପରେ ଆଲୋକପାତ କରିଥିଲେ। ସମ୍ରାଟ୍ ଯଯାତି କେଶରୀଙ୍କ ସମୟରୁ ଯାଜପୁର ଏବଂ ପଶ୍ଚିମ ଓଡ଼ିଶାବାସୀଙ୍କ ସହିତ ଭାଇଚାରା ରହିଆସିଛି। ତେଣୁ ଏବେ ବି ସେହି ପରମ୍ପରା ଚାଲି ଆସୁଛି ବୋଲି କହିଥିଲେ। ଏହାପରେ ଏହି ଭେଟ୍‌ଘାଟ୍‌କୁ ସଫଳ କରିଥିବା କର୍ମକର୍ତ୍ତା, ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସଭ୍ୟାସଭ୍ୟ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପୂର୍ବରୁ ସମ୍ବଲପୁରର ସାଂସ୍କୃତିକ ଦଳ ରାଇଝାଇଁ ପକ୍ଷରୁ ପରିବେଷିତ ନାଚଗୀତରେ ସମସ୍ତେ ଝୁମି ଉଠିଥିଲେ। ଢୋଲ, ନିଶାନ, ତାସା, ମହୁରୀର ତାଳେତାଳେ ସମସ୍ତେ ମନ୍ତ୍ରମୁଗ୍ଧ ହୋଇଥିଲେ। ଶେଷରେ ଆଗାମୀ କାର୍ଯ୍ୟକ୍ରମଗୁଡିକ ପାଇଁ ନୂତନ କର୍ମକର୍ତ୍ତା ଘୋଷଣା କରାଯାଇଥିଲା।

**ଯାଜପୁର ସହିତ ପଶ୍ଚିମ ଓଡ଼ିଶାବାସୀଙ୍କ ଐତିହାସିକ ସମ୍ପର୍କ ନିବିଡ଼ ଥିଲା**



ଭୁବନେଶ୍ୱରଠାରେ ରବିବାର କୋକାକୋଲା ଇଣ୍ଡିଆ ଓ ଜାତୀୟ ଦକ୍ଷତା ବିକାଶ ନିଗମ(ଏନ୍ଏସ୍‌ଡିସି)ର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା 'ଖୁଚୁରା ବ୍ୟବସାୟୀ ତାଲିମ' କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

# କଂଗ୍ରେସ ପକ୍ଷରୁ ସଇଁତଳା ବନ୍ଦ ପାଳନ

ବଲାଙ୍ଗୀର, ୧୫।୧୦
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସଇଁତଳା ଯୁବ କଂଗ୍ରେସ ପକ୍ଷରୁ ୧୦ ଦଫା ଦାବି ନେଇ ରବିବାର ବନ୍ଦ ଡାକରା ଦିଆଯାଇଥିଲା। ସଇଁତଳା-ବାଦୀପଡା ରାସ୍ତାରେ ଅର୍ଦ୍ଧନିର୍ମିତ ପୋଲ ତିଆରି, ସଇଁତଳାକୁ ଏନ୍ଏସି ମାନ୍ୟତା, ସବ୍‌ରେଜିଷ୍ଟର ଅଫିସ ପ୍ରତିଷ୍ଠା, ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ପଦବୀ ପୂରଣ, ଉଦ୍‌ଘାଟନ ହୋଇଥିବା ଓଭରହେଡ ଟ୍ୟାଙ୍କ ଜଳଯୋଗାଣ ନହେବାର ପ୍ରତିବାଦ, ଲାନ୍ଥନଦୀ କୂଳରେ ଥିବା ଉଠା ଜଳସେଚନ ପଏଣ୍ଟଗୁଡିକୁ ସଚଳ କରିବା ଏବଂ ସଇଁତଳାରେ ଯୁକ୍ତ ୨କଲେଜ ପ୍ରତିଷ୍ଠା ସମେତ ୧୦ ଦଫା ଦାବି ପୂରଣ କରାଯିବାକୁ ନେଇ ବନ୍ଦ ପାଳନ କରାଯାଇଥିଲା। ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ବନ୍ଦ ପାଳନ ବେଳେ ରାଜ୍ୟ ସମ୍ପାଦକ ସୁବ୍ରତ ବେହେରା, ଜିଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ, ଯୁବ ସଙ୍ଗଠକ ଅମିତ ରଥ, ପୂର୍ବତନ ସରପଞ୍ଚ ଉତ୍ତମ ପଟେଲ, ମୁକୁନ୍ଦ ନାଗ, କପିଳାସ ଦୋରା, ସମିତି ସଭ୍ୟ ସିମରନ୍ ସିଂଭୋଇ, ଚାନ୍ଦୁଲାଲ ଭୋଇ, ଉମାକାନ୍ତ ରଣା ପ୍ରମୁଖ ଉପସ୍ଥିତ ଥିଲେ। ବନ୍ଦ ପାଳନ ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଥିଲା।



ବନ୍ଦ ପ୍ରଭାବରେ ସଇଁତଳାରେ ଦୋକାନ ବଜାର ବନ୍ଦ ରହିଛି।

# ଦେଶର ୧ କୋଟି ୪୦ ଲକ୍ଷ ରିଟେଲର ଡିଜିଟାଲ ତାଲିମ ପାଇବେ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୫।୧୦(ସୁନିତ୍ ମିଶ୍ର)

## କୋକାକୋଲାର ସଫଳ ରିଟେଲର ପୁରସ୍କୃତ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଶାରଦୀୟ ନବରାତ୍ର ଶୁଭ ଅବସରରେ ଭୁବନେଶ୍ୱରଠାରେ କୋକାକୋଲା ଇଣ୍ଡିଆ ଓ ଜାତୀୟ ଦକ୍ଷତା ବିକାଶ ନିଗମ(ଏନ୍ଏସ୍‌ଡିସି)ର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା 'ଖୁଚୁରା ବ୍ୟବସାୟୀ ତାଲିମ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନରେ ଖୁଚୁରା ବେପାରୀଙ୍କୁ ଅଧିକ ଦକ୍ଷ କରିବା ସହ ସେମାନେ କିପରି ନିଜ ବ୍ୟବସାୟ ବଢ଼ାଇପାରିବେ ସେ ଦିଗରେ ତାଲିମ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମ ଜରିଆରେ ଦେଶର ୧ କୋଟି ୪୦ ଲକ୍ଷ ରିଟେଲର ଡିଜିଟାଲ ତାଲିମ ପାଇବେ। ନିଜ ମୋବାଇଲରେ ଆପ୍ ଡାଉନଲୋଡ କରି କିମ୍ବା ୱେବ୍‌ସାଇଟ ମାଧ୍ୟମରେ ଦକ୍ଷତା ବିକାଶ ପାଇଁ ତାଲିମ ନେବେ। ଖୁଚୁରା ବ୍ୟବସାୟୀଙ୍କୁ ସ୍କିଲ୍ ଇଣ୍ଡିଆ ଡିଜିଟାଲ ପୋର୍ଟାଲ ମାଧ୍ୟମରେ ୧୪ ଘଣ୍ଟାର ଉନ୍ନତମାନର ରିଟେଲ୍ ପ୍ରଶିକ୍ଷଣ ଦିଆଯିବ। ଖାଉଟିଙ୍କୁ ଆକୃଷ୍ଟ କରିବା ଭଳି ଯୋଜନା ସହ ବ୍ୟବସାୟ କରିବାର କୌଶଳ ଓ ଡିଜିଟାଲ ପ୍ଲାଟଫର୍ମର ବ୍ୟାପକ ସୁଯୋଗକୁ ବ୍ୟବହାର କରିବା ନେଇ ତାଲିମ ଦିଆଯିବ। ଏହି ଅଭିନବ କାର୍ଯ୍ୟକ୍ରମରେ ସହଯୋଗୀ ହୋଇଥିବା କୋକାକୋଲା ଇଣ୍ଡିଆକୁ ଧନ୍ୟବାଦ ଜଣାଇବା ସହ ସମସ୍ତ ଟ୍ରେନିଂ ମଡ୍ୟୁଲକୁ ଓଡ଼ିଆ ଭାଷା ସମେତ ସବୁ ଭାରତୀୟ ଭାଷାରେ ଉପଲବ୍ଧ କରାଇବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଦେଶର ଅର୍ଥନୀତିରେ ବୃହତ ଶିଳ୍ପ ଓ କାରଖାନାଗୁଡ଼ିକ ମଜଭୁତ ସ୍ତମ୍ଭ। ତେବେ ଛୋଟ ଛୋଟ ବ୍ୟବସାୟୀମାନେ କୌଣସି ଗୁଣରେ ଟାଟା, ବିର୍ଲା, ଆଦାନୀଠୁ କମ୍ ନୁହନ୍ତି। ବଡ଼ ବ୍ୟବସାୟୀଙ୍କ ଭଳି ଛୋଟ ଦୋକାନୀଙ୍କୁ ସ୍କିଲିଂ, ରି-ସ୍କିଲିଂ ଓ ଅପ୍-ସ୍କିଲିଂ କରାଇବା ସହ ଭାଷାଶୈଳୀର ପ୍ରଶିକ୍ଷଣ ଦିଆଗଲେ ଦେଶର ଅର୍ଥନୀତି ମଜଭୁତ ହେବ। ବର୍ତ୍ତମାନ ପରିବର୍ତ୍ତିତ ଦୁନିଆରେ ୟୁପିଆଇ ପେମେଣ୍ଟ ନୂଆ ରୂପ ନେଇଛି। ଏହା ହିଁ ମୋଦିଙ୍କ ଡିଜିଟାଲ ଇଣ୍ଡିଆ, ନୂଆ ଭାରତ ବୋଲି ସେ କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କୋକାକୋଲାର ସଫଳ ରିଟେଲରଙ୍କୁ ପୁରସ୍କୃତ କରିବା ସହ ନିଜର କଳା ଦକ୍ଷତାର ଉପଯୋଗ କରି ସ୍ୱାବଲମ୍ବୀ ହୋଇଥିବା ମହିଳାଙ୍କୁ ସମ୍ମାନିତ କରିଛନ୍ତି।

# ଦେବୀ ନଦୀବନ୍ଧରେ ୨ଶହ ଫୁଟ୍‌ର ଫାଟ



କାକଟପୁର(ଶୁଭଦର୍ଶନ ମିଶ୍ର)/ଅସ୍ତରଙ୍ଗ (ପ୍ରଦୀପ୍ତ କୁମାର ଦୀକ୍ଷିତ), ୧୫।୧୦

ପୁରୀ ଜିଲା କାକଟପୁର ଜଳସମ୍ପଦ ବିଭାଗ ଅଧୀନସ୍ଥ ଦେବୀ ନଦୀବନ୍ଧ ରାସ୍ତାରେ ୨ଶହ ଫୁଟ ଲମ୍ବ ପର୍ଯ୍ୟନ୍ତ ଫାଟ ସୃଷ୍ଟି ହୋଇଛି। ଏଥିଯୋଗୁ ନଦୀ ତଟବର୍ତ୍ତୀ ଓ ତଳିଆ ଅଞ୍ଚଳ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଏହା ଏକ ସମ୍ବେଦନଶୀଳ ବନ୍ଧ ଭାବେ ଜଣାଶୁଣା। ବାଉରିଆକଣଠାରୁ ଖଣ୍ଡାସାହି ଓ ଷାଠିଏବାଟି ମଧ୍ୟରେ ବିପୁଳ ଅର୍ଥ ବ୍ୟୟରେ ନଦୀବନ୍ଧ ସୁଦୃଢ଼ୀକରଣ ଯୋଜନାରେ ଏହି ନଦୀବନ୍ଧ ନିର୍ମାଣ କରାଯାଇଥିଲା। ଏବେ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ଦେଖିବାକୁ ମିଳିଛି। ବିଶେଷକରି ବାଉରିଆକଣଠାରେ ବନ୍ଧର ୨ଶହ ଫୁଟ ଲମ୍ବର ପିଚୁ ରାସ୍ତାରେ ଫାଟ ସୃଷ୍ଟି ହୋଇଛି। ତେବେ ନିମ୍ନମାନର କାର୍ଯ୍ୟ ସାଙ୍ଗକୁ ଠିକ କମ୍ପାକ୍ସନ କରା ନ ଯାଇ ରାସ୍ତା ନିର୍ମାଣ କରାଯାଇଥିବାରୁ ବନ୍ୟାଜଳ ଛାଡ଼ିବା ପରେ ଏଭଳି ସ୍ଥିତି ଉପୁଜିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କାକଟପୁର ଅଞ୍ଚଳକୁ ବନ୍ୟା ଦାଉରୁ ବାଉରିଆକଣ ଦେବୀ ନଦୀବନ୍ଧ ରକ୍ଷା କରିଥାଏ। ଯଦି ଏହି ବନ୍ଧ ଅଧିକ ଧସିଯାଏ ବା ବନ୍ଧରେ ବଡ଼ଧରଣର ଫାଟ ସୃଷ୍ଟି ହୁଏ ତା'ହେଲେ ଅନେକ ଗ୍ରାମ ନଦୀଗର୍ଭରେ ଲୀନ ହୋଇଯିବ। ତେଣୁ ନଦୀତଟବର୍ତ୍ତୀ ବାସିନ୍ଦା ନିଜକୁ ସୁରକ୍ଷିତ ମଣୁ ନ ଥିବାବେଳେ ଚିନ୍ତିତ ହୋଇପଡ଼ିଛନ୍ତି। ତୁରନ୍ତ ନଦୀବନ୍ଧ ରାସ୍ତା ମରାମତି କରାଯିବା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି। କାକଟପୁର ଜଳସେଚନ ବିଭାଗ ଉପଖଣ୍ଡ ଭାରପ୍ରାପ୍ତ ସହନିର୍ବାହୀ ଯନ୍ତ୍ରୀ ପ୍ରଭାତ ଦାଶ କହିଛନ୍ତି, ଏ ନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଛି। ଚେନ୍ନାଇସ୍ଥିତ ଓସେନ୍ ଇଞ୍ଜିନିୟରିଂ ସଂସ୍ଥାର ଅଧିକାରୀମାନେ ସେହି ସ୍ଥାନ ଗସ୍ତ କରି ବନ୍ଧ ଫାଟିଥିବା ସ୍ଥାନର ମୃତ୍ତିକା ପରୀକ୍ଷା କରିଛନ୍ତି। ଶୀଘ୍ର ସମ୍ପୃକ୍ତ ସ୍ଥାନର ମରାମତି କରାଯିବ।

# ବ୍ୟକ୍ତି ନୁହେଁ, ବହି ପୁରସ୍କୃତ ହେଲେ ପୁରସ୍କାରର ମର୍ଯ୍ୟାଦା ବଢ଼ିବ

*ଶାରଳା ପୁରସ୍କାର ପାଇଁ ଚଳିତବର୍ଷ ବିଶିଷ୍ଟ ସାହିତ୍ୟିକ ଭୀମ ପୃଷ୍ଟି ମନୋନୀତ ହୋଇଛନ୍ତି। ୨୦୧୭ ମସିହାରେ ପ୍ରକାଶିତ ତାଙ୍କ ଉପନ୍ୟାସ 'ଜମ୍ବୁଲୋକ' ପାଇଁ ତାଙ୍କୁ ଏହି ପୁରସ୍କାର ମିଳୁଛି। ଯାଜପୁର ଜିଲା ଧର୍ମଶାଳା କଏମାରେ ୧୯୫୯ ଜାନୁୟାରୀ ୧୧ରେ ଜନ୍ମ ଗ୍ରହଣ କରିଥିବା ସାହିତ୍ୟିକ ପୃଷ୍ଟିଙ୍କର ଗଳ୍ପ ଓ ଉପନ୍ୟାସରେ ରହିଛି ଅନନ୍ୟ ସୃଷ୍ଟି। ହେ ମଣିଷମାନେ, ପେଟ ଓ ପେଟତଳେ, ଗପର ହାତଗୋଡ଼, ସମୁଦ୍ର ମଣିଷ, ସାତ ଉପନ୍ୟାସ, ଅଧେ ମଣିଷ, ଲଛମନିଆ ଭଳି ଅନେକ କୃତି ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛି। ପୃଷ୍ଟିଙ୍କ ସହ ଏଥରର ଧରିତ୍ରୀ ଆଳାପ।*

– ସାକ୍ଷାତ୍: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର

**ଶାରଳା ପୁରସ୍କାର ପାଇଁ ଶୁଭେଚ୍ଛା। ଏ ନେଇ ଆପଣଙ୍କ ପ୍ରତିକ୍ରିୟା କ'ଣ?**

ମର୍ଯ୍ୟାଦାଜନକ ଶାରଳା ପୁରସ୍କାର ପାଇବା ପରେ ବହୁତ ଶୁଭେଚ୍ଛା ମିଳିଛି। ପୁରସ୍କାର ଜଣେ ଲେଖକକୁ ଅନବରତ ଲେଖିବା ପାଇଁ ପ୍ରେରଣା ଦିଏ। ସବୁଠୁ ବଡ଼ କଥା ହେଲା କୌଣସି ବହି ପୁରସ୍କୃତ ହେଲେ ତାହାର ପାଠକ ସଂଖ୍ୟା ବୃଦ୍ଧି ଘଟେ। ମୁଁ ଖୁସି ଯେ, ଜମ୍ବୁଲୋକ ଉପନ୍ୟାସ ପାଇଁ ମୋର ନୂଆ ପାଠକ ସୃଷ୍ଟି ହେବେ।

**ଜମ୍ବୁଲୋକ ଉପନ୍ୟାସ ସମ୍ପର୍କରେ ଆପଣଙ୍କ ଦୃଷ୍ଟିଭଙ୍ଗୀ କ'ଣ?**

ଏହି ଉପନ୍ୟାସରେ ୨ ଦେଶର କଥା ଅଛି। ଗୋଟିଏ ହେଉଛି ଭାରତ ଅନ୍ୟଟି ବାଂଲାଦେଶ। ବାଂଲାଦେଶ ଯୁଦ୍ଧ ପରବର୍ତ୍ତୀ ଅବସ୍ଥାରେ ରିଫ୍ୟୁଜିମାନେ ବିସ୍ଥାପିତ ହୋଇ ଭାରତରେ ରହିଛନ୍ତି। ସ୍ଥାନ ପରିଚୟକୁ ନେଇ ସେମାନଙ୍କ ଭିତରେ ରହିଛି କ୍ଷୋଭ ଓ ଯନ୍ତ୍ରଣା। ଜନ୍ମ ଦେଶ କୁହେ ପଳାୟନବାଦୀ ଓ ଯେଉଁଠି ଆଶ୍ରୟ ନେଇଛନ୍ତି ସେ ଦେଶ କୁହେ ରିଫ୍ୟୁଜି। ଦେଶକୁ ନେଇ ସେମାନଙ୍କ ଭିତରେ ଥିବା ଦୁଃଖ, କ୍ଷୋଭ, ସଂଘର୍ଷର କଥା ହେଉଛି ଜମ୍ବୁଲୋକ ଉପନ୍ୟାସ।

**କାହାକୁ ପୁରସ୍କାର ମିଳିଲେ ନାନା କଥା ସହ ବିବାଦ ଦେଖିବାକୁ ମିଳେ। ଆପଣ ସେମିତି କିଛି ସାମ୍ନା କରିଛନ୍ତି?**

ପୁରସ୍କାରକୁ ଦୃଷ୍ଟିରେ ନ ରଖି ଲେଖକ ଲେଖିଲେ ଠିକ୍ ଭାବେ ସାହିତ୍ୟ ସର୍ଜନା ହୋଇପାରିବ। ନଚେତ ତାହା ଦୁର୍ବଳ ହେବ। ମୁଁ ଯେତେବେଳେ ଅନ୍ୟମାନଙ୍କର ପ୍ରତିକ୍ରିୟା ଦେଖିଲି, ତାହା ଥିଲା ଏହି ପୁସ୍ତକ ସପକ୍ଷରେ। ବାକି ରହିଲା ପୁରସ୍କାର, ଲବି, ଗୋଷ୍ଠୀ। ତାହା ମଧ ହେଉଛି। ବର୍ତ୍ତମାନ ପୁରସ୍କାର ପାଇବା ଅନ୍ୟମାନଙ୍କ ଆଖିରେ ଏକ ନିନ୍ଦାର ବିଷୟ ହୋଇଯାଇଛି। ଯେମିତି ଲେଖକ ପୁରସ୍କାର ପାଇବାକୁ ଚେଷ୍ଟା କରୁଛି। ପୁରସ୍କାର ଆଜି କିଏ ପାଇଛି ତାହା ଲୋକ କାଲି ଭୁଲିଯିବେ, ମାତ୍ର ପୁରସ୍କୃତ ହୋଇଥିବା ଭଲ ବହି କାଳଜୟୀ ହୋଇରହିଥାଏ। ତେଣୁ ବ୍ୟକ୍ତିକୁ ନୁହେଁ, ବହିକୁ ପୁରସ୍କୃତ କଲେ ପୁରସ୍କାରର ମର୍ଯ୍ୟାଦା ବଢ଼ିବ।






ଭୀମ ପୃଷ୍ଟି

**ଆପଣଙ୍କ ସାହିତ୍ୟ ଯାତ୍ରା ବିଷୟରେ କିଛି କହିବେ?**

ଗ୍ରାମୀଣ ପରିବେଶରେ ମୋର ଶୈଶବ, କୈଶୋର ଓ ଯୌବନ ବିତିଛି। ପିଲାଦିନ ସାଂସ୍କୃତିକ ପରିବେଶ ଭିତରେ ଥିଲା। ହାଇସ୍କୁଲରୁ ଶିଶୁ କବିତା, ଗଳ୍ପ ଲେଖିବା ଆରମ୍ଭ କରିଥିଲି। କଲେଜକୁ ଆସିବା ପରେ ଆଧୁନିକ ଗପ ଓ କବିତା ଲେଖିଲି। ବିଶ୍ୱବିଦ୍ୟାଳୟକୁ ଆସିବା ପରେ ଗଳ୍ପ ଓ ଉପନ୍ୟାସ ଲେଖିଲି।

**ସମାଜ ଓ ସାହିତ୍ୟକୁ ନେଇ ଆରଣଙ୍କ ମତ କ'ଣ ରହିବ?**

ସମାଜକୁ ନେଇ ସାହିତ୍ୟ। ଲେଖକଟିଏ ସ୍ପର୍ଶକାତର ମଣିଷ। କୌଣସି ଘଟଣା ଶୁଣିଲେ ଯଦି ଲେଖକ ଭିତରେ ପ୍ରତିଘାତ ଆସୁଛି, ତାହାକୁ ସେ ସାହିତ୍ୟ ମାଧ୍ୟମରେ ରୂପ ଦିଏ।

**ବର୍ତ୍ତମାନ ସୋସିଆଲ ମିଡିଆ ଯୁଗରେ ଛାପା ବହିର ଭବିଷ୍ୟତ ସମ୍ପର୍କରେ କ'ଣ କହିବେ?**

ଛପା ବହି ଭବିଷ୍ୟତରେ କମ୍ ଆସିବ। ତା'ମାନେ ନୁହଁ ନିଷ୍ପ୍ରଭ ହୋଇଯିବ। ଏବେକାର ପିଢ଼ି ମଧ ଲେଖୁଛନ୍ତି, ତେଣୁ ବହି ରହିବ। ଧୀରେ ଧୀରେ କମିପାରେ ଓ ତାହା ଇ-ବୁକ୍ ଭିତରକୁ ଆସିଯିବ। ଆମର ଯେଉଁ ପରିବର୍ତ୍ତନ ଆସୁଛି ତାହା ଭଲ କଥା। ଲୋକ ସୋସିଆଲ ମିଡିଆରେ ସାହିତ୍ୟ ସର୍ଜନା କରୁଛନ୍ତି। ତା'ପାଇଁ ମଧ ପାଠକ ଅଛନ୍ତି। ତାହା ଏବେ ସେମାନଙ୍କ ପାଇଁ ଏକ ବିକଳ୍ପ। ସୋସିଆଲ ମିଡିଆ ଆଗକୁ ଯିବ, ଯିବା ବି ଦରକାର। ସାହିତ୍ୟ ବନ୍ଦ ହେବନି। ସାହିତ୍ୟ ପରିପ୍ରକାଶ କରିବାର ମାଧ୍ୟମରେ ପରିବର୍ତ୍ତନ ହେବ।

**ଓଡ଼ିଆ ସାହିତ୍ୟର ଗୁଣବତ୍ତା ସମ୍ପର୍କରେ କ'ଣ କହିବେ?**

ଗୁଣବତ୍ତା ପ୍ରଚୁର ରହିଛି। ଓଡ଼ିଆ ବର୍ତ୍ତମାନ ଶାସ୍ତ୍ରୀୟ ଭାଷା। ଏହାର ଏକ ବଡ଼ ପରମ୍ପରା ରହିଛି। ବିଭିନ୍ନ ଗୁଣ, ଚେତନା ରହିଛି। ଏହା ନ ରହିଥିଲେ କେମିତି ବର୍ତ୍ତମାନ ଭାରତୀୟ ଆଞ୍ଚଳିକ ସାହିତ୍ୟ ସହ ସମକକ୍ଷ ଥାଆନ୍ତା। ଆଉ ଭାରତୀୟ ସାହିତ୍ୟରେ ଓଡ଼ିଆ ସାହିତ୍ୟ ଯଥେଷ୍ଟ ସ୍ୱୀକୃତି ପାଇଛି। ଆଧୁନିକ ରୂପରେ ଏହା ଅଧିକ ମଜଭୁତ ମଧ ହେଉଛି।

"ମୁଁ ଜଣେ ଭକ୍ତ ନୁହେଁ, ମୁଁ ମଧ୍ୟ ଜ୍ଞାନୀ ନୁହେଁ। ମୁଁ ମଧ୍ୟ ଭଗବାନଙ୍କର ଜଣେ କର୍ମୀ ନୁହେଁ। ମୁଁ ତା'ହେଲେ କ'ଣ ? ମୁଁ ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ- ପବନରେ ଉଡ଼ିଯାଉଥିବା ପତ୍ରଟିଏ। -ଶ୍ରୀଅରବିନ୍ଦ



# ଅଗ୍ନିବୀରଙ୍କ ଦୁଃଖ

ଦେଶରେ କ୍ରମାଗତ ବେକାରି ସମସ୍ୟା ବଢ଼ିବାରୁ କେନ୍ଦ୍ର ସରକାରଙ୍କୁ ଚାରିଆଡୁ ସମାଲୋଚନା କରାଯାଇଥିଲା। ସେଥିପାଇଁ ସରକାର ସମାଲୋଚନାର ରାଜନୈତିକ ସମାଧାନ ଭାବେ ୨୦୨୨ ଜୁନ୍‌ରେ 'ଅଗ୍ନିପଥ' ନାମକ ଏକ ସ୍କିମ୍ ଆଣିଲେ। ସେନାରେ ସାମୟିକ ଭାବେ ଯେଉଁମାନେ ନିଯୁକ୍ତି ପାଇବେ ବୋଲି ଯୋଜନାରେ କୁହାଗଲା, ସେମାନଙ୍କୁ 'ଅଗ୍ନିବୀର' ଆଖ୍ୟା ଦିଆଗଲା। ଏଥିଲାଗି ଭାରତୀୟ ସେନାରେ ୪ ବର୍ଷ ପାଇଁ ଚୁକ୍ତିଭିତ୍ତିକ ନିଯୁକ୍ତି ସକାଶେ ବ୍ୟବସ୍ଥା ମଧ୍ୟ ରହିଲା। କିନ୍ତୁ ସେମାନେ ବିଧିବଦ୍ଧ ସୈନିକଙ୍କ ଭଳି ପେନ୍‌ସନ୍ କିମ୍ବା ଅନ୍ୟାନ୍ୟ ସୁବିଧା ପାଇବେ ନାହିଁ ବୋଲି ସ୍କିମ୍‌ରେ ଉଲ୍ଲେଖ ରହିଲା। ସେତେବେଳେ ସରକାରଙ୍କ ଏଭଳି ପଦକ୍ଷେପକୁ ଦେଶବ୍ୟାପୀ ବିରୋଧ କରାଯାଇଥିଲା ଓ ବିଭିନ୍ନ ସ୍ଥାନରେ ପୋଡ଼ାଜଳା ହୋଇଥିଲା। ଏତେ ସତ୍ତ୍ୱେ କିଛି ବର୍ଷ ପାଇଁ ହେଉ ପଛେ ଖଣ୍ଡେ ଚାକିରି କରିବା ଲାଗି ଯୁବବର୍ଗଙ୍କ ମଧ୍ୟରୁ କିଛି ଅଗ୍ନିବୀର ଭାବେ ସେନାରେ ଯୋଗ ଦେଇଥିଲେ। ଏହାକୁ ଦେଖିଲେ ଅଗ୍ନିବୀର ଭାବେ ଯୋଗ ଦେଇଥିବା ଯୁବକମାନଙ୍କର ବ୍ୟାକୁଳତାରୁ ସେମାନଙ୍କ ଆର୍ଥିକ ସ୍ଥିତି ସମ୍ପର୍କରେ ବୁଝିହେଉଛି।

ଏବେ ଖବର ମିଳିଛି ଅଗ୍ନିବୀର ଭାବେ ପଞ୍ଜାବର ମନ୍‌ସା ଅଞ୍ଚଳର ୧୯ ବର୍ଷୀୟ ଅମ୍ରିତ୍‌ପାଲ୍ ସିଂଙ୍କର ୧୧ ଅକ୍ଟୋବରରେ ମୃତ୍ୟୁ ଘଟିଛି, ଯାହା ଅଗ୍ନିବୀରଙ୍କ ମଧ୍ୟରେ ପ୍ରଥମ ଘଟଣା। ହ୍ୱାଇଟ୍ ନାଇଟ୍ କର୍, ଯେଉଁଥିରେ ଅମ୍ରିତ୍‌ପାଲ୍ ସିଂ କଶ୍ମୀରର ଅଶାନ୍ତ ଅଞ୍ଚଳ ରଜୌରୀରେ ସନ୍ତ୍ରୀ ଡ୍ୟୁଟି କରୁଥିଲେ, ତାଙ୍କ ନିଜ ବନ୍ଧୁକରୁ ଗୁଳି ଫୁଟି ମୃତ୍ୟୁ ଘଟିଛି। ଯଦି ତାହା ହୋଇଥାଏ, ପ୍ରଥମ ପ୍ରଶ୍ନ ହୋଇପାରେ ଯେ ଅମ୍ରିତ୍‌ପାଲ୍‌ଙ୍କ ଭଳି ଅନ୍ୟ ସବୁ ଅଗ୍ନିବୀରଙ୍କୁ ଉଚିତ୍ ମାନର ପ୍ରଶିକ୍ଷଣ ଦିଆଯାଉଛି କି ? ତାଙ୍କ ନିଜ ବନ୍ଧୁକରୁ ଗୁଳି ଫୁଟି ଯଦି ତାଙ୍କର ମୃତ୍ୟୁ ଘଟିଛି ବୋଲି ହ୍ୱାଇଟ୍ ନାଇଟ୍ କର୍ ତରଫରୁ ଘୋଷଣା କରିଦିଆଗଲାଣି, ତେବେ ଏହି ଅମ୍ରିତ୍‌ପାଲଙ୍କ ଭଳି ଅନ୍ୟ ସବୁ ଅଗ୍ନିବୀରଙ୍କ କୌଣସି ମାନସିକ ସ୍ଥିତି ସମ୍ପର୍କରେ ଡାକ୍ତରୀ ସହାୟତା ମିଳୁଛି କି ନାହିଁ। ଏହି ଘୋଷଣା ପରେ ହ୍ୱାଇଟ୍ ନାଇଟ୍ କର୍ ପୁଣି କହୁଛି ଯେ, ଘଟଣାର ତଦନ୍ତ କରାଯାଉଛି। ଯଦି ବିଧିବଦ୍ଧ ଭାବେ ପୂର୍ବରୁ କୁହାଯାଉଥିଲା ଅମ୍ରିତ୍‌ପାଲଙ୍କ ମୃତ୍ୟୁ ତାଙ୍କ ନିଜ ବନ୍ଧୁକ ଫୁଟିଥିବାରୁ ହୋଇଛି ତେବେ ଏହା ପରେ ତଦନ୍ତ କରାଯିବାର ଅର୍ଥ କ'ଣ ରହିଲା। ଅନ୍ୟପଟେ ଏହା ସ୍ପଷ୍ଟ କରାଯାଇ ନାହିଁ ଯେ, ଯାନ୍ତ୍ରିକ ତ୍ରୁଟି ଯୋଗୁ ବନ୍ଧୁକରୁ ଗୁଳି ଫୁଟିବା କିମ୍ବା ନିଜେ ଆତ୍ମହତ୍ୟା କରିବାକୁ ଯାଇ ନିଜ ଉପରେ ସେ ଗୁଳି ଚଳାଇଥିଲେ। ଏଠାରେ ଏହା ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ, ଅଗ୍ନିବୀରଙ୍କ ପାଇଁ କୌଣସି ବୀମା ବା ପେନ୍‌ସନ୍‌ର ବ୍ୟବସ୍ଥା ନାହିଁ। ଅନ୍ୟପଟେ ଯଦି ତାଙ୍କର ବ୍ୟକ୍ତିଗତ ବୀମା ଥିବ ତେବେ ଏଭଳି ଘୋଷଣା ଯେଉଁଥିରେ ତାହା ଦ୍ୱାରା ଆତ୍ମହତ୍ୟା ବୋଲି କୁହାଯାଉଛି, ତେବେ ବ୍ୟକ୍ତିଗତ ଇନ୍‌ସ୍ୟୁରାନ୍ସର ସୁବିଧା ତାଙ୍କ ପରିବାରକୁ ମିଳିବା ଏକପ୍ରକାର ଅସମ୍ଭବ ହୋଇପଡ଼ିବ।

**ସେନାରେ କୌଣସି ସୈନିକଙ୍କର ଯଦି ସିଧାସଳଖ ଡ୍ୟୁଟିରେ ଥିବାବେଳେ ରାସ୍ତା ଦୁର୍ଘଟଣାଭଳି କାରଣ ଯୋଗୁ ମୃତ୍ୟୁ ଘଟୁଛି, ତେବେ ତାଙ୍କୁ 'ଶହୀଦ'ର ଆଖ୍ୟା ଦିଆଯାଇ 'ଗାର୍ଡ ଅଫ୍ ଅନର' ପ୍ରଦର୍ଶନ କରାଯାଉଛି। କିନ୍ତୁ ଏହି ସର୍ବନିମ୍ନ ସମ୍ମାନ ଅଗ୍ନିବୀରଙ୍କୁ ଦିଆ ନ ଯିବା ଅତ୍ୟନ୍ତ ଦୁଃଖଦାୟକ।**

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗତ ମାସରେ ଚାକିରିରେ ଯୋଗଦେଇଥିବା ଅମ୍ରିତପାଲଙ୍କ ମୃତ୍ୟୁ ପରେ ତାଙ୍କ ମରଶରୀରକୁ ମଧ୍ୟ ସେନା ଗାଡ଼ିରେ ଅଣାଗଲା ନାହିଁ। ଏକ ଘରୋଇ ଆମ୍ବୁଲାନ୍ସ ଭଡ଼ାକରି ପରିବାର ଲୋକ ମୃତଦେହକୁ ତାଙ୍କ ଗାଁକୁ ଆଣିଲେ। ଜଣେ ଜୁନିୟର କମିସନ୍‌ଡ ଅଫିସର (ଜେସିଓ) ଓ ଅନ୍ୟ ର୍ୟାଙ୍କର ୩ ଜଣ ଯବାନଙ୍କୁ ସାଦା ପୋଷାକରେ ଅମ୍ରିତପାଲଙ୍କ ଗାଁକୁ ପଠାଯାଇଥିଲା ବୋଲି କୁହାଯାଉଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଏହି ଅଗ୍ନିବୀରଙ୍କ ପାଇଁ ସେନାରେ କୌଣସି ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ନାହିଁ।

ଏଠାରେ ଏହା ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ, ସେନାରେ କୌଣସି ସୈନିକଙ୍କର ଯଦି ସିଧାସଳଖ ଡ୍ୟୁଟିରେ ଥିବାବେଳେ ରାସ୍ତା ଦୁର୍ଘଟଣାଭଳି କାରଣ ଯୋଗୁ ମୃତ୍ୟୁ ଘଟୁଛି, ତେବେ ତାଙ୍କୁ 'ଶହୀଦ'ର ଆଖ୍ୟା ଦିଆଯାଇ 'ଗାର୍ଡ ଅଫ୍ ଅନର' ପ୍ରଦର୍ଶନ କରାଯାଉଛି। କିନ୍ତୁ ଏହି ସର୍ବନିମ୍ନ ସମ୍ମାନ ଅଗ୍ନିବୀରଙ୍କୁ ଦିଆ ନ ଯିବା ଅତ୍ୟନ୍ତ ଦୁଃଖଦାୟକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | 9 | | | 8 | | |
| | 1 | | | 2 | | 3 | | |
| | | 4 | | | | | 1 | |
| | | | | 3 | | | | |
| 5 | | 6 | | 7 | | 4 | | |
| | | | | 6 | | | 8 | |
| 3 | | | | | 6 | | | 7 |
| 9 | | | | 8 | 7 | | | 1 |
| | | | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 2 | 3 | 6 | 7 | 5 | 9 | 4 |
| 6 | 3 | 7 | 4 | 9 | 5 | 8 | 1 | 2 |
| 4 | 5 | 9 | 2 | 8 | 1 | 3 | 7 | 6 |
| 5 | 9 | 4 | 1 | 2 | 6 | 7 | 8 | 3 |
| 2 | 6 | 8 | 5 | 7 | 3 | 9 | 4 | 1 |
| 1 | 7 | 3 | 9 | 4 | 8 | 2 | 6 | 5 |
| 3 | 4 | 1 | 8 | 5 | 9 | 6 | 2 | 7 |
| 9 | 2 | 6 | 7 | 3 | 4 | 1 | 5 | 8 |
| 7 | 8 | 5 | 6 | 1 | 2 | 4 | 3 | 9 |

ଗତକାଲିର ଉତ୍ତର

# ଭାରତରେ କ୍ଷୁଧାର ସ୍ଥିତି



ଭାଳଚନ୍ଦ୍ର ଷଡ଼ଙ୍ଗୀ

ସଦ୍ୟ ପ୍ରକାଶିତ ଚଳିତବର୍ଷର 'ବିଶ୍ୱ କ୍ଷୁଧା ସୂଚକାଙ୍କ'ରେ ଭାରତ ପୁଣିଥରେ ନୈରାଶ୍ୟଜନକ ସ୍ଥିତିରେ ରହିଥିବା ଜଣାପଡ଼ିଛି। କ୍ଷୁଧା ଓ ଅନାହାର ପରିସ୍ଥିତି ଥିବା ବିଶ୍ୱର ୧୨୫ଟି ଦେଶକୁ ନେଇ ଆୟର୍ଲାଣ୍ଡର ସଂସ୍ଥା କନ୍‌ସର୍ଣ୍ଣ ୱାର୍ଲ୍ଡ ୱାଇଡ୍ ଓ ଜର୍ମାନ ସଂସ୍ଥା ୱେଲ୍ଟ ହଙ୍ଗର୍ ହିଲାଇଫ୍ ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତ ହୋଇଥିବା 'ବିଶ୍ୱ କ୍ଷୁଧା ସୂଚକାଙ୍କ'ରେ ଚଳିତବର୍ଷ ଭାରତ ୧୧୧ତମ ସ୍ଥାନରେ ରହିଛି। ଗତବର୍ଷ ୧୨୧ଟି ଦେଶକୁ ନେଇ ହୋଇଥିବା ଏହି ସୂଚକାଙ୍କରେ ଭାରତ ୧୦୭ତମ ସ୍ଥାନରେ ଥିବା ବେଳେ ଚଳିତବର୍ଷ ତାହା ୪ଟି ସ୍ଥାନ ତଳକୁ ଖସିଛି। କ୍ଷୁଧା ସୂଚକାଙ୍କରେ ମୋଟ ୧୦୦ରୁ ୨୮.୭ ସ୍କୋର ରଖିଥିବା ଭାରତରେ କ୍ଷୁଧାର ସ୍ଥିତିକୁ ଏହି ରିପୋର୍ଟରେ ଗୁରୁତର ବୋଲି ଉଲ୍ଲେଖ କରାଯାଇଛି। ଏଥିରେ '୦' ସ୍କୋରର ଅର୍ଥ ହେଲା କ୍ଷୁଧାର ପରିସ୍ଥିତି ନଥିବା। ତେବେ କ୍ଷୁଧା ଓ ପୁଷ୍ଟିହୀନତାକୁ ନିରାକରଣ କରିବାରେ ଆମେ ବିଶ୍ୱର ଅନ୍ୟ ଦେଶଙ୍କଠାରୁ ଅନେକ ପଛରେ ରହିଛେ- ଏହା ରିପୋର୍ଟରୁ ସ୍ପଷ୍ଟ ହେଉଛି। ଏ କ୍ଷେତ୍ରରେ ଆମେ ଆମର ପଡ଼ୋଶୀ ଦେଶଗୁଡ଼ିକଠାରୁ ବି ଖରାପ ସ୍ଥିତିରେ ରହିଥିବା ରିପୋର୍ଟ କହୁଛି। ପଡ଼ୋଶୀ ଦେଶ ନେପାଳ (୬୯), ପାକିସ୍ତାନ (୧୦୨), ବାଂଲାଦେଶ (୮୧) ଓ ଶ୍ରୀଲଙ୍କା (୬୦) ଆଦି ଆମଠାରୁ ଆଗରେ ରହିଛନ୍ତି। କେବଳ ଆଫଗାନିସ୍ତାନ ଓ ହାଇତି ସମେତ ୧୨ଟି ଉପ ସାହାରା ଦେଶ ହିଁ ଆମଠାରୁ ଏ କ୍ଷେତ୍ରରେ ତଳେ ରହିଛନ୍ତି। ଦେଶକୁ ବିଶ୍ୱଗୁରୁ ଓ ମହାଶକ୍ତିରେ ପରିଣତ କରିବାର ଆସ୍ଫାଳନ କରୁଥିବା ଶାସକମାନଙ୍କ ଶାସନରେ କ୍ଷୁଧା ଓ ଅନାହାରର ମୁକାବିଲାରେ ବିଶ୍ୱର ଅଧିକାଂଶ ଦେଶଠାରୁ ଆମ ଦେଶ ଲଗାତାର ଭାବେ ଖରାପ ସ୍ଥିତିରେ ରହିବା ଲଜ୍ଜାଜନକ ମନେହୁଏ।

ଆନ୍ତର୍ଜାତିକ ସ୍ତରରେ ବିଭିନ୍ନ ଦେଶରେ ରହିଥିବା କ୍ଷୁଧାର ପରିସ୍ଥିତିକୁ ମାପିବାର ନିର୍ଭରଯୋଗ୍ୟ ମାଧ୍ୟମ ହେଉଛି ବିଶ୍ୱ କ୍ଷୁଧା ସୂଚକାଙ୍କ। ତେବେ କ୍ଷୁଧା ସୂଚକାଙ୍କ ଯେଉଁସବୁ ମାପକାଠିର ଆଧାରରେ ପ୍ରସ୍ତୁତ ହେଉଛି ତା'ମଧ୍ୟରେ ରହିଛି ୧) ପୁଷ୍ଟିହୀନତା, ୨) ଚାଇଲ୍ଡ ୱେଷ୍ଟିଂ (ଶିଶୁର ଉଚ୍ଚତା ତୁଳନାରେ ଓଜନ ନ ବଢ଼ିବା), ୩) ଚାଇଲ୍ଡ ଷ୍ଟଂଟିଙ୍ଗ୍ (ଶିଶୁର ବୟସ ତୁଳନାରେ ଉଚ୍ଚତା ଅତ୍ୟଧିକ କମ୍ ହେବା) ଏବଂ ୪) ଶିଶୁ ମୃତ୍ୟୁହାର। ଉପରୋକ୍ତ ଚାରୋଟିଯାକ ପରିମାପକରେ ନୈରାଶ୍ୟଜନକ ସ୍ଥିତିଟି ବ୍ୟକ୍ତିଟିର ଶରୀର ପାଇଁ ଆବଶ୍ୟକୀୟ ଖାଦ୍ୟର ପରିମାଣ (କ୍ୟାଲୋରୀ) ଏବଂ ଖାଦ୍ୟର ବିଭିନ୍ନ ଉପାଦାନ ବା ସୂକ୍ଷ୍ମ ପୋଷକ (ମାଇକ୍ରୋନ୍ୟୁଟ୍ରିଏଣ୍ଟସ୍)ର ଅଭାବକୁ ସ୍ପଷ୍ଟ ଭାବେ ଦର୍ଶାଉଛି। ଚଳିତବର୍ଷର ରିପୋର୍ଟରେ ସବୁଠାରୁ ଲଜ୍ଜାଜନକ ବିଷୟଟି ହେଲା, ଉପରୋକ୍ତ ସମସ୍ତ ମାପକାଠିରେ ଆମେ ବହୁତ ପଛରେ ରହିଛୁ।

ବିଶ୍ୱରେ ପୁଷ୍ଟିହୀନତା, ଶିଶୁଙ୍କ ଅନଗ୍ରସରତା ଏବଂ ମୃତ୍ୟୁହାରରେ ଭାରତର ସ୍ଥିତି ବହୁ ତଳେ ଅଛି। ଶରୀରରେ ପୁଷ୍ଟିହୀନତାର ଅର୍ଥ ହେଉଛି ଅର୍ଥାତ୍ ବଂଚିବା ପାଇଁ ଶରୀରରେ ଆବଶ୍ୟକୀୟ କ୍ୟାଲୋରୀର ଅଭାବ। ସେହି ଦୃଷ୍ଟିରୁ ଦେଖିଲେ ଆମ ଦେଶର ୧୬.୬% ଲୋକ ପୁଷ୍ଟିହୀନତାର ଶିକାର ହୋଇଥିବା ରିପୋର୍ଟରେ କୁହାଯାଇଛି। ସେହିଭଳି ଚାଇଲ୍ଡ ୱେଷ୍ଟିଂର ଅର୍ଥ ହେଲା ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁଙ୍କ ଉଚ୍ଚତା ତୁଳନାରେ ଓଜନରେ ବୃଦ୍ଧି ନ ଘଟିବା। ଏହା ଏକ ଭୟଙ୍କର ପୁଷ୍ଟିହୀନତାକୁ ସୂଚାଉଛି ଏବଂ ଏ କ୍ଷେତ୍ରରେ ଭାରତର ହାର ଚଳିତବର୍ଷ ୧୮.୭%ରେ ପହଞ୍ଚି ଉଦ୍‌ବେଗଜନକ ସ୍ଥିତିରେ ରହିଛି, ଯାହାକି ଯୁଦ୍ଧଗ୍ରସ୍ତ ୟେମେନ୍ (୧୪.୪%) ଓ ସୁଦାନ (୧୩.୭%) ଠାରୁ ଅଧିକ। ଏହା ଶିଶୁଙ୍କ ମଧ୍ୟରେ ଅତିଶୟ ପୁଷ୍ଟିହୀନତାକୁ ଦର୍ଶାଉଛି। ଅନ୍ୟତମ ମାପକାଠି ରୂପେ ପରିଚିତ ଚାଇଲ୍ଡ ଷ୍ଟଂଟିଙ୍ଗ୍‌ର ଅର୍ଥ ହେଲା ପୁଷ୍ଟିହୀନତା କାରଣରୁ ବୟସ ତୁଳନାରେ ଶିଶୁର ଉଚ୍ଚତାରେ ଆବଶ୍ୟକୀୟ ବୃଦ୍ଧି ନ ହେବା। ଏ କ୍ଷେତ୍ରରେ ବି ଭାରତର ସ୍ଥିତି ଖରାପ ରହିଛି। କ୍ଷୁଧା ସୂଚକାଙ୍କର ସର୍ବଶେଷ ମାପକାଠି ହେଉଛି ଦେଶରେ ଶିଶୁ ମୃତ୍ୟୁହାର। ଯଦିଓ ଆମ ଦେଶରେ ପାଞ୍ଚବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁହାର ୩.୪% ରହିଛି, କିନ୍ତୁ ତାହା ବିଶ୍ୱର ଅନ୍ୟ ଦେଶଗୁଡ଼ିକ ସହ ତୁଳନାରେ ବହୁତ ଅଧିକ। ସମୟ ପୂର୍ବରୁ ଜନ୍ମ ଏବଂ କମ୍ ଓଜନର ଶିଶୁ ଜନ୍ମ ହେବା ଶିଶୁ ମୃତ୍ୟୁର ସବୁଠାରୁ ବଡ଼ କାରଣ ହୋଇଛି, ଯାହାକି ଦେଶରେ ଗୁରୁତର ପୁଷ୍ଟିହୀନତା ସ୍ଥିତିକୁ ପ୍ରମାଣିତ କରୁଛି।



ରିପୋର୍ଟରୁ ଜଣାପଡ଼ିଛି , ଭାରତରେ ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁହାର ଏବେ ୩.୧% ରହିଛି। ପୁନଶ୍ଚ ଉଚ୍ଚତା ତୁଳନାରେ ଓଜନରେ କମ୍ ଥିବା ଶିଶୁଙ୍କ ହାର ବିଶ୍ୱରେ ସର୍ବାଧିକ ଅର୍ଥାତ୍ ୧୮.୭%। ଏହାବାଦ୍ ୧୫ରୁ ୨୪ ବର୍ଷ ମଧ୍ୟରେ ମହିଳାଙ୍କ ରକ୍ତହୀନତା ହାର ୫୮.୧% ରହିଛି। ୨୦୦୦ରେ କ୍ଷୁଧାର ଏହି ସ୍କୋର ବା ତୀବ୍ରତା ୩୮.୮% ଥିବା ବେଳେ ୨୦୧୨ ବେଳକୁ ସେଥିରେ ଯଥେଷ୍ଟ ଉନ୍ନତି ହୋଇ ୨୮.୮%କୁ ହ୍ରାସ ପାଇଥିଲା। ଚଳିତବର୍ଷ ତାହା ୨୮.୭% ରହିଛି। ଏହାର ଅର୍ଥ ହେଲା ଗତ ଏକ ଦଶନ୍ଧି ମଧ୍ୟରେ ଏଥିରେ କୌଣସି ଉନ୍ନତି ପରିଲକ୍ଷିତ ନ ହୋଇ ସ୍ଥିର ରହିଛି।

ଏଠାରେ ପ୍ରଶ୍ନ ଉଠେ, ବାର୍ଷିକ ପାଞ୍ଚ ଟ୍ରିଲିଅନ୍ ଅର୍ଥନୀତି ହେବାର ସ୍ୱପ୍ନ ଦେଖୁଥିବା ଭାରତର ଶାସକମାନେ, ଦେଶରେ ଏତେ ସଂଖ୍ୟାରେ ଲୋକ ଭୋକିଲା ଓ ପୁଷ୍ଟିହୀନତାର ଶିକାର କାହିଁକି, ତା'ର ଉତ୍ତର ଦେବାକୁ ନାରାଜ। ତେବେ ବିଶ୍ୱରେ ଅନାହାରର କାରଣ ଯେ ଖାଦ୍ୟର ଅଭାବ ବା ଅନୁପଲବ୍ଧତା ନୁହେଁ, ଏକଥା କେହି ନହେଲେ ବି କମ୍‌ସେ କମ୍ ସରକାର ଭଲରୂପେ ଜାଣନ୍ତି। ବରଂ ସମାଜରେ ଶ୍ରେଣୀ ବିଭାଜନ ଜନିତ ଆର୍ଥିକ ଅସମାନତା ଏବଂ ତାକୁ ଦୂର କରିବାରେ ସରକାରୀ ନୀତି ଅଭାବ କାରଣରୁ ସମାଜର ଏକ ବଡ଼ଭାଗ ଜନତା ଅନାହାର ଏବଂ ପୁଷ୍ଟିହୀନତା ମଧ୍ୟରେ ବଞ୍ଚିବାକୁ ବାଧ୍ୟ ହେଉଛନ୍ତି। ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ଲଗାତର ବଢ଼ୁଥିଲେ ବି ସମୁଚିତ ବଣ୍ଟନ ଅଭାବରୁ ଖାଦ୍ୟାଭାବ ଲାଗି ରହି ମୁଣ୍ଡପିଛା ତା'ର ଉପଲବ୍ଧତା କମିବାରେ ଲାଗିଛି।

ବଜାରରେ ଖାଦ୍ୟ ପଦାର୍ଥର ଦରଦାମ୍‌କୁ ନିୟନ୍ତ୍ରଣ କରିବାରେ ସରକାରଙ୍କ ବିଫଳତା ତଥା ଖାଦ୍ୟ ସୁରକ୍ଷା ଓ ପୁଷ୍ଟିଜନିତ କାର୍ଯ୍ୟକ୍ରମ ବାବଦରେ ବଜେଟରେ ଲଗାତର ଅନୁଦାନ ହ୍ରାସ ଯୋଗୁଁ ଦେଶରେ କ୍ଷୁଧା ଓ ପୁଷ୍ଟିହୀନତା ବୃଦ୍ଧି ପାଉଛି। ବିଶ୍ୱର ଖାଦ୍ୟ ବଜାରରେ ଖାଦ୍ୟଶସ୍ୟ କାରବାର କରୁଥିବା ବଡ଼ ବଡ଼ କମ୍ପାନୀଙ୍କ ଏକଚାଟିଆ କାରବାର ବଢ଼ିଚାଲିଥିବା ବେଳେ ଆମ ଦେଶରେ ତାହା ଦେଖିବାକୁ ମିଳିଛି। ଆଦାନୀର ଉଇଲମାର କମ୍ପାନୀ ସମ୍ପ୍ରତି ଭାରତର ଖାଇବା ତେଲର ବଜାରର ସିଂହଭାଗକୁ ଅକ୍ତିଆର କରିଛି। ଖାଇବା ତେଲର ଦାମ୍ ଆଜି ଶହେରୁ କମ୍ ହେଉନଥିବା ବେଳେ ଡାଲି ଦର ଲୋକଙ୍କ ପହଞ୍ଚରୁ ବାହାରେ ରହିଛି। ତେବେ କେବଳ ତେଲ କି ଡାଲି ନୁହେଁ ଦେଶର ଖାଦ୍ୟଶସ୍ୟର ବଜାରରେ ବଡ଼ ବଡ଼ ଦେଶୀ ବିଦେଶୀ କମ୍ପାନୀ ନିଜର ଏକାଧିକାର ପ୍ରତିଷ୍ଠା କରି ମୁନାଫାକୁ ଲୁଟିବାକୁ ଚାହୁଁଛନ୍ତି।

ତେବେ କେନ୍ଦ୍ର ସରକାର ବର୍ତ୍ତମାନ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ଦେଶରେ ଭୋକିଲାଙ୍କୁ ଯେଉଁ ଖାଦ୍ୟଶସ୍ୟ ବଣ୍ଟନ କରୁଛନ୍ତି ତାହା ଉଭୟ ମାନ ଓ ପରିମାଣ ଦୃଷ୍ଟିରୁ ପର୍ଯ୍ୟାପ୍ତ ନୁହେଁ। ଖୋଦ୍ କେନ୍ଦ୍ର ସରକାରଙ୍କ 'ଇଣ୍ଡିଆନ୍ କାଉନ୍‌ସିଲ ଫର୍ ମେଡିକାଲ୍ ରିସର୍ଚ୍ଚ' (ଆଇସିଏମ୍‌ଆର୍) ସଂସ୍ଥା, ଜଣେ ବୟସ୍କ ବ୍ୟକ୍ତି ପାଇଁ ମାସିକ ସର୍ବନିମ୍ନ ୧୫ କିଲୋ ଖାଦ୍ୟଶସ୍ୟ ଜରୁରୀ ବୋଲି କହୁଥିବା ବେଳେ ସରକାର ନିଜର ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମରେ ପ୍ରତି ବ୍ୟକ୍ତି ମାସିକ ମାତ୍ର ପାଞ୍ଚ କିଲୋ ଖାଦ୍ୟଶସ୍ୟ ହିଁ ଦେଉଛନ୍ତି। ଏପରିକି କୋଭିଡ୍ ସମୟରେ ଦେଶର ଗରିବ ଲୋକଙ୍କୁ ଏହି ପାଞ୍ଚ କିଲୋ ବ୍ୟତୀତ ମାସିକ ଯେଉଁ ଅତିରିକ୍ତ ୫ କିଲୋ ଖାଦ୍ୟଶସ୍ୟ ଦେଉଥିଲେ ତାକୁ ଇତିମଧ୍ୟରେ ବନ୍ଦ କରିଦେବା ଫଳରେ କେବଳ ୫ କିଲୋ ହିଁ ମିଳୁଛି। ଶରୀରର ପୁଷ୍ଟିହୀନତା ଦୂର ପାଇଁ ଡାଲି, ଖାଇବା ତେଲ ଓ ସବୁଜ ପନିପରିବାର ଆବଶ୍ୟକତା ରହିଥିବା ବେଳେ ସରକାରଙ୍କ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ କେବଳ ଚାଉଳ ବା ଗହମରେ ସୀମିତ ରହିଛି।

ଦେଶରେ ଅନାହାର ଓ ପୁଷ୍ଟିହୀନତାର ଅନ୍ୟତମ ବଡ଼ କାରଣ ହେଲା, ଲୋକଙ୍କ କ୍ରୟଶକ୍ତିରେ କ୍ରମାଗତ ହ୍ରାସ। କ୍ରମବର୍ଦ୍ଧମାନ ଦାରିଦ୍ର୍ୟ ଓ ବେକାରି ଯୋଗୁ ବଜାରରୁ ଖାଦ୍ୟ କିଣିବାକୁ ଅଧିକରୁ ଅଧିକ ଲୋକ ଅସମର୍ଥ ହେଉଛନ୍ତି। ଏଭଳି ପରିସ୍ଥିତିରେ 'ବିଶ୍ୱ କ୍ଷୁଧା ସୂଚକାଙ୍କ'ର ସଦ୍ୟତମ ରିପୋର୍ଟ ଦେଶର ସଂଖ୍ୟାଗରିଷ୍ଠ ଲୋକଙ୍କ ଖାଦ୍ୟ ଅସୁରକ୍ଷାର ଭୟଙ୍କର ସ୍ଥିତିକୁ ପୁଣିଥରେ ଆମ ସାମ୍ନାକୁ ଆଣିଛି। କିନ୍ତୁ ପରିତାପର ବିଷୟ, କେନ୍ଦ୍ର ସରକାର ଏହି ରିପୋର୍ଟକୁ ଗମ୍ଭୀରତାର ସହିତ ନେଇ ନିଜର ଖାଦ୍ୟ ସୁରକ୍ଷା ନୀତି ଓ କାର୍ଯ୍ୟକ୍ରମକୁ ପୁନଃ ନିର୍ଦ୍ଧାରିତ କରିବାକୁ ଚେଷ୍ଟା କରିବା ବଦଳରେ ନିଜର ଦୋଷକୁ ଲୁଚାଇବାକୁ ତାକୁ ଅସ୍ୱୀକାର କରିଛନ୍ତି। ରିପୋର୍ଟକୁ ତ୍ରୁଟିପୂର୍ଣ୍ଣ ଏବଂ ଭାରତର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବାକୁ ଉଦ୍ଦିଷ୍ଟ ବୋଲି କହିଛନ୍ତି। ତେବେ ଯେଉଁ ଦେଶର ୮୦ କୋଟି ଲୋକ ମାସିକ ପାଞ୍ଚ କିଲୋ ସରକାରୀ ରାଶନ ଉପରେ ନିର୍ଭରଶୀଳ, ସେଠାରେ କ୍ଷୁଧାର ସ୍ଥିତିକୁ ପ୍ରମାଣିତ କରିବାକୁ କୌଣସି ଗବେଷଣାର ଆବଶ୍ୟକତା ନାହିଁ।

ମୋ:୯୪୩୭୧୬୬୩୯୧

# ପ୍ରଳୟ କାଳର ନାଉରିଆ



ସତ୍ୟବ୍ରତ ପାଣିଗ୍ରାହୀ

କୈବର୍ତ୍ତ ବା କେଉଟଙ୍କ ମୁଖ୍ୟ କାମ ମାଛ ଧରିବା ଏବଂ ନାଉରିଆ ସାଜି ନୌକାରେ ଲୋକଙ୍କୁ ନଦୀ ସାଗର ପାର କରାଇବା। କୈବର୍ତ୍ତ ଜାତିର କିମ୍ବଦନ୍ତୀକୁ ନେଇ ପଞ୍ଚସଖା ଯୁଗର କବି ଅଚ୍ୟୁତାନନ୍ଦ ଦାସ ରଚନା କରିଥିବା କୈବର୍ତ୍ତ ଗୀତା ଅନୁସାରେ ପ୍ରଳୟ କାଳରେ ଶୟନରତ ବିଷ୍ଣୁଙ୍କ କର୍ଣ୍ଣମଳିରୁ ଏକ ପୁରୁଷ ଜନ୍ମ ହେଲା, ଯାହାର ନାମ ଦାସରାଜ କୈବର୍ତ୍ତ। ନାଉରିଆ ଜାତିର ଏଭଳି ଅନେକ କିମ୍ବଦନ୍ତୀ ସହ ଯୋଡ଼ି ହୋଇରହିଛି ଦର୍ଶନ ଓ ବିଜ୍ଞାନ। କେଉଟ ଜାଲରେ ମାଛ ଫସିଲା ଭଳି ମଣିଷ ମଧ୍ୟ ଅତ୍ୟଧିକ ଲୋଭର ବଶବର୍ତ୍ତୀ ହୋଇ ପ୍ରକୃତିକୁ ଶୋଷଣ କରିବାର କୁପରିଣାମ ଏବେ ଭୋଗୁଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ତାପମାତ୍ରା ବୃଦ୍ଧି ଘଟି ବନ୍ୟା,ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ଆଶଙ୍କା ବଢୁଛି ଏବଂ ସମୁଦ୍ର ଜଳପତ୍ତନ ବୃଦ୍ଧିପାଉଛି। ତେବେ ଏହି ସମସ୍ୟା ନୂଆ ନୁହେଁ, ବରଂ ପ୍ରାଚୀନ ସାହିତ୍ୟରେ ମଧ୍ୟ ଏଭଳି ଜଳ ବିପର୍ଯ୍ୟୟ ବର୍ଣ୍ଣନା ରହିଛି। ଆଉ ସେହି ବନ୍ୟା ବିପର୍ଯ୍ୟୟ ସମୟରେ ନାଉରିଆର ନୌକା ହିଁ ଜୀବଜଗତର ରକ୍ଷା କରିବାରେ ସହାୟକ ହୋଇଛି। ଏଭଳି ଅନେକ କିମ୍ବଦନ୍ତୀ ରହିଛି, ଯେଉଁଥିରେ ପ୍ରଳୟ କାଳରେ ପୃଥିବୀରେ ସ୍ଥଳଭାଗକୁ ସମୁଦ୍ର ମାଡିଆସି ବିନାଶ ତାଣ୍ଡବ ରଚିଛି। ଏହି ସମୟରେ ନାଉରିଆ ଓ ନୌକା ହିଁ ଜୀବଜଗତ ଉଦ୍ଧାର କରିବାରେ ସାହାରା ହୋଇଛନ୍ତି। ହିନ୍ଦୁ, ଗ୍ରୀକ୍, ମେସୋପଟାମିଆ, ସୁମେରିଆନ, ବାଇବେଲ ଆଦିର ଜଳପ୍ଲାବନ କିମ୍ବଦନ୍ତୀ ବା ଫ୍ଲଡ୍ ମିଥ୍‌ରେ କେହି ଜଣେ ମହାନ୍ ନାୟକ ଈଶ୍ୱରଙ୍କ ଆଦେଶରେ ନାଉରିଆ ସାଜି ଜୀବଜଗତର ରକ୍ଷା କରିଛନ୍ତି ଏବଂ ନୂତନ ସୃଷ୍ଟିର ଆରମ୍ଭ କରିଛନ୍ତି।

ଭାରତରେ ଷଷ୍ଠ ଶତାବ୍ଦୀର ଶତପଥ ବ୍ରାହ୍ମଣ ଏବଂ ପୁରାଣ ସାହିତ୍ୟରେ ବିନାଶକାରୀ ବନ୍ୟାପ୍ଲାବନର କାହାଣୀ ଉଲ୍ଲେଖ ଅଛି। ପ୍ରଳୟ ପୂର୍ବରୁ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଧାରଣ କରି ବୈବସ୍ୱତ ମନୁଙ୍କୁ ବନ୍ୟାପ୍ଲାବନ ସମ୍ପର୍କରେ ଚେତାବନୀ ଦେଇଥିଲେ। ବିଷ୍ଣୁଙ୍କ ପରାମର୍ଶ ଅନୁଯାୟୀ ମନୁ ଏକ ନୌକା ନିର୍ମାଣ କଲେ। ସେହି ନୌକାରେ ତାଙ୍କ ପରିବାର ସହ ସପ୍ତଋଷି, କିଛି ପଶୁପକ୍ଷୀ ଏବଂ ନଅ ପ୍ରକାରର ଶସ୍ୟ ବୀଜ ସାଙ୍ଗରେ ଧରି ହିମାବତ ପର୍ବତ ଉପରେ ଆଶ୍ରୟ ନେଇଥିଲେ। ବନ୍ୟା ପ୍ଲାବନ ଶେଷ ହେବା ପରେ ବଳକା ରହିଯାଇଥିବା ଭୂଭାଗରେ ପୁନଃ ଜୀବଜଗତ ବିସ୍ତାର କରିବାର ଉଦ୍ଦେଶ୍ୟ ନେଇ ମନୁ ସ୍ୱୟଂ ନାଉରିଆ ସାଜିଥିଲେ ବୋଲି କିମ୍ବଦନ୍ତୀ ଅଛି। ଠିକ୍ ସମାନ କାହାଣୀ ବିଭିନ୍ନ ସଭ୍ୟତା ଓ ସାହିତ୍ୟରେ ଶୁଣିବାକୁ ମିଳେ। ଖ୍ରୀଷ୍ଟପୂର୍ବ ୨୦୦୦ ମସିହାର ସୁମେରିଆନ ଗ୍ରନ୍ଥ ଗିଲଗାମେସ କିମ୍ବଦନ୍ତୀରେ ବନ୍ୟାପ୍ଲାବନ କାହାଣୀ ଉଲ୍ଲେଖ ଅଛି। ଗ୍ରୀକ୍ ଈଶ୍ୱର ଇଆଙ୍କ ପରାମର୍ଶରେ ରାଜା ଉତନାପିସ୍ତିମ ନୌକା ନିର୍ମାଣ କରି ମଣିଷ ଜାତିକୁ ବନ୍ୟାପ୍ରଳୟରୁ ରକ୍ଷା କରିଥିଲେ। ବାଇବେଲର ବୁକ୍ ଅଫ ଜେନେସିସରେ 'ନୋହାଙ୍କ ନୌକା' କଥା ବର୍ଣ୍ଣିତ ଅଛି। ଈଶ୍ୱର ନୋହାଙ୍କୁ ବନ୍ୟାପ୍ଲାବନ ଯୋଗୁ ଜୀବଜଗତର ବିନାଶ ସମ୍ପର୍କରେ ସତର୍କ କରାଇଥିଲେ। ମଣିଷ ଜାତିର କୁକର୍ମ ଯୋଗୁ ଏଭଳି ବନ୍ୟା ପ୍ରଳୟ ଘଟିଥିଲା।



ତେଣୁ ନୋହା କିଛି ଜୀବଙ୍କୁ ନିଜ ନୌକାରେ ବଞ୍ଚାଇ ରଖିଥିଲେ। ବନ୍ୟା ଶାନ୍ତ ହେବା ପରେ ପୁଣି ଏକ ନୂତନ ସୃଷ୍ଟିର ଆରମ୍ଭ ହୋଇଥିଲା, ଯାହାର ହିରୋ ଥିଲେ ନୋହା। ମେସୋପଟାମିଆ କିମ୍ବଦନ୍ତୀରେ ମଧ୍ୟ ଏଭଳି କାହାଣୀ ଅଛି। ବୈବସ୍ୱତ ମନୁ, ଗ୍ରୀକ୍ ରାଜା ଉତନାପିସ୍ତିମ, ନୋହା ହେଉଛନ୍ତି ଏହି କାହାଣୀଗୁଡ଼ିକର ଜଣେ ଜଣେ ନାୟକ। ସେହି ନାୟକମାନେ ହିଁ ନାଉରିଆ ସାଜି ପ୍ରଳୟ କାଳରେ ପୃଥିବୀରେ ମଣିଷ ଜାତିର ରକ୍ଷକ ଭାବେ ଉଭା ହୋଇଛନ୍ତି। ପ୍ରତ୍ୟେକ କିମ୍ବଦନ୍ତୀରେ ବନ୍ୟା ପ୍ରଳୟର କାରଣ ହେଉଛି ମଣିଷର କୁକର୍ମ ବ୍ୟତୀତ ଆଉ କିଛି ନୁହେଁ। ବର୍ତ୍ତମାନ ସମୟରେ ପ୍ରକୃତି ଉପରେ ମଣିଷର ଅକଥନୀୟ ଅତ୍ୟାଚାର ଯୋଗୁ ଜଳବାୟୁ ପରିବର୍ତ୍ତନ ଘଟୁଛି। ଏହାର କୁପରିଣାମ ଧୀରେ ଧୀରେ ସାମ୍ନାକୁ ଆସିବା ପରେ ମଣିଷ ମୁଣ୍ଡରେ ଚେତା ପଶିଛି। ତାପମାତ୍ରା ବୃଦ୍ଧି ଯୋଗୁ ବରଫ ତରଳି ସମୁଦ୍ର ଜଳପତ୍ତନ ବୃଦ୍ଧି ପାଉଛି। ସମୁଦ୍ର ଏବେ ସହରମୁହାଁ। ମୁମ୍ବାଇ ଭଳି ଅନେକ ସହର ସମୁଦ୍ରରେ ବୁଡ଼ିଯିବ ବୋଲି ୨୦୨୨ର ଆଇପିସିସି ରିପୋର୍ଟରେ ଦର୍ଶାଯାଇଛି। ଏଭଳି ଅସୁବିଧାରୁ ବର୍ତ୍ତିବା ପାଇଁ ଇଣ୍ଡୋନେସିଆ ନିଜର ରାଜଧାନୀ ପରିବର୍ତ୍ତନ କରୁଛି। ବର୍ତ୍ତମାନ ରାଜଧାନୀ ଜାକର୍ତ୍ତା ଭବିଷ୍ୟତରେ ଜଳମଗ୍ନ ହେବାର ଆଶଙ୍କା ଥିବାରୁ ବୋର୍ଣ୍ଣିଓକୁ ନୂଆ ରାଜଧାନୀ ସ୍ଥାନାନ୍ତର କରିବା ପାଇଁ ଯୋଜନା କରୁଛି ଇଣ୍ଡୋନେସିଆ। ଜଳ ବଢ଼ୁଲେ ସୃଷ୍ଟି ନାଶର ସମସ୍ୟା ଉପୁଜିଛି। ପଞ୍ଚସଖା ଯୁଗର କବି ଅଚ୍ୟୁତାନନ୍ଦ ଦାସଙ୍କ ରଚିତ ମାଳିକା ବଚନରେ ଲେଖାଯାଇଥିବା 'ବାଇଶି ପାହାଚେ ଖେଳିବ ମୀନ' ଭବିଷ୍ୟବାଣୀ ସତ ହେବାର ଆଶଙ୍କା ଦେଖାଦେଇଛି। ଓଡ଼ିଶାର ଭଦ୍ରକ ଉପକୂଳରେ ଥିବା ୪ଟି ଦୀପ ଏବେ ସମୁଦ୍ର ଆଁ ଭିତରେ। ଗଞ୍ଜାମର ପୋଡ଼ମପେଟା ଗାଁ ମଧ୍ୟ ସମୁଦ୍ର ଭିତରେ ବୁଡ଼ିଯାଇଛି। କେନ୍ଦ୍ରାପଡ଼ାର ସାତଭାୟା ଗାଁରେ ସମୁଦ୍ର ମାଡ଼ିଆସିବା ଯୋଗୁ ସେଠାରେ ଜୀବନ ଜୀବିକାର ଚିହ୍ନବର୍ଣ୍ଣ ନାହିଁ। ଜଳବାୟୁ ପରିବର୍ତ୍ତନ ଏବଂ ସାତଭାୟା ବାସିନ୍ଦାଙ୍କ ସଂଘର୍ଷର କାହାଣୀକୁ ନିର୍ଦ୍ଦେଶକ ହିମାଂଶୁ ଖଟୁଆ 'ଦ ସି ଆଣ୍ଡ ସେଭେନ ଭିଲେଜ' ପ୍ରାମାଣିକ ଚଳଚ୍ଚିତ୍ରରେ ଦର୍ଶାଇଛନ୍ତି।

ଚଳିତ ବର୍ଷ ଲିବିୟାରେ ଡ୍ୟାମ୍ ଭାଙ୍ଗିଯାଇ ଭୟଙ୍କର ବନ୍ୟାରେ ମୃତ୍ୟୁସଂଖ୍ୟା ୨୦ ହଜାର ଟପିଥିବା ବେଳେ ୧୦ ହଜାରରୁ ଅଧିକ ଲୋକ ନିଖୋଜ ଅଛନ୍ତି। ବିଶ୍ୱ ଜଳବାୟୁ ସଂଗଠନର ମତ ଅନୁସାରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଭୂମଧ୍ୟସାଗରରେ 'ଡାନିଏଲ' ନାମକ ଝଡ଼ ସୃଷ୍ଟି ହୋଇଥିଲା, ଯାହାର ପ୍ରଭାବରେ ଅତି ପ୍ରବଳ ବର୍ଷା ହୋଇ ଲିବିୟାରେ ବନ୍ୟା ପରିସ୍ଥିତି ଉପୁଜିଛି। ସମୟ ଚକ୍ରରେ ପଛକୁ ଫେରିଯାଇ ଦେଖିଲେ ଜଣାଯାଏ ଯେ, ପ୍ରାଚୀନ କିମ୍ବଦନ୍ତୀଗୁଡିକରେ ବନ୍ୟା ପ୍ଲାବନ ସମୟରେ ଜଣେ ଜଣେ ନାୟକ ନାଉରିଆ ସାଜି ଜୀବଜଗତର ରକ୍ଷା କରିଛନ୍ତି। କିନ୍ତୁ ବର୍ତ୍ତମାନ ଯୁଗରେ ମନୁଷ୍ୟକୃତ ଜଳବାୟୁ ପରିବର୍ତ୍ତନ ଯୋଗୁ ଭବିଷ୍ୟତରେ ହେବାକୁ ଥିବା ବନ୍ୟାରେ କେଉଁ ମହାନାୟକ ନାଉରିଆ ସାଜି ମାନବ ଜାତିର ଉଦ୍ଧାର କରିବେ, ତାହା ସମୟ ଆସିଲେ ହିଁ ଜଣାପଡ଼ିବ।

ଗୁଣପୁର, ରାୟଗଡ଼ା
ମୋ- ୬୩୭୧୬୮୪୬୯୯

## ଏଇ ଭାରତରେ

ଘରର ଅଦରକାରୀ ଜିନିଷ ଫିଙ୍ଗି ନ ଦେଇ ତାହାର ସଦୁପଯୋଗ ଉପାୟ ଆପଣାଇ ପାରନ୍ତି। ଏହି ଉପାୟର ମାର୍ଗଦର୍ଶକ ହେଉଛନ୍ତି ଅଞ୍ଜଳି ପଭନ। ସେ ବର୍ଜ୍ୟର ପୁନଃ ଉପଯୋଗ କରି ଏକ ସୁନ୍ଦର ବଗିଚା କରିଛନ୍ତି। ତାଙ୍କ ମା'ଙ୍କ ବାନ୍ଧବୀଙ୍କ ଘରକୁ ବୁଲିଯିବା ଅବସରରେ ଅଞ୍ଜଳି ସେଠାରେ ଏକ ଜାପାନିଜ୍ ଗାର୍ଡେନିଂ ମେଥଡ୍ (କୋଡେଡାମା, ଯେଉଁ ବଗିଚାରେ କେବଳ ବର୍ଜ୍ୟ ବ୍ୟବହାର କରାଇଥାଏ) ଦେଖିବାକୁ ପାଇଲେ। ଏହାପରେ ସେ ତାଙ୍କ ମା'ଙ୍କ ବର୍ଜ୍ୟ ଉପଯୋଗ କରି ତାଙ୍କ ଘରେ ବଗିଚା କରିଛନ୍ତି। ଏହି ବଗିଚାରେ ସେମାନେ ପୁରୁଣା କ୍ୟାନ, ଟାୟାର, ଶଢ଼େଇ, ନଡ଼ିଆକତା, ପ୍ଲାଷ୍ଟିକ୍ ବୋତଲ, ପୁରୁଣା ସିଲାଇ ମେଶିନ ଏବଂ ଡ୍ରମ୍ ବ୍ୟବହାର କରିଛନ୍ତି। ଅଞ୍ଜଳିଙ୍କ ମା' ପୁରୁଣା କନାରେ ବ୍ୟାଗ ତିଆରି କରିଛନ୍ତି, ଯେଉଁଥିରେ ବିଭିନ୍ନ ଗଛ ଲଗାଯାଇଛି ଓ ତାହାକୁ ଝୁଲାଇ ରଖାଯାଇଛି। ମା' ଓ ଝିଅ ସେମାନଙ୍କ କାର୍ଯ୍ୟ ଓ ବଗିଚା ତିଆରି କରିବାର ସମ୍ପୂର୍ଣ୍ଣ ଯାତ୍ରା ସମ୍ପର୍କରେ ଇନ୍‌ଷ୍ଟାଗ୍ରାମରେ ଶେୟାର କରିବା ପରେ ଏବେ ୭୬,୬୮୬ ଫଲୋୟର ରହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଅକ୍ଟୋବର ୧୯୯୮

- ରାଜ୍ୟର ବିଶିଷ୍ଟ ଗୀତିକାର, ନାଟ୍ୟକାର ତଥା ସାମ୍ବାଦିକ ନରସିଂହ ମହାପାତ୍ରଙ୍କ ୭୩ ବର୍ଷ ବୟସରେ ପରଲୋକ।
- ଫିଲିପାଇନ୍ସରେ ପ୍ରବଳ ଝଡ଼ତୋଫାନ ଫଳରେ ୩୦ ଜଣଙ୍କ ମୃତ୍ୟୁ।
- ଶ୍ରୀଲଙ୍କାର ବିବାଦୀୟ ଉତ୍ତରାଞ୍ଚଳ ଓ ପୂର୍ବାଞ୍ଚଳ ପ୍ରଦେଶଗୁଡ଼ିକର ବିଭିନ୍ନ ସ୍ଥାନରେ ସରକାରୀ ସୈନ୍ୟ ଓ ଏଲ୍‌ଟିଟିଇ ମଧ୍ୟରେ ପୃଥକ ପୃଥକ ସ୍ଥାନରେ ସଂଘର୍ଷ ଘଟି ଉଭୟ ପକ୍ଷର ୧୭୦ ମୃତ।

## ଚିରନ୍ତନୀ

"ଅଖିଳ ଜୀବର ବଂଶ
ହେଉ ଧନ୍ୟ ହେଉ ସମୁଜ୍ଜ୍ୱଳ
ସତ୍ୟ ହେଉ ପୁଣ୍ୟ ହେଉ
ମହୀୟାନ ହେଉ ଚରାଚର !"
-(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କାକରାକୁ ଜିଆଇ ମାନ୍ୟତା ମିଳୁ

ମହାଶୟ,

ଟାଙ୍ଗି କାକରାପିଠା ସ୍ୱାଦିଷ୍ଟ ଓ ରୁଚିକର। ଏହା ମଇଦା, ଗୁଡ଼, ଚିନି, ଗୁଜୁରାତି, ନଡ଼ିଆ, ଛେନା ଏବଂ ଗୁଆଘିଅରେ ପ୍ରସ୍ତୁତ ହୋଇଥାଏ। ଅନ୍ୟ ରାଜ୍ୟ ତଥା ବିଦେଶରେ ଚାହିଦା ବୃଦ୍ଧି ହେବା ସହ ଆଦୃତି ଲାଭ କରିପାରିବ। ଏହା କେବଳ ରାଜ୍ୟ ମଧ୍ୟରେ ସୀମିତ ନ ହେଉ। ଏଥିପ୍ରତି ସରକାର ବିଚାର କରି ଏହାକୁ ଜିଆଇ ମାନ୍ୟତା ଦେବା ଜରୁରୀ। ପ୍ରଚାର ଓ ପ୍ରସାର ଲାଭ ହୋଇପାରିଲେ ସର୍ବାଦୃତ ଭାବେ ଚାହିଦା ବୃଦ୍ଧି ହୋଇ ବିକ୍ରି ବୃଦ୍ଧି ହେବ।

-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଆରମ୍ଭ ହେଲା ନବରାତ୍ର ପୂଜା**

ଗୁଡ଼ଭେଲା,(ମନୋଜ କୁମାର ଜୈନ): ବଲାଙ୍ଗୀର ଜିଲା ତୁଷୁରା ଓ ଗୁଡ଼ଭେଲା ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ନବରାତ୍ର ପୂଜା ଆରମ୍ଭ ହୋଇଛି। ତୁଷୁରା ଇଷ୍ଟଦେବୀ ସମଲେଇ ସମଲେଶ୍ୱରୀ ମନ୍ଦିରରେ ଶୈଳପୁତ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଗାୟତ୍ରୀ ଶକ୍ତିପୀଠରେ ଶାରଦୀୟ ନବରାତ୍ର ପୂଜା ଆରମ୍ଭ ହେବା ଅବସରରେ ଏକକୁଣ୍ଡିୟ ଯଜ୍ଞ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ୫ଦାଦନ ଶ୍ରମିକ ଉଦ୍ଧାର, ମଧ୍ୟସ୍ଥ ଗିରଫ

ଖପ୍ରାଖୋଲ,୧୫।୧୦(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ବେଳେ ତେଲେନପାଲି ଗ୍ରାମ ଛକରୁ ୫ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ସେମାନଙ୍କୁ ନେଇ ଯାଉଥିବା ଜୁନାନିବାହଲ ଗ୍ରାମର ମଧ୍ୟସ୍ଥ ପଙ୍କଜ ଧରୁଆ (୨୩)ଙ୍କୁ ଗିରଫ କରାଯାଇଛି। ଶ୍ରମିକଙ୍କୁ ନିଆଯାଉଥିବା ଦୁଇଟି ବାଇକକୁ ଜବତ କରିଛି ପୋଲିସ। ପଙ୍କଜ ଟ୍ରେନ ଯୋଗେ ବାଙ୍ଗାଲୁରର ଚିକ୍କା ତିରୁପତିକୁ ଏହି ଶ୍ରମିକଙ୍କୁ ନେବା ପାଇଁ ସେଠାକାର ଇଟାଭାଟି ମାଲିକଙ୍କଠାରୁ ଟଙ୍କା ଆଣିଥିଲେ। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୧୯୩/୨୩)ରୁଜୁ କରି ମଧ୍ୟସ୍ଥଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି।

### ବ୍ଲକସ୍ତରୀୟ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ

**ମୁରିବାହାଲ ବ୍ଲକର ନୂତନ କର୍ମକର୍ତ୍ତା ଚୟନ**

ମୁରିବାହାଲ,୧୫।୧୦(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଚଲକି ଉଚ୍ଚ ବିଦ୍ୟାଳୟରେ ରବିବାର ବ୍ଲକ ଓଷ୍ଟା ସଂଘର ସମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିନୋଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ସମ୍ପାଦକ କୁଶଧ୍ୱଜ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ପଟେଲ, ରାଜ୍ୟ ଉପସଭାପତି ସୁଧିର ନାଏକ, ପର୍ଯ୍ୟବେକ୍ଷକ ଅନୀଲ ସାହୁ, ସଞ୍ଜୀବ ହୋତା, ଶଙ୍କର ମିଶ୍ର, ଲୋକନାଥ ମେହେର, ରସାନନ୍ଦ ମହାପାତ୍ର, ଧରମସିଂ ମୁଗ୍ରୀ ମଞ୍ଚାସୀନ ଥିଲେ। ଓଷ୍ଟା ସଂଘର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରାଯାଇଥିଲା। ସଂଘକୁ ସମ୍ବିଧାନିକ ମାନ୍ୟତା ପାଇଁ ସରକାର ଦୃଷ୍ଟି ଦେବା ଉପରେ ଅବଗତ କରାଯିବା ପାଇଁ ଅତିଥିମାନେ ଆଲୋକପାତ କରିଥିଲେ। ଏହା ପରେ ବ୍ଲକ ଓଷ୍ଟା ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ପଦ ପାଇଁ ବିନୋଦ ମହାପାତ୍ର, ଉପସଭାପତି ବସନ୍ତ ବାଗ, ସମ୍ପାଦକ ରାଜୀବ ମହାନ୍ତି, ସହସମ୍ପାଦକ ବାସୁଦେବ ମେହେର, ରାଜ୍ୟ ସଭ୍ୟ ପ୍ରଦୀପ ପୁଟେଲ, ଜିଲା ସଭ୍ୟ ଲକ୍ଷ୍ମୀଧର ପୁଟେଲ, ନବ ନିଆଲ, ଯଶୋବନ୍ତ ସାହୁ, ବ୍ଲକ ସଭ୍ୟ କୃତିବାସ ଦାସ, ରଘୁନାଥ ଗିରି, ସନ୍ତୋଷ ସରାଫ, ଅଭିମନ୍ୟୁ ପ୍ରଧାନ, ତରୁଣ ପୋଡ଼, ବୀରେନ୍ଦ୍ର ପୁଟେଲ ମନୋନୀତ ହୋଇଥିଲେ। ପୁରୁଷୋତ୍ତମ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତରୁଣ ପୋଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

### ପିକ୍‌ଅପ୍ ସହ ୩୨ଖଣ୍ଡ କେନ୍ଦୁଗଣ୍ଡି ଜବତ

ଲାଠୋର,୧୫।୧୦(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ବନାଞ୍ଚଳ କର୍ଲାକୁଟୁନା ଗ୍ରାମ ନିକଟରୁ ରବିବାର ବନ ବିଭାଗ ବେଆଇନଭାବେ ଚାଲାଣ ହେଉଥିବା କେନ୍ଦୁଗଣ୍ଡିକୁ ଲାଠୋର ବନ କାର୍ଯ୍ୟାଳୟକୁ ଅଣାଯାଇଛି। ଗାଡିରେ ଥିବା ୩୨ଖଣ୍ଡ କେନ୍ଦୁଗଣ୍ଡିକୁ ଜବତ କରି ଲାଠୋର ବନ କାର୍ଯ୍ୟାଳୟ ଅଣାଯାଇଛି। ଚାଲାଣରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଥିବା ନେଇ ବନାଞ୍ଚଳ ଅଧିକାରୀ ଶୈଳେଶ କୁମାର ବିଶି ସୂଚନା ଦେଇଛନ୍ତି । ଛତିଶଗଡ ସରେଇପାଲିର ପିକ୍‌ଅପ(ସିଜି-୧୦-ସି-୭୩୪୪)ରେ ଭାଲୁଡୁଙ୍ଗୁରି ଏବଂ କର୍ଲାକୁଟୁନାର ୩ ଜଣ ଯୁବକ କେନ୍ଦୁ ଗଣ୍ଡି ଲଦି ବାହାରକୁ ଚାଲାଣ କରିବା ଖବର ପାଇ ଲାଠୋର ବନାଞ୍ଚଳ ଅଧିକାରୀ ଚଢ଼ାଉ କରିଥିଲେ। ବନ କର୍ମଚାରୀଙ୍କୁ ଦେଖି ୩ଜଣ ଯୁବକ ଫେରାର ହୋଇ ଯାଇଥିବା ବେଳେ ଡ୍ରାଇଭର ହଳଧର ଲୁହାର ଧରା ପଡ଼ିଥିଲେ। ଗାଡ଼ି ସରେଇପାଲିର ମନୀଷ ଅଗ୍ରୱାଲଙ୍କର ବୋଲି ଡ୍ରାଇଭର କହିଥିଲେ। ତାଙ୍କୁ ପନିପରିବା ବୋଝେଇ କରାଯିବ ବୋଲି ଡକାଯାଇଥିଲା। ହେଲେ ପରିବା ବଦଳରେ ଜୋରଜବରଦସ୍ତ କେନ୍ଦୁ ଗଣ୍ଡି ବୋଝେଇ କରି କଣ୍ଟାବାଞ୍ଜି ନେବା ପାଇଁ କୁହାଯାଇଥିଲା ବୋଲି ଡ୍ରାଇଭର କହିଛନ୍ତି। କାଠର ବଜାର ଦର ୬୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ । ଗିରଫ ଅଭିଯୁକ୍ତଙ୍କୁ ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯିବ । ଫେରାର ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ପ୍ରକାଶ କରିଛନ୍ତି ।

# ସଂସ୍କୃତି ସୁରକ୍ଷିତ ରହିଲେ ସମାଜ ବ୍ୟବସ୍ଥିତ ହେବ

ବଲାଙ୍ଗୀର,୧୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)



ଆଦିବାସୀ କର୍ମଚାରୀ ସଂଘ ପକ୍ଷରୁ ରବିବାର ଟାଉନ୍ ହଲ୍‌ରେ ଆୟୋଜିତ ନୂଆଁଖାଇ ଭେଟଘାଟରେ ମଞ୍ଚାସୀନ ଅତିଥି।

**ଆଦିବାସୀ କର୍ମଚାରୀ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ**

- ସ୍ୱାଧୀନତା ସଂଗ୍ରାମୀ ଧରମ୍ ସିଂ ମାଝି ମାନ୍‌ଧାତା, ଯୋଗେଶ୍ୱର କୁମୁରାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ବଲାଙ୍ଗୀର ଆଦିବାସୀ କର୍ମଚାରୀ ସଂଘ ପକ୍ଷରୁ ସ୍ଥାନୀୟ ଟାଉନ୍ ହଲ୍‌ଠାରେ ରବିବାର ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ସୁରେନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥିଭାବେ ତହସିଲଦାର ଯୋଗେଶ୍ୱର ଭୋଇ, ସମ୍ମାନିତ ଅତିଥି ଡୁଙ୍ଗୁରିପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋହିତ ଭୋଇ ମଞ୍ଚାସୀନ ହୋଇଥିଲେ। ନୂଆଁଖାଇ ଏକତା ଏବଂ ସମୃଦ୍ଧିର ପର୍ବ। ଏହି ପର୍ବ ଆମର ସାଂସ୍କୃତିକ ଚେତନାକୁ ବ୍ୟାପ୍ତ କରି ଏବେ ବିଶ୍ୱସ୍ତରରେ ଆମର ଆତ୍ମିକ ପରିଚୟ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ବୋଲି କହିଥିଲେ। ଆଦିବାସୀ ପରମ୍ପରା, ସଂସ୍କୃତି, ଭାଷା, ସାହିତ୍ୟ ସହ ଜଳ, ଜଙ୍ଗଲ, ଜମିକୁ କିଭଳି ସୁରକ୍ଷିତ ରଖିବାକୁ ହେବ ସେନେଇ କାର୍ଯ୍ୟକ୍ରମରେ ଅତିଥିମାନେ ମତପ୍ରକାଶ କରିଥିଲେ। ସଭାକୁ ସହସମ୍ପାଦକ ମୀନକେତନ ମାଝି ପରିଚାଳନା କରିଥିଲେ। ସମ୍ପାଦକ ଗଣେଶ ମାଝି ବିବରଣୀ ପାଠ କରି ସମାଜର ଉନ୍ନତି ପାଇଁ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ସଫଳ ସମାପନରେ କୋଷାଧକ୍ଷ ନୃପ ଭୋଇ, ସଭ୍ୟ ସ୍ୱାଧୀନ ଭୋଇ, ଧନସିଂହ ଭୋଇ, ପ୍ରଭାସିନୀ ଭୋଇ, ଦଇତ ଧରୁଆ, ଅଶୋକ କୁମାର ବୁଡ଼େକ, କ୍ଷୀରୋଦ କୁମାର ନାଗ, ଦିଲ୍ଲୀପ କୁମାର ଭୋଇ, କମଳ ବିଶ୍ୱାଳ, ବିଶ୍ୱଜିତ ବୁଡ଼େକ, ରାମ ମଲ୍ଲିକ ବିଶେଷ ସହଯୋଗ କରିଥିଲେ।

ଏହି ଅବସରରେ ବଲାଙ୍ଗୀର ପୌରାଞ୍ଚଳର ଶର୍ମିଷ୍ଠା ନାଏକ, ସଙ୍ଗୀତା ମାଝି, ନିତାରାଣୀ ଭୋଇ, ଦିବ୍ୟରଞ୍ଜନ ମୁଣ୍ଡା, ବିଭୂତି କୁମାର ବୁଡ଼େକ, ଡୁଲେଶ୍ୱରୀ ଧରୁଆ, ସୁନନ୍ଦା ଭୋଇଙ୍କୁ ସମ୍ମାନିତ କରାଯାଇଥିଲା। ମେଡ଼ିକାଲ୍, ଇଞ୍ଜିନିୟରିଂ, ଓଡ଼ିଶା ସିଭିଲ୍ ସର୍ଭିସ୍, ଖେଳକୁଦରେ କୃତକାର୍ଯ୍ୟ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଉପଢ଼ୌକନ, ପ୍ରଶଂସା ପତ୍ର ପ୍ରଦାନ କରି ସମ୍ମାନୀତ କରାଯାଇଥିଲା। ଆଗାମୀ ଦିନରେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ସର୍ବାଙ୍ଗୀନ ଉନ୍ନତି ପାଇଁ ଉପସ୍ଥିତ କର୍ମଚାରୀ ଏବଂ ତାଙ୍କ ପରିବାର ସଦସ୍ୟ ଶପଥ ନେଇଥିଲେ। ବଲାଙ୍ଗୀର ଜିଲାର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ସହୀଦ ଧରମ୍ ସିଂ ମାନ୍‌ଧାତାଙ୍କ ପ୍ରତିମୂର୍ତ୍ତି ସହରର ଭାଗିରଥି ଛକଠାରେ ଏବଂ ସ୍ୱାଧୀନତା ସଂଗ୍ରାମୀ ଯୁଗେଶ୍ୱର କୁମୁରାଙ୍କ ପ୍ରତିମୂର୍ତ୍ତି ଶାନ୍ତିପଡ଼ା ଛକଠାରେ ସ୍ଥାପନ କରିବା ପାଇଁ ସମାରୋହରେ ଦାବି କରାଯାଇଥିଲା। ସଭା ପରେ ଛାତ୍ରୀଛାତ୍ର ଓ କଳାକାର ପାରମ୍ପରିକ ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରିଥିଲେ। ସୁଦାମ ଚରଣ ବିଶି ଓ ସାଥୀଙ୍କ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ ଉପସଭାପତି ସନ୍ଧ୍ୟାରାଣୀ ମାଝି ଧନ୍ୟବାଦ ଦେଇଥିଲେ।

# ବିଜେଡି, ଭାଜପାକୁ ଟାର୍ଗେଟ

କଣ୍ଟାବାଞ୍ଜି,୧୫।୧୦(ଗୁରୁଦୟାଲ ହଂସ)

- ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ
- ଶତାଧିକ ବିଜେଡି, ଭାଜପା କର୍ମୀ କଂଗ୍ରେସରେ ସାମିଲ

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ତୁରେକେଲା ବ୍ଲକ ଲର୍କି ଗ୍ରାମରେ ରବିବାର ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯକ୍ରମର ଶୁଭାରମ୍ଭ କରିଛନ୍ତି ବିଧାୟକ ସନ୍ତୋଷ ସିଂ ସାଲୁଜା। କର୍ମୀମାନଙ୍କ ସହ ଏକ ଶୋଭାଯାତ୍ରାରେ ବିଧାୟକ ସାଲୁଜା ଲିର୍କି ଗ୍ରାମର ସମସ୍ତ ଘର ଘର ବୁଲି ଜନ ସମ୍ପର୍କ ସ୍ଥାପନ କରିଥିଲେ । କେନ୍ଦ୍ରର ଭାଜପା ଏବଂ ଓଡ଼ିଶାର ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ୨୩ବର୍ଷର ବିଜେଡି ସରକାରର ବିଫଳତା ବିଷୟରେ ଲୋକଙ୍କୁ କହିଥିଲେ। ୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସ ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ସରକାର ଗଠନ କଲେ ଜନସାଧାରଣଙ୍କୁ ଉଚିତ ନ୍ୟାୟ ମିଳିବ ଓ ସମସ୍ତ ସରକାରୀ ଯୋଜନାର ସୁଫଳ ଲୋକେ ପାଇପାରିବେ ବୋଲି ବିଧାୟକ ସାଲୁଜା କହିଥିଲେ। ଏହି କାର୍ଯ୍ୟକ୍ରମରେ ତୁରେକେଲା ବ୍ଲକର ୧୯ ପଞ୍ଚାୟତରୁ ସହସ୍ରାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ। ପଦଯାତ୍ରାରେ ତୁରେକେଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ପୂଜା ବେହେରା, ତୁରେକେଲା ବ୍ଲକ ୧୧ ନଂ ଜୋନ ଜିଲା ପରିଷଦ ସଭ୍ୟ କୌଶିକ ମେହେର, ତୁରେକେଲା ପଞ୍ଚାୟତ ସମିତି ସଭ୍ୟ ପ୍ରମୋଦ ବେହେରା, ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ସିନ୍ଧେକେଲା ପଞ୍ଚାୟତ ସମିତି ସଭ୍ୟ ଭୋଳାନାଥ ବେହେରା, କଂଗ୍ରେସ ଯୁବନେତା ସେଜି ସିଂ ସାଲୁଜା, ବରିଷ୍ଠ କଂଗ୍ରେସ ନେତା କାର୍ତ୍ତିକ ପୁଟେଲ, ପୂର୍ବତନ ସରପଞ୍ଚ ହରିସିଂ ପୋଡଙ୍କ ସହ ବହୁ ପୂର୍ବତନ ସରପଞ୍ଚ, ସମିତି ସଭ୍ୟ ସାମିଲ ଥିଲେ। ଏହି ଅବସରରେ ୩୦୦ରୁ ଉର୍ଦ୍ଧ୍ୱ ବିଜେଡି ଓ ଭାଜପା ନେତା ଓ କର୍ମୀ କଂଗ୍ରେସରେ ସାମିଲ ହୋଇଥିଲେ।



ପଦଯାତ୍ରାରେ କଂଗ୍ରେସ ନେତା ଓ କର୍ମୀଙ୍କ ସହ ବିଧାୟକ ସନ୍ତୋଷ ସିଂ ସାଲୁଜା।

# ବିଜେଡିର ନୂଆଁଖାଇ ଭେଟ୍‌ଘାଟ



ସଇଁତଲା ରାଜେନ୍ଦ୍ର ନାରାୟଣ ସିଂଦେଓ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଭେଟ୍‌ଘାଟରେ ମଞ୍ଚାସୀନ ବିଜେଡି ନେତୃବର୍ଗ।

ସଇଁତଲା,୧୫।୧୦(ରାଖାଲ ଶତପଥ)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ବିଜେଡି ତରଫରୁ ରବିବାର ସ୍ଥାନୀୟ ରେଳ ଷ୍ଟେଶନସ୍ଥିତ ରାଜେନ୍ଦ୍ର ନାରାୟଣ ସିଂଦେଓ ଷ୍ଟାଡିୟମରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଥିଲା। ଲାଟୁଟ ଛକ ନିକଟ ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରୁ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ଟୁକୁନୀ ସାହୁ, ପାଟଣାଗଡ ବିଧାୟକ ସରୋଜ ମେହେରଙ୍କୁ ବାଇକ ରାଲିରେ ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ଅଣାଯାଇଥିଲା ।

ବ୍ଲକ ବିଜେଡି ସଭାପତି ଟୁନୁ ରାଜପଲିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଆଚାର୍ଯ୍ୟ ନୂଆଁଖାଇ ଅଭିନନ୍ଦନ ଜଣାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସବୁବର୍ଗଙ୍କ ବିକାଶ ପାଇଁ ଅନେକ କିଛି କାର୍ଯ୍ୟ କରିଥିବା କହିଥିଲେ। ବିଜେଡି ହିଁ ବିକାଶ ବୋଲି ସେ କହିଥିଲେ। ମନ୍ତ୍ରୀ ଟୁକୁନୀ ସାହୁ ବକ୍ତବ୍ୟ ରଖି କହିଥିଲେ ଯେ, ସଇଁତଲା ବ୍ଲକ ଅଞ୍ଚଳରେ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ନେଇ ବିଭିନ୍ନ କ୍ଷେତ୍ରରେ ବିକାଶ ହୋଇପାରିଛି। ମହିଳାଙ୍କ ଚିକିତ୍ସା ପାଇଁ ବାର୍ଷିକ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରାଯାଉଛି। ମିଶନ ଶକ୍ତି ଯୋଜନାରେ ମହିଳା ଗୋଷ୍ଠୀଙ୍କୁ ସାମିଲ ସହ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ଚେଷ୍ଟିତ। ଆଗାମୀ ଦିନରେ ଅଞ୍ଚଳର ବିକାଶ ପାଇଁ ସେହି କାର୍ଯ୍ୟଧାରା ଆହୁରି ବ୍ୟାପକ କରିବେ ବୋଲି କହିଥିଲେ।

ପାଟଣାଗଡ ବିଧାୟକ ମେହେର ବିଜେଡି ସରକାର ରାଜ୍ୟର ବିକାଶ ପାଇଁ କାର୍ଯ୍ୟ କରୁଛି ବୋଲି କହିଥିଲେ। ଚନ୍ଦ୍ରବଦନ ପୁରୋହିତ ଅତିଥି ପରିଚୟ, ଜିଲା ପରିଷଦ ସଭ୍ୟା ଗୀତା ବିଶି ମଞ୍ଚ ପରିଚାଳନା କରିଥିଲେ। ଅଜୟ ନାୟକ, ଦଳର ସଇଁତଲା ବ୍ଲକ ସଭାପତି ଟୁନୁ ରାଜପାଲିଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବ୍ଲକ ମହିଳା ସଭାନେତ୍ରୀ ଯାଜ୍ଞସେନୀ ରାଜପାଲିଆ, ଦିଲୀପ ରାଜପାଲିଆ, ଜିଲା ପରିଷଦ ସଭ୍ୟ ହିମାଞ୍ଚଳ ବୁଡେକ, ରୀତାରାଣୀ ହାତୀ, ସୁବ୍ରତ ନାଗ, ସଂଯୁକ୍ତା ନାଏକ, ଓକିଲ ସଂଘ ସଭାପତି ମାନଭଞ୍ଜନ ପାଣିଗ୍ରାହୀ, ରାଜକିଶୋର ଡାଙ୍ଗ, ରାଜେଶ ବେହେରା ଉପସ୍ଥିତ ଥିଲେ।

### ଡୁଙ୍ଗରିପାଲି ମାହେଶ୍ୱରୀ ପୀଠରେ ନବରାତ୍ର ପୂଜା

ଲୋଇସିଂହା,୧୫।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କୁଟାସିଂହା ପଞ୍ଚାୟତ ଡୁଙ୍ଗରିପାଲି ଗ୍ରାମରେ ଡୁମାଲ ସମ୍ପ୍ରଦାୟର ଇଷ୍ଟଦେବୀ ମା' ଉମା ମାହେଶ୍ୱରୀଙ୍କ ପୀଠରେ ମୂଳାଷ୍ଟମୀରୁ ଷୋଳ ପୂଜା ଆରମ୍ଭ ହୋଇଛି । ଶନିବାରରୁ ପୀଠରେ ଖଣ୍ଡା ଲେଉଟା ବା ନବରାତ୍ର ପୂଜ ଅନୁଷ୍ଠିତ ହେଉଛି। ଦେହୁରୀ ଶମ୍ଭୁପ୍ରସାଦ ମହାକୁରଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ଚାଲିଛି। ବରୁଆ ଘନଶ୍ୟାମ ମେଶୁଆଙ୍କ ସମେତ ଡୁମାଲ ସମ୍ପ୍ରଦାୟର ଶ୍ରଦ୍ଧାଳୁ ଉପବାସ କରୁଛନ୍ତି। ଶୁକ୍ରବାର ସପ୍ତମୀ ତିଥିରେ ପୀଠରେ ମାଙ୍କୁ ନୂଆଁକୁଣ୍ଡା ଅର୍ପଣ କରାଯିବ । ଏହିଦିନ ଗ୍ରାମର ଡୁମାଲ ସମ୍ପ୍ରଦାୟର ୫୦ ପରିବାରର ପ୍ରାୟ ୪ ଶହରୁ ଉର୍ଦ୍ଧ୍ୱ ଲୋକ ପୀଠ ପରିସରରେ ନୂଆଁଖାଇ ପାଳନ କରିବାର ବିଧି ରହିଥିବା ପିତାମ୍ବର କଣ୍ଟା କହିଛନ୍ତି। ସ୍ଥାନୀୟ ଅଧିବାସୀଙ୍କ କହିବା ଅନୁଯାୟୀ,ଏହି ପୀଠ ହେଉଛି ୧୨୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା। ସମ୍ପୃକ୍ତ ଅଞ୍ଚଳରେ ହଇଜା ରୋଗରେ ଲୋକଙ୍କ ଅକାଳ ମୃତ୍ୟୁ ହେଉଥିଲା । ସେହି ସମୟର ତତ୍କାଳୀନ ମହାରାଣୀଙ୍କୁ ମା'ଙ୍କ ସ୍ୱପ୍ନାଦେଶ ପରେ ଉକ୍ତ ସ୍ଥାନରେ ପୀଠ ସ୍ଥାପନ କରାଯାଇଥିଲା ।

# ଧ୍ରୁବ ଗୋଁଡ ସମାଜ ନୂଆଁଖାଇ ଭେଟ୍‌ଘାଟ

କଣ୍ଟାବାଞ୍ଜି,୧୫।୧୦(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ଲର୍କି ଗ୍ରାମରେ ରବିବାର ଧ୍ରୁବ ଗୋଁଡ ସମାଜର ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ରୀତିନୀତି ଅନୁସାରେ ବୁଢାଦେଓଙ୍କ ପୂଜାର୍ଚ୍ଚନା ପରେ ସଭା ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥିଭାବେ ବିଧାୟକ ସନ୍ତୋଷ ସିଂ ସାଲୁଜା, ସମ୍ମାନୀତ ଅତିଥିଭାବେ ତୁରେକେଲା ପଞ୍ଚାୟତ ସମିତି ପୂଜା ବେହେରା, ବିଶିଷ୍ଟ ଅତିଥିଭାବେ ତୁରେକେଲା ପଞ୍ଚାୟତ ସମିତି ସଭ୍ୟ ପ୍ରମୋଦ ବେହେରା, ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ଜିଲା ପରିଷଦ ସଭ୍ୟ କୌଶିକ ମେହେର, ଯୁବ କଂଗ୍ରେସ ନେତା ସେଜି ସିଂ ସାଲୁଜା, ବାଳକୃଷ୍ଣ ସେଲମା, ସମିତି ସଭ୍ୟ ସିନ୍ଧେକେଲା ଭୋଲାନାଥ ବେହେରା, ଧ୍ରୁବ ଗୋଁଡ ସମାଜ ପରିଚାଳନା କମିଟି ସଭାପତି ଅଲେଖ ଧରୁଆ, ସଭ୍ୟ ତୁଲାରାମ ଧରୁଆ, କାର୍ତ୍ତିକ ପୁଟେଲ ମଞ୍ଚାସୀନ ଥିଲେ । ଅତିଥିମାନେ ଗୋଁଡ ସମାଜର ପରମ୍ପରା ସାରା ବିଶ୍ୱରେ ସ୍ୱତନ୍ତ୍ର ବୋଲି କହିଥିଲେ। ସମାଜର ଉନ୍ନତି ପାଇଁ ସମସ୍ତେ ଆଗେଇ ଆସିବା ନିମନ୍ତେ ଆହ୍ୱାନ ଦିଆଯାଇଥିଲା। ଅର୍ଜୁନ ଧରୁଆ ମଞ୍ଚ ପରିଚାଳନା କରିଥିଲେ ।


ନୂଆଁଖାଇ ଭେଟ୍‌ଘାଟ୍‌ରେ ଉପସ୍ଥିତ ଗୋଁଡ ସମାଜର ବ୍ୟକ୍ତିମାନେ।

# ଚୋରି ଲୁହାଛଡ ଜବତ, ୪ ଗିରଫ

ଲୋଇସିଂହା,୧୫।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଥାନା ଅଧୀନ ବିଜୟ ହାଉସିଂ ଗୋଦାମରୁ ଲୁହାଛଡ ଚୋରି ଘଟଣାରେ ରବୀନ୍ଦ୍ର ସା ଓରଫ ସୋନୁ (୨୨)ଙ୍କୁ ପୋଲିସ ଶନିବାର ଗିରଫ କରିଥିଲା। ରବିବାର ଚୋରିରେ ସମ୍ପୃକ୍ତ ଅନ୍ୟ ୩ଜଣଙ୍କୁ ଆଗଲପୁର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ପ୍ରେମାନନ୍ଦ ବାଗ(୩୫), ବୈଶାଖୁ ବାଗ(୨୯), ସମୀର ଓରଫ ନାଡୁ ମେହେର(୨୦)ଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି । ପୋଲିସ ସୂଚନାରୁ ପ୍ରକାଶ ଯେ, ଆଗଲପୁର ବିଜୟ ହାଉସିଂ ମାଲିକ ରାଜକିଶୋର ମେହେର ଶନିବାର ଦୋକାନ ଖୋଲିବାକୁ ଆସିଥିଲେ। ଦୋକାନ ଗୋଦାମରେ କିଛି ବଣ୍ଡଲ ଛଡ ନଥିବା ଜାଣି ଆଗଲପୁର ଥାନାରେ ରାଜକିଶୋର ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଆଇଆଇସି ବାସୁଦେବ ଭୋଇ ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତମାନେ ଚୋରି ପରେ ଛଡକୁ ଆଗଲପୁର ଢାବା ଛକ ନିକଟରେ ରହୁଥିବା ବୈଶାଖୁ ବାଗଙ୍କ ଘର ନିକଟରେ ଲୁଚାଇ ରଖିଥିବା ପୋଲିସ ଜାଣିବାକୁ ପାଇଥିଲା। ସେଠାରେ ଚଢାଉ କରି ପୋଲିସ ୧୩ ବଣ୍ଡଲରେ ଥିବା ୧୦ କୁଇଣ୍ଟାଲ ଛଡ ଜବତ କରିଥିଲା। ଉଦ୍ଧାର ଛଡର ମୂଲ୍ୟ ୬୦ ହଜାର ଟଙ୍କା ହେବ। ଏନେଇ ଥାନାରେ ଏକ ମାମଲା(୧୮୯/୨୩) ରୁଜୁ ହୋଇଥିବା ଆଇଆଇସି ବାସୁଦେବ ଭୋଇ କହିଛନ୍ତି।


ଗିରଫ ୪ ଅଭିଯୁକ୍ତ।

# ଅଜଣା ଫୋନକଲ୍‌କୁ ବିଶ୍ୱାସ କରନି

ଟିଟିଲାଗଡ଼,୧୫।୧୦(ଶରତ ମିଶ୍ର)

ବଲାଙ୍ଗୀର ଜିଲା ପୋଲିସ ପକ୍ଷରୁ ଟିଟିଲାଗଡ଼ଠାରେ ସାଇବର ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ ଥାନା ପରିସରରୁ ସାଇବର ସଚେତନତା ରଥ ସହ ବଲାଙ୍ଗୀର ଅତିରିକ୍ତ ଏସ୍‌ପି ସୁରେଶ ନାୟକ, ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର, ଥାନା ଆଇଆଇସି ମନୋଜ ପ୍ରଧାନ, ବଲାଙ୍ଗୀର ସାଇବର ସବ ଇନ୍ସପେକ୍ଟର ଆକାଶ ସାମଲ, ଅବିନାଶ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା ସହ ଗୋପବନ୍ଧୁ ପାର୍କଠାରେ ପହଞ୍ଚିଥିଲା। ସେଠାରେ ଏସଡ଼ିପିଓ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଏସ୍‌ପି ନାୟକ, ଟିଟିଲାଗଡ଼ ଉପଜିଲାପାଳ ଦୟାମୟ ପାଢ଼ି କିଭଳି ବିଭିନ୍ନ ବାହାନା କରି ଲୋକଙ୍କ ଶ୍ରମ ଉପାର୍ଜିତ ଧନ ଲୁଟ୍ କରାଯାଉଛି ସେ ନେଇ ସୂଚନା ଦେଇଥିଲେ। କେସିସି ପାଇଁ, ଏଟିଏମ ଲକ ଭୟ, ଲଟେରୀ ଜିଣିଥିବା ନେଇ ଲିଙ୍କ ଦେଇ ଆଦି ବାହାନା କରି ଓଟିପି, ପାସୱାର୍ଡ ମାଗି ଲୋକଙ୍କ ବ୍ୟାଙ୍କ ଜମା ଖାତାରୁ ଟଙ୍କା ଲୁଟ୍ ହେଉଛି । ଅଜଣା ଫୋନ କଲକୁ ବିଶ୍ୱାସ ନ କରିବା, ଅଜଣା ଲୋକଙ୍କ ବାର୍ତ୍ତା, ଲିଙ୍କ ନ ଖୋଲିବା, କୌଣସି ପ୍ରଲୋଭନର ଶିକାର ନହେବା ସହ ଲୋକେ ସତର୍କ ହୁଅନ୍ତୁ ବୋଲି ସଚେତନ କରାଯାଇଥିଲା। ସାଇବର ଅପରାଧିଙ୍କ ଶିକାର ହେଲେ ବ୍ୟାଙ୍କକୁ ତୁରନ୍ତ ଯାଇ ପରାମର୍ଶ ନେବା, ସାଇବର ଶାଖା କିମ୍ବା ପୋଲିସକୁ ତୁରନ୍ତ ଜଣାଇବା ମଞ୍ଚାସୀନ ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାୟକ, ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କିଭଳି ଲୋକଙ୍କୁ ସାଇବର ଅପରାଧି ଲୁଣ୍ଠନ କରୁଛନ୍ତି ସେ ସମ୍ବନ୍ଧରେ ମଞ୍ଚରେ ଏକ ସଚେତନତାମୂଳକ ନୃତ୍ୟ ନାଟିକା ପ୍ରଦର୍ଶନ କରାଯାଇଥିଲା। ପାଶ୍ଚାତ୍ୟ ବାଦ୍ୟ ଯନ୍ତ୍ର ସେକଶୋଫୋନ ବର୍ଗରେ ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରଥମ ଟିଟିଲାଗଡ଼ର କଳାକାର ତରୁଣ କୁମ୍ଭାର ନିଜ କଳା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ତହସିଲଦାର ଡ଼. ଲଳିତ ବାଗ, ବାର ସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁ, ଏବିଇଓ ଅଭିରାମ ମାଝି, ଶିକ୍ଷାବିତ ଜଗନ୍ନାଥ ପଣ୍ଡା, ରାଜୀବ ଲୋଚନ ପାଢ଼ୀ, ପୌର ସିଟି ମ୍ୟାନେଜର ଈଶ୍ୱର ରାଓ, ଭାଜପା ନଗର ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ, ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ, ମାରୱାଡି ଯୁବା ମଞ୍ଚ ସେଣ୍ଟ୍ରାଲ ଶାଖା ସଭାପତି ଗୋପାଳକୃଷ୍ଣ ଜୈନ, ସମ୍ପାଦକ ତ୍ରିଲୋକ ଜୈନ, କୋଷାଧକ୍ଷ ମହେଶ ଅଗ୍ରୱାଲ, ଜାମା ମସଜିଦ ସଭାପତି ମହମ୍ମଦ ରିୟାଜ, ସମ୍ପାଦକ ଶେଖ ଇବ୍ରାହିମ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଇବର ସଚେତନତା ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ବାହାରିଥିବା ସାଇବର ସଚେତନତା ଶୋଭାଯାତ୍ରା।

**ପୋଲିସର ସାଇବର ସଚେତନତା**

## ସଂକ୍ଷେପରେ

### ସର୍ବଭାରତୀୟସ୍ତରରେ ବିକାଶର ସଫଳତା



**ବରଗଡ଼,୧୫।୧୦(ପ୍ରେମାନନ୍ଦ ଖମାରୀ):** ଦିଲ୍ଲୀରେ ଏଜୁକେଶନ ୱାର୍ଲ୍ଡ ପକ୍ଷରୁ ଅନୁଷ୍ଠିତ ଏକ ବର୍ଣ୍ଣାଢ୍ୟ ସମାରୋହରେ ଇଣ୍ଡିଆ ସ୍କୁଲ ର୍‍ୟାଙ୍କିଂ ୨୦୨୩-୨୪ ଆୱାର୍ଡରେ ବରଗଡ଼ର ବିକାଶ ଆବାସିକ ବିଦ୍ୟାଳୟକୁ ଡେ କମ୍ ବୋର୍ଡ଼ିଂ ସ୍କୁଲ କାଟାଗୋରୀରେ ସର୍ବଭାରତୀୟସ୍ତରରେ ସମ୍ବର୍ଦ୍ଧିତ କରାଯାଇଛି। ଏହି କାଟାଗୋରୀରେ ଉକ୍ତ ବିଦ୍ୟାଳୟ ସର୍ବଭାରତୀୟସ୍ତରରେ ୧୪ତମ ସ୍ଥାନ, ରାଜ୍ୟରେ ତୃତୀୟ ଏବଂ ପଶ୍ଚିମ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିକାଶ ଶିକ୍ଷାନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଉକ୍ତ ସମାରୋହରେ ଅତିଥିଙ୍କଠାରୁ ଆୱାର୍ଡ, ମାନପତ୍ର ଗ୍ରହଣ କରିଥିଲେ। ସର୍ବଭାରତୀୟସ୍ତରରେ ଏହି ଅନନ୍ୟ କୀର୍ତ୍ତିମାନ ଯୋଗୁ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ନୃସିଂହନାଥରେ କୋଶଳ ପ୍ରେମୀ ବନ୍ଧୁ ମିଳନ

**ପାଇକମାଲ,୧୫।୧୦(ବଡ ଶତପଥୀ):** ବରଗଡ ଜିଲା ପାଇକମାଲ ବ୍ଲକ ନୃସିଂହନାଥ ଆଇଓସିଏଲ ପରିସରରେ ମନୋରଞ୍ଜନ ସିଂ ବରିହାଙ୍କ ସଭାପତିତ୍ୱରେ କୋଶଳ ପ୍ରେମୀଙ୍କ ବନ୍ଧୁ ମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଜ୍ଞାନେନ୍ଦ୍ର ବେହେରା ଓ ମୁଖ୍ୟ ବକ୍ତା ଭାବେ ପ୍ରଶାନ୍ତ ମାଝୀ ଯୋଗ ଦେଇଥିଲେ। ସନ୍ତୋଷ ସିଂ ଠାକୁର ଅତିଥି ପରିଚୟ ଓ ସାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ କୋଶଳ ରାଜ୍ୟ ଗଠନ ସମ୍ପର୍କରେ ବିଭିନ୍ନ ଦିଗ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ସରପଞ୍ଚ ଦିଲୀପ ବେହେରା, ତୁଳାରାମ ବେହେରା, ରାଜେନ୍ଦ୍ର କୁମାର ମାହାନ୍ତି, ଅବନୀକାନ୍ତ ସାହୁ, ଅର୍ଜୁନ ମାଝୀ, ଚାଷୀନେତା ଅରବିନ୍ଦ ପଣ୍ଡା, ରାଜକୁମାର ସେଠ, ଚୈତନ୍ୟ ଭୋଇ ଅଂଶଗ୍ରହଣ କରିଥିଲେ।

### ସୋହେଲାରେ ଅଗ୍ରସେନ ଜୟନ୍ତୀ

**ସୋହେଲା,୧୫।୧୦(ଅଶ୍ୱିନୀ ପାତ୍ର):** ସୋହେଲା ଅଗ୍ରସେନ ଭବନରେ ମାରୱାଡ଼ି ସମାଜ ପକ୍ଷରୁ ରବିବାର ଅଗ୍ରସେନ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଅଗ୍ରୱାଲ ସଭା ସଭାପତି ଚନ୍ଦ୍ର ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ମୁଖ୍ୟ ଅତିଥି, ସୋହେଲା ବିଡିଓ ବିଶ୍ୱ ରଞ୍ଜନ କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମାରୱାଡ଼ି ଯୁବାମଞ୍ଚର ପ୍ରାନ୍ତୀୟ ସଭାପତି ପରାଗ ଅଗ୍ରୱାଲ ମୁଖ୍ୟବକ୍ତା ତଥା ଆଞ୍ଚଳିକ ସଭା ପ୍ରତିନିଧି ଆନନ୍ଦ ଗୋୟଲ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ସେବା ଭାବନା ବଜାୟ ରଖିବାକୁ ଉତ୍ସାହିତ କରିଥିଲେ। ମୁକେଶ ଅଗ୍ରୱାଲ, ମିନା ଅଗ୍ରୱାଲ ମଞ୍ଚାସୀନ ଥିଲେ। ରାହୁଲ ଅଗ୍ରୱାଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଞ୍ଜୁ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

### ମା' ଶ୍ୟାମା କାଳୀ ପୂଜା ପ୍ରସ୍ତୁତି ବୈଠକ

**ପଦ୍ମପୁର,୧୫।୧୦(ପ୍ରଦୀପ୍ତ ଦାଶ):** ପଦ୍ମପୁର ହନୁମାନ ପଡାଠାରେ କାଳୀ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଯାଇଛି। ବୈଠକରେ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଅଜିତ କୁମାର ଶତପଥି, ଉପସଭାପତି ଧରମ ପାଢ଼ୀ, ସମ୍ପାଦକ ପ୍ରଫୁଲ୍ଲ ମିଶ୍ର, ସହ ସମ୍ପାଦକ ଅଜୁ ପଟ୍ଟନାୟକ, କୋଷାଧ୍ୟକ୍ଷ ଶ୍ୟାମଳ କୁମାର ଦାସ, ସହ ସମ୍ପାଦକ ସରୋଜ ମିଶ୍ର ରହିଛନ୍ତି। ଦେବେନ ପଧାନ, ହରିହର ପଟ୍ଟନାୟକ, ପ୍ରିୟରଞ୍ଜନ ଭୋଇ, ମାନ ଜେନା, ଅଶୋକ ମିଶ୍ର, ଆଦର୍ଶ କୁମାର ନାଥ, ରାକେଶ କୁମାର ଦାଶ, ସନ୍ତୋଷ ବହିଦାର, ସୁବାସ ପାତ୍ର, ବାଲଗୋପାଳ ପାଣିଗ୍ରାହୀ, ଆକାଶ ନନ୍ଦିଘୋଷ ପ୍ରମୁଖ କାର୍ଯ୍ୟକାରିଣୀ ସଦସ୍ୟ ମନୋନୀତ ହୋଇଛନ୍ତି ।

# ୨୧୬୦ ବୋତଲ କଫ୍ ସିରପ୍ ଜବତ

**ବରଗଡ଼,୧୫।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୋଲିସ କଫ୍ ସିରପ୍ କାରବାର ଧରପଗଡ଼କୁ ଜୋରଦାର୍ କରିଛି। ସ୍ଥାନୀୟ ଗୁରୁଦ୍ୱାରା ଛକ-ରେଳ ଷ୍ଟେଶନ ରାସ୍ତାର କୃଷକ ବଜାର ନିକଟରୁ କଫ୍ ସିରପ୍ ବୋଝେଇ ଏକ ଅଟୋ (ନଂ.ଓଡ଼ି୧୭ଜେ/୭୭୮୮)କୁ ବରଗଡ଼ ଟାଉନ ଥାନା ପୋଲିସ ଜବତ କରିଛି। ଅଟୋ ଭିତରେ ୧୮କାର୍ଟୁନରେ ଥିବା ୨୧୬୦ ବୋତଲ କଫ୍ ସିରପ୍‌କୁ ଜବତ କରାଯାଇଛି। ଏହା ସହିତ ୪ଲିଟର ନିଶା ମିଶ୍ରିତ ତରଳ ପଦାର୍ଥ, ୨ଷ୍ଟ୍ରିପ୍ ନାଇଟୋଶନ ନିଶା ବଟିକା, ପ୍ଲାଷ୍ଟିକ ଗ୍ଲାସ, ଗୋଟିଏ ମୋବାଇଲ ଫୋନ ଆଦି ପୋଲିସ ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧୯ ରେଳ ଷ୍ଟେଶନ ନିକଟରେ ରହୁଥିବା ଗଣେଶ ନାଗ(୪୦) ଏବଂ ଶମ୍ଭୁ



ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତଙ୍କୁ ହାଜର କରାଯାଇଛି ।



ଜବତ କଫ ସିରପ ।

ଲୁହା(୩୫)। ସେମାନଙ୍କ ବିରୋଧରେ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୫୯୭/୨୩) ରୁଜୁ କରିଛି । ଗିରଫ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଅନ୍ୟପଟେ ଜଣେ ଅଭିଯୁକ୍ତ କୌଶଳକ୍ରମେ ଖସି ଯାଇଛନ୍ତି । ତାଙ୍କ ପରିଚୟ ମିଳିସାରିଛି ଏବଂ ସେ ମଧ୍ୟ ଅତିଶୀଘ୍ର ଧରାପଡ଼ିବେ ବୋଲି ପୋଲିସ କହିଛି।

ଏ ନେଇ ବରଗଡ଼ ଏସ୍‌ଡ଼ିପିଓଙ୍କ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ସୂଚନା ଦେଇ କହିଥିଲେ, ଶନିବାର ଅପରାହ୍ନରେ ଜବତ ଅଟୋରେ କଫ ସିରପ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ଏସ୍‌ପି ପି.ଏସ୍ ମୀନାଙ୍କ ନିର୍ଦ୍ଦେଶକ୍ରମେ ପୋଲିସର ଏକ ଟିମ୍ ସେଥିପ୍ରତି ନଜର ରଖିଥିଲା ଏବଂ କୃଷକ ବଜାର ନିକଟରୁ କଫ ସିରପ୍ ବୋଝେଇ ଅଟୋକୁ ଜବତ କରିବା ସହିତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସେହିପରି ଗିରଫ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ଡ କରାଯିବ ଏବଂ କେଉଁଠାରୁ କଫ ସିରପ୍ ଆସୁଥିଲା, ସେ ନେଇ ଅଧିକ ଖୋଳତାଡ଼ ଚାଲିଛି ବୋଲି ଅତିରିକ୍ତ ଏସ୍‌ପି ମହାନ୍ତି କହିଥିଲେ। ଖବରଦାତା ସମ୍ମିଳନୀରେ ଏସ୍‌ଡ଼ିପିଓ ପଦାରବିନ୍ଦ ତ୍ରିପାଠୀ, ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ ପ୍ରମୁଖ ଉପସ୍ଥିତ ଥିଲେ।

# ସମଲେଶ୍ୱରୀଙ୍କ ଶୈଳପୁତ୍ରୀ ବେଶ

**ବରଗଡ଼,୧୫।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସମଲେଶ୍ୱରୀ ମନ୍ଦିରରେ ରବିବାର ମାଁ ସମଲେଶ୍ୱରୀ ଶୈଳପୁତ୍ରୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ତିଥିରେ ଦେବୀଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ବହୁସଂଖ୍ୟକ ଭକ୍ତଙ୍କ ଭିଡ଼ ହୋଇଥିଲା। ଭକ୍ତମାନେ ପୂଜା ସାମଗ୍ରୀ ଧରି ମନ୍ଦିରକୁ ଆସି ପୂଜାର୍ଚ୍ଚନା ସହିତ ଦୀପ ପ୍ରଜ୍ୱଳନ କରିଥିଲେ । ମନ୍ଦିର ପୂଜକ ବିଧିମତେ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।



ମାଁ ସମଲେଶ୍ୱରୀଙ୍କ ଶୈଳପୁତ୍ରୀ ବେଶ ।

# ନଭେମ୍ବର ୧୦ରୁ ଚିଟ୍ ଫଣ୍ଡ ଜମାକାରୀ ମିଳିତ ମଞ୍ଚର ଧାରଣା

**ପଦ୍ମପୁର,୧୫।୧୦ (ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦ୍ରୀୟ ଚିଟ୍ ଫଣ୍ଡ ଜମାକାରୀ ମିଳିତ ମଞ୍ଚର ଆହ୍ୱାନ କ୍ରମେ ଜିଲା ସଭାପତି ଗୌରୀଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଆସନ୍ତା ନଭେମ୍ବର ୧୦ରୁ ବରଗଡ଼ ଜିଲାର ସମସ୍ତ ଚିଟ୍ ଫଣ୍ଡ ଠକେଇ ହୋଇଥିବା ଜମାକାରୀ ନିଶାମଣି ହାଇସ୍କୁଲ ପଡିଆରେ ଏକାଠି ହୋଇ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଧାରଣା ଦେବେ। ଜମା କରିଥିବା କମ୍ପାନୀ ଗୁଡ଼ିକର ବଣ୍ଡ ପେପର ଓ କାଗଜପତ୍ର ଦାଖଲ କରିବେ ବୋଲି କୁହାଯାଇଛି। ବୈଠକରେ ଜିଲା ସଂଯୋଜକ ସୁଶାନ୍ତ ମହାପାତ୍ର , ବ୍ଲକ ସଭାପତି ଦେବରାଜ ବେହେରା, ଶତ୍ରୁଘ୍ନ ମହାକୁର, ସୁଶାନ୍ତ ଆଚାର୍ଯ୍ୟ, ଲୋକନାଥ ଜାଲ, ମଣ୍ଟୁ ଗଡତିଆ, ନବୀନ ମେହେର, କ୍ଷୀରୋଦ ଦାସ, ଜୀବର୍ଦ୍ଧନ ସାହୁ, ସୁଦାମ ବେହେରା, ଡୋଲାମଣି ସାହା ଏବଂ ବରଗଡ଼ ଜିଲା ସମସ୍ତ ବ୍ଲକ ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ମାନସିକ ସ୍ୱାସ୍ଥ୍ୟ ଉପରେ ସଚେତନତା

**ଅତାବିରା,୧୫।୧୦(ହୃଷୀକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କୁଲୁଣ୍ଡା ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କେନ୍ଦ୍ରରେ ମାନସିକ ସ୍ୱାସ୍ଥ୍ୟ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମାନସିକ ରୋଗୀ ଏବଂ ସାଧାରଣ ଲୋକଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ ଜିଲା ମାନସିକ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଫକୀର ମୋହନ ବାଗ (ମାନସିକ ସମାଜସେବକ) ଯୋଗଦାନ କରି ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ, ମାନସିକ ରୋଗର ସାଧାରଣ ଲକ୍ଷଣ, ଏହାର ଚିକିତ୍ସା, ମାନସିକ ରୋଗୀଙ୍କ ପାଇଁ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ତଥା ଟେଲି ମାନସ ନିଃଶୁଳ୍କ ନମ୍ବର ୧୪୪୧୬ ବିଷୟରେ ସେ ସମସ୍ତଙ୍କୁ ଅବଗତ କରିଥିଲେ। ଠିକ୍ ସମୟରେ ଚିକିତ୍ସା କରାଗଲେ ମାନସିକ ରୋଗୀ ସମ୍ପୂର୍ଣ୍ଣ ଭାବେ ମାନସିକ ରୋଗରୁ ଆରୋଗ୍ୟ ଲାଭ କରିପାରିବ ବୋଲି ବାଗ କହିଥିଲେ। ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ବିଭାଗ ଦ୍ୱାରା ପ୍ରତ୍ୟେକ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ମାନସିକ ସ୍ୱାସ୍ଥ୍ୟ ବିଭାଗ କେନ୍ଦ୍ର ରହିଥିବା ଏବଂ ବିନା ମୂଲ୍ୟରେ ଚିକିତ୍ସା ସେବା ଯୋଗାଇ ଦିଆଯାଉଥିବା ସୂଚନା ଦିଆଯାଇଥିଲା। ସର୍ବଦା ଚାପରେ ରହିବା, ଏକାକୀ ମୌନ ହୋଇ ରହିବା, ସବୁବେଳେ ବିରକ୍ତି ଭାବନା ମନରେ ଆସିବା, ନିଦ ନ ହେବା, ଗୋଟିଏ କାର୍ଯ୍ୟକୁ ବାରମ୍ବାର କରିବା, ନିଜେ ନିଜେ କଥା ହେବା ଏବଂ ହସିବା, ବିନା କାରଣରେ ଭୟ କରିବା, ଛୁଆଙ୍କ କ୍ଷେତ୍ରରେ ସମୟ ଅନୁସାରେ ମାନସିକ ବିକାଶ ନ ଘଟିବା ଆଦି ମାନସିକ ରୋଗର ଲକ୍ଷଣ ବୋଲି ସୂଚନା ପ୍ରଦାନ କରି ସେଭଳି କ୍ଷେତ୍ରରେ ପ୍ରାଥମିକ ସ୍ୱାସ୍ଥ୍ୟ କର୍ମଚାରୀ, ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଜିଲା ମାନସିକ ସ୍ୱାସ୍ଥ୍ୟ ବିଭାଗ ସହିତ ତୁରନ୍ତ ଯୋଗାଯୋଗ କରିବାକୁ ବାଗ ପରାମର୍ଶ ଦେଇଥିଲେ। ବରଗଡ଼ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ମାନସିକ ବିଶେଷଜ୍ଞ ନ ଥିବା ଯୋଗୁ ପ୍ରତ୍ୟେକ ମାସ ଦ୍ୱିତୀୟ ସୋମବାର ଏବଂ ମଙ୍ଗଳବାର ବଲାଙ୍ଗୀର ମେଡ଼ିକାଲ କଲେଜରୁ ମାନସିକ ବିଶେଷଜ୍ଞ ଡାକ୍ତର ଆସୁଥିବା ସୂଚନା ପ୍ରଦାନ କରାଯାଇଥିଲା। କୁଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଫିସର ବନିତା ସାହୁ ସଭା ପରିଚାଳନା କରିଥିଲେ । ଆଶାକର୍ମୀମାନେ ସହଯୋଗ କରିଥିଲେ।



କୁଲୁଣ୍ଡାରେ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ।

### ବନଦୁର୍ଗା ମନ୍ଦିରରେ ନବରାତ୍ର ଦୁର୍ଗାପୂଜା ଆରମ୍ଭ

**ପଦ୍ମପୁର,୧୫।୧୦ (ପ୍ରଦୀପ୍ତ ଦାଶ):** ପଦ୍ମପୁର ବନଦୁର୍ଗା ମନ୍ଦିରରେ ଶାରଦୀୟ ନବରାତ୍ର ଦୁର୍ଗାପୂଜା ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ରବିବାର କଳସ ଶୋଭାଯାତ୍ରା, ଘଟ ସ୍ଥାପନ ହୋଇଛି। ପୁଷ୍କରିଣୀରୁ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ପୂଜାସ୍ଥଳୀରେ ସ୍ଥାନୀତ କରାଯାଇଥିଲା। ଚଳିତ ବର୍ଷ କମଳ ଶର୍ମା ଓ ପ୍ରିୟା ଶର୍ମା, ରଜନୀ ଦାସ ଓ ଉର୍ମିଳା ପଣ୍ଡା, କ୍ଷମାନିଧି ପଧାନ ଓ ସ୍ୱର୍ଣ୍ଣପ୍ରଭା ପଧାନ ଦମ୍ପତି କର୍ତ୍ତା ଭାବେ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ପ୍ରତ୍ୟହ ମା' ଦୁର୍ଗାଙ୍କ ନବ ଅବତାର ଚଣ୍ଡୀପାଠ, ହୋମ, ମଙ୍ଗଳ ଆଳତି ପୂଜାବିଧି ଯଥାରୀତି ହେବା ସହ ବାଲଭୋଗ, ଅନ୍ନଭୋଗ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ପ୍ରଦାନ କରାଯିବ ବୋଲି ପୂଜା କମିଟି ସଭାପତି ଡା. ପ୍ରଭାତ ନାରାୟଣ ତ୍ରିପାଠୀ, ସମ୍ପାଦକ ଗୋପାଳ ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ଅନୀଲ ବେହେରା, ସୁଶାନ୍ତ କୁମାର ପଧାନ ସୂଚନା ଦେଇଛନ୍ତି ।



## ନଭେମ୍ବର ୭ ଚାଷୀ ସମାବେଶ ପ୍ରସ୍ତୁତି ବୈଠକ

# ଚାଷ, ଜଳସେଚନ, ଜିଲା ଦାବିକୁ ଗୁରୁତ୍ୱ

**ପଦ୍ମପୁର,୧୫।୧୦ (ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ରାଜବୋଡାସମ୍ବର କୃଷକ ସଙ୍ଗଠନ ଆଗାମୀ ନଭେମ୍ବର ୭ତାରିଖରେ ଏକ ବିରାଟ ଚାଷୀ ସମାବେଶ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି। ଏଥିପାଇଁ ପଦ୍ମପୁରଠାରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ମୁଖ୍ୟତଃ ଚାଷୀ ସମସ୍ୟା, ବୀମା, ଜଳସେଚନ, ଜିଲା ଘୋଷଣାକୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ ଚାଷୀମାନଙ୍କ ଋଣ ସମ୍ପୂର୍ଣ୍ଣ ଛାଡ କରିବା, ବକେୟା ବିଦ୍ୟୁତ ବିଲ ଛାଡ ସହ କୃଷି ପାଇଁ ମାଗଣା ବିଦ୍ୟୁତ୍, ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୩ଶହ ୟୁନିଟ ମାଗଣା, ସମ୍ପୂର୍ଣ୍ଣ ଉପଖଣ୍ଡରେ ଜଳସେଚନ ସୁବିଧା, ଧାନର ଏମ୍ଏସ୍‌ପି ୪ହଜାରକୁ ବୃଦ୍ଧି, ଏସ୍ଏଚ୍‌ଜି ଋଣ ଓ ସୁଧ ଛାଡ କରିବା, ମହୁଲ, ଚାର ଆଦି ବନଜାତ ଦ୍ରବ୍ୟର ଏମ୍ଏସ୍‌ପି ନିର୍ଦ୍ଧାରଣ କରି ମଣ୍ଡି ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ସେହିପରି ଦାଦନ ସମସ୍ୟାର ନିରାକରଣ ପାଇଁ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ଜାନୁୟାରୀ ୧ରୁ ପଦ୍ମପୁର ଜିଲା କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରିବା, ଭତ୍ତା ରାଶି ୨୫୦୦କୁ ବୃଦ୍ଧି, ୨୦୨୧ର ବକେୟା ବୀମା ପ୍ରଦାନ ଓ ବଞ୍ଚିତ ଚାଷୀମାନଙ୍କୁ ଇନ୍‌ପୁଟ ପ୍ରଦାନ କରିବାକୁ ଆଲୋଚନା ହୋଇଥିଲା। ଏସବୁ ଦାବି ଆସନ୍ତା ମହାସମାବେଶରେ ଉପସ୍ଥାପନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ସଙ୍ଗଠନର ଆଇନ ପରାମର୍ଶଦାତା ଅଜିତ ଶତପଥୀ, ଚାଷୀନେତା ରମେଶ ମହାପାତ୍ର, ରୋହିତ ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ପ୍ରକାଶ ମିଶ୍ର, କାହ୍ନୁ ମେହେର, ସୁବାଷ ସାମନ୍ତରାୟ, ବିଜୟ ସାହୁ, ଚିତ୍ତ ପାଣ୍ଡେ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ପ୍ରତ୍ୟେକ ବ୍ଲକରୁ ଚାଷୀ ପ୍ରତିନିଧି ସାମିଲ ହୋଇଥିଲେ।

# ସୋହେଲାରେ ଶାରଦୀୟ ନବରାତ୍ର ଦୁର୍ଗାପୂଜା ଆରମ୍ଭ

**ସୋହେଲା,୧୫।୧୦(ଅଶ୍ୱିନୀ ପାତ୍ର)**

ବରଗଡ ଜିଲ୍ଲା ସୋହେଲାଠାରେ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ରବିବାରଠାରୁ ଶାରଦୀୟ ନବରାତ୍ର ଦୁର୍ଗାପୂଜା ଆରମ୍ଭ ହୋଇଛି। ଏହି ଅବସରରେ ସକାଳେ ପୂଜା କମିଟିର କର୍ମକର୍ତ୍ତା, ପୂଜକ ଓ ପୂଜାକର୍ତ୍ତା ଏକ ଶୋଭାଯାତ୍ରାରେ ଯାଇ ଥାନା ସ୍ଥିତ ବେଲଗଛ ତଳେ ବିଧି ଅନୁସାରେ ପୂଜାର୍ଚ୍ଚନା କରି ବିଲ୍ୱବରଣ କରି ପୂଜାସ୍ଥଳକୁ ଆଣିଥିଲେ। ଏହା ପରେ ଶତାଧିକ ମହିଳା ଶୋଭାଯାତ୍ରାରେ ପୁର୍ଣ୍ଣବନ୍ଧରୁ ଜଳପୂର୍ଣ୍ଣ କଳସ ପୂଜାସ୍ଥଳକୁ ଆଣି ସ୍ଥାପନ କରିଥିଲେ। ବାଟରେ ବସ୍ତିର ମହିଳାମାନେ ନିଜ ନିଜ ଘର ସମ୍ମୁଖରେ ଝୋଟି ପକାଇ ଦୀପ ଜାଳି ସ୍ୱାଗତ କରିଥିଲେ। ପୂଜା ମଣ୍ଡପ ଓ ମନ୍ଦିରରେ ପୂର୍ଣ୍ଣ କଳସ ସ୍ଥାପନ ପରେ ପୂଜା ଆରମ୍ଭ ହୋଇଥିଲା। କଳସ ଶୋଭାଯାତ୍ରାରେ ଦୁର୍ଗାପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ଉପସଭାପତି ମହମ୍ମଦ ରଫିକ, ସମ୍ପାଦକ ଦିଲୀପ ଖମାରୀ, ମନ ମାଝି, ନଥୁରାମ ଅଗ୍ରୱାଲ, ଗୋବିନ୍ଦ ସାହୁ, ଟଙ୍କଧର ଝାଙ୍କର, ନରେନ୍ଦ୍ର ଠାକୁର, ପ୍ରମୋଦ ଦେବତା, ବଲବୀର ସିଂ ଠାକୁର, ଗିରିଜେଶ ଖାଡାଙ୍ଗା, ସୁଶାନ୍ତ ମିଶ୍ର, ବାବୁଲୁ ଦେବତା, ରମାକାନ୍ତ ସାହୁ, ପ୍ରେମାନନ୍ଦ ଭୋଇ, ସଂଜୀବ ଝାଙ୍କର, ଜୟକୃଷ୍ଣ ସାହୁ, ସନ୍ୟାସୀ ପରୁଆ, ଗୋପାଳ ନାୟକ, କିଶୋର ଗଡତିଆ ଓ ମୋହନ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ମେଢ଼ ପୂଜା ମଣ୍ଡପରେ କର୍ତ୍ତା ଭାବେ ଶଶୀକାନ୍ତ ପାଣିଗ୍ରାହୀ ଦାୟିତ୍ୱ ସମ୍ପାଦନ କରୁଥିବାବେଳେ ପୂଜକ ଭାବେ ଟିକେଶ୍ୱର ମହାପାତ୍ର, ସଦାନନ୍ଦ ଷଡଙ୍ଗୀ, ରବିନାରାୟଣ ଦେବତା, ସୁମନ୍ତ ପାଣିଗ୍ରାହୀ, ରାଜୀବ ଲୋଚନ ଦାଶ ଓ ରାଜେନ୍ଦ୍ର ଦାଶ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଦୁର୍ଗା ମନ୍ଦିରରେ ଚାଲିଥିବା ପୂଜାରେ କର୍ତ୍ତା ଭାବେ ଭକ୍ତ ଠାକୁର ଓ ପୂଜକ ଭାବେ ପଣ୍ଡିତ ସରୋଜ କୁମାର ଦେବତା, ବିନୋଦ ବିହାରୀ ମହାପାତ୍ର, ରଞ୍ଜନ ତ୍ରିପାଠୀ, ବିକ୍ରମ ସୁସାରୀ, ଅମୂଲ୍ୟ ମିଶ୍ର ଓ ପ୍ରଫୁଲ୍ଲ ମିଶ୍ର ଦାୟିତ୍ୱ ସଂପାଦନ କରୁଛନ୍ତି । ଏହି ପୂଜା ଅବସରରେ ବିଭିନ୍ନ ପ୍ରତିଯୋଗିତା ଯଥା ମ୍ୟୁଜିକାଲ ଚେୟାର, ହୁଳହୁଳି, ସାଇକେଲ ରେସ, ରସିଟଣା ଏବଂ ନକଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ହଟଲି ମଣ୍ଡପରେ ଲୋକ ମହୋତ୍ସବ ପାର୍ବଣ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ଜିଲାର ଲୋକ କଳାକାରମାନେ ଭାଗ ନେବେ। ଚେତନା ମଣ୍ଡପରେ ରାମଲୀଳା ଅନୁଷ୍ଠିତ ହେବ। ଏଥିସହିତ ଅର୍କେଷ୍ଟ୍ରା ମଧ୍ୟ ପରିବେଷଣ ହେବ। ସୋହେଲା ଦୁର୍ଗାପୂଜାର ମୁଖ୍ୟ ଆକର୍ଷଣ ରାବଣ ପୋଡି କାର୍ଯ୍ୟକ୍ରମ ମଧ ରହିଛି। ଏଥର ରାୟପୁର, କଟକ ଓ ଜଗତସିଂହପୁର ବାଣ ନିର୍ମାତାମାନଙ୍କ ଦ୍ୱାରା ତିଆରି ବାଣ ପ୍ରତିଯୋଗିତା ହେବ। ଲୋକଙ୍କ ମନୋରଞ୍ଜନ ପାଇଁ ପୂଜା କମିଟି ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି।

# ବିକାଶ ସିମେଣ୍ଟ ନଗର ସ୍କୁଲ ସମ୍ମାନିତ

**ବରଗଡ଼,୧୫।୧୦(ପ୍ରେମାନନ୍ଦ ଖମାରୀ):** ବିଶ୍ୱ ଶିକ୍ଷା ଅନୁଷ୍ଠାନ (ଇଡବ୍ଲ୍ୟୁଆଇଏସଆର୍) ଆନୁକୂଲ୍ୟରେ ଦିଲ୍ଲୀରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ସମାରୋହରେ ବରଗଡ଼ର ବିକାଶ ସିମେଣ୍ଟନଗର ଇଂରାଜୀ ମାଧ୍ୟମ ସ୍କୁଲକୁ ସମ୍ମାନିତ କରାଯାଇଛି। ଲାଇବ୍ରେରୀ ଏବଂ ଶିକ୍ଷଣ ସଂସ୍କୃତି ବିଭାଗ ପାଇଁ ଏହି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯିବା ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନାତନ ମହାପାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ରାଷ୍ଟ୍ରୀୟ ସ୍ତରରେ ଦଶମ, ରାଜ୍ୟସ୍ତରରେ ଦ୍ୱିତୀୟ ଏବଂ ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଏହି ଅନୁଷ୍ଠାନକୁ ବରଗଡ଼ ସିମେଣ୍ଟ ପ୍ଲାଣ୍ଟର ମୁଖ୍ୟ ପରିଚାଳକ ସୁନୀଲ କୁମାର, ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀକ୍ରୀଷ୍ଣା, ନିର୍ଦ୍ଦେଶକ ଡ. ସମରେନ୍ଦ୍ର ନାଥ ପଣ୍ଡା ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



ବିକାଶ ସିମେଣ୍ଟନଗର ଇଂରାଜୀ ମାଧ୍ୟମ ସ୍କୁଲ ଅଧ୍ୟକ୍ଷ ସମ୍ମାନ ଗ୍ରହଣ କରୁଛନ୍ତି।

# ନୂଆଁଖାଇ ଭେଟ୍‌ଘାଟ୍ ପାଇଁ ପ୍ରତିଯୋଗିତା



ମୁଖ୍ୟ ଅତିଥି ଫିତା କାଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

**ପଦ୍ମପୁର,୧୫।୧୦(ପ୍ରଦୀପ୍ତ ଦାଶ)**

ବରିକେଲ ଗ୍ରାମପଞ୍ଚାୟତ ଫଟାମୁଣ୍ଡା ଗାଁରେ ଆମ୍ବେଦକର ଯୁବକ ସଂଘ ପକ୍ଷରୁ ଆସନ୍ତା ୨୯ତାରିଖରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ରବିବାର ପିଠା ତିଆରି, ମ୍ୟୁଜିକ ଚେୟାର, ରଙ୍ଗୋଲି, ବ୍ୟାଲେନ୍ସ ରେସ, ଛୁଞ୍ଚି ସୂତା ଆଦି ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଶିକ୍ଷୟିତ୍ରୀ ସରୋଜିନୀ ବନଛୋର ଶୁଭାରମ୍ଭ କରିଥିଲେ। ବିଚାରକ ଭାବେ ସୁଲେଖା ପଣ୍ଡିତ, ମାନସୀ ମିଶ୍ର, ଉମେଶ ସୁନା, ଅନିତା ବାବୁ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ଏସ୍ଏଚ୍‌ଜିର ସଦସ୍ୟା, ଗାଁର ସମସ୍ତ ମହିଳା, ଯୁବତୀମାନେ ଅଂଶଗ୍ରହଣ କରିଥିଲେ। ଅଶୋକ ମେହେର, ବିକ୍ରମ ପ୍ରଧାନ, ଆମ୍ବେଦକର ଯୁବକ ସଂଘର ସମ୍ପାଦକ ରଜନୀକାନ୍ତ ସୁନା, ତ୍ରିଲୋଚନ ସୁନା, ରାଜେଶ ମହାନନ୍ଦ, ବୁଲୁ କୁମ୍ଭାର, ରଙ୍ଗାଧର ସୁନା, ରାହୁଲ କୁମ୍ଭାର, ଶଶି ମହାନନ୍ଦ, ସନ୍ତୋଷ ବାରିକ, ତ୍ରିଲୋଚନ ତାଣ୍ଡି, କରୁଣାକର ତାଣ୍ଡି, ଅଣାକର ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆମ୍ବେଦକର ଯୁବକ ସଂଘ ଉପସଭାପତି ବେଣୁପାଣି ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ୨୯ତାରିଖରେ ହେବାକୁ ଥିବା ନୂଆଁଖାଇ ଭେଟଘାଟରେ ପୁରସ୍କୃତ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ପ୍ରତି ଭାରତୀୟ ସଂସ୍କୃତ ଜାଣିବା ବିଧେୟ

**ବରଗଡ଼,୧୫।୧୦(ପ୍ରେମାନନ୍ଦ ଖମାରୀ)**

ସଂସ୍କୃତ ଭାଷା ହେଉଛି ସମସ୍ତ ଭାଷାର ଜନନୀ। ସଂସ୍କୃତ ଭାରତୀୟ ସଂସ୍କୃତିର ପ୍ରତୀକ। ତେଣୁ ପ୍ରତି ଭାରତୀୟ ସଂସ୍କୃତ ଜାଣିବା ଉଚିତ୍। ସଂସ୍କୃତ ଭାରତୀ ପକ୍ଷରୁ ବରଗଡ଼ ରାଣାପ୍ରତାପ ସ୍କୁଲରେ ରବିବାର ଆୟୋଜିତ ଜିଲା ସଂସ୍କୃତ ଦିବସ ପାଳନ ଅବସରରେ ବକ୍ତାମାନେ ଏହା ମତପ୍ରକାଶ କରିଛନ୍ତି। ପ୍ରାନ୍ତୀୟ ଅଧ୍ୟକ୍ଷ ଆୟୁଷ୍ମନ୍ତ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତା ଏବଂ ପଣ୍ଡିତ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ରାଣାପ୍ରତାପ ସ୍କୁଲର ମୋ ସ୍କୁଲ ଅଭିଯାନ ଅଧ୍ୟକ୍ଷ ନନ୍ଦ କିଶୋର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସଂସ୍କୃତ ଭାଷାର ସୁରକ୍ଷା ପାଇଁ ହେଉଥିବା ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ଦାଶ, ସାମାଜିକ କର୍ମୀ ସଂଘମିତ୍ରା ପଟେଲ, ସଂସ୍କୃତାନୁରାଗୀ ଗିରିଧାରୀ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବକ୍ତବ୍ୟ ରଖୁଛନ୍ତି ।



କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ପ୍ରମୋଦ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରମୋଦ ଦାଶ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଅଧ୍ୟାପକ ରାଜୀବ ସାହୁ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ଅଧ୍ୟାପକ ଦୁର୍ବାଦଳ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। କମଗାଁ କଲେଜର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମସ୍ତେ ସଂସ୍କୃତ ଭାଷା କହିବାକୁ ଅନୁରୋଧ କରିଥିଲେ। ଅଧ୍ୟାପକ ଅଜିତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ଦିବସ ପାଳନର ଆବଶ୍ୟକତା ଏବଂ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଜିଲା ସଂଯୋଜକ ହେମନ୍ତ ପ୍ରଧାନ, ଅଧ୍ୟାପିକା ଦମୟନ୍ତୀ କରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଲେଜ ସ୍ତରର ଛାତ୍ରୀଛାତ୍ରଙ୍କ ପାଇଁ ଭାଷଣ ଏବଂ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ଏକକ ଅଭିନୟ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସେହିପରି କଣ୍ଠଶିଳ୍ପୀ ପ୍ରମୋଦ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ ଯଜ୍ଞବ୍ରତ କର, ନିଗମାନନ୍ଦ ମିଶ୍ର, ଦମୟନ୍ତୀ କର, ଅଶୋକ ମେହେର ପ୍ରମୁଖ ବିଚାରକ ଭାବେ ଯୋଗଦାନ କରିଥିଲେ। ସୁରଜ କୁମାର ଦେବତା, ପ୍ରକାଶ ଅଦାବର, ରୁଦ୍ର ନାୟକ, ରୀତା ସାହୁ, ଅନୁରାଧା ମିଶ୍ର, ସତ୍ୟଜିତ ମିଶ୍ର, ଦେବାଶିଷ ଡାଙ୍ଗ, ଜ୍ୟୋତି ମହାକୁଡ଼, ଅମନ ଦାଶ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଭଟଲି ଦଧିବାମନ କଲେଜର ଛାତ୍ରୀମାନେ ସଂସ୍କୃତ ନାଟକ ଏବଂ ରାଣାପ୍ରତାପ ସ୍କୁଲର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପକ ଅଶୋକ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।




**ସଂକ୍ଷେପରେ**

## ନାଗପୁରୀ ଆଲ୍‌ବମ୍‌ରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ରୋଶନୀ

**ବନ୍ଧମୁଣ୍ଡା,୧୫।୧୦ (ସୁବ୍ରତ ଡେ):** ବନ୍ଧମୁଣ୍ଡା ପଞ୍ଚାୟତ ଆର୍‌ଏସ୍ କଲୋନୀର ରୋଶନୀ ଓରାମ ନାଗପୁରୀ ଆଲବମ୍‌ରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଗତ ୮ ବର୍ଷ ଭିତରେ ୧୫୦ଟି ନାଗପୁରୀ ଆଲବମ୍‌ରେ ହିରୋଇନ ଭୂମିକାରେ ରହି ସେ ୟୁଟ୍ୟୁବ ମାଧ୍ୟମରେ ଖୁବ ଚର୍ଚ୍ଚିତ ହୋଇପାରିଛନ୍ତି। ବର୍ତ୍ତମାନ ରୋଶନୀଙ୍କ ଏକ ନୂଆ ଆଲବମ୍ ଶୁଟିଂ ବନ୍ଧମୁଣ୍ଡା ଅଞ୍ଚଳରେ ଆରମ୍ଭ ହେଇଛି; ଯାହାର ନାଁ କାଜରାରେ ନେଇନା। ଏହି ଆଲବମ୍‌ରେ ତାଙ୍କ ସହ ହିରୋ ଭୂମିକାରେ ଦେଖିବାକୁ ମିଳିବ ରାଉରକେଲା ସ୍ମାର୍ଟ ସିଟିର ରେଳବାଇ କଲୋନୀ ନିବାସୀ ମଣ୍ଟୁ ଡିଏମ୍‌ସି। ଏହି ୨ଜଣଙ୍କ ଅଧିକାଂଶ ଆଲବମ୍ ୟୁଟ୍ୟୁବରେ ପ୍ରାୟ ୨୫ ମିଲିୟନ୍ ଲୋକ ଦେଖୁଛନ୍ତି। ୟୁଟ୍ୟୁବ ଯୋଗୁ ଉଭୟେ ଏକ ଭିନ୍ନ ପରିଚୟ ପାଇଛନ୍ତି। ସୂଚନାଯୋଗ୍ୟ, ସୁନ୍ଦରଗଡ ଜିଲାରେ ବହୁ ସଂଖ୍ୟକ ଆଦିବାସୀ ଲୋକ ବସବାସ କରୁଥିବାରୁ ଏଠାକାର ଲୋକେ ନାଗପୁରୀ ଗୀତକୁ ଖୁବ ପସନ୍ଦ କରନ୍ତି।

## ସବ୍‌ଡେଗାରେ ପିଏଫ୍‌ଆଇ ସଂଗଠନ ସଦସ୍ୟ

**ସବ୍‌ଡେଗା,୧୫।୧୦ (ଅନନ୍ତ ପଟେଲ):** ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକରେ ଜଣେ ଯୁବକ ଦୀର୍ଘବର୍ଷରୁ ପିଏଫ୍‌ଆଇ ସଂଗଠନର ସଦସ୍ୟ ଭାବେ କାମ କରୁଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଉକ୍ତ ଯୁବକ ଜଣକ ଅଞ୍ଚଳର ବିଭିନ୍ନ ଜାତି, ଧର୍ମ ଓ ସାମୂହିକ କାର୍ଯ୍ୟର ଫଟୋ ଏବଂ ସୂଚନା ଉକ୍ତ ସଂଗଠନକୁ ପଠାଉଛନ୍ତି। ଏଥିସହ ଅଞ୍ଚଳରେ ଚାଲିଥିବା ଅନେକ ଅସାମାଜିକ କାର୍ଯ୍ୟକଳାପରେ ସମ୍ପୃକ୍ତ ରହୁଥିବା ଜଣାପଡ଼ିଛି। ଏହି କାର୍ଯ୍ୟ ପାଇଁ ଯୁବକଙ୍କୁ ମୋଟା ଅଙ୍କର ଟଙ୍କା ମଧ୍ୟ ସଂଗଠନ ତରଫରୁ ପ୍ରଦାନ କରାଯାଉଛି। ଖବରଦାତା କହି ଲୋକଙ୍କୁ ପ୍ରତିଦିନ ଭୟଭୀତ କରି ଜୋର ଜବରଦସ୍ତ ଟଙ୍କା ଆଦାୟ କରୁଥିବା ଜଣାପଡ଼ିଛି। ଏଥିସହ ଧର୍ମ ବିରୋଧୀ କାର୍ଯ୍ୟ କରୁଥିବା ସୂଚନା ମିଳୁଛି। ଯୁବକଙ୍କ କାର୍ଯ୍ୟକଳାପ ପ୍ରତି ଅଞ୍ଚଳବାସୀ ଅତିଷ୍ଠ ହୋଇସାରିଲେଣି। ଜିଲା ପ୍ରଶାସନ ଓ ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ କରି ଉକ୍ତ ଯୁବକଙ୍କୁ ଯଥାଶୀଘ୍ର ଖୋଜି ବାହାର ନ କଲେ ଦେଶ ତଥା ରାଜ୍ୟ ସହ ଅଞ୍ଚଳ ପ୍ରତି ବିପଦ ବୋଲି ସାଧାରଣରେ ଦାବି ହେଉଛି।

## ଛତିଶଗଡ଼ରୁ ପୁରୀକୁ ଚାଲି ଚାଲି ଯାତ୍ରା

**ହେମଗିର,୧୫।୧୦(ଚୈତନ୍ୟ ପଟେଲ):** ସୁନ୍ଦରଗଡ ଜିଲା ହେମଗିର ବ୍ଲକ ସୀମାକୁ ଲାଗି ରହିଥିବା ଛତିଶଗଡ ରାଜ୍ୟର ଧଉରାଭଟାସ୍ଥିତ ରାମଚଣ୍ଡୀ ମନ୍ଦିରଠାରୁ ପୁରୀ ଅଭିମୁଖେ ତମନାରସ୍ଥିତ କୁରୁମଲେଗା ଗ୍ରାମର ଅନିଲ ଗୁପ୍ତା ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଚାଲି ଚାଲି ଯାତ୍ରା ଆରମ୍ଭ କରିଛନ୍ତି। ଲୁଆବାହାଲ, ବାଦିବାହାଲ, ହେମଗିର ଆଦି ରାସ୍ତା ଦେଇ ଯିବାବେଳେ ଗ୍ରାମବାସୀଙ୍କ ତରଫରୁ ଅନିଲଙ୍କୁ ସ୍ୱାଗତ କରାଯାଇଛି।

# ନୂତନ ଚୁକ୍ତିନାମାରେ ଶ୍ରମିକଙ୍କ ଅଧିକାର କ୍ଷୁଣ୍ଣ ହେଉଛି

### ବିଏମଏସ୍‌ର ଖବରଦାତା ସମ୍ମିଳନୀରେ ସୂଚନା

**ରାଉରକେଲା,୧୫।୧୦(ସଙ୍ଗୀତା ଜେନା)**



ଖବରଦାତା ସମ୍ମିଳନୀରେ ବିଏମ୍‌ଏସ୍ ନେତୃବୃନ୍ଦ ଓ ସଦସ୍ୟ ।

ଗତ ୨୯ ତାରିଖରେ ଆଞ୍ଚଳିକ ଶ୍ରମ ଆୟୁକ୍ତଙ୍କ ନିକଟରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ହୋଇଥିଲା। ତେବେ ଏହା ସମ୍ପୂର୍ଣ୍ଣ ଶ୍ରମିକ ବିରୋଧୀ ଓ ଶ୍ରମିକଙ୍କ ସାମ୍ବିଧାନିକ ଅଧିକାର ଉପରେ କୁଠାରଘାତ ବୋଲି ବିଏମ୍‌ଏସ୍ ଅଭିଯୋଗ କରିଛି। ରବିବାର ପୂର୍ବାହ୍ନରେ ସେକ୍ଟର-୪ ବିଏମ୍‌ଏସ୍ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଏମ୍‌ଏସ୍ ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘର ହିମାଂଶୁ ବଳ ସୂଚନା ଦେଇ କହିଛନ୍ତି, ଉକ୍ତ ଚୁକ୍ତିନାମା ଶେଷ ପୃଷ୍ଠାରେ ଲେଖା ହୋଇଛି ସ୍ୱୀକୃତିପ୍ରାପ୍ତ ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍) ଓ ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍‌ଏମ୍) ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କ ଉତ୍ପାଦନ ଓ ଉତ୍ପାଦକତା ବଢ଼ାଇବା ନାମରେ କର୍ମଚାରୀ ଓ ଶ୍ରମିକଙ୍କୁ ଯେକୌଣସି ବିଭାଗ ଓ ସଦସ୍ୟ ଆରଏସପିରେ ମିଶ୍ରଣ ହୋଇଥିବା ଟେନସା, ବଲାଣି, କାଲଟା, ତାଲଡିହି, ପୁରୁଣାପାଣି ମାଇନ୍ସକୁ ବଦଳି କରିପାରିବେ। ଆରଏସପିରେ ୧୦୨ଟି ବିଭାଗ ଓ ୫ଟି ମାଇନ୍ସ ସମେତ ୧୦୭ଟି ବିଭାଗ ରହିଛି। ସମସ୍ତ ବିଭାଗରେ (ଲାଇନ୍ ଅଫ୍ ପ୍ରମୋଶନ) ପ୍ରମୋଶନ ପ୍ରକ୍ରିୟା ଭିନ୍ନ ରହିଛି। କେତେକ ବିଭାଗରେ କ୍ଲଷ୍ଟର ଭିତ୍ତିକ ଓ କେତେକରେ ସାଧାରଣ ପ୍ରମୋଶନ ବ୍ୟବସ୍ଥା ରହିଛି। ଏହାଦ୍ୱାରା ଆଗାମୀ ଦିନରେ ଶ୍ରମିକମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି ହେବ। ସ୍ୱତନ୍ତ୍ର ପ୍ରମୋଶନ ପାଇଲେ ଦରମା ବୃଦ୍ଧି ହୋଇଥାଏ। କିନ୍ତୁ ଅନ୍ୟ ପ୍ରକାର ପ୍ରମୋଶନରେ ଦରମା ପ୍ରଭାବିତ ହୋଇଥାଏ। ଯାହାଦ୍ୱାରା ଏକକାଳୀନ ଏକ ପଦବୀରେ ଜଏନ୍ କରିଥିବା କର୍ମଚାରୀଙ୍କ ଦରମା ପ୍ରସଙ୍ଗରେ ସମସ୍ୟା ସୃଷ୍ଟି ହେବ। ଦରମାରେ ତାରତମ୍ୟ ରହିବ ନାହିଁ। କର୍ତ୍ତୃପକ୍ଷଙ୍କ ହିତକୁ ଦୃଷ୍ଟିରେ ରଖି ଏପରି ଚୁକ୍ତିନାମା କରାଯାଇଛି। ଯାହାକି ଟ୍ରେଡ୍ ୟୁନିୟନ ଇତିହାସରେ କେବେ ମଧ୍ୟ ହୋଇ ନ ଥିଲା। ଏହାକୁ ବିରୋଧ କରାଯିବ। ଆଗାମୀ ଦିନରେ ବିଏମ୍‌ଏସ୍ ସହବନ୍ଧିତ ଆର୍‌ଆଇକେକେଏସ୍ ଦ୍ୱାରା ଶ୍ରମିକଙ୍କମାନଙ୍କୁ ଏକଜୁଟ କରି ଦସ୍ତଖତ ସଂଗ୍ରହ ଅଭିଯାନରେ କଳା ଚୁକ୍ତିନାମାକୁ ହଟାଇବାକୁ ଦାବି କରାଯିବ। ନଚେତ୍ ଶ୍ରମିକ ଅଶାନ୍ତି ପାଇଁ ଉଭୟ ଶ୍ରମିକ ସଂଘ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ବଳ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀକୁ ପ୍ରଦୋଷ ପଣ୍ଡା, ରାଜେନ୍ଦ୍ର ନାଥ ମହାନ୍ତ ପ୍ରମୁଖ ସମ୍ବୋଧିତ କରିଥିଲେ। ବିପେନ ଶର୍ମା, ଅନୱାରୀ ବେଗମ୍, ରୀତାରାଣୀ ସ୍ୱାଇଁ, ଅଙ୍କିତା ଦାସ, ସତ୍ୟାନନ୍ଦ ଦାସ, ସରୋଜ ପଣ୍ଡା, ବିନୋଦ ସେଠୀ, ଭାଗୀରଥି ପତି, ଅମର ଜେସୱାଲ, ଲଳିତ ଜେନାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ତେବେ ଏ ସମ୍ପର୍କରେ ଆର୍‌ଏସ୍‌ଏସ୍ ଏବଂ ଜିଏମ୍‌ଏମ୍ କର୍ମକର୍ତ୍ତାଙ୍କ ମତାମତ ମିଳିପାରିନାହିଁ।

## ଓଡ଼ିଶା ନାଟ୍ୟ ସଂଘ ନିର୍ବାଚନ

# ଆଲୋକ ବୋଷ ପଶ୍ଚିମ ଜୋନ୍‌ର ଯୁଗ୍ମ ସମ୍ପାଦକ

**ରାଉରକେଲା,୧୫।୧୦(ସଙ୍ଗୀତା ଜେନା):** ଓଡ଼ିଶା ନାଟ୍ୟ ସଂଘ ନିର୍ବାଚନ ରବିବାର ସମ୍ପନ୍ନ ହୋଇଛି। ଚଳିତ ଥର କେନ୍ଦ୍ରୀୟ, ଉତ୍ତରାଞ୍ଚଳ, ପଶ୍ଚିମାଞ୍ଚଳ, ପୂର୍ବାଞ୍ଚଳ ଓ ଦକ୍ଷିଣାଞ୍ଚଳ ପାଇଁ ମୋଟ ୩୦ଟି ଜିଲାର ନାଟ୍ୟ ସଂଘର ସଦସ୍ୟ ଭୋଟଦାନ କରିଥିଲେ। ପଶ୍ଚିମାଞ୍ଚଳ ଜୋନ୍ ପାଇଁ ରାଉରକେଲା ଏକତ୍ର ପରିବାର କାର୍ଯ୍ୟକାରୀ ସଭାପତି, ନିର୍ଦ୍ଦେଶକ ତଥା ଅଭିନେତା ଆଲୋକ ବୋଷ ଯୁଗ୍ମ ସମ୍ପାଦକ ଭାବେ ବିଜୟୀ ହୋଇଛନ୍ତି। ସେହିପରି କେନ୍ଦ୍ରୀୟ କମିଟି ପାଇଁ ଭୁବନେଶ୍ୱରର ମନୋଜ ପଟ୍ଟନାୟକ(ସଭାପତି), ଶୁଭକାନ୍ତ ପାଢ଼ୀ(ସାଧାରଣ ସମ୍ପାଦକ), ସୁଶୀଲ ପଟ୍ଟନାୟକ (କୋଷାଧ୍ୟକ୍ଷ) ଭାବେ ବିଜୟୀ ହୋଇଛନ୍ତି। ପଶ୍ଚିମାଞ୍ଚଳ ଉପସଭାପତି ଭାବେ ସତ୍ୟ ରଞ୍ଜନ ବେହେରା ବିଜୟ ଲାଭ କରିଛନ୍ତି। ଏକତ୍ର ପରିବାରର ସଭାପତି ରାଜୀବ ପାଣି, ଗଙ୍ଗାଧର ଜେନା, ଜୟନ୍ତ ମହାପାତ୍ର, କନକଲତା ଦାସ, ପ୍ରଜ୍ଞାନନ୍ଦ ମହାନ୍ତିଙ୍କ ସମେତ ଅନ୍ୟମାନେ ନବନିର୍ବାଚିତ ସଦସ୍ୟମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟ, ନିର୍ବାଚନରେ କେନ୍ଦ୍ରୀୟ କମିଟି ବ୍ୟତୀତ ସମସ୍ତ ୪ଟି ଜୋନ୍‌ରେ ଉପସଭାପତି ଓ ଯୁଗ୍ମ ସମ୍ପାଦକ ପଦବୀ ଲାଗି ଭୋଟ୍ କରାଯାଇଥିଲା।

# ପାଇପ୍ ଫାଟି ଘରେ ପଶିଲା ପାଣି

**ରାଉରକେଲା,୧୫।୧୦(ସଙ୍ଗୀତା ଜେନା):** ରାଉରକେଲା ସ୍ମାର୍ଟ ସିଟି ଅଧୀନ ଛେଣ୍ଡ ଅଞ୍ଚଳର କ୍ୱାର୍ଟରଗୁଡ଼ିକୁ ଜଳଯୋଗାଣ କରାଯାଉଥିବା ପାଇପ ଫାଟିଯିବାରୁ ଛେଣ୍ଡ ଫେଜ୍ -୧ର ୨ଟି ଘରେ ପାଣି ପଶିଯାଇଛି। ଏ ନେଇ ଅଭିଯୋଗ ହେବା ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଉକ୍ତ ପାଇପକୁ ମରାମତି କରାଇଥିଲେ। ସୂଚନା ଅନୁସାରେ, ରବିବାର ଜଳଯୋଗାଣ ପାଇପ୍ ଫାଟିଯିବାରୁ ପାଣି ବହିଥିଲା। ଛେଣ୍ଡ ଫେଜ୍-୧ ଇ-୮୮ରେ ରହୁଥିବା ଶାନ୍ତିଲତା ପାତ୍ରଙ୍କ ଘରେ ଏହି ପାଣି ପଶିଯାଇଥିଲା। ପରିବାର ଲୋକେ ସମ୍ପୃକ୍ତ ବିଭାଗକୁ ଅଭିଯୋଗ କରିଥିଲେ। ହେଲେ ଦୀର୍ଘ ସମୟ ପରେ ମଧ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ସନ୍ଧ୍ୟାରେ ବିଭାଗୀୟ ଜେଇ ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ କରିଥିଲେ। ସେହିପରି ଉକ୍ତ ଘରର ପଡୋଶୀ ଘର ଇ-୮୯ରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା।



ଘର ଭିତରୁ ପାଣି କଢାଯାଉଛି।

# ଭତ୍ତା ଟଙ୍କା ମିଳୁନି, ପରିବାରକୁ ଅନ୍ନ ଚିନ୍ତା

**ରାଉରକେଲା,୧୫।୧୦(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଜେଲ୍ ରୋଡ୍ ସ୍ଥିତ କିଶୋରୀ ନଗରରେ ଅଭାବ ଅନଟନର କରୁଣ ଚିତ୍ର ଦେଖିବାକୁ ମିଳିଛି। ସ୍ୱାମୀ ଚାଲିଯିବା ପରେ ଜଣେ ବିଧବା ୩ ନାବାଳିକା ଝିଅଙ୍କ ପ୍ରତିପୋଷଣ ପାଇଁ ଚିନ୍ତିତ ହୋଇପଡିଛନ୍ତି। ରୋଜଗାର ନ ଥିବାରୁ ସେମାନେ ଅଭାବ ଅନଟନରେ ଦୁର୍ବିସହ ଜୀବନ ବିତାଉଛନ୍ତି। ସରକାରୀ ଯୋଜନା ସେମାନଙ୍କ ପାଇଁ ଅଭିଶାପ ପାଲଟିଛି।

ଶାନ୍ତିଲତା ହୋତା। ବୟସ ୪୦ବର୍ଷ। ଝିଅ ପୁନମ(୧୧), ସନମ(୮) ଓ ଜାନମ(୭)ଙ୍କୁ ନେଇ ତାଙ୍କ ପରିବାର। ଶାନ୍ତିଲତାଙ୍କ ତେଲଲୁଣର ସଂସାର ତାଙ୍କ ସ୍ୱାମୀ ସନ୍ତୋଷଙ୍କ ରୋଜଗାର ଉପରେ ନିର୍ଭର କରୁଥିଲା। ସନ୍ତୋଷ ରାଉରକେଲା ଲେବର ଟେନାମେଣ୍ଟ ବଗଳାମୁଖି ମନ୍ଦିରରେ ପୂଜକ କାମ କରି ଦାନ ଦକ୍ଷିଣାରେ ୪ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ କରୁଥିଲେ। ୩ବର୍ଷ ତଳେ ସନ୍ତୋଷଙ୍କ ହୃଦଘାତରେ ମୃତ୍ୟୁ ହେବା ପରେ ପରିବାର ବେସାହାରା ହୋଇପଡିଲା। ଶାନ୍ତିଲତା ସାହିପଡିଶାରୁ ମାଗିଯାଚି ୩ ସନ୍ତାନଙ୍କ ପେଟକୁ ଦାନା ଦେଲେ। ମାତ୍ର ହଠାତ୍ ମଧମା ଝିଅ ସନମଙ୍କ କଣ୍ଠ ଘଟିକା ନଷ୍ଟ ହୋଇଗଲା। ୨୦୨୦ରେ ଆଶୀର୍ବାଦ ଯୋଜନାରେ ଉକ୍ତ ପରିବାରକୁ ସାମିଲ କରାଗଲା। ଯୋଜନା ମୁତାବକ ତିନି ଝିଅଙ୍କୁ ପ୍ରତି ମାସରେ ୧୫ଶହ ହାରରେ ୪୫ଶହ ମିଳିଲା। ସେହିପରି ଶାନ୍ତିଲତା ବିଧବା ଭତ୍ତା ପାଇଲେ। ବର୍ତ୍ତମାନ ଆଶୀର୍ବାଦ ଯୋଜନା ସହାୟତା ରାଶି ମିଳିବା ବନ୍ଦ ହୋଇଯିବା ସହ ଶାନ୍ତିଲତାଙ୍କୁ ୨ମାସର ଭତ୍ତା ଟଙ୍କା ମଧ ମିଳିନାହିଁ। ଅନ୍ୟପଟେ ସନମ ଖାଉଥିବା ଖାଦ୍ୟ ନାକରୁ ବାହାରୁଥିବା ବେଳେ ଖାଇବା ଶକ୍ତି ଲୋପ ପାଇବାରେ ଲାଗିଛି। ଏ ନେଇ ପ୍ରଶାସନଙ୍କୁ ଅବଗତ କରାଯାଇଥିଲେ ମଧ କିଛି ସୁଫଳ ମିଳୁନାହିଁ ବୋଲି ଶାନ୍ତିଲତା ଅଭିଯୋଗ କରିଛନ୍ତି। ଏ ନେଇ ରାଉରକେଲା ସାମାଜିକ ସୁରକ୍ଷା ଅଧିକାରୀ ମେକ୍ସ ଓୈଲଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗ ଉପରେ ବିହିତ ତଦନ୍ତ ହେବ। ତଦନ୍ତ ପରେ ପରିବାରକୁ ସବୁ ପ୍ରକାର ସାହାଯ୍ୟ ଏବଂ ସହଯୋଗ ତୁରନ୍ତ ଯୋଗାଇବା ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଥିଲେ।



ଘର ସମ୍ମୁଖରେ ଶାନ୍ତିଲତାଙ୍କ ପରିବାର।

# ଆରଏସ୍‌ପି ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବଣ୍ଟନ




ଶିବିରରେ ମାଗଣା ଔଷଧ ବିତରଣ କରାଯାଉଛି।

**ରାଉରକେଲା,୧୫।୧୦(ବିପ୍ଳବ ରଞ୍ଜନ ଦାଶ):** ଆର୍‌ଏସ୍‌ପି ପକ୍ଷରୁ ଲାଠିକଟା ବ୍ଲକର ଅସୁର୍ଣ୍ଣାପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ବହୁମୁଖି ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି। ଆର୍‌ଏସ୍‌ପିର କର୍ପୋରେଟ ସାମାଜିକ ବିଭାଗ ଆନୁକୂଲ୍ୟରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ସହଭାଗିତାରେ ଶିବିର ଆୟୋଜିତ ହୋଇଥିଲା। ଏପରିପ୍ରେକ୍ଷୀରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ଭାରପ୍ରାପ୍ତ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା, ସିଏମ୍‌ଓ ଡାକ୍ତର ଜୟନ୍ତ ଆଚାର୍ଯ୍ୟ, ସିଏସ୍‌ଆର ବିଭାଗ ଜିଏମ୍ ସୁଶ୍ରୀ ମୁନମୁନ ମିତ୍ରା, ଏଜିଏମ ଟି. ବି. ଟପ୍ପୋ, ଏ.ଏନ. ପତି ଏବଂ ସିଏସ୍‌ଆର ବିଭାଗର ଅନ୍ୟ ଅଧିକାରୀମାନେ ଶିବିର ପରିଦର୍ଶନ କରିବା ସହିତ ଗ୍ରାମବାସୀଙ୍କ ସହ ସ୍ୱାସ୍ଥ୍ୟଭିତ୍ତିକ ମତ ବିନିମୟ କରିଥିଲେ। ଶିବିରରେ ପ୍ରାୟ ୧୯୨ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ସ୍ୱାସ୍ଥ୍ୟଜନିତ ପରାମର୍ଶ ଓ ମାଗଣା ଔଷଧ ବିତରଣ କରାଯାଇଥିଲା। ସିଏସ୍‌ଆର ଯୋଜନା ଅନ୍ତର୍ଗତ ଶିବିରକୁ ଆସିଥିବା ୫୭ଜଣ ରୋଗୀଙ୍କୁ ଅଧିକ ଚିକିତ୍ସା ପାଇଁ ଆଇଜିଏଚ୍‌ରେ ଭର୍ତ୍ତି ପାଇଁ ଚିହ୍ନଟ ହୋଇଥିଲା। ଶିବିରରେ ଶିଶୁରୋଗ ବିଭାଗର ଡାକ୍ତର ଗୌରାଙ୍ଗ ଘୋଷ, ମେଡିସିନର ଡା. ବିନୟ ମୁଦଗଲ, ସ୍ତ୍ରୀ ରୋଗ ବିଭାଗର ଡାକ୍ତର ଦିବ୍ୟା, ଚକ୍ଷୁ ଡାକ୍ତର ଏ. ଦେବତା, ଶଲ୍ୟ ଡାକ୍ତର ଏମ୍. କେ. ପ୍ରଧାନ ଏବଂ ଏନ୍‌ଇଟିର ଡାକ୍ତର ଜିତେନ୍ଦ୍ର କୁମାର ସମସ୍ତ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସିପିଏସକେ ଡିସପେନସରିର ମିହିର ମହାନ୍ତି, ମନୋଜ ବେହେରା, ସିନିୟର ହସ୍ପିଟାଲ ଟେକ୍ନିସିଆନ ସୁଶ୍ରୀ ସୁଜାତା ଦାସ ଏବଂ ସିଏସଆର କୋ-ଅର୍ଡିନେଟର ଡି.କେ. ଦାସ ସହଯୋଗ କରିଥିଲେ।

# ମଣିଷର ହୃଦୟକୁ ଆର୍ଦ୍ର, ସବୁଜିମା କରିଥାଏ ସାହିତ୍ୟ

**ରାଉରକେଲା,୧୫।୧୦(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୭ ସ୍ଥିତ ଇସ୍ପାତ ସାହିତ୍ୟ ସଂସଦର ୫୩ତମ ବାର୍ଷିକୋତ୍ସବ ରବିବାର ସଂସଦୀୟ ପ୍ରକୋଷ୍ଠ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବ୍ରଜେନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଇଂ. ଅଭୟ କୁମାର ଦାସ ମୁଖ୍ୟ ଅତିଥି ଏବଂ ନବରଙ୍ଗପୁର ଡିଏସପି ଚନ୍ଦ୍ରଶେଖର ହୋତା ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ସାହିତ୍ୟ ବନାମ ସମାଜ ଭୂମି ଶୀର୍ଷକରେ ଇଂ. ଅଭୟ କୁମାର ଦାଶ କହିଥିଲେ, ଶବ୍ଦର ସମ୍ମୋହନ, ନିଜର ଅଙ୍ଗୀକାରବଦ୍ଧତା, ସଂସ୍କାର ମୁଖୀ ଅନୁଶୀଳନ, ସମର୍ପିତ ଭାବ ମଧ୍ୟରେ ସମାଜର ପ୍ରେମ ପ୍ରଣୟ, ସୁଖଦୁଃଖ, ହସକାନ୍ଦ, ଅଭାବ ଅନଟନ, ପ୍ରଗତିଶୀଳ ଏବଂ ଗଣତନ୍ତ୍ର ପୃଷ୍ଠଭୂମି କେନ୍ଦ୍ରୀଭୁତ ଥିବା ସାହିତ୍ୟ ହିଁ ସମାଜ ଓ ସାମାଜିକ ପରିବର୍ତ୍ତନର ମୁଖ୍ୟ ସ୍ରୋତ। ବରେଣ୍ୟ ଅତିଥି ହୋତା କହିଥିଲେ, ବର୍ତ୍ତମାନ ଯାଏ ସମୟ ଅନୁରୂପୀ ସାହିତ୍ୟ ସର୍ବଦା ପରିବର୍ତ୍ତନ ହେଉଛି। ସର୍ବପ୍ରଥମେ ସାହିତ୍ୟ ପ୍ରକୃତି, ଦେବଦେବୀ, ରାଜାରାଣୀ, ସ୍ୱାଧୀନତା ଓ ଜାତୀୟତାବାଦରେ ସୀମିତ ଥିଲା। ଏହାପରେ ସାମ୍ପ୍ରତିକ ପରିସ୍ଥିତ ସୁଧାର ଓ ଦୁର୍ବଳ ଶୋଷିତ, ବଞ୍ଚିତ ସମାଜର ସୁରକ୍ଷା ଓ ଆଧୁନିକ ବୈଷୟିକ ବିଜ୍ଞାନର ପରିବର୍ତ୍ତନ ଓ ବିକାଶ କ୍ଷେତ୍ରରେ ମଧ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଥିଲେ। ମଣିଷର ଅନ୍ତର ରୂପକ ଶୁଷ୍କ ହୃଦୟ ମାଟିକୁ ଆଦ୍ର ଏବଂ ସବୁଜିମା କରିଥାଏ ସାହିତ୍ୟ ବୋଲି ହୋତା କହିଥିଲେ। ଏହାପରେ ସଂସଦର ଉପସଭାପତି ରଶ୍ମୀବାଳା ରାଉତରାୟ ଓ ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳଙ୍କ ସଂଯୋଜନାରେ ନର୍ମଦା ଦାସ ନାୟକଙ୍କ ଗୋଧୂଳି କବିତା ଓ ସ୍ତବକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ପରେ ସମ୍ବର୍ଦ୍ଧନା ସଭାରେ ବ୍ୟାସକବି ସମ୍ମାନରେ ଚନ୍ଦ୍ରଶେଖର ହୋତା, ହରିହର ବେହେରା, ପଦ୍ମଚରଣ ମହାପାତ୍ର ସ୍ମୃତି ସାରସ୍ୱତ ସମ୍ମାନରେ ଶିବାଶିଷ ପାଢୀ, କବି କୁନ୍ତଳା କୁମାରୀ ଦେବୀ ସ୍ମୃତି ସାରସ୍ୱତ ସମ୍ମାନରେ ପୁଷ୍ପଲତା ପାଣିଗ୍ରାହୀ, ଧନେଶ୍ୱର ନାୟକ ସ୍ମୃତି ସାରସ୍ୱତ ସମ୍ମାନରେ ନିତ୍ୟାନନ୍ଦ ଖମାରୀ, ଅନନ୍ତ ନାୟକ ସ୍ମୃତି ସାରସ୍ୱତ ସମ୍ମାନରେ ସ୍ନିଗ୍ଧା ନାୟକ, ବିଜୟ କ୍ରୀଶନଲାଲ ସ୍ମୃତି ସାରସ୍ୱତ ସମ୍ମାନରେ ଶିବ ଭୋଇ, କବି ଡାକ୍ତର ଧୋବେଶ ଚନ୍ଦ୍ର ମିଶ୍ର ସ୍ମୃତି ସାରସ୍ୱତ ସମ୍ମାନରେ କୁଞ୍ଜ ବିହାରୀ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କବିତା ଆସର କାର୍ଯ୍ୟକ୍ରମରେ ବରିଷ୍ଠ ସାହିତ୍ୟିକ ମୂଳା କୁମାରୀ ରଥ, ସୁମିତ୍ରା ମିଶ୍ର, କଳ୍ପନା ନନ୍ଦ, ସୁଶାନ୍ତ କୁମାର ନାୟକ ପ୍ରମୁଖ କବିୟତ୍ରୀ କବି କବିତା ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ମନୋଜ କୁମାର ନନ୍ଦ ସ୍ୱାଗତ ଭାଷଣ, ଉପସଭାପତି ଅତିଥି ପରିଚୟ ପ୍ରଦାନ ଏବଂ ଗୌତମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ସମେତ ସମ୍ବର୍ଦ୍ଧିତ ହୋଇଥିବା ସାହିତ୍ୟିକ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ରାଉରକେଲା,୧୫।୧୦(ଦିନେଶ ମିଶ୍ର)**

ରାଉରକେଲା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ରବିବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଜନସମ୍ପର୍କ ପଦଯାତ୍ରାରେ ଶ୍ରମ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ପାଇଁ ଜନ୍ମରୁ ମୃତ୍ୟୁ ଯାଏ କରିଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ହେଉଛି ଏହି ଜନସମ୍ପର୍କ ପଦଯାତ୍ରାର ମୂଳ ଲକ୍ଷ୍ୟ ବୋଲି ମତପ୍ରକାଶ କରିଥିଲେ। ଏହି ପଦଯାତ୍ରା ବିଶ୍ରା ଛକରୁ ବାହାରି ରାଉରକେଲା ମଧୁସୂଦନ ମାର୍କେଟ ଦେଇ ଉଦିତନଗର ସ୍ଥିତ ଆମ୍ବେଦକର ଛକ ହୋଇ ସିଂହାସିନୀ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲା। ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବିଜୁ ସ୍ୱାସ୍ଥ୍ୟକଲ୍ୟାଣ, ୫-ଟି ରୂପାନ୍ତରିତ, ସାମାଜିକ ସୁରକ୍ଷା, ଖାଦ୍ୟ ନିରାପତ୍ତା, ଚାଷୀ ଓ ଚାଷର ଉନ୍ନତି, ମିଶନ ଶକ୍ତି ଭଳି ବିଭିନ୍ନ ଯୋଜନା ବିଷୟରେ ସହରବାସୀଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ବନ୍ଧମୁଣ୍ଡା ଭାଜପା ଏସିସି ମଣ୍ଡଳ ସଭାପତି ନୀତିଶ ମୁଖୀ ଦଳ ତ୍ୟାଗ କରି ୨୦ ଜଣ ସମର୍ଥକଙ୍କ ସହ ବିଜେଡିରେ ମିଶିଥିଲେ। ନଗର ସଭାପତି ଗଗନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଦଯାତ୍ରାରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସଭାପତି ହାଲୁ ମଣ୍ଡାରୀ, ପ୍ରଦ୍ୟୁମ୍ନ ତ୍ରିପାଠୀ, ଏମ୍ମା ଏକ୍କା, ସୁଦାମ ଚନ୍ଦ୍ର ଦାଶ, ଜୟନ୍ତ କୁମାର ମିଶ୍ର, ପ୍ରଫୁଲ୍ଲ ମାଝୀ, ରଞ୍ଜିତ କିଷାନ, ଜ୍ୟୋତ୍ସ୍ନା ନାୟକ, ସନ୍ତୋଷ ଅମାତ, ରଶ୍ମିବାଳା ମିଶ୍ର, ସନ୍ତୋଷ ନାୟକ, ସନ୍ଦିପ ମିଶ୍ର, ସତ୍ୟନାରାୟଣ ମହାପାତ୍ର, ଶ୍ରୀଚରଣ ମହାନ୍ତି, ଜ୍ଞାନେନ୍ଦ୍ର ଜେନା, ପ୍ରକାଶ ମହାନ୍ତି, ଅନୁପମ ରାୟ, ବିକାଶ ଶୁକ୍ଳା, ଅକ୍ଷୟ ନାୟକ, ବଳଦେବ ସିଂ, ଲିଟୁ ପୁହାଣ, ରଞ୍ଜନ ନାୟକ, ଛବି ମହାନ୍ତି, ଭଞ୍ଜ ସିଂ, ବାବୁଲି ଦାସପ୍ରମୁଖ ଉପସ୍ଥିତ ଥିଲେ।



ନେତା ଓ କର୍ମୀମାନେ ପଦଯାତ୍ରାରେ ଯାଉଛନ୍ତି।

# ପାଠାଗାର ଜୀବନର ଗ୍ରନ୍ଥାବଳୀ ସଦୃଶ

### ଶାରଳା ପାଠାଗାର ଉଦ୍‌ଘାଟିତ

**ରାଉରକେଲା,୧୫।୧୦(ଦିନେଶ ମିଶ୍ର)**

ରାଉରକେଲା ସେକ୍ଟର-୬ ସ୍ଥିତ କବିସୂର୍ଯ୍ୟନଗର ଅଞ୍ଚଳରେ ଥିବା ଶାରଳା ସାଂସ୍କୃତିକ ପରିଷଦ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ପାଠାଗାରର ଶୁଭ ଉଦ୍‌ଘାଟନ ଉତ୍ସବ ରବିବାର ହୋଇଛି। ଅନୁଷ୍ଠାନର ଉପଦେଷ୍ଟା ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପାଠାଗାର ହେଉଛି ପ୍ରତ୍ୟେକ ଲୋକଙ୍କ ଜୀବନର ଏକ ଗ୍ରନ୍ଥାବଳୀ ସଦୃଶ। ପାଠାଗାର ବିଭିନ୍ନ ଶ୍ରେଣୀର ଲୋକଙ୍କ ପାଇଁ ଉଦ୍ଦିଷ୍ଟ। କାରଣ ଏଠାରେ ଆଧ୍ୟାତ୍ମିକ ଠାରୁ ଆରମ୍ଭ କରି ବିଭିନ୍ନ ପୁସ୍ତକ ରହିଛି ଯାହା ଜନମାନସକୁ ଶିକ୍ଷା ଦେଇଥାଏ ବୋଲି ବିଧାୟକ ତରାଇ ମତପ୍ରକାଶ କରିଥିଲେ। ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡକ୍ଟର ବିନୟ କୁମାର ଟପ୍ପୋ, ଦିଲୀପ ମହାପାତ୍ର ଓ ଦେବାଶିଷ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜ୍ୟୋତିର୍ମୟୀ ଆଚାର୍ଯ୍ୟ ଓ ତପସ୍ୱିନୀ ଆଚାର୍ଯ୍ୟଙ୍କ ଦଳ ପକ୍ଷରୁ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ଅତିଥିଙ୍କ ଉପସ୍ଥିତିରେ ୨୪ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ପାଠାଗାରକୁ ଉଦ୍‌ଘାଟନ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ଅଶୋକ କୁମାର ବଳ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ଅରକ୍ଷିତ କୁମାର ପାତ୍ର ଅତିଥିଗଣଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଶାରଳା ସାଂସ୍କୃତିକ ପରିଷଦର ଉପଦେଷ୍ଟା ବୈଷ୍ଣବ ଚରଣ ତ୍ରିପାଠୀ, ରାଧାନାଥ ରାଉତ, ରବି ବେହେରା, ଅରବିନ୍ଦ ସ୍ୱାଇଁ, ଜୟନ୍ତ ବେହେରା, ରବିନାରାୟଣ ପତି, ମଧୁସୂଦନ ମହାରଣା, ପ୍ରଭାତ ସାହୁ, ସତ୍ୟନାରାୟଣ ସାହୁ, ବିକାଶ ଚୌଧୁରୀ ସହଯୋଗ କରିଥିଲେ। ସଦସ୍ୟ ପଞ୍ଚାନନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ପାଠାଗାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ଚଷା ସମାଜର ସାଙ୍ଗଠନିକ ବୈଠକ

ନାକଟିଦେଉଳ, ୧୫।୧୦ (ବୈକୁଣ୍ଠନାଥ ସାହୁ): ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଢ଼ଇଁଚା ତଣ୍ଡାବିରା ପ୍ରଗଣା ଚଷା ସମାଜ ଆନୁକୂଲ୍ୟରେ ବ୍ଲକ ଅନ୍ତର୍ଗତ ଘୋଷରାମାଳ ନିକଟ ଚମ୍ପେଶ୍ୱର ଶିବ ମନ୍ଦିର ପରିସରରେ ରବିବାର ଚଷା ସମାଜର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଳିଆ ରାଉଳ ସଭାପତିତ୍ୱ କରିଥିଲେ। ଶିମିଳିପାଳ, ଘୋଷରାମାଳ, ଢ଼ଇଁଚା ଏବଂ ଗୋଗୁଆ ଗ୍ରାମପଞ୍ଚାୟତର ଚଷା ସମାଜର ବ୍ୟକ୍ତିମାନେ ଯୋଗଦେଇଥିଲେ। ବୈଠକରେ ମୁଖ୍ୟତଃ ଚଷା ସମାଜର ରୀତିନୀତି, ସାମାଜିକ ଚଳଣି, ପରମ୍ପରା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚଷା ସମାଜ ପାଇଁ ପ୍ରତ୍ୟେକ ଗ୍ରାମରୁ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥି ସହିତ ତୃଣମୂଳସ୍ତରରୁ ନୂତନ ସଦସ୍ୟ ଗ୍ରହଣ କରାଯାଇ ସଙ୍ଗଠନକୁ ସୁଦୃଢ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟପକ୍ଷରେ ଚଷା ସମାଜର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ବୈଠକରେ ବିଶ୍ୱାମିତ୍ର ପ୍ରଧାନ, ବାସୁଦେବ ସ୍ୱାଇଁ, ଜତିନ୍ଦ୍ର ପ୍ରଧାନ, ରମେଶ ସ୍ୱାଇଁ, ଭାଗ୍ୟଧର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଢ଼ଇଁଚା, ଶିମିଳିପାଳ, ଘୋଷରାମାଳ ଏବଂ ଗୋଗୁଆ ଗ୍ରାମପଞ୍ଚାୟତର ପ୍ରାୟ ୩୦ଟି ଗ୍ରାମରୁ ଶତାଧିକ ଚଷା ସମାଜର ବ୍ୟକ୍ତି ଯୋଗଦେଇ ନିଜର ମତାମତ ଉପସ୍ଥାପନ କରିଥିଲେ। ଶେଷରେ ବିଶ୍ୱାମିତ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ସାଇଶିକ୍ଷା ପରିଷଦ ପକ୍ଷରୁ ଆଙ୍କର କାର୍ଯ୍ୟକ୍ରମ

ସମ୍ବଲପୁର, ୧୫।୧୦ (ବି.ଶଙ୍କର): ଆଙ୍କର (ଉପସ୍ଥାପକ) କାର୍ଯ୍ୟକ୍ରମ ତଥା ପ୍ରତିଯୋଗିତା ରବିବାର ସମ୍ବଲପୁର ଜଗନ୍ନାଥ କଲୋନୀସ୍ଥିତ ଶିକ୍ଷା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଭକ୍ତପ୍ରସାଦ ନନ୍ଦ ଓ ଗାୟତ୍ରୀ ଫାର୍ମାସୀ କଲେଜ ପ୍ରତିଷ୍ଠାତା ସମ୍ପାଦକ ଶିବନାରାୟଣ ଶତପଥି ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସହରସ୍ଥିତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ୩୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୬ଜଣଙ୍କୁ ବିଚାରକମାନେ ଚୟନ କରିଛନ୍ତି। ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ରାମାଶିଷ ତ୍ରିପାଠୀ, ଅଧ୍ୟାପିକା ସୀମାନ୍ତିକା ଦାସ ଓ ଉଦଘୋଷକ ତର୍ପଣ ପ୍ରଧାନ ବିଚାରକ ଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ନନ୍ଦକିଶୋର ସାହୁ, ଭୋଲାଶଙ୍କର ମହତ୍ତମ, ମାଷ୍ଟର ପ୍ରେମ, ନିବେଦିତା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନୋଜ ପ୍ରଧାନ, ସ୍ୱୟଂସିଦ୍ଧା ପଟ୍ଟନାୟକ, କବିତା ମହନ୍ତ, ବିଜୟଲକ୍ଷ୍ମୀ ହାଁସଦା, ସୀମା ଷଣ୍ଢ, ମୋତିଲାଲ ମିର୍ଦ୍ଧା, ଶରତ ନାଏକ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ନଭେମ୍ବର ମାସରେ ଲିଟିଲ ମିସ ଓ ମାଷ୍ଟର ଏବଂ ମିଷ୍ଟର ଆଣ୍ଡ ମିସ ଟିନ-୨୦୨୩ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଚୟନ ହୋଇଥିବା ଆଙ୍କରମାନେ କାର୍ଯ୍ୟକ୍ରମ ଆଙ୍କରିଂ କରିବେ ବୋଲି ଆୟୋଜକମାନେ ସୂଚିତ କରିଛନ୍ତି।

# ନୃତ୍ୟ, ଗୀତରେ ଝୁମିଲେ ଦର୍ଶକ

- ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଧିକାରୀ ସଂଘର ନୂଆଁଖାଇ ଭେଟ୍‌ଘାଟ୍
- ସୁନୀଲ ମହାନନ୍ଦଙ୍କୁ ଯୁବ ପ୍ରତିଭା ସମ୍ମାନ

ସମ୍ବଲପୁର, ୧୫।୧୦ (ବି.ଶଙ୍କର)

ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଧିକାରୀ ସଂଘ ଓଡ଼ିଶା ଶାଖା ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ସମ୍ବଲପୁରସ୍ଥିତ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କଳାକାରଙ୍କ ନୃତ୍ୟଗୀତରେ ଉପସ୍ଥିତ ଦର୍ଶକ ଝୁମିଉଠିଥିଲେ। ଓଡ଼ିଶା ବିତ୍ତ ଅଧିକାରୀ ତଥା ଲୋକଗୀତ ଗବେଷକ ତୁଳାରାମ କଲେତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନୂଆଁଖାଇର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଧିକାରୀ ସଂଘ ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ କମଲଜିତ ମହାପାତ୍ର, ଡେପୁଟି ଜେନେରାଲ ସେକ୍ରେଟାରୀ ରୁଦ୍ରନାରାୟଣ ପଣ୍ଡା, ଉପସଭାପତି ସୁଜିତ ପଧାନ, କୋଷାଧ୍ୟକ୍ଷ ସୌରଭ ନାୟକ ଏବଂ ନୂଆଁଖାଇ କୋର କମିଟିର ସଦସ୍ୟମାନେ ସମ୍ପାଦନା କରିଥିଲେ। ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର ଆଞ୍ଚଳିକ ଜୋନାଲ ମ୍ୟାନେଜର ଶ୍ରୀଜିତ ବେହେରାଙ୍କ ସହିତ ସମଗ୍ର ଓଡ଼ିଶାରୁ ବ୍ୟାଙ୍କ ଅଫ ଇଣ୍ଡିଆର ଅଧିକାରୀମାନେ ଯୋଗଦେଇଥିଲେ। ବ୍ୟସ୍ତବହୁଳ ଜୀବନ ଭିତରେ ମଧ୍ୟ ନିଜ ବହୁମୂଲ୍ୟ ସମୟରୁ କିଛି ସମୟ ବାହାର କରି ନିଜର କଳା ସଂସ୍କୃତିର ମହକରେ ନିଜକୁ ମଜ୍ଜିତ କରିଥିଲେ ଅଧିକାରୀମାନେ। ପ୍ରାରମ୍ଭରେ ମା' ସମଲେଶ୍ୱରୀଙ୍କର ପୂଜାର୍ଚ୍ଚନା କରି ସାଂସ୍କୃତିକ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା। ଲୋକଗୀତ କଣ୍ଠଶିଳ୍ପୀ ଶାନ୍ତନୁ ସାହୁ, ଶୀତଳ ସାହୁ, ପୁଷ୍ପରାଜ ସୁନା, ଲିପିକା ବିଭାରଙ୍କ ଗୀତରେ ଉତ୍ସବ ସ୍ଥଳ ଝୁମି ଉଠିଥିଲା। ପଞ୍ଚବାଦ୍ୟ ତାଳରେ କଳାକାରମାନେ ପାରମ୍ପରିକ ଗୀତ, ନୃତ୍ୟ ପରିବେଷଣ କରିଥିଲେ। ତୁଳାରାମ କଲେତଙ୍କର ଏ ଲବ ଗୀତ, ଡାଲଖାଇ ନୃତ୍ୟରେ ପ୍ରକମ୍ପିତ ହୋଇ ଥିଲା ପ୍ରେକ୍ଷାଳୟ। ସୁନିଲ ମହାନନ୍ଦ (କଳାହାଣ୍ଡି କଟପ୍ପା)ଙ୍କୁ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗଣେଶ ମେହେର, ରାଜୀବ ହୋତା, ପ୍ରତିଭା ପଟେଲ ଏବଂ ସୌଦାମିନୀ ଛତର ଉପସ୍ଥାପନା କରିଥିଲେ। ସନାତନ ସାହୁ, ସିଦ୍ଧାର୍ଥ ନାଏକ, ଦୀପକ ସାହୁ, ଜୟପ୍ରକାଶ ନାଏକ, ବନମାଳୀ ସାଏ, ଆକାଶ ଚନ୍ଦର, ସୁଜିତ ବଡେଇ, ତରୁଣ ଦେହୁରୀ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ପୁଷ୍ପକ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।


ତପସ୍ୱିନୀ ପ୍ରେକ୍ଷାଳୟଠାରେ ଆୟୋଜିତ ଉତ୍ସବରେ ଅଧିକାରୀ ଓ କଳାକାରମାନେ ।

# ଅନଲାଇନ ଶପିଂକୁ ନେଇ ମରଣାନ୍ତକ ଆକ୍ରମଣ

**୯ ଜଣଙ୍କ ନାମରେ ମାମଲା**

କୁଚିଣ୍ଡା, ୧୫।୧୦ (ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ବାମରା ବଡ଼ଡୁମେରମୁଣ୍ଡା ଗ୍ରାମର ଅଭି ବଗାରଙ୍କ ପରିବାରଙ୍କୁ ଶନିବାର ଅନଲାଇନ ଶପିଂ ଡେଲିଭରି ବୟଙ୍କ ସମେତ ୯ଜଣ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ଗୋବିନ୍ଦପୁର ପୋଲିସ ୯ଜଣଙ୍କ ନାମରେ ଆଇପିସିର ଧାରା ୨୯୪, ୩୨୩, ୩୨୪, ୫୦୬, ୩୫୪, ୪୫୨, ୩୪୧/୩୪ରେ ଏକ ମାମଲା (ନଂ.୧୫୧/୨୩)ରୁଜୁକରି ତଦନ୍ତ ଚଳାଇଛି। ସମସ୍ତଙ୍କୁ ଥାନାରେ ଅଟକ ରଖାଯାଇଛି।

ସୂଚନା ଅନୁଯାୟୀ ବାମରା ବଡ଼ ଡୁମେରମୁଣ୍ଡା ଗ୍ରାମର ଅଭି ବଗାରଙ୍କ ପୁଅ ହେମନ୍ତ ଓରଫ କରଣ(୧୭)ଅନ୍‌ଲାଇନ ଶପିଂ ମାଧ୍ୟମରେ ପ୍ଲାଷ୍ଟିକ ପାଣି ବୋତଲ ଅର୍ଡର କରିଥିଲେ। ଏହା ୧୫ ତାରିଖ ରବିବାର ପହଞ୍ଚିବାର ଥିଲା। ମାତ୍ର ଦିନକ ଆଗରୁ ୧୪ ତାରିଖ ଶନିବାର ଆସିଯାଇଥିଲା। ଏ ବାବଦରେ ସିଶାଲଫାର୍ମ ପଡାର ଫ୍ଲିପକାର୍ଡ ଡେଲିଭରିବୟ ଏମ୍‌ଡି ସୋହେଲ ଖାନ୍ କରଣଙ୍କୁ ଆସି ତାଙ୍କଠାରୁ ଜିନିଷ ନେଇ ଯିବାକୁ ଫୋନରେ ଡାକିଥିଲେ। ଏହାକୁ ନେଇ ଫୋନରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଶନିବାର ସନ୍ଧ୍ୟା ୭ଟାରେ ସୋହେଲ ଖାନ, ତାଙ୍କ ବଡ଼ଭାଇ ସୋହେବ ଖାନ ଓ ସମ୍ପର୍କୀୟ ଭାଇ ସେହେଜାଦ ଖାନ ମିଶି ଅଭିଙ୍କ ଘରେ ପହଞ୍ଚି ପୁଅ କରଣଙ୍କ ସହ ଗଣ୍ଡଗୋଳ ଓ ମାଡପିଟ କରିଥିଲେ। ବିରୋଧ କରିବାରୁ ଅଭିଙ୍କ ସ୍ତ୍ରୀ ଗୀତାଙ୍କୁ ମଧ୍ୟ ସେମାନେ ଆକ୍ରମଣ କରିଥିଲେ। ପାଟିତୁଣ୍ଡ ଶୁଣି ଘର ଭିତରେ ଶୋଇଥିବା ଅଭି ଦୌଡିଆସି ବାରଣ କରିବାରୁ ତାଙ୍କୁ ମଧ୍ୟ ସେମାନେ ମେଟାଲ ଡଷ୍ଟର ସାହାଯ୍ୟରେ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇ ତଳେ ପଡ଼ିଯାଇଥିଲେ। ଆକ୍ରମଣକାରୀମାନେ ଫୋନରେ କେତେଜଣ ସାଙ୍ଗଙ୍କୁ ଡାକିବାରୁ ୩ଟି ବାଇକ୍‌ରେ ୫ ରୁ ୬ ଜଣ ଯୁବକ ପହଞ୍ଚି ପରିବାରର ସମସ୍ତଙ୍କୁ ଭୁଜାଲି ଦେଖାଇ ହତ୍ୟା ଧମକ ଦେଇଥିଲେ। ପାଟିତୁଣ୍ଡ ଶୁଣି ସାହିର କିଛି ଲୋକ ପହଞ୍ଚିବାରୁ ଗଣ୍ଡଗୋଳକାରୀମାନେ ସେଠାରୁ ଚମ୍ପଟ ମାରିଥିଲେ। ଆକ୍ରମଣରେ ଆହତ ହୋଇଥିବା ଅଭି, କରଣ ଓ ଗୀତା ସମସ୍ତେ ଗୋବିନ୍ଦପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଶନିବାର ରାତିରେ ଗୀତା ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାର ଗୁରୁତ୍ୱକୁ ନେଇ ପୋଲିସ ରବିବାର ଆକ୍ରମଣକାରୀ ୯ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଥିବା ଗୋବିନ୍ଦପୁର ଆଇଆଇସି ରାଜେନ୍ଦ୍ର କୁମାର ବେହେରା କହିଛନ୍ତି।

# ସମ୍ବଲପୁରରେ ବିଜେଡିର ପଦଯାତ୍ରା


ବିଜେଡିର ସମ୍ବଲପୁର ଜିଲାସ୍ତରୀୟ ପଦଯାତ୍ରାରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ ।

ସମ୍ବଲପୁର, ୧୫।୧୦ (ବି.ଶଙ୍କର)

ବିଜୁ ଜନତା ଦଳ(ବିଜେଡି) ସମ୍ବଲପୁର ଜିଲାସ୍ତରୀୟ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ସଭାପତି ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କ ପରିଚାଳନାରେ ଗଙ୍ଗାଧର ମୁକ୍ତ ମଣ୍ଡପରେ ପଦଯାତ୍ରା ସମାରୋହ ହୋଇଥିଲା। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇଥିଲେ। ସେ କହିଥିଲେ ଯେ, ପଦଯାତ୍ରା ରାଜ୍ୟ ସାରା ହେଉଛି। ପଦଯାତ୍ରା ମାଧ୍ୟମରେ ନେତା ଓ କର୍ମୀଙ୍କୁ ଜନତାଙ୍କ ପାଖକୁ ଯିବାର ସୁଯୋଗ ମିଳୁଛି। ସେମାନଙ୍କ ସୁବିଧା ଓ ଅସୁବିଧା ବିଷୟରେ ବିଜେଡି ନେତା ଓ କର୍ମୀମାନେ ଅବଗତ ହୋଇପାରବେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନାକୁ ଜନସାଧାରଣ କିପରି ସୁବିଧାରେ ପାଇପାରିବେ, ସେନେଇ ନେତା ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଜିଲା ପରିଷଦ ସଭାନେତ୍ରୀ କୁମୁଦିନୀ ନାଏକ, ପୂର୍ବତନ ରାଜ୍ୟସଭା ସଦସ୍ୟ ପ୍ରମିଳା ବହିଦାର, ରେଙ୍ଗାଲିର ପୂର୍ବତନ ବିଧାୟକ ରମେଶ ପଟୁଆ, ପୂର୍ବତନ ଜିଲା ସଭାପତି ବିଜୟ ମହାନ୍ତି, ଆର୍ତ୍ତତ୍ରାଣ ମିଶ୍ର ଓ ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ସଞ୍ଜିତ ମହାନ୍ତି, ସଞ୍ଜୟ ବାବୁ, ମହିଳା ଜିଲା ସଭାପତି ବନ୍ଦିତାରାଣୀ ମିଶ୍ର, ଜିଲା ଯୁବ ବିଜେଡି ଜିଲା ସଭାପତି ଲକ୍ଷ୍ମୀ ମହାପାତ୍ର, ଛାତ୍ର ଜିଲା ସଭାପତି ଶୁଭ୍ରାଂଶୁ ପାଢ଼ୀ, ବିଶାଳ ଦାସ ପ୍ରମୁଖ ସାମିଲ ଥିଲେ। ସମ୍ବଲପୁର ବାଲିବନ୍ଧା ସୋମନାଥ ମନ୍ଦିର ସମ୍ମୁଖ ରାସ୍ତାରୁ ପଦଯାତ୍ରା ବାହାରି ଥିଲା। ସହର ପରିକ୍ରମା କରି ଗଙ୍ଗାଧର ମୁକ୍ତ ମଣ୍ଡପରେ ପହଞ୍ଚି ଥିଲା। ଏଥିରେ ସମ୍ବଲପୁର ଜିଲାସ୍ତରୀୟ ନେତା ଓ କର୍ମୀ, ମହିଳା, ଯୁବ ଓ ଛାତ୍ର ସଙ୍ଗଠନର କର୍ମକର୍ତ୍ତାମାନେ ସାମିଲ ଥିଲେ।

### ବୁର୍ଲାର ଭୂଇଁଡୁଙ୍ଗୁରିପଡାଠାରେ ଭାଜପା ବୈଠକ

ସମ୍ବଲପୁର, ୧୫।୧୦ (ବି.ଶଙ୍କର)

ପବିତ୍ର ନବରାତ୍ରି ଉତ୍ସବର ପ୍ରଥମ ଦିନରେ ସମ୍ବଲପୁର ମହାନଗର ବୁର୍ଲାର ଭୂଇଁଡୁଙ୍ଗୁରିପଡାଠାରେ ଶନିବାର ଭାଜପା ବୁର୍ଲା ମଣ୍ଡଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଯୁବମୋର୍ଚ୍ଚା ସଭାପତି ସନ୍ତୋଷ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଭାଜପା ଜିଲା ସଭାପତି ଗିରିଶ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ତୃଣମୂଳସ୍ତରରୁ ନେତା ଓ କର୍ମୀମାନେ ଦଳ ଲାଗି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଭାଜପା ଦଳରେ ଯୋଗଦେଇଥିବା ଶତାଧିକ ମହିଳା, ପୁରୁଷ ଓ ଯୁବକଙ୍କୁ ପୁଷ୍ପ ଦେଇ ସ୍ୱାଗତ କରିଥିଲେ। ବୁର୍ଲା ମଣ୍ଡଳ ସଭାପତି ଜୟନ୍ତ ଦାସ, ବୁର୍ଲା ଏନ୍‌ଏସିର ପୂର୍ବତନ ନଗରପାଳ ବିଷ୍ଣୁପ୍ରସାଦ ରକ୍ଷିତ, ଜିଲା ମହିଳା ମୋର୍ଚ୍ଚା ସଭାପତି ଅନ୍ନପୂର୍ଣ୍ଣା ବାରିକ, ନେତା ପ୍ରଦୀପ ବେହେରା, ଅରୁନ୍ଧତୀ ପାତ୍ର, ରଶ୍ମିତା ହୋତା, ସସ୍ମିତା ଦ୍ୱିବେଦୀ, ପୂର୍ବତନ କାଉନସିଲର ଗୋପି ସେନାପତି, ଆକାଶ ଆଚାର୍ଯ୍ୟ, ସଞ୍ଜୀବ ବର୍ମା ମଞ୍ଚାସୀନ ଥିଲେ।

# କିଶୋରୀ କିଶୋରଙ୍କ ସ୍ୱାସ୍ଥ୍ୟ ଉପରେ ତାଲିମ ଶିବିର


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ବାଳିକାମାନେ

ଜମନକିରା, ୧୫।୧୦ (ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ କଟଙ୍ଗପାଣି ପଞ୍ଚାୟତ ରାଜୀବ ଭବନ ସଭା ଗୃହରେ ରବିବାର ସିଡି ସଂସ୍ଥା ଏବଂ କୈଳାସ ସତ୍ୟାର୍ଥୀ ଚିଲ୍ଡ୍ରେଂସ ଫାଉଣ୍ଡେସନ ପକ୍ଷରୁ ୬୦ ଜଣ କିଶୋରୀ କିଶୋରଙ୍କୁ ନେଇ ସ୍ୱାସ୍ଥ୍ୟ ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡା. ରାଜାରାମ ଷଡ଼ଙ୍ଗୀ ତାଲିମଦାତା ଭାବେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାସିକ ଋତୁସ୍ରାବ ସମୟରେ କିଭଳି ନିଜର ଯତ୍ନ ନେବା, ସବୁଜ ପନିପରିବା ଆମ ଶରୀର ପାଇଁ କେତେ ଆବଶ୍ୟକ, ବାଲ୍ୟ ବିବାହ ଦ୍ୱାରା ହେଉଥିବା ଅସୁବିଧା ବିଷୟରେ ଆଲୋଚନା କରାଯାଇଥିଲା ଏବଂ ବାଲ୍ୟ ବିବାହ ନିରାକରଣ ପାଇଁ ସମସ୍ତେ ଶପଥପାଠ କରିଥିଲେ। ଏହି ଅବସରରେ ସମୀର ମହାମଲ୍ଲିକ, ଭୁବନେଶ୍ୱର ଦ୍ୱିବେଦୀ, ପ୍ରଶାନ୍ତ କୁମାର ପ୍ରଧାନ, ପ୍ରଦୀପ୍ତ ପ୍ରଧାନ ପ୍ରମୁଖ ସିଡିର କର୍ମକର୍ତ୍ତା ସହଯୋଗ କରିଥିଲେ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ସମ୍ବଲପୁର, ୧୫।୧୦ (ବି.ଶଙ୍କର)

ସମ୍ବଲପୁର ଜିଲା ସ୍କୁଲ ଛକସ୍ଥିତ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତିରେ ରବିବାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି। ସକାଳ ୮ଟାରେ ଓଡ଼ିଶା ସାଂସ୍କୃତିକ ସମାଜ କର୍ମକର୍ତ୍ତା ଓ ସଭ୍ୟାସଭ୍ୟମାନେ ମାଲ୍ୟାର୍ପଣ କରି ଡ. ଏପିଜେ ଅବଦୁଲ କାଲାମ ଅମର ରହେ ଧ୍ୱନୀ ଦେଇଥିଲେ। ଅନୁଷ୍ଠାନ ସଭାପତି ଅଶୋକ କୁମାର ମିଶ୍ର କାର୍ଯ୍ୟକ୍ରମ କରିଚାଳନା କରିଥିଲେ। ସେହିପରି ଜ୍ୟୋତି ଅନୁଷ୍ଠାନ ସଭାପତି ଡ.ପରେଶଚନ୍ଦ୍ର ଦାନୀ, ସମ୍ବଲପୁର କଳାପରିଷଦ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ହୋତା, ସମ୍ବଲପୁର ପବ୍ଲିକ ଲାଇବ୍ରେରି ସଭ୍ୟ ସଚିବ ରଘୁନାଥ ମିଶ୍ର, ଯୁବ ଉଦୟନର ଡ.ସିଦ୍ଧାର୍ଥ କୁମାର ପଣ୍ଡା, ଭାଜପା ନେତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ବିଜେଡି ନେତ୍ରୀ ସୁରେଖା ସାହୁ, ପ୍ରଶାନ୍ତ କୁମାର ମେହେର, ଦେବେନ୍ଦ୍ର ପଟେଲ, ପ୍ରଶାନ୍ତ କୁମାର ପାଟ୍ଟଯୋଶୀ, ଅଖିଳ ରଞ୍ଜନ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

# ବିକାଶ ସ୍କୁଲରେ ବିଜ୍ଞାନ ମେଳା: ୧୫୦ପ୍ରକଳ୍ପ ପ୍ରଦର୍ଶିତ

ସମ୍ବଲପୁର, ୧୫।୧୦ (ବି.ଶଙ୍କର)

ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ବିଦ୍ୟାଳୟଠାରେ ବିଜ୍ଞାନ ମେଳା ବିକାଶ ଇନୋଭିସନ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସମସ୍ତ ବିଷୟଭିତ୍ତିକ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକଜିକ୍ୟୁଟିଭ୍ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଜି. ରାମକ୍ରିଷ୍ଣା ସମ୍ମାନିତ ଅତିଥି ଥିଲେ। ବିକାଶ ଦି କନସେପ୍ଟ ସ୍କୁଲର ଅଧ୍ୟକ୍ଷ ମନୋରଞ୍ଜନ ପତି ଅତିଥି ପରିଚୟ ଦେବା ସହ ବିଜ୍ଞାନ ମେଳା ପରିଚାଳନାର ଉଦ୍ଦେଶ୍ୟ ଓ ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ ଛାତ୍ରୀଛାତ୍ରଙ୍କର ଉଚ୍ଚମାନର ପ୍ରକଳ୍ପଗୁଡ଼ିକର ପ୍ରଶଂସା କରି ବୈଜ୍ଞାନିକ ହେବା ପାଇଁ ପ୍ରେରଣା ଦେଇଥିଲେ। ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷା ପୁଷ୍ପିତା ପଣ୍ଡା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରି ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବଲପୁର ବିକାଶ ଏଡମିନିଷ୍ଟ୍ରେଟର ଡାକ୍ତର ଦିଲୀପ କୁମାର ନନ୍ଦ ଉପସ୍ଥିତ ଥିଲେ। ଏହି ବିଜ୍ଞାନ ମେଳାରେ ଚନ୍ଦ୍ରୟାନ-୩, ଜି-୨୦, ବିଜ୍ଞାନ ଓ କାରିଗରୀ କୌଶଳ, ସହନଶୀଳ କୃଷିର ବିକାଶ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ସମ୍ବଳ ସୁପରିଚାଳନା, ଶିଳ୍ପାୟନ ଓ ଭବିଷ୍ୟତ ଗମନାଗମନର ବିକାଶ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ସଂସ୍କୃତ ଓ ହିନ୍ଦୀ ଭାଷା ଓ ସାହିତ୍ୟ, ସଙ୍ଗୀତ ଓ ଚିତ୍ରାଙ୍କନ, ପାରମ୍ପରିକ ଖାଦ୍ୟ, ଗୀତ, ନୃତ୍ୟ, ବାଦ୍ୟ ଓ ପୋଷାକ, ଶିକ୍ଷଣ ସାମଗ୍ରୀ ଓ ଗାଣିତିକ ପ୍ରତି ରୂପାୟନ ପ୍ରଭୃତି ସମ୍ପୂର୍ଣ୍ଣ ସୃଜନଶୀଳ ସମସ୍ତ ବିଷୟବସ୍ତୁ ଉପରେ ଆଧାରିତ ସମୁଦାୟ ୧୫୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କିଣ୍ଡରଗାର୍ଟେନର କୁନି ଛାତ୍ରୀଛାତ୍ର ମଧ୍ୟ ବିଭିନ୍ନ ପ୍ରକାରର ଆକର୍ଷଣୀୟ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।

# ମନର ଏକାଗ୍ରତା, ଶୃଙ୍ଖଳିତ ଜୀବନ ଶୈଳୀକୁ ଗୁରୁତ୍ୱ

**ରାଷ୍ଟ୍ର ଗଠନରେ ଯୁବ ପ୍ରସ୍ତୁତି କାର୍ଯ୍ୟକ୍ରମ ଉଦ୍‌ଯାପିତ**

ସମ୍ବଲପୁର, ୧୫।୧୦ (ବି.ଶଙ୍କର)

ରାଷ୍ଟ୍ର ଗଠନରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରବିବାର ସମ୍ବଲପୁର ଲାଇବ୍ରେରି ସଭାକକ୍ଷଠାରେ ଉଦ୍‌ଯାପିତ ହୋଇଯାଇଛି। ସଭାରେ ପ୍ରଫେସର ଶଙ୍କର ପ୍ରସାଦ ପତି ଅଧ୍ୟକ୍ଷତା କରି ଅତିଥି ଓ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ମହାନଗର ନିଗମର କମିଶନର ବେଦଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନର ଘଟଣା ସହ ଆଇଏଏସ ପରୀକ୍ଷା ପାଇଁ ପ୍ରସ୍ତୁତି ସମ୍ବନ୍ଧିୟ ଅଭିଜ୍ଞତା ବିଷୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦେଇଥିଲେ । ଏଥିସହ କଠିନ ଲାଗୁଥିବା ବିଷୟକୁ ଅଧିକ ପ୍ରାଧାନ୍ୟ ଦେଇ ନିରନ୍ତର ପଠନ ଅଭ୍ୟାସ ଓ ଖବରକାଗଜ ପଢିବାକୁ ପିଲାଙ୍କୁ ଉପଦେଶ ଦେଇଥିଲେ । ପ୍ରାକ୍ତନ ଇଂରାଜୀ ପ୍ରଫେସର ସୁରେନ୍ଦ୍ର ପ୍ରସାଦ ପଣ୍ଡା ପ୍ରଶିକ୍ଷକ ଭାବେ ଯୋଗଦେଇ ଆମର ବ୍ୟସ୍ତ ବହୁଳ ଜୀବନରେ କିପରି ଏକାଗ୍ରତା ଆସିବ, ସେ ପ୍ରସଙ୍ଗରେ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ମନରେ ଏକାଗ୍ରତା ବଢ଼ିଲେ ଜୀବନ ଶୃଙ୍ଖଳିତ ହୋଇଥାଏ ବୋଲି ସେ କହିଥିଲେ। ଉତ୍ସବର ଦ୍ୱିତୀୟ ଅଧିବେଶନରେ ଯୋଗଗୁରୁ ଡାକ୍ତର ଜୟଦେବ ମେହେର ଓ ଦଳ ଦୈନନ୍ଦିନ ଜୀବନରେ ଯୋଗର ଉପକାରିତା ଓ ସୁସ୍ଥ ଜୀବନଯାପନ ଶୈଳୀ ଉପରେ ଆଲୋଚନା ପୂର୍ବକ ଯୋଗର ବିଭିନ୍ନ ଉପାଦେୟ ମୁଦ୍ରା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ରାଜେନ୍ଦ୍ର କୁମାର ପଣ୍ଡା ପ୍ରଶିକ୍ଷଣ ବିଷୟରେ ସୂଚନା ଦେଇଥିଲେ। ଲାଇବ୍ରେରୀ ଆୟୋଜନରେ ଦୀର୍ଘ ଛଅ ମାସ ଧରି ପ୍ରତ୍ୟେକ ରବିବାର ପ୍ରଶିକ୍ଷଣ ଶିବିରରେ ଜିଲାର ବିଭିନ୍ନ ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ୨୪ଟି ସପ୍ତାହର ୪୮ଟି ଶ୍ରେଣୀରେ ଦିଆଯାଇଥିବା ନୈତିକ ଓ ବୈଷୟିକ ଶିକ୍ଷା ପିଲାଙ୍କୁ ଅନେକ ଉପାଦେୟ ହେବ। ଆଗାମୀ ୨୦୨୪ ଏପ୍ରିଲରୁ ଅଷ୍ଟମ ଓ ନବମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ କାର୍ଯ୍ୟକ୍ରମ ଅବ୍ୟାହତ ରହିବ ବୋଲି ସେ କହିଥିଲେ। ଡାକ୍ତର ନାରାୟଣୀ ପଣ୍ଡା, ପ୍ରଫେସର ମୁରଲୀଧର ପ୍ରେମନାଥ ନାୟକ, ଖବରଦାତା ଅର୍ଜୁନ ରଞ୍ଜନ ପଣ୍ଡା, ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ପ୍ରଫେସର ମୀନକେତନ ପାଠୀ, ଡ.କାମଦେବ ସାହୁ, ପ୍ରଫୁଲ୍ଲ କୁମାର ହୋତା, ଡ. ଗିରିଧାରୀ ହୋତା, ଉଦିତଚନ୍ଦ୍ର ପାଟଯୋଶୀ, ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀନି ବାଡା, ଗିତାରାଣୀ ହୋତା, ପ୍ରଦୀପ ପଣ୍ଡା, ସଚିନ୍ଦ୍ର କୁମାର ମିଶ୍ର, ପୃଥିରାଜ ମିଶ୍ର, ଗୋଳକ ବିହାରୀ ମିଶ୍ର, ଭକ୍ତପ୍ରସାଦ ନନ୍ଦ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଶେଷରେ ପାଠାଗାରର ସଭ୍ୟ ସଚିବ ରଘୁନାଥ ମିଶ୍ର କାର୍ଯ୍ୟକ୍ରମ ସହ ସଂଶ୍ଳିଷ୍ଟ ସମସ୍ତ ଶିକ୍ଷକ, ବିଦ୍ୟାଳୟର ମୁଖ୍ୟ, ଅଭିଭାବକ, ସଭ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଡ.ମନୋଜ ପଟେଲ, ଅଭିନନ୍ଦନ ତ୍ରିପାଠୀ, ବିଜୟ ସାହୁ ଓ ସୁନନ୍ଦା ପଧାନ ବୈଷୟିକ କାର୍ଯ୍ୟନିର୍ବାହ କରିଥିଲେ। ପ୍ରଶିକ୍ଷଣ ଶିବିରରେ ୧୩ଟି ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ। ଦିଲ୍ଲୀରୁ ଆଭାସି ଭର୍ଚୁଆଲ ଜରିଆରେ ଶିକ୍ଷାବିତ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ସାମିଲ ହୋଇ ପିଲାମାନଙ୍କୁ ସମ୍ବୋଧିତ କରିଥିଲେ।



ସମ୍ବଲପୁର ପବ୍ଲିକ ଲାଇବ୍ରେରି ସଭାକକ୍ଷରେ ଆୟୋଜିତ ଉତ୍ସବରେ ଅତିଥି ଓ ବକ୍ତାମାନେ ।

# ବିଶ୍ୱ ଛାତ୍ର ଦିବସ ଅବସରରେ ଆସ ପିଲାଙ୍କୁ ବୁଝିବା କାର୍ଯ୍ୟକ୍ରମ

ନାକଟିଦେଉଳ, ୧୫।୧୦ (ବୈକୁଣ୍ଠନାଥ ସାହୁ)

ବିଶ୍ୱ ଛାତ୍ର ଦିବସ ଅବସରରେ ରବିବାର ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସଦରସ୍ଥିତ ପ୍ରଗତି ଶିଶୁ ବିକାଶ କେନ୍ଦ୍ରରେ ଏକ ସ୍ୱତନ୍ତ୍ର ଶୈକ୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଆସ ପିଲାଙ୍କୁ ବୁଝିବା କାର୍ଯ୍ୟକ୍ରମ ହୋଇଥିଲା। ଅଧିବେଶନର ଆରମ୍ଭରେ ପ୍ରଗତି ଅନୁଷ୍ଠାନର ନିର୍ଦ୍ଦେଶକ ବନ୍ଦିତା ଦାଶ, ଡ. ଏପିଜେ ଅବଦୁଲ କାଲାମଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଉକ୍ତ ଅଧିବେଶନରେ ଶିକ୍ଷା ପରାମର୍ଶଦାତା ତଥା ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷା ବିଭାଗର ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ଦାଶ ଶିଶୁମାନଙ୍କ ମଧ୍ୟରେ ସୃଜନାତ୍ମକ ଚିନ୍ତନ, ଫଳପ୍ରଦ ଭାବ ବିନିମୟ ଓ ଆତ୍ମ ସଚେତନତା କୌଶଳ ବିକାଶ ନିମନ୍ତେ ବିଭିନ୍ନ ଶିକ୍ଷଣ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ପ୍ରସାଦସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପଞ୍ଚମ, ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ୨୩ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ, ପ୍ରଗତି ଟିମ ମେମ୍ବର ଶୁଭ୍ରଜିତ ଦେହୁରୀ ଓ ତେଜସ୍ୱିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଆସ ପିଲାଙ୍କୁ ବୁଝିବା କାର୍ଯ୍ୟକ୍ରମରେ ଅତିଥି, ଛାତ୍ରଛାତ୍ରୀ ।

**ନୋବେଲ ପୁରସ୍କାର-୨୦୨୩ (ପଦାର୍ଥ ବିଜ୍ଞାନ)**

# ଆଟୋସେକେଣ୍ଡ ପଦାର୍ଥ ବିଜ୍ଞାନର ଆବିଷ୍କାର



ଇଂ. ମାୟାଧର ସ୍ୱାଇଁ

''ଯୁକ୍ତରାଷ୍ଟ୍ର ଆମେରିକାର ପାଇରେ ଏଗୋଷ୍ଟିନି, ଜର୍ମାନୀର ଫେରେଙ୍କ୍ କ୍ରାଉଜ୍ ଏବଂ ସୁଇଡେନ୍‌ର ଆନି ଲ'ହ୍ୟୁଲିୟରଙ୍କୁ ଚଳିତ ବର୍ଷ ପଦାର୍ଥ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏହି ତିନି ବୈଜ୍ଞାନିକଙ୍କ କାର୍ଯ୍ୟ ପଦାର୍ଥ ବିଜ୍ଞାନରେ ଏକ ନୂତନ ଆଶା ଆରମ୍ଭ କଲା, ଯାହାକୁ 'ଆଟୋସେକେଣ୍ଡ ପଦାର୍ଥ ବିଜ୍ଞାନ' କୁହାଯାଉଛି। ଏହାଦ୍ୱାରା ଇଲେକଟ୍ରନ ଚାଳିତ ଯାନ୍ତ୍ରିକୀକୁ ବୁଝିହେଲା। କ୍ଷୁଦ୍ର ଆଲୋକ ସ୍ପନ୍ଦ ଯୋଗୁ ପରମାଣୁ ଭିତରେ ଘଟୁଥିବା କ୍ଷିପ୍ର ପ୍ରକ୍ରିୟାଗୁଡ଼ିକୁ ଜାଣି ହେଲା, ଯାହା ପୂର୍ବରୁ ଅସମ୍ଭବ ଜଣାପଡୁଥିଲା।''



ପାଇରେ ଏଗୋଷ୍ଟିନି | ଫେରେଙ୍କ୍ କ୍ରାଉଜ୍ | ଲ' ହ୍ୟୁଲିୟର




ଅତି କ୍ଷୁଦ୍ର ସ୍ପନ୍ଦବିଶିଷ୍ଟ ଆଲୋକ ସୃଷ୍ଟି କରି ଏବଂ ଏହା ସାହାଯ୍ୟରେ ତୀବ୍ର ବେଗରେ ଗତି କରୁଥିବାର ଇଲେକଟ୍ରନଗୁଡ଼ିକୁ ସହଜରେ ଅଧ୍ୟୟନ କରିପାରିବାର ଉପାୟ ଆବିଷ୍କାର କରିଥିବାରୁ ତିନି ଜଣ ବୈଜ୍ଞାନିକଙ୍କୁ ୨୦୨୩ ପାଇଁ ପଦାର୍ଥ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯିବାକୁ ଜାତୀୟ ସୁଇଡେନ୍ ବିଜ୍ଞାନ ଏକାଡେମୀ ଘୋଷଣା କରିଛି। ସେମାନେ ହେଉଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାର ପାଇରେ ଏଗୋଷ୍ଟିନି, ଜର୍ମାନୀର ଫେରେଙ୍କ୍ କ୍ରାଉଜ୍ ଏବଂ ସୁଇଡେନ୍‌ର ଆନି ଲ'ହ୍ୟୁଲିୟର। ପୁରସ୍କାର ରାଶି ଭାବରେ ଥିବା ଏଗାର ନିୟୁତ ସୁଇଡେନ୍ କ୍ରୋନୋର (ପ୍ରାୟ ଏକ ନିୟୁତ ଆମେରିକୀୟ ଡଲାର) ତିନି ଜଣଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟାଯିବ। ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲ୍‌ଫ୍ରେଡ ନୋବେଲଙ୍କ ଶ୍ରାଦ୍ଧବାର୍ଷିକୀ ଅର୍ଥାତ୍ ଡିସେମ୍ବର ୧୦ ତାରିଖରେ ପୁରସ୍କାର ପ୍ରଦାନ କରାଯିବ।

ଗୋଟିଏ ପରମାଣୁ କେନ୍ଦ୍ରରେ ପ୍ରୋଟୋନ ଓ ନିଉଟ୍ରନକୁ ନେଇ ନାଭିକ ଅଛି ଏବଂ ନାଭିକ ଚାରିପଟେ ବିଭିନ୍ନ କକ୍ଷରେ ଇଲେକ୍‌ଟ୍ରନଗୁଡ଼ିକ ଘୂରୁଛନ୍ତି। ଇଲେକଟ୍ରନଗୁଡ଼ିକ ଏତେ ବେଗରେ ଘୂରୁଛନ୍ତି ଯେ ସେଗୁଡ଼ିକୁ ବାସ୍ତବ ସମୟରେ ପର୍ଯ୍ୟବେକ୍ଷଣ କରିବା ଅସମ୍ଭବ। ଏହି ବର୍ଷର ତିନି ନୋବେଲ ବିଜ୍ଞାନୀଙ୍କ କାର୍ଯ୍ୟ ଏବଂ ଗବେଷଣା ଯୋଗୁ ଆଜି ଆମେ ଏହି ଇଲେକଟ୍ରନ୍‌ଗୁଡ଼ିକୁ ପର୍ଯ୍ୟବେକ୍ଷଣ ଓ ଅଧ୍ୟୟନ କରିପାରୁଛେ। ଆଟୋସେକେଣ୍ଡ ହେଉଛି ଗୋଟିଏ ସେକେଣ୍ଡର ଏକ ବିଲିୟନ। ତାହା ଆଜକୁ ୧୩.୮ ବିଲିୟନ ବର୍ଷ ପୂର୍ବେ ବିଶ୍ୱ ସୃଷ୍ଟି ବେଳରୁ ସେକେଣ୍ଡରେ ଆଜି ପର୍ଯ୍ୟନ୍ତ ବିତିଯାଇଥିବା ସମୟ ସହିତ ସମାନ। ଅନ୍ୟ ଏକ ଉଦାହରଣ ଦେଖିବା। ଗୋଟିଏ କୋଠରିର ଗୋଟିଏ କାନ୍ଥରୁ ବିପରୀତ କାନ୍ଥକୁ ଆଲୋକ ଯିବା ପାଇଁ ଦଶ ବିଲିୟନ ଆଟୋସେକେଣ୍ଡ ନେଇଥାଏ। କଳ୍ପନା କର ଯେ ବୈଜ୍ଞାନିକମାନେ ଏହି ଅତିକ୍ଷୁଦ୍ର ଆଲୋକ ସ୍ପନ୍ଦ ସୃଷ୍ଟି କରିବା ପାଇଁ କେତେ ପରିଶ୍ରମ କରି ନ ଥିବେ !

୧୯୮୭ ମସିହାରେ ଆନି ଲ'ହ୍ୟୁଲିଅର ଗୋଟିଏ ନିଷ୍କ୍ରିୟ ଗ୍ୟାସ୍ ଦେଇ ଅବଲୋହିତ ଲେଜର ଆଲୋକକୁ ଗତି କରାଇ ଆଲୋକର ବିଭିନ୍ନ ଓଭରଟୋନ୍ ଆବିଷ୍କାର କଲେ। ଲେଜର ଆଲୋକର ପ୍ରତ୍ୟେକ ଚକ୍ର ପାଇଁ ପ୍ରତ୍ୟେକ ଓଭରଟୋନ୍ ହେଉଛି ନିର୍ଦ୍ଦିଷ୍ଟ ସଂଖ୍ୟକ ଚକ୍ର ଥିବା ଆଲୋକ ତରଙ୍ଗ। ଗ୍ୟାସ୍‌ର ପରମାଣୁ ସହିତ ଲେଜର ଆଲୋକର ଅନ୍ତଃପ୍ରକ୍ରିୟା ଫଳରେ ଏହା ସୃଷ୍ଟି ହୋଇଥାଏ। ଏହା କେତେକ ଇଲେକଟ୍ରନ୍‌କୁ ଅତିରିକ୍ତ ଶକ୍ତି ପ୍ରଦାନ କରିଥାଏ, ଯାହା ଏହାପରେ ଆଲୋକ ଭାବେ ନିର୍ଗତ ହୋଇଥାଏ। ଲ' ହ୍ୟୁଲିଅର ଏହା ଉପରେ ଅନେକ ବର୍ଷ ଗବେଷଣା କରି ନିବନ୍ଧମାନ ପ୍ରକାଶ କରିଥିଲେ। ଏହା ପରବର୍ତ୍ତୀ ଗବେଷଣା ଓ ଆବିଷ୍କାର ପାଇଁ ମୂଳଦୁଆ ପକାଇଥିଲା।

୨୦୦୧ ମସିହାରେ ପାଇରେ ଏଗୋଷ୍ଟିନି କେତେଗୁଡ଼ିଏ କ୍ରମିକ ଆଲୋକ ସ୍ପନ୍ଦ ସୃଷ୍ଟି କରି ଏହା ଉପରେ ଗବେଷଣା କଲେ। ଏହାର ପ୍ରତ୍ୟେକ ସ୍ପନ୍ଦ ୨୫୦ ଆଟୋସେକେଣ୍ଡ ପର୍ଯ୍ୟନ୍ତ ତିଷ୍ଠି ରହିଥିଲା। ଠିକ୍ ଏହି ସମୟରେ ଫେରେଙ୍କ୍ କ୍ରାଉଜ ଆଲୋକ ଉପରେ ଅନ୍ୟ ଏକ ପରୀକ୍ଷା କରି ଗୋଟିଏ ଏକକ ଆଲୋକ ସ୍ପନ୍ଦକୁ ପୃଥକ୍ କରିପାରିଲେ, ଯାହା ୬୫୦ ଆଟୋସେକେଣ୍ଡ ପର୍ଯ୍ୟନ୍ତ ରହିଥିଲା।

ଏହି ତିନି ବୈଜ୍ଞାନିକଙ୍କ କାର୍ଯ୍ୟ ପଦାର୍ଥ ବିଜ୍ଞାନରେ ଏକ ନୂତନ ଆଶା ଆରମ୍ଭ କଲା, ଯାହାକୁ 'ଆଟୋସେକେଣ୍ଡ ପଦାର୍ଥ ବିଜ୍ଞାନ' କୁହାଯାଉଛି। ଏହାଦ୍ୱାରା ଇଲେକଟ୍ରନ ଚାଳିତ ଯାନ୍ତ୍ରିକୀକୁ ବୁଝିହେଲା। କ୍ଷୁଦ୍ର ଆଲୋକ ସ୍ପନ୍ଦ ଯୋଗୁ ପରମାଣୁ ଭିତରେ ଘଟୁଥିବା କ୍ଷିପ୍ର ପ୍ରକ୍ରିୟାଗୁଡ଼ିକୁ ଜାଣିହେଲା, ଯାହା ପୂର୍ବରୁ ଅସମ୍ଭବ ଜଣାପଡୁଥିଲା। ଏହାର ସମ୍ଭାବ୍ୟ ବ୍ୟବହାର ଇଲେକଟ୍ରୋନିକ୍ସ ଓ ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ଅଛି। ଇଲେକ୍ଟ୍ରୋନିକ୍ସରେ ଗୋଟିଏ ପଦାର୍ଥରେ ଇଲେକଟ୍ରନଗୁଡ଼ିକର ଆଚରଣକୁ ବୁଝିବା ଓ ନିୟନ୍ତ୍ରଣ କରିବା ଜରୁରୀ। ଆଟୋସେକେଣ୍ଡ ପଦାର୍ଥ ବିଜ୍ଞାନ ଏଥିରେ ଯଥେଷ୍ଟ ସାହାଯ୍ୟ କରିବ। ଉଦାହରଣସ୍ୱରୂପ, ଏହା ସାହାଯ୍ୟରେ ରକ୍ତରେ ଆଣବିକ ସ୍ତରରେ ହେଉଥିବା ପରିବର୍ତ୍ତନକୁ ବୁଝିପାରି ରୋଗକୁ ଚିହ୍ନଟ କରାଯାଇପାରିବ। ତିନି ବୈଜ୍ଞାନିକ ଏହି କାର୍ଯ୍ୟ ମାନବ ସମାଜର କଲ୍ୟାଣ ପାଇଁ କାର୍ଯ୍ୟ କରିବ ବୋଲି ଜାତୀୟ ସୁଇଡେନ୍ ଏକାଡେମୀ ପ୍ରକାଶ କରିଛି।

ଆନି ଲ' ହ୍ୟୁଲିଅର ଫ୍ରାନ୍ସର ପ୍ୟାରିସଠାରେ ୧୯୫୮ ମସିହାରେ ଜନ୍ମ ଗ୍ରହଣ କରିଛନ୍ତି। ସେ ପ୍ୟାରିସର ପିଏରି ଓ ମେରି କ୍ୟୁରି ବିଶ୍ୱବିଦ୍ୟାଳୟରୁ ୧୯୮୬ ମସିହାରେ ପିଏଚଡି ଡିଗ୍ରୀ ପାଇଛନ୍ତି। ସେ ବର୍ତ୍ତମାନ ସୁଇଡେନ୍‌ର ଲୁଣ୍ଡ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି। ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାରେ ସେ ହେଉଛନ୍ତି ପଞ୍ଚମ ମହିଳା।

ଫେରେଙ୍କ୍ କ୍ରାଉଜ୍ ହଙ୍ଗେରୀର ମୋରଠାରେ ୧୯୬୨ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ସେ ୧୯୯୧ରେ ଅଷ୍ଟ୍ରିଆର ଭିଏନା ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟରୁ ପିଏଚଡି ଡିଗ୍ରୀ ପାଇଛନ୍ତି। ସେ ବର୍ତ୍ତମାନ ଜର୍ମାନୀର ଗାର୍ସିଙ୍ଗସ୍ଥିତ ମାକ୍ସ ପ୍ଲାଙ୍କ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୱାଣ୍ଟମ ଅପ୍ଟିକସ୍‌ର ନିର୍ଦ୍ଦେଶକ ଏବଂ ମ୍ୟୁଞ୍ଚେନସ୍ଥିତ ଲୁଡଉଇଗ ମାକସିମିଲାନ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଛନ୍ତି।

ପାଇରେ ଏଗୋଷ୍ଟିନି ଫରାସୀ ଟ୍ୟୁନିସିଆର ଟ୍ୟୁନିସଠାରେ ୧୯୪୧ ମସିହାରେ ଜନ୍ମଗ୍ରହଣ କରିଥିଲେ। ସେ ୧୯୬୮ ମସିହାରେ ଫ୍ରାନ୍ସର ଏଇକ୍ସ-ମର୍ସେଲେ ବିଶ୍ୱବିଦ୍ୟାଳୟରୁ ପିଏଚଡି ଡିଗ୍ରୀ ଲାଭ କରିଛନ୍ତି। ସେ ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାର କଲମ୍ବସ୍‌ସ୍ଥିତ ଓହିଓ ଷ୍ଟେଟ୍ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି।

-୭୦, ଲକ୍ଷ୍ମୀ ବିହାର, ଫେଜ୍-୧
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

## ହାର୍ଟ ପାଇଁ ଉପକାରୀ ଭିଟାମିନ୍ 'ସି'

ଭିଟାମିନ୍ 'ସି'ରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଏଭଳି ଖାଦ୍ୟ ଖାଆନ୍ତି ତେବେ ସେ ହୃଦ୍‌ଜନିତ ସମସ୍ୟାଠାରୁ ନିଜକୁ ଅନେକାଂଶରେ ଦୂରେଇ ରଖିପାରନ୍ତି ବୋଲି ମତ ଦେଇଛନ୍ତି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ସାମିଲ କରୁଥିବା କେତେକ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନେ ଏକଥା ଜାଣିପାରିଥିଲେ। କେବଳ ସେତିକି ନୁହେଁ, ଦୀର୍ଘକାଳୀନ ରୋଗ (କ୍ରୋନିକ୍ ଡିଜିଜ୍) ପାଇଁ ଏହା ଆଣ୍ଟି ଅକ୍ସିଡାଣ୍ଟ ଭଳି କାମ କରିଥାଏ। ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ମଧ୍ୟ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ରକ୍ତରେ ୟୁରିକ୍ ଏସିଡ୍‌ର ସ୍ତରକୁ ମଧ୍ୟ ଏହା ସନ୍ତୁଳିତ ରଖେ। ଏହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଆମେ ଖାଉଥିବା ଖାଦ୍ୟ ଯଥା ଅମୃତଭଣ୍ଡା, ପିଜୁଳି, ବ୍ରକୋଲି, ଲିଚି, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍ 'ସି' ଭରି ରହିଛି।



## ସଙ୍ଗୀତ ଏବଂ ସ୍ମରଣ ଶକ୍ତି

ଅନେକେ ଅବସର ମିଳିଲେ ନିଜ ମନ ପସନ୍ଦର ଗୀତ ଶୁଣିଥାଆନ୍ତି। ଏହାଦ୍ୱାରା ଭାରାକ୍ରାନ୍ତ ମନ କେତେକାଂଶରେ ହାଲକା ହୋଇଥାଏ। ମନପସନ୍ଦର ଗୀତ ଶୁଣିବା ଦ୍ୱାରା ଜଣେ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ଆହୁରି ତୀବ୍ର ହୋଇଥାଏ ବୋଲି ମତ ଦେଇଛନ୍ତି ଟୋକିଓ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ। ସ୍ମରଣ ଶକ୍ତିରେ ତାରତମ୍ୟ ପରିଲକ୍ଷିତ ହେଉଥିବା କେତେକ ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରିଥିଲେ। ତା'ସହ ସେମାନଙ୍କୁ ନିୟମିତ ସେମାନଙ୍କର ମନପସନ୍ଦର ଗୀତ ଶୁଣିବାକୁ ପରାମର୍ଶ ଦିଆଯାଇଥିଲା। ଏହାଦ୍ୱାରା ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତିରେ ବୃଦ୍ଧି ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି।



## 'କଲରା' ଜିନିଷ ଏକ: ଉପକାର ଅନେକ

**କଲରାରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଜାଣନ୍ତୁ ସେ ସମ୍ପର୍କରେ...**

- ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହାର ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଆମ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ପ୍ରତିଦିନ କଲରା ଖାଇବା ଆଖି ପାଇଁ ମଧ୍ୟ ମହୌଷଧି ସଦୃଶ କାମ କରେ।
- ଏଥିରେ ଭିଟାମିନ୍ 'ଏ' ମଧ୍ୟ ରହିଛି। ଏହା ଶରୀରରେ ଚର୍ମ ଗଠନ କରିଥାଏ।
- ହାର୍ଟ ପାଇଁ ବେଶ୍ ଉପକାରୀ ହେଉଛି କଲରା। ତା'ସହ ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା କେତେ ଲାଭପ୍ରଦ ତାହା କହିବା ଅନାବଶ୍ୟକ। କାରଣ ଏହାକୁ ଖାଇବା ଦ୍ୱାରା ରକ୍ତରେ ଶର୍କରାର ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ।



- କଲରା ଜୁସ୍ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି।
- ଉଚ୍ଚ ରକ୍ତଚାପ, ଆଜ୍‌ମା ଭଳି ସ୍ୱାସ୍ଥ୍ୟ ସମସ୍ୟାକୁ ଏହା କିଛି ମାତ୍ରାରେ ମଧ୍ୟ ସନ୍ତୁଳିତ ରଖିଥାଏ।
- କଲରାରେ କ୍ୟାଲୋରୀ, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ମଧ୍ୟ ରହିଛି, ଯାହା ଶରୀରର ଓଜନକୁ ସନ୍ତୁଳିତ ରଖେ।
- ଏହା ଲିଭର (ଯକୃତ୍)ରୁ ବାଇଲ୍ ଏସିଡ୍ କ୍ଷରଣ କରିବାରେ ସାହାଯ୍ୟ କରିଥାଏ।
- କଲରା କେତେକାଂଶରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।
- ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ଆଲର୍ଜି ହେବାକୁ ଦିଏନାହିଁ।
- କଲରା କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର କରେ ଓ ଖାଦ୍ୟ ହଜମରେ ବି ସାହାଯ୍ୟ କରେ।

## ସ୍ୱାସ୍ଥ୍ୟ ସୂଚନା

- ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ତା'ସହ ସୂର୍ଯ୍ୟକିରଣରେ କିଛି ସମୟ ଠିଆ ହୁଅନ୍ତୁ। କାରଣ ସକାଳର ସୂର୍ଯ୍ୟକିରଣ ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ୍ 'ଡି' ଭରି ରହିଛି।
- ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବା, ଶାଗ ଜାତୀୟ ଖାଦ୍ୟ ସାମିଲ କରନ୍ତୁ।
- ନିଜକୁ ଅବସାଦ ବଳୟରେ ବେଶି ସମୟ ରଖନ୍ତୁ ନାହିଁ। କାରଣ ଏହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ତେଣୁ ଏଥିରୁ କିପରି ମୁକୁଳିବେ ସେ ନେଇ ଥଣ୍ଡା ମନରେ ଚିନ୍ତା କରନ୍ତୁ।



- ରକ୍ତଚାପ ଆଜିକାଲି ଏକ ସାଧାରଣ ସମସ୍ୟା ହୋଇଗଲାଣି। ବିଶେଷଭାବରେ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିଲେ ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟାମ ଆଦି କରନ୍ତୁ। ଏହାସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବାକୁ ଭୁଲନ୍ତୁ ନାହିଁ।
- କୌଣସି କାମ କରିବା ସମୟରେ ମନରେ ନକାରାତ୍ମକ ଭାବନା ଯେମିତି ଉଦ୍ରେକ ନ ହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଦୀର୍ଘ ସମୟ ଧରି କାମ କରୁଥିଲେ ତା' ମଧ୍ୟରେ କିଛି ସମୟ ବିରତି ନିଅନ୍ତୁ। ଏହାଦ୍ୱାରା ମନ ହାଲୁକା ରହିଥାଏ ଏବଂ କାମ ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୁଏ।
- ସବୁବେଳେ ଘରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ। ବାହାରେ ତଥା ରାସ୍ତା କଡରେ ଚଟପଟି ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏଭଳି ଖାଦ୍ୟ ଏସିଡିଟି ସୃଷ୍ଟି କରିଥାଏ।

# ଗ୍ରହାଣୁ ଧୂଳିରେ ଜୀବନର ଜାତକ

(ଶେଷ ଭାଗ)

ବେନୁ ଗ୍ରହାଣୁ ନମୁନାର ବିଶ୍ଳେଷଣ ଜରିଆରେ ବୈଜ୍ଞାନିକମାନଙ୍କୁ ସୃଷ୍ଟିର ପ୍ରାରମ୍ଭ କାଳରେ ଘଟିଥିବା ସୌରଜଗତ ଜନ୍ମ ତଥା ଆମ ଗ୍ରହ ପୃଥିବୀରେ ଜୀବନର ଅଭ୍ୟୁଦୟ କିପରି ହୋଇଥିଲା ସୂଚନା ମିଳିବ। ଆହୁରି ମଧ୍ୟ ଏହା ଦ୍ୱାରା ପୃଥିବୀ ଅଭିମୁଖେ ସମ୍ଭାବ୍ୟ ସଂଘର୍ଷ ପଥରେ ଅଗ୍ରସର ହେଉଥିବା କିଛି ଗ୍ରହାଣୁଙ୍କ ସମ୍ପର୍କରେ ମଧ୍ୟ ଜାଣିବା ପାଇଁ ସୁଯୋଗ ମିଳିବ। ଏପରି କିଛି ବିପଜ୍ଜନକ ଗ୍ରହାଣୁର ସନ୍ଧାନ ମିଳିଲେ ସେମାନଙ୍କୁ ଯଥେଷ୍ଟ ପୂର୍ବରୁ ଠାବକରି ତଥା ପୃଥିବୀରେ ଧକ୍କା ଜନିତ ବିପଦ ଘଟାଇବା ପୂର୍ବରୁ ସେଗୁଡ଼ିକୁ ଶକ୍ତିଶାଳୀ ରକେଟ୍ ଦ୍ୱାରା ଆଘାତପୂର୍ବକ ଧ୍ୱଂସ କରିପାରିଲେ ଯାଇ ଆମର ଗ୍ରହ ପୃଥିବୀକୁ ସୁରକ୍ଷିତ ରଖିହେବ। ସୁତରାଂ ସୁଦୂର ଗ୍ରହାଣୁଙ୍କ କ୍ଷେତ୍ରରେ ଏଭଳି କଠିନ ଓ ଉଚ୍ଚ ଜ୍ଞାନକୌଶଳଯୁକ୍ତ କାର୍ଯ୍ୟକୁ ବାସ୍ତବତାରେ ରୂପାୟନ କରିବା ପାଇଁ ହେଲେ ଆମକୁ ସେମାନଙ୍କ ଗଠନ, କ୍ରମବିକାଶ ତଥା ଅନ୍ତରୀକ୍ଷରେ ଅବସ୍ଥାନ ଓ ଗତି ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ସମ୍ୟକ୍ ତଥା ନିରନ୍ତର ଜ୍ଞାନ ଆହରଣ କରିବାକୁ ପଡ଼ିବ।

**ରହସ୍ୟମୟ ଗ୍ରହାଣୁ ବେନୁ:** ଗତ ୧୯୯୯ ମସିହାରେ ଆମ ସୌରମଣ୍ଡଳରେ ମଙ୍ଗଳ ଓ ବୃହସ୍ପତି ଗ୍ରହ ମଧ୍ୟରେ ବିଦ୍ୟମାନ ଗ୍ରହାଣୁ ବଳୟରେ ଆବିଷ୍କାର କରାଯାଇଥିବା ଏହି କ୍ଷୁଦ୍ର ଗ୍ରହାଣୁଟି ପ୍ରତି ୬ ବର୍ଷରେ ଥରେ ପୃଥିବୀର ନିକଟବର୍ତ୍ତୀ ହୋଇଥାଏ। ଏହା ଦେଖିବାକୁ ଆକାରରେ ଏକ ନଟୁ ସଦୃଶ। ଏହା ଏତେ ଛୋଟ ଯେ ଏହାର ବ୍ୟାସ ମାତ୍ର ଅଧ କିଲୋମିଟର ପରିମିତ। ନିଜ କକ୍ଷପଥରେ ସୂର୍ଯ୍ୟଠାରୁ ଏହାର ହାରାହାରି ଦୂରତା ୧୬.୮ କୋଟି କିଲୋମିଟର ଏବଂ ଏହା ସୂର୍ଯ୍ୟକୁ ଥରେ ପରିକ୍ରମା କରିବା ପାଇଁ ପ୍ରାୟ ୧.୨ ବର୍ଷ ସମୟ ନେଇଥାଏ। ଏହା ମାତ୍ର ୪.୩ ଘଣ୍ଟା ସମୟ ଅନ୍ତରାଳରେ ନିଜ ଅକ୍ଷ ଚାରିପଟେ ଏକ ସମ୍ପୂର୍ଣ୍ଣ ଘୂର୍ଣ୍ଣନ ସମାପ୍ତ କରିଥାଏ; ସୁତରାଂ ଏହାର ଦିନ ଓ ରାତିର ଅବଧି ପ୍ରାୟ ଦୁଇ ଦୁଇ ଘଣ୍ଟା। ଏହାର ଜନ୍ମ ପ୍ରାୟ ୪.୫ କୋଟି ବର୍ଷ ପୂର୍ବେ ହୋଇଥିଲା। ଏହା ଗ୍ରହାଣୁ ବଳୟର କୌଣସି ବଡ଼ କାର୍ବନ୍‌ଯୁକ୍ତ ଗ୍ରହାଣୁ ଭାଙ୍ଗିଯିବା ଦ୍ୱାରା ତା'ର ଭଗ୍ନାବଶେଷରୁ ସୃଷ୍ଟି ହୋଇଥିବାର ବିଶ୍ୱାସ କରାଯାଏ। ଏହାର ପୃଷ୍ଠଦେଶ ଅତ୍ୟନ୍ତ ରୁକ୍ଷ ଓ ବନ୍ଧୁର, ଯାହା କେବଳ ଶିଳା ଓ ପଥର ଦ୍ୱାରା ଢଙ୍କା। ଏହାର ସବୁଠାରୁ ବଡ଼ ପଥରର ଲମ୍ବ ୭୨ ଫୁଟ। ଗ୍ରହାଣୁଟିର ସ୍ୱଳ୍ପ ମହାକର୍ଷଣ ବଳ ହେତୁ ଏହାର କୌଣସି ବାୟୁମଣ୍ଡଳ ଧାରଣର ସାମର୍ଥ୍ୟ ନାହିଁ। ଏହାର ଦିନ ସମୟରେ ସର୍ବାଧିକ ତାପମାତ୍ର ୧୧୬ ଡିଗ୍ରୀ ସେଲସିୟସ୍ ହୋଇଥିଲାବେଳେ ରାତି ସମୟର ସର୍ବନିମ୍ନ ତାପମାତ୍ରା -୧୦୦ ଡିଗ୍ରୀ ସେଲସିୟସ୍। ସୌରଜଗତର ଜନ୍ମ ତଥା ପୃଥିବୀରେ ଜୀବନସୃଷ୍ଟିର ପ୍ରାରମ୍ଭ କାଳରେ ଥିବା କିଛି ଜୈବିକ ଅଣୁ ସମୟର କରାଳ ସ୍ରୋତରେ ପରିବର୍ତ୍ତିତ ନ ହୋଇ ଅକ୍ଷତ ରୂପରେ ଏହି ବେନୁ ଗ୍ରହାଣୁରେ ଏବେବି ବିଦ୍ୟମାନ ଥିବାର ବିଶ୍ୱାସ କରାଯାଏ।



**୩.୫x୧୦୧୫ ଡିଗ୍ରୀ ସେଲସିୟସ୍ ତାପମାତ୍ରାର ଏକ ଝୋଲ :** ଆମର ବିଶ୍ୱ ୧୩୮୦ କୋଟି ବର୍ଷ ପୂର୍ବେ 'ବିଗ୍ ବ୍ୟାଙ୍ଗ୍' ନାମକ ଏକ ବିଶାଳ ବିସ୍ଫୋରଣ ଦ୍ୱାରା ସୃଷ୍ଟି ହୋଇଥିଲା ବୋଲି ବୈଜ୍ଞାନିକମାନଙ୍କ ମତ। ସେତେବେଳେ ବିଶ୍ୱ ଅତ୍ୟନ୍ତ ଉତ୍ତପ୍ତ ଓ ଅତିଶୟ ଘନ ପିଣ୍ଡ ରୂପରେ ରହିଥିଲା ଏବଂ ପଦାର୍ଥର ସଂରଚନା ଓ ରୂପରେଖ ଏବେଠାରୁ ବହୁ ଗୁଣରେ ଭିନ୍ନ ଥିଲା। ବିଗ୍ ବ୍ୟାଙ୍ଗ୍‌ର ମାତ୍ର ୧୦-୧୨ ସେକେଣ୍ଡ ସମୟ ପରେ ପଦାର୍ଥ କ୍ୱାର୍କ, ଗ୍ଲୁଅନ୍ ଓ ଇଲେକ୍ଟ୍ରନ୍ ଭଳି ଅନ୍ୟ କଣିକା ସମୂହର ଏକ ବିଚିତ୍ର ଘନ ତରଳିକୃତ ଅବସ୍ଥାରେ ଥିଲା। ସେତେବେଳେ ଏହି ବିଚିତ୍ର ଝୋଳର ତାପମାତ୍ରା ଥିଲା ୩.୫x୧୦୧୫ ଡିଗ୍ରୀ ସେଲସିୟସ୍। ଏହାର ୧୦-୬ ସେକେଣ୍ଡ ପରେ ଅବପରମାଣବିକ କଣିକାରୁ ଯେପରି ପ୍ରୋଟୋନ୍ ଓ ନିଉଟ୍ରନ୍‌ମାନ ସୃଷ୍ଟି ହେଲେ ଏବଂ ଏହାର ଆଉ ୩ ମିନିଟ୍ ପରେ ତାପମାତ୍ରା ୧୦୧୫ ଡିଗ୍ରୀ ସେଲସିୟସକୁ ଖସି ଆସିବାରୁ ଏହିସବୁ କଣିକା ପରସ୍ପର ସହିତ ସଂଯୋଜିତ ହୋଇ ପରମାଣୁର ପ୍ରଥମ ନିଉକ୍ଲିୟସ୍ ଜନ୍ମ ନେଲା। ବିଗ୍ ବ୍ୟାଙ୍ଗ୍‌ର ୩,୦୦,୦୦୦ ବର୍ଷ ପରେ ତାପମାତ୍ରା ୬୦,୦୦୦ ଡିଗ୍ରୀ ସେଲସିୟସ୍ ଥିଲାବେଳେ ପ୍ରଥମ 'ପରମାଣୁ' ସୃଷ୍ଟି ହେଲା। ଏହାର ଆଉ ୧ ଅଯୁତ କୋଟି ବର୍ଷ ପରେ ନିହାରିକାମାନ ସୃଷ୍ଟି ହେଲେ। ପୁଣି, ନୀହାରିକାରୁ ତାରାଗଣ ଏବଂ ତାରାରୁ ଗ୍ରହ ଓ ଗ୍ରହାଣୁ ସମୂହ ଜନ୍ମ ନେଲେ। ଘଟଣାକ୍ରମେ ପ୍ରାୟ ୪୫୦ କୋଟି ବର୍ଷ ତଳେ, ଆମର ସୌରଜଗତ ସୃଷ୍ଟି ହୋଇ ପୃଥିବୀ ଭଳି କିଛି ଅଦ୍ୱିତୀୟ ଗ୍ରହରେ ଜୀବନର ସୂତ୍ରପାତ ହେଲା ଏବଂ ଏହିପରି ଭାବରେ ଆମର ଦୃଶ୍ୟମାନ ବିଶ୍ୱ ବିକଶିତ ହେଲା।

ନାସାର ସଦ୍ୟତମ ଅଭିଯାନ ଆଗାମୀ ଦିନରେ 'ବେନୁ' ଗ୍ରହାଣୁରୁ ଆସିଥିବା ସେଭଳି କିଛି ଦୁର୍ଲଭ ପଦାର୍ଥର ବିଶ୍ଳେଷଣ ଜରିଆରେ ବିଶ୍ୱ ତଥା ସୌରଜଗତ ସୃଷ୍ଟିର ପ୍ରାରମ୍ଭକାଳର ସେହି ଅଭାବନୀୟ ଇତିହାସକୁ ଦୃଷ୍ଟିପାତ କଲେ ସଙ୍ଗେ ସଙ୍ଗେ ଆମ ଗ୍ରହ ପୃଥିବୀରେ ଜଳ ଓ ଜୀବନର ସୃଷ୍ଟି ସମ୍ପର୍କରେ ଥିବା ରହସ୍ୟ ବଳୟର ପର୍ଦ୍ଦାଫାଶ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ।

-ନିକୁଞ୍ଜ ବିହାରୀ ସାହୁ
ମୋ : ୮୯୧୭୬୩୭୯୭୪



# ଇଂଲଣ୍ଡକୁ ହରାଇଲା ଆଫଗାନିସ୍ତାନ

## ବିଶ୍ୱକପରେ ବିପର୍ଯ୍ୟୟ

ଦିଲ୍ଲୀ,୧୫।୧୦

ଚଳିତ କ୍ରିକେଟ ବିଶ୍ୱକପରେ ଦେଖିବାକୁ ମିଳିଛି ପ୍ରଥମ ବିପର୍ଯ୍ୟୟ। ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡକୁ ପରାସ୍ତ କରି ପଏଣ୍ଟ ଖାତା ଖୋଲିଛି ଆଫଗାନିସ୍ତାନ। ଦିଲ୍ଲୀର ଅରୁଣ ଜେଟଲୀ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଆଫଗାନିସ୍ତାନ ୬୯ ରନରେ ବିଶ୍ୱ ଚାମ୍ପିୟନ ଇଂଲଣ୍ଡକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୪୯.୫ ଓଭରରେ ୨୮୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଇଂଲଣ୍ଡ ୪୦.୩ ଓଭରରେ ୨୧୫ ରନ୍ କରି ଅଲଆଉଟ ହୋଇଥିଲା। ଏହା ସହିତ ବିଶ୍ୱକପରେ ଇଂଲଣ୍ଡ ଆଉ ଏକ ବିପର୍ଯ୍ୟୟର ସମ୍ମୁଖୀନ ହେଇ ଏକ ନିମ୍ନ ର୍‍ୟାଙ୍କ ଦଳଠାରୁ ହାରିଛି। ପୂର୍ବରୁ ଦଳ ୪ଥର ଏଭଳି ପରସ୍ଥିତିର ସମ୍ମୁଖୀନ ହୋଇଥିଲା। ୧୯୯୨ରେ ଜିମ୍ବାୱେ, ୨୦୧୧ରେ ଆୟର୍ଲାଣ୍ଡ ଓ ବାଂଲାଦେଶ ଏବଂ ୨୦୧୫ରେ ଦଳ ବାଂଲାଦେଶ ନିକଟରୁ ପରାଜିତ ହୋଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ପକ୍ଷରୁ ରହମାନଉଲ୍ଲା ଗୁରବାଜ(୮୦) ଓ ଇବ୍ରାହିମ୍ ଜାଦ୍ରାନ(୨୮) ପ୍ରଥମ ଉଇକେଟରେ ୧୧୪ ରନ୍ ଯୋଡି ଏକ ଦୃଢ ଆରମ୍ଭ ପ୍ରଦାନ କରିଥିଲେ। ଜାଦ୍ରାନ ୨୮ ରନ୍ କରି ଆଉଟ ହେବା ପରେ ରହମତ ଶାହ ମାତ୍ର ୩ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ଉଭୟ ଖେଳାଳିଙ୍କୁ ଆଉଟ କରିଥିଲେ ଆଦିଲ ରଶିଦ୍। ଦଳର ଟପ୍ ସ୍କୋରର ରହିଥିବା ଗୁରବାଜ ୮୦ ରନ୍ କରି ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଥିଲେ। ୫୭ ବଲର ଏହି ଇନିଂସରେ ୮ଚୌକା ଓ ୪ ଛକା ସାମିଲ ଥିଲା। ମଧ୍ୟକ୍ରମରେ ଅନ୍ୟ ଖେଳାଳି ବିଫଳ ହୋଇଥିବା ବେଳେ ଉଇକେଟ କିପର ଇକ୍ରାମ ଅଲିଖିଲ ୬୬ ବଲରୁ ୫୮ ରନ କରିଥିଲେ। ଶେଷ ଆଡକୁ ରଶିଦ୍ ଖାନ୍ ୨୩ ଓ ମୁଜିବ୍ ଉର ରେହମାନ ୨୮ ରନ୍ ସ୍କୋର କରିଥିଲେ। ଇଂଲଣ୍ଡ ପକ୍ଷରୁ ଆଦିଲ ରଶିଦ୍ ୩ ଉଇକେଟ ନେଇଥିବା ବେଳେ ମାର୍କ ଉଡ୍ ୨ ଉଇକେଟ ଅକ୍ତିଆର କରିଥିଲେ।

୨୮୫ ରନ୍‌ର ଲକ୍ଷ୍ୟ ଦିଲ୍ଲୀର ଫ୍ଲାଟ ଉଇକେଟରେ ସହଜ ରହିବା ନେଇ ଆଶା କରାଯାଉଥିଲା। ତେବେ ଆଫଗାନୀ ସ୍ପିନର ମାନେ ଚମତ୍କାର ବୋଲିଂ କରିବା ସହ ଚଳିତ ସଂସ୍କରଣର ପ୍ରଥମ ବିପର୍ଯ୍ୟୟ ଘଟାଇଥିଲେ। ଦ୍ୱିତୀୟ ଓଭରରେ ଫଜଲ୍ଲହକ ଫାରୁକି ଜନି ବେୟାରଷ୍ଟାଙ୍କୁ ଆଉଟ କରି ଦଳକୁ ପ୍ରଥମ ସଫଳତା ପ୍ରଦାନ କରିଥିଲେ। ସପ୍ତମ ଓଭରରେ ନିର୍ଭରଯୋଗ୍ୟ ଜୋ ରୁଟ୍‌ଙ୍କୁ ବୋଲ୍ଡ କରିଥିଲେ ମୁଜିବ। ଡାୱିଡ ମଲାନ ୩୨ ରନ୍ କରିଥିବା ବେଳେ ତାଙ୍କୁ ଆଉଟ କରିଥିଲେ ମହମ୍ମଦ ନବି। ଇଂଲଣ୍ଡ ଅଧିନାୟକ ଜୋସ୍ ବଟଲର ମାତ୍ର ୯ ରନ୍ କରି ନବୀନ ଉଲ ହକଙ୍କ ଅଫ କଟରରେ ବୋଲ୍ଡ ହୋଇଥିଲେ। ଆଫଗାନ ସ୍ପିନର ମାନେ ନିଜ ମଧ୍ୟରେ ୮ ଉଇକେଟ ବାଣ୍ଟି ନେବାରୁ ଇଂଲଣ୍ଡ ହାରିଥିଲା। କେବଳ ହ୍ୟାରି ବ୍ରୁକ ୬୬ ରନ୍ କରିଥିବା ବେଳେ ଅନ୍ୟ ସମସ୍ତ ଖେଳାଳି ବିଫଳ ହୋଇଥିଲେ। ମୁଜିବ ଉର ରେହମାନ ଓ ରାଶିଦ ଖାନ ୩ ଓ ମହମ୍ମଦ ନବି ୨ ଉଇକେଟ ନେଇଥିବା ବେଳେ ନବୀନ ଓ ଫାରୁକି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୪୯.୫ ଓଭରରେ ୨୮୪/୧୦ (ରହମାନଉଲ୍ଲା ଗୁରବାଜ-୮୦, ଇକ୍ରାମ ଅଲିଖିଲ-୫୮, ମୁଜିବ ଉର ରେହମାନ-୨୮, ଆଦିଲ ରଶିଦ-୩/୪୨, ମାର୍କ ଉଡ୍-୨/୫୦, ଜୋ ରୁଟ୍-୧/୧୯)। ଇଂଲଣ୍ଡ ୪୦.୩ ଓଭରରେ ୨୧୫/୧୦(ହ୍ୟାରୀ ବ୍ରୁକ୍-୬୬, ଡାୱିଡ୍ ମଲାନ୍-୩୨, ମୁଜିବ୍ ଉର ରେହମାନ-୩/୫୧, ରାଶିଦ୍ ଖାନ୍-୩/୩୭ ,ମହମ୍ମଦ ନବି-୨/୧୬)।



ଉଇକେଟ ନେବାପରେ ଉତ୍ସାହିତ ପ୍ଲେୟର ଅଫ୍ ଦି ମ୍ୟାଚ୍ ମୁଜିବ ଉର ରେହମାନ (ମଝି)।

### ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୩ | ୩ | ୦ | ୬ | +୧.୮୨୧ |
| ନ୍ୟୁଜିଲାଣ୍ଡ | ୩ | ୩ | ୦ | ୬ | +୧.୬୦୪ |
| ଦକ୍ଷିଣ ଆଫ୍ରିକା | ୨ | ୨ | ୦ | ୪ | +୨.୩୬୦ |
| ପାକିସ୍ତାନ | ୩ | ୨ | ୧ | ୪ | -୦.୧୩୭ |
| ଇଂଲଣ୍ଡ | ୩ | ୧ | ୨ | ୨ | -୦.୦୮୪ |
| ଆଫଗାନିସ୍ତାନ | ୩ | ୧ | ୨ | ୨ | -୦.୬୫୨ |
| ବାଂଲାଦେଶ | ୩ | ୧ | ୨ | ୨ | -୦.୬୯୯ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | -୧.୧୬୧ |
| ନେଦରଲାଣ୍ଡ୍ସ | ୨ | ୦ | ୨ | ୦ | -୧.୮୦୦ |
| ଅଷ୍ଟ୍ରେଲିଆ | ୨ | ୦ | ୨ | ୦ | -୧.୮୪୬ |

# ପ୍ରଥମ ବିଜୟ ଲକ୍ଷ୍ୟରେ ଅଷ୍ଟ୍ରେଲିଆ, ଶ୍ରୀଲଙ୍କା

ଲକ୍ଷ୍ନୌ,୧୫।୧୦(ପି.ଟି.)

କ୍ରମାଗତ ପରାଜୟ ପରେ ସୋମବାର ଶ୍ରୀଲଙ୍କା ବିପକ୍ଷରେ ଏହାର ତୃତୀୟ ମ୍ୟାଚ୍ ଖେଳିବ ଅଷ୍ଟ୍ରେଲିଆ। ୫ ଥର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ପାଇଁ ଏହି ମ୍ୟାଚ୍‌ଟି କର ବା ମର ପରସ୍ଥିତି ସୃଷ୍ଟି କରିଛି। ଉଭୟ ଦଳ ଦୁଇଟି ଲେଖାଏ ମ୍ୟାଚ ଖେଳିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପ୍ରଥମ ବିଜୟ ସନ୍ଧାନରେ ରହିଛନ୍ତି। ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚ୍‌ରେ ଭାରତ ଓ ଦ୍ୱିତୀୟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜିତ ହୋଇଥିଲା। ଅନ୍ୟପକ୍ଷରେ ଶ୍ରୀଲଙ୍କା ଏହାର ଉଭୟ ମ୍ୟାଚରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ନିକଟରୁ ପରାଜିତ ହୋଇଛି। ୫ ଥର ଚାମ୍ପିୟନ ଅଷ୍ଟ୍ରେଲିଆ ପଏଣ୍ଟ ଟେବୁଲର ନବମ ସ୍ଥାନରେ ରହିଥିବା ବେଳେ ଏହାର ନେଟ୍ ରନ୍‌ରେଟ୍ -୧.୮୪୬ ରହିଛି । ଅନ୍ୟପକ୍ଷରେ ଶ୍ରୀଲଙ୍କା -୧.୧୬୧ର ନେଟ୍ ରନ୍‌ରେଟ୍ ସହିତ ସପ୍ତମ ସ୍ଥାନରେ ରହିଛି।

୧୯୯୨ ପରେ ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆ ଏଭଳି ଦୟନୀୟ ପ୍ରଦର୍ଶନ କରିଛି। ତେବେ ନିଜର ଦୃଢ଼ ମନୋବଳ ପାଇଁ ପରିଚିତ ଏହି ଦଳ କମବ୍ୟାକ୍ ମଧ୍ୟ କରିପାରେ। ପ୍ରଥମ ଥର ପାଇଁ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ଖରାପ ପ୍ରଦର୍ଶନ କରିଛି ଅଷ୍ଟ୍ରେଲିଆ। ଭାରତ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦଳର ବ୍ୟାଟିଂ ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ବେଳେ ବୋଲିଂ ଦନ୍ତହୀନ ବାଘ ଭଳି ରହିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆର ଫିଲ୍ଡିଂ ଆଶ୍ଚର୍ଯ୍ୟଜନକ ଭାବରେ ନିରାଶ କରିଛି। ଦଳ ଦୁଇ ମ୍ୟାଚରେ ୬ରୁ ଅଧିକ କ୍ୟାଚ୍ ହାତଛଡା କରିବା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି।

ଅନ୍ୟପକ୍ଷରେ ଶ୍ରୀଲଙ୍କା ମଧ୍ୟ ସମାନ ପରିସ୍ଥିତି ଦେଇ ଗତି କରୁଛି। ଦଳର ଅଧିନାୟକ ଦସୁନ ଶନକା ଆହତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଥିବା ବେଳେ ଏହାଦ୍ୱାରା ପ୍ରଦର୍ଶନ ପ୍ରଭାବିତ ହେବାର ଆଶଙ୍କା କରାଯାଏ। ଦଳର ଏକାଧିକ ଫ୍ରଣ୍ଟଲାଇନ ବୋଲର ଆହତ ସମସ୍ୟା ଦେଇ ଗତି କରୁଥିବା ବେଳେ ଶନକାଙ୍କ ଆହତ ହେବା ଦ୍ୱାରା ଦଳର ନିମ୍ନ ମଧ୍ୟକ୍ରମ ବ୍ୟାଟିଂ ଅତ୍ୟନ୍ତ ଦୁର୍ବଳ ମନେହେଉଛି। ୨୦ ବର୍ଷୀୟ ମଥିଶା ପଥିରାନା ବୋଲିଂର ନେତୃତ୍ୱ ନେଉଥିବା ବେଳେ ଦଳ ଦୁଇ ମ୍ୟାଚରେ ୭୭୫ ରନ୍ କରିବା ଆଉ ଏକ ବଡ ସମସ୍ୟା ରହିଛି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା**

ସ୍ଥାନ: ଲକ୍ଷ୍ନୌ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ରୋନାଲ୍ଡୋଙ୍କୁ କୋରଡ଼ା ମାଡ଼କୁ ନେଇ ସ୍ପଷ୍ଟୀକରଣ

ତେହରାନ,୧୫।୧୦

ପର୍ତ୍ତୁଗାଲର ଷ୍ଟାର ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ୯୯ ଥର କୋରଡା(ଚାବୁକ) ମାଡ କରାଯିବ ବୋଲି ଏକ ଖବର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ ନେଇ ମାଡ୍ରିଡ୍‌ରେ ଅବସ୍ଥିତ ଇରାନିଆନ୍ ଦୂତାବାସ ପକ୍ଷରୁ ଏକ ସ୍ପଷ୍ଟୀକରଣ ଆସିଛି। ସାଉଦି ଆରବର କ୍ଲବ ଅଲ ନାସେର ପାଇଁ ଖେଳୁଥିବା ରୋନାଲ୍ଡୋ ସେପ୍ଟେମ୍ବର ମାସରେ ଏଏଫ୍‌ସି କପ୍‌ର ମ୍ୟାଚ୍ ଖେଳିବା ପାଇଁ ଇରାନ୍ ଯାଇଥିଲେ। ପର୍ସେପୋଲିସ୍ ବିପକ୍ଷ ମ୍ୟାଚ୍ ପୂର୍ବରୁ ଇରାନର ଦିବ୍ୟାଙ୍ଗ କଳାକାର ଫାତିମା ହମାମୀ ତାଙ୍କୁ ଭେଟିବା ସହିତ ଏକ ପ୍ରତିକୃତି ଉପହାର ଭାବରେ ପ୍ରଦାନ କରିଥିଲେ। ଏହାପରେ ହ୍ୱିଲ ଚେୟାରରେ ବସିଥିବା ଫାତିମାଙ୍କୁ ରୋନାଲ୍ଡୋ ଆଲିଙ୍ଗନ କରିବା ସହ କିଛି ସମୟ ବାର୍ତ୍ତାଳାପ କରିଥିଲେ। ଏପରିକି ଅଲ ନାସେରର ଏକ ଜର୍ସି ମଧ୍ୟ ଉପହାର ଭାବରେ ଦେଇଥିଲେ। ତେବେ ଇରାନରେ ଆଇନ ଅନୁସାରେ ନିଜ ସ୍ତ୍ରୀଙ୍କ ବ୍ୟତୀତ ଅନ୍ୟ କୌଣସି ଅବିବାହିତ ମହିଳାଙ୍କୁ ଛୁଇଁବା ଅପରାଧ ଅଟେ। ଏହାକୁ ନେଇ ଏକାଧିକ ଓକିଲ ରୋନାଲ୍ଡୋଙ୍କ ବିପକ୍ଷରେ ମାମଲା ରୁଜୁ କରିଥିବା ବେଳେ ତାଙ୍କୁ ୯୯ଥର କୋରଡା ମରାଯିବାକୁ ଆଦେଶ ଦିଆଯାଇଥିବା ଖବର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ତେବେ ମାଡ୍ରିଡ ସ୍ଥିତ ଇରାନିଆନ୍ ଦୂତାବାସ ଏହାକୁ ଖଣ୍ଡନ କରିବା ସହିତ ଏଭଳି ହୋଇ ନ ଥିବା ସ୍ପଷ୍ଟ କରିଛନ୍ତି। ଏପରିକି ଇରାନରେ ସମସ୍ତେ ଏହି ବୈଠକକୁ ସକରାତ୍ମକ ଢଙ୍ଗରେ ଗ୍ରହଣ କରିଥିବା ଦୂତାବାସ ପକ୍ଷରୁ କୁହାଯାଇଛି।




ଫାତିମା ହମାମୀଙ୍କୁ ଜର୍ସି ଉପହାର ଦେଉଛନ୍ତି ରୋନାଲ୍ଡୋ।

# ପେଗୁଲା ଜିତିଲେ କୋରିଆ ଓପନ ଟାଇଟଲ

**ସିଓଲ, ୧୫।୧୦ (ଏପି):** କୋରିଆ ଓପନ ଫାଇନାଲରେ ଚାଇନାର ୟୁଆନ ୟୁଇଙ୍କୁ ୬-୨, ୬-୩ରେ ପରାସ୍ତ କରି ଜେସିକା ପେଗୁଲା ତାଙ୍କ କ୍ୟାରିୟରର ଚତୁର୍ଥ ଟାଇଟଲ ଜିତିଛନ୍ତି। ଟପ୍ ସିଡ୍ ପେଗୁଲା ସମଗ୍ର ଟୁର୍ଣ୍ଣାମେଣ୍ଟରେ ମାତ୍ର ଗୋଟିଏ ସେଟ୍ ଡ୍ରପ୍ କରିଥିଲେ। ୨୦୦୭ରେ ସେରେନା ୱିଲିୟମ୍ସଙ୍କ ପରେ ପ୍ରଥମ ଆମେରିକୀୟ ଭାବେ ସେ ସିଓଲରେ ଟାଇଟଲ ଜିତିଛନ୍ତି। ପେଗୁଲା କହିଛନ୍ତି, ତାଙ୍କ ମା' କୋରିଆରେ ଜନ୍ମ ଗ୍ରହଣ କରିଥିବାରୁ ଏଠାରେ ଟାଇଟଲ ଜିତିବା ତାଙ୍କ ପାଇଁ ସ୍ୱତନ୍ତ୍ର ଥିଲା। ମ୍ୟାଚ ବେଳେ ସ୍ଥାନୀୟ ଦର୍ଶକଙ୍କଠାରୁ ଯେତିକି ସମର୍ଥନ ମିଳିବ ବୋଲି ମୁଁ ଆଶା କରୁଥିଲି ତା' ଠାରୁ ଅଧିକ ମିଳିଥିଲା।

# ଦେବାଶିଷଙ୍କୁ ଡବଲ୍ସ ଟାଇଟଲ

**ଆଇଟିଏଫ୍ ଜୁନିୟର ଟୁର୍ଣ୍ଣାମେଣ୍ଟ**

ଭୁବନେଶ୍ୱର,୧୫।୧୦
(ସରୋଜ ଜେନା)

ରାଜ୍ୟର ଉଦୀୟମାନ ଟେନିସ୍ ଖେଳାଳି ଦେବାଶିଷ ସାହୁ ହାସଲ କରିଛନ୍ତି ଆଇଟିଏଫ୍ ଜୁନିୟର ଡବଲ୍ସ ଟାଇଟଲ୍। ଘାନାର ଆକ୍ରାରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଦେବାଶିଷ ସିଙ୍ଗଲ୍ସ ଇଭେଣ୍ଟରେ ସେମିରେ ପ୍ରବେଶ କରିଥିବା ବେଳେ ଡବଲ୍ସରେ ଟାଇଟଲ ହାସଲ କରିଥିଲେ। ସର୍ବିଆର ନିକୋଲା ଜୋଭିକ୍‌ଙ୍କୁ ସାଥୀ କରି ଖେଳିଥିବା ଦେବାଶିଷ ଫାଇନାଲରେ ଟପ୍ ସିଡେଡ୍ ନାଇଜେରିଆର ଡେଭିଡ୍ ଏକପେନ୍ୟୋ ଓ ଡେନମାର୍କର କ୍ରିଷ୍ଟିଆନୋ ଗ୍ରୋନଫେଲଙ୍କୁ ୭-୬ ଓ ୬-୪ ସେଟ୍‌ରେ ପରାସ୍ତ କରିଥିଲେ। ଏହା ପୂର୍ବରୁ ଦେବାଶିଷ ବାଳକ ସିଙ୍ଗଲ୍ସ ଇଭେଣ୍ଟ ସେମିରେ ପ୍ରବେଶ କରିଥିବା ବେଳେ ନିକୋଲ ଜୋଭିକଙ୍କ ଠାରୁ ୭-୫, ୨-୬ ଓ ୪-୬ ସେଟରେ ପରାଜିତ ହୋଇଥିଲେ। ଅନ୍ତର୍ଜାତୀୟ ସର୍କିଟରେ ଏହା ଦେବାଶିଷଙ୍କ ଷଷ୍ଠ ଟାଇଟଲ ତଥା ଜେ ୧୦୦ ବର୍ଗରେ ପ୍ରଥମ ଟାଇଟଲ। ଏହି ସଫଳତା ପାଇଁ ସେ ଓଡ଼ିଶା ଟେନିସ୍ ସଂଘ ଓ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗକୁ ଶ୍ରେୟ ଦେଇଛନ୍ତି।



ଟ୍ରଫି ସହ ଦେବାଶିଷ ସାହୁ।

# ଏସିଆଡ୍‌ରେ ସଫଳ ଖେଳାଳିଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର

**ରାଜ୍ୟ ଅଲିମ୍ପିକ ସଂଘ ବାର୍ଷିକ ସାଧାରଣ ପରିଷଦ ବୈଠକ**

କଟକ,୧୫।୧୦
(ସୁପ୍ରିୟା ପ୍ରିୟଦର୍ଶିନୀ)

ରାଜ୍ୟ ଅଲିମ୍ପିକ ସଂଘ ପକ୍ଷରୁ ବାର୍ଷିକ ସାଧାରଣ ପରିଷଦ ବୈଠକ ରବିବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅଲିମ୍ପିକ ସଂଘ ଅଧୀନରେ ଆସୁଥିବା ସମସ୍ତ ଖେଳର ବିକାଶକୁ ନେଇ ଆଲୋଚନା ହେଇଥିଲା। ଆଗାମୀ ଦିନରେ ହେବାକୁ ଥିବା ଜାତୀୟ ସ୍ତରୀୟ ମ୍ୟାଚ ନେଇ ମଧ୍ୟ ଏହି ବୈଠକରେ ଆଲୋଚନା ହୋଇଛି। ଏହାସହ ଏସିଆନ ଗେମ୍ସରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟରେ ସାମିଲ ଥିବା କୃତୀ ଓଡ଼ିଆ ଖେଳାଳିଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଛି ରାଜ୍ୟ ସଂଘ। ବୈଠକରେ ୩ ନୂଆ କ୍ରୀଡ଼ା ସଂଘ (ଓଡ଼ିଶା ହକି ସଂଘ , ରଗ୍‌ବୀ କ୍ରୀଡ଼ା ସଂଘ, ଓ ରାଇଫେଲ କ୍ରୀଡ଼ାକୁ ରାଜ୍ୟ ଅଲିମ୍ପିକ ସଂଘ) ବୈଠକରେ ଅନୁବନ୍ଧିତ କରାଯାଇଥିଲା। ଆଗାମୀ ଦିନରେ କିଭଳି ସଂଘରେ ଜାତୀୟ ଓ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେବ ତାହା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ତୃଣମୂଳ ସ୍ତରରୁ ଭଲ ଖେଳାଳି ଚୟନ କରିବା ଓ ଭଲ ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ କୋଚ ନିଯୁକ୍ତି ଦେବା ପ୍ରସଙ୍ଗରେ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ କ୍ରୀଡ଼ା ସଂଘର ସମ୍ପାଦକ। ତେବେ ଏହି ସମସ୍ତ ଦିଗକୁ ଦୃଷ୍ଟିରେ ରଖି ବୈଠକରେ ବାର୍ଷିକ ବଜେଟ ପାସ କରାଯାଇଛି। ଏହି ବୈଠକରେ ରାଜ୍ୟ ଅଲିମ୍ପିକ ସଂଘର ସମ୍ପାଦକ ଅଭିଜିତ ପାଲ, ଆଥ୍‌ଲେଟିକ ସଂଘ ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ବିଜେତା ହକି ଖେଳାଳି ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଜାଭେଲିନ୍‌ରେ ବିକ୍ରାନ୍ତଙ୍କୁ ବ୍ରୋଞ୍ଜ

**ବେଙ୍ଗାଲୁରୁ, ୧୫।୧୦ (ପି.ଟି.):** ଠାରେ ନ୍ୟାଶନାଲ ଓପନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରେଲୱେ ୨୨୦ ପଏଣ୍ଟ ସହ ଓଭରାଲ୍ ଟାଇଟଲ ହାସଲ କରିଛି। ସର୍ଭିସେସ ୧୭୫ ପଏଣ୍ଟ ସହ ପୁରୁଷ ଟିମ୍ ଟାଇଟଲ ଜିତିଥିବା ବେଳେ ରେଲୱେ ୧୫୬ ପଏଣ୍ଟ ସହ ମହିଳା ଟିମ୍ ଟାଇଟଲ ହାସଲ କରିଛି। ସର୍ଭିସେସ୍‌ର ଜାଭେଲିନ ଥ୍ରୋୟର ମନୁ ଡିପି ୧୧୨୭ ପଏଣ୍ଟ ସହ ଶ୍ରେଷ୍ଠ ପୁରୁଷ ଆଥଲେଟ ଏବଂ ମହାରାଷ୍ଟ୍ରର ଯମୁନା ଲାଡକାଟ୍ ମିଟ୍‌ର ଶ୍ରେଷ୍ଠ ମହିଳା ଆଥ୍‌ଲେଟ ବିବେଚିତ ହୋଇଛନ୍ତି। ଜାଭେଲିନ୍‌ରେ ରାଜସ୍ଥାନର ଯଶବୀର ସିଂ (୭୭.୭୨ ମିଟର) ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଓଡ଼ିଶାର ବିକ୍ରାନ୍ତ ମଲିକ (୭୭.୬୫ମିଟର) ତୃତୀୟ ସ୍ଥାନ ଅଧିକାର ସହ ବ୍ରୋଞ୍ଜ ହାସଲ କରିଥିଲେ। ତାମିଲନାଡୁ ୩୯.୪୨ ସେକେଣ୍ଡ ଟାଇମିଂରେ ମିଟ୍ ରେକର୍ଡ ସହ ପୁରୁଷ ୪x୧୦୦ ମିଟର ରିଲେରେ ସ୍ୱର୍ଣ୍ଣ ପଦକ ହାସଲ କରିଛି।

# ଇବେନ୍ୟୋ, ଆୟାନା ବିଜେତା

**ଦିଲ୍ଲୀ ହାଫ୍ ମାରାଥନ**

ନୂଆଦିଲ୍ଲୀ, ୧୫।୧୦ (ପି.ଟି.)

କେନିଆର ଡାନିଲ ଇବେନ୍ୟୋ ଏବଂ ଇଥିଓପିଆର ଅଲ୍‌ମାଜ୍ ଆୟାନା ଯଥାକ୍ରମେ ଏଠାରେ ରବିବାର ଅନୁଷ୍ଠିତ ବେଦାନ୍ତ ଦିଲ୍ଲୀ ହାଫ୍ ମାରାଥନ ରେସ୍ ବିଜେତା ହୋଇଛନ୍ତି। ବୁଦାପେଷ୍ଟଠାରେ ଅନୁଷ୍ଠିତ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍‌ରେ ୧୦୦୦୦ମିଟର ରେସ୍‌ରେ ଏକ ରୌପ୍ୟ ଜିତିଥିବା ୨୮ ବର୍ଷୀୟ ଇବେନ୍ୟୋ ୫୯ ମିନିଟ ଓ ୨୭ ସେକେଣ୍ଡ ଟାଇମିଂରେ ନିଜ ଦେଶ କେନିଆର ଚାର୍ଲ୍ସ ମାଟାଟା (୧:୦୦:୦୫)ଙ୍କ ଆଗରେ ରହି ପୁରୁଷ ରେସ୍ ଜିତିଛନ୍ତି। ୨୦୧୬ ରିଓ ଅଲିମ୍ପିକ୍ସ ୧୦,୦୦୦ ମିଟର ସ୍ୱର୍ଣ୍ଣ ଜିତିଥିବା ଆୟାନା ୧ ଘଣ୍ଟା ୭ ମିନିଟ ୫୯ ସେକେଣ୍ଡ ଟାଇମିଂରେ ମହିଳା ଏଲିଟ୍ ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ପଛକୁ ଯଥାକ୍ରମେ ଉଗାଣ୍ଡାର ଷ୍ଟେଲା ଚେସାଙ୍ଗ (୧:୦୮:୨୮) ଏବଂ କେନିଆର ଭିଓଲା ଚେପେନୋ (୧:୦୯:୦୯) ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଅନ୍ୟପକ୍ଷରେ ଭାରତୀୟ ପୁରୁଷ ଓ ମହିଳା ଏଲିଟି କାଟାଗୋରିରେ ଅଭିଷେକ ପାଲ୍ ଓ କବିତା ଯାଦବ ଯଥାକ୍ରମେ ୧:୦୪:୦୮ ଏବଂ ୧:୧୭:୪୨ ଟାଇମିଂରେ ଦ୍ରୁତତମ ବିବେଚିତ ହୋଇଥିଲେ। ୬ବର୍ଷ ପୂର୍ବେ ଦିଲ୍ଲୀ ମାରାଥନ ଜିତିଥିବା ୩୧ ବର୍ଷୀୟା ଆୟାନା ମହିଳା ରେସ୍‌ରେ ତାଙ୍କ ୨୦୧୭ ବିଜୟ ଟାଇମିଂ ୧:୦୭:୧୧ର ନିକଟତର ହୋଇଥିଲେ। ନିଜ ଦେଶର ସାଥୀ ଧାବିକା ଆବେରାଶ ମିନ୍‌ସେଓ ଓ ଡେସି ଆଞ୍ଚିନାଲୁଙ୍କ ସମେତ କେନିଆର ଭିଓଲା ଚେପନଗେନୋ ଏବଂ ଉଗାଣ୍ଡାର ଷ୍ଟେଲା ଚୋସାଙ୍ଗଙ୍କଠାରୁ ପ୍ରତ୍ୟେକ ୫ କି.ମି. ମଧ୍ୟାନ୍ତରରେ ଆୟାନା ତାଙ୍କ ୧୬ ମିନିଟ ବ୍ୟବଧାନ ବଜାୟ ରଖିଥିଲେ। ରେସ୍‌ର ଅନ୍ତିମ ପର୍ଯ୍ୟାୟରେ କିନ୍ତୁ ସେ ଧିମା ପଡ଼ିଯାଇଥିଲେ। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଚେସାଙ୍ଗଙ୍କଠାରୁ ସେ ୬୭:୫୮ ସେକେଣ୍ଡ ଆଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦିଲ୍ଲୀ ହାଫ୍ ମାରାଥନ ରେସ୍‌ର ବିଭିନ୍ନ କାଟାଗୋରିରେ ୩୬,୦୦୦ ଧାବକ ଓ ଧାବିକା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଅତିଥିଭାବେ ଯୋଗଦେଇଥିଲେ।



ଦିଲ୍ଲୀ ହାଫ୍ ମାରାଥନ ପୋଡିୟମରେ ତିନି ଜଣ ପଦକ ବିଜେତା।

## ସଂକ୍ଷେପରେ

### ଜଗନ୍ନାଥଙ୍କଠାରେ ସମର୍ପଣ ହେଲା ବ୍ରହ୍ମ କମଳ ଫୁଲ



କର୍ଲାମୁଣ୍ଡା,୧୫।୧୦(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ବ୍ୟବସାୟୀ ନିତ୍ୟାନନ୍ଦ ମହାପାତ୍ରଙ୍କ ବାସଭବନରେ ବ୍ରହ୍ମ କମଳ ଫୁଲ ଫୁଟିଥିବା ଦେଖିବାକୁ ମିଳିଛି। ତେବେ ଏହି ଫୁଲ ପାଇଁ ଦୁଇ ବର୍ଷ ଧରି ଚେଷ୍ଟା କରି ଆସୁଥିବା ବେଳେ ଶନିବାର ରାତିରେ ଫୁଲ ଫୁଟିଥିବା ଦେଖିବାକୁ ପାଇଥିଲେ। ମହାପାତ୍ରଙ୍କ ପରିବାର ରବିବାର ସକାଳେ କର୍ଲାମୁଣ୍ଡା (ବସ୍ତି)ରେ ଥିବା ଜଗନ୍ନାଥ ମନ୍ଦିରୁ ଯାଇ ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରି ବ୍ରହ୍ମ କମଳ ଫୁଲ ପ୍ରଭୁ ଜଗନ୍ନାଥଙ୍କୁ ସମର୍ପଣ କରିଥିଲେ।

### ଏସ୍‌ଏଚ୍‌ଜି ମହିଳାଙ୍କ ତାଲିମ ଶିବିର

ରୁପ୍ରାରୋଡ୍‌,୧୫।୧୦(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ଗ୍ରାମପଞ୍ଚାୟତରେ ଏସଏଚଜି ମହିଳାମାନଙ୍କୁ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସତ୍ୟ ମାକ୍ରୋ କ୍ୟାପିଟାଲ ଲିମିଟେଡ୍‌ ସଂସ୍ଥା ପକ୍ଷରୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତୁଷୁରା ରିଯୋନ ମ୍ୟାନେଜର ସୌମ୍ୟରଞ୍ଜନ ମନ୍ତ୍ରୀ ଓ ଯୋନାଲ ବ୍ରାଞ୍ଚ ମ୍ୟାନେଜର ମୁନିନ୍ଦ୍ର ପଣ୍ଡା ଯୋଗଦେଇ ଚୋରି ରୋକିବା ସହ ସାଇବର୍‌ କ୍ରାଇମ ଓ ଟଙ୍କା ଉଠାଣ ସମୟରେ ସତର୍କତା ଅବଲମ୍ବନ କରିବାକୁ ଅନୁରୋଧ କରିବା ସହ କେସଲେସ କିସ୍ତି ପୈଠ ବ୍ୟବସ୍ଥା ଆପଣାଇବା ସହ ବ୍ୟାଙ୍କରେ ଟଙ୍କା ସଞ୍ଚୟ ପାଇଁ ସଚେତନ କରାଇଥିଲେ। ଭବାନୀପାଟଣା ଶାଖା ପରିଚାଳକ କାର୍ତ୍ତିକେଶ୍ୱର ପ୍ରଧାନ, ଟ୍ରେନର ସୁଶାନ୍ତ ନାୟକ ଓ ସୁଶ୍ରୀ ଦେବସ୍ମିତା ସାହୁ ଓ ରୁପ୍ରା ସରପଞ୍ଚ ପ୍ରତିନିଧି ସୁଶାନ୍ତ ସେନାପତି ପ୍ରମୁଖ ଏସଏଚଜି ମହିଳାମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ମହିଳା ଗୋଷ୍ଠୀଙ୍କୁ ଟଙ୍କା ଉଠାଣ, ଟଙ୍କା କିପରି ସଞ୍ଚୟ କରାଯିବ ଏବଂ ଟଙ୍କାକୁ କିପରି ଠିକ ଯାଗାରେ ବ୍ୟବହାର କରି ନିଜେ ସୁଦୃଢ଼ ହୋଇପାରିବା ସେ ନେଇ ତାଲିମ ପ୍ରଦାନ କରିଥିଲେ। ସହକର୍ମୀ ଶ୍ୟାମ ସୁନ୍ଦର ନାଏକ, ବିଜୟ ପ୍ରଧାନ, ରାଜୀବ ଗୁପ୍ତା, ଚନ୍ଦ୍ରକାନ୍ତ ସେଠୀ, ରୀଙ୍କୁ ଗୌଡ, ମନୋରଞ୍ଜନ ଜେନା, ଚମ୍ପେସର ଖମାରୀ ଓ କିରନ ନାଏକ ପ୍ରମୁଖ ସହଯୋଗ କରିଥିଲେ।

### ଦନ୍ତେଶ୍ୱରୀଙ୍କ ପୀଠରେ ନବରାତ୍ର ପୂଜା ଆରମ୍ଭ



ବେହେରା,୧୫।୧୦(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲାର ଦଣ୍ଡପାଟ ଅଧିଷ୍ଠାତ୍ରୀ ଦେବୀ ଦନ୍ତେଶ୍ୱରୀଙ୍କ ପୀଠରେ ରବିବାରଠାରୁ ନବରାତ୍ର ପୂଜନ ଆରମ୍ଭ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ବେହେରା ନଦୀରୁ ମନ୍ଦିର ପର୍ଯ୍ୟନ୍ତ ବିଭିନ୍ନ ବାଦ୍ୟ, ଘଣ୍ଟ ବଜାଇ ଏକ ଶୋଭାଯାତ୍ରା ବାହାରି କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ବହୁସଂଖ୍ୟାରେ ମହିଳାମାନେ ଯୋଗଦେଇଥିଲେ। ମନ୍ଦିର ପହଞ୍ଚିବା ପରେ ପୂଜକ ଯୁବରାଜ ନାଏକ ପୂଜାର୍ଚ୍ଚନା କରି ଗ୍ରାମର ମଙ୍ଗଳ କାମନା କରିଥିଲେ। ରବିବାରଠାରୁ ଅନେକ ଶ୍ରଦ୍ଧାଳୁ ଭକ୍ତ ମନ୍ଦିର ଭିତରେ ମାନସିକ କରି ଅଖଣ୍ଡ ଦୀପ ପ୍ରଜ୍ୱଳନ କରିଥିଲେ, ଯାହା ନଅ ଦିନ ବ୍ୟାପି ରହିଥିବ। ଦୀପ ସେବାରେ ମନ୍ଦିର ପୂଜକ ଓ ସେବକମାନେ ନଅ ଦିନ ଉଜାଗର ରହି ପୂଜାର୍ଚ୍ଚନା କରିବେ। ନବରାତ୍ର ପୂଜନରେ ମନ୍ଦିର ଦୀପ ଓ ବିଭିନ୍ନ ରଙ୍ଗୀନ ଲାଇଟ ସାଜସଜ୍ଜା ଶୋଭାପାଉଥିବା ବେଳେ ଲୋକଙ୍କ ଗହଳିରେ ବେହେରା ଗ୍ରାମ ଚଳଚଞ୍ଚଳ ହୋଇ ଉଠିଛି।

# ପରିତ୍ୟକ୍ତ ଅବସ୍ଥାରେ ଦେଶର ପ୍ରଥମ ଘରୋଇ ପାୱାର ହାଉସ

ଭବାନୀପାଟଣା,୧୫।୧୦(ଉତ୍ତମ କୁମାର ଦାଶ)





ଭବାନୀପାଟଣା ସହର ଗାନ୍ଧୀଛକ ନିକଟରେ ଥିବା ଘରୋଇ ପାୱାର ହାଉସ, ମେଶିନଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ରହିଛି।

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଗାନ୍ଧୀଛକ ନିକଟରେ ୧୯୨୫ରେ ନିର୍ମାଣ ହୋଇଥିବା ଦେଶର ପ୍ରଥମ ଘରୋଇ ପାୱାର ହାଉସ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ତତ୍କାଳୀନ କଳାହାଣ୍ଡି ମହାରାଜା ବ୍ରଜମୋହନ ଦେଓଙ୍କ ଉଦ୍ୟମକ୍ରମେ ଏହା ଆରମ୍ଭ ହୋଇଥିଲା। ଏଥିରେ ବିଜୁଳି ଉତ୍ପାଦନ ପାଇଁ ବ୍ୟବହାର ହୋଇଥିବା ଜର୍ମାନୀର ମେଶିନଗୁଡିକ ଏବେ ଖତଖାଇ ପଡିରହିଛି। ଇତିହାସର ମୂକସାକ୍ଷୀ ପାଲଟିଥିବା ଏହି ପାୱାର ହାଉସ କଳାହାଣ୍ଡିବାସୀଙ୍କ ପାଇଁ ଗର୍ବ ଓ ଗୌରବ ଆଣିଥିଲା। ମିଳିଥିବା ସୂଚନା ଅନୁଯାୟୀ,୧୯୧୦ରେ ପଞ୍ଜାବର ଗୁରୁଦାସପୁର ଜିଲା ଶେଖମାରର ସର୍ଦ୍ଦାର ପାଲା ସିଂହଙ୍କୁ ତତ୍କାଳୀନ କଳାହାଣ୍ଡି ମହାରାଜା ବ୍ରଜ ମୋହନ ଦେଓ ଭବାନୀପାଟଣାକୁ ଆଣିଥିଲେ। ସର୍ଦ୍ଦାର ପାଲା ସିଂହ ଜଣେ ଇଲେକ୍ଟ୍ରିକ୍‌ ମେକାନିକାଲ ଇଞ୍ଜିନିୟର ଥିଲେ। କଳାହାଣ୍ଡି ମହାରାଜାଙ୍କ ବୈଷୟିକ ଉପଦେଷ୍ଟା ଭାବେ ସେ କାର୍ଯ୍ୟ କରୁଥିଲେ। ଭବାନୀପାଟଣା ସହରରେ ବିଜୁଳି ଆଲୁଅ ପାଇଁ ଜେନେରେଟର ସାହାଯ୍ୟରେ ବିଦ୍ୟୁତ ଉତ୍ପାଦନ ନିମନ୍ତେ ଗାନ୍ଧୀଛକ ନିକଟରେ ୧୯୨୫ରେ ଏକ ଘରୋଇ ପାୱାର ହାଉସ ନିର୍ମାଣ କରାଯାଇଥିଲା।

## କଳାହାଣ୍ଡି ଇତିହାସର ମୂକସାକ୍ଷୀ

ଏହି ପାୱାର ହାଉସ ଜରିଆରେ ସହରକୁ ବିଜୁଳି ଯୋଗାଣ ହେଉଥିଲା। ବର୍ତ୍ତମାନ ଏଠାରେ ଟିପିଡବ୍ଲ୍ୟୁଓଡିଏଲ ବିଦ୍ୟୁତ ବିଭାଗର ସବଡିଭିଜନ୍‌ କାର୍ଯ୍ୟାଳୟ ଚାଲୁଛି। ୧୯୨୫ରେ ଆରମ୍ଭ ହୋଇଥିବା ଦେଶର ପ୍ରଥମ ଘରୋଇ ପାୱାର ହାଉସ ନିର୍ମାଣରେ ଜର୍ମାନୀର ମେଶିନଗୁଡିକ ଲାଗିଥିଲା। ପ୍ରଥମ ପର୍ଯ୍ୟାୟରେ ପାୱାର ହାଉସଠାରୁ ରାଜବାଟି ଓ ରାଜବାଟିଠାରୁ ବର୍ତ୍ତମାନର ମେଟରନିଟି ୱାର୍ଡ ପର୍ଯ୍ୟନ୍ତ ବିଭିନ୍ନ ଛକରେ ଲୁହା ପାଇପରେ ବିଜୁଳି ବତି ଲଗାଯାଇଥିଲା। ସନ୍ଧ୍ୟା ହେଲେ ପାୱାର ହାଉସର ଜେନେରେଟର ଶବ୍ଦ ଆରମ୍ଭ ହେବା ପରେ ଛକରେ ବିଜୁଳି ବତି ଜଳୁଥିଲା। କଳାହାଣ୍ଡି ମହାରାଜାଙ୍କ ଉଦ୍ୟମ ଓ ସର୍ଦ୍ଦାର ପାଲା ସିଂହଙ୍କ ମାର୍ଗଦର୍ଶନରେ ଭବାନୀପାଟଣା ସହରରେ ବିଦ୍ୟୁତ୍‌କରଣ ଆରମ୍ଭ ହୋଇଥିଲା। ୧୯୪୭ ପରେ ଏହାର ଗୋଟିଏ ମେଶିନ ଭୁବନେଶ୍ୱର ପାୱାର ହାଉସକୁ ନିଆଯାଇଥିଲା। ସେହିପରି ଅନ୍ୟ ଏକ ମେଶିନ ଭୁବନେଶ୍ୱର ରାଜଭବନକୁ ନିଆଯାଇଥିଲା। ଭବାନୀପାଟଣା ସହରରେ ଆଲୋକୀକରଣ ସେତେବେଳେ ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା। ପରେ ପାୱାର ହାଉସରୁ ସହରର ବାହାଦୁରବଗିଚା ପଡା, ମନ୍ଦାର ବଗିଚାପଡା ସମେତ ଅନ୍ୟପଡାକୁ ମଧ୍ୟ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା ହୋଇଥିଲା। ଯାହାକି ଦେଶ ପାଇଁ ଏକ ନିଆରା ଅନୁଭୂତି ଥିଲା। ଯେତେବେଳେ ଦେଶର କାରିଗରୀ କୌଶଳ ବିକଶିତ ହୋଇ ନ ଥିଲା। ସେତେବେଳେ କଳାହାଣ୍ଡି ଜିଲାରେ ୯୬ବର୍ଷ ପୂର୍ବେ ଭବାନୀପାଟଣା ସହରର ବିଭିନ୍ନ ଛକକୁ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା ଜିଲା ପାଇଁ ଗର୍ବ ଓ ଗୌରବ ବିଷୟ ଆଣିଥିଲା। ମେକାନିକାଲ ଇଞ୍ଜିନିୟର ସର୍ଦ୍ଦାର ପାଲା ସିଂହ ପଞ୍ଜାବରୁ ଆସି ଭବାନୀପାଟଣା ସହରବାସୀଙ୍କୁ ଆଲୁଅ ଦେଖାଇବା ଇତିହାସର ସ୍ୱର୍ଣ୍ଣ ଅକ୍ଷରରେ ସବୁଦିନ ପାଇଁ ଲିପିବଦ୍ଧ ହୋଇରହିବ। ଏହି ପାୱାର ହାଉସ ଏବେ ଇତିହାସ ପାଲଟିଯାଇଛି। କିନ୍ତୁ ଏହାର ଉଦ୍ୟମ ଓ କାରିଗରୀ କୌଶଳ ସ୍ମୃତି ହୋଇ ରହିଛି। ଏପରିସ୍ଥଳେ ବର୍ତ୍ତମାନ ମଧ୍ୟ ମେଶିନଗୁଡିକର ଅବଶିଷ୍ଟ ଯନ୍ତ୍ରାଂଶ ଏକ ଅନ୍ଧାରୁଆ ଗର୍ଭଗୃହରେ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି।

# ରସାୟନ ବିଜ୍ଞାନ ବିଭାଗର ଜାତୀୟ ସମ୍ମାନ

ଖଡ଼ିଆଳ,୧୫।୧୦(ସୁଜିତ୍‌ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଓଡିଶା କେମିକାଲ ସୋସାଇଟିର ଏକ ଆଞ୍ଚଳିକ କନଫରେନ୍ସ ଓ ଜାତୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ ମହାବିଦ୍ୟାଳୟ ଅଧକ୍ଷ ଡ଼. ତରୁଣ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆଇଆଇଟି ଖଡ଼ଗପୁରର ପ୍ରଫେସର ବଳରାମ ସାହୁ ମୁଖ୍ୟଅତିଥି, ପ୍ରଫେସର ଗୋପବନ୍ଧୁ ବେହେରା ସମ୍ମାନିତ ଅତିଥି, ପ୍ରଫେସର ପ୍ରଦୀପ କୁମାର ବେହେରା ଓ ଏଲେସ ପକ୍ଷରୁ ଡ଼. ବିଜ୍ଞାନ କୁମାର ଜାଲି, ପ୍ରଫେସର ପ୍ରିୟରଞ୍ଜନ ମହାପାତ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ୱଜିତ ପାଢ଼ୀ ଓ ଯୁକ୍ତ ୨ ଇନ୍‌ଚାର୍ଜ ପ୍ରଶାନ୍ତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଶରତ କୁମାର ସ୍ୱାଇଁ, ପ୍ରଫେସର ସୁକଲ୍ୟାଣ ଦାସ, ପ୍ରଫେସର ହୀରକ ଚକ୍ରବର୍ତ୍ତୀ ଯୋଗଦେଇ ରସାୟନ ବିଜ୍ଞାନର ବିଭିନ୍ନ ତଥ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ରାଜଲକ୍ଷ୍ମୀ ରଥ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ରାଜାରାମ ମିଶ୍ର ସଂଯୋଜନା କରିଥିଲେ। ଅଧ୍ୟାପକ ତଥାଗତ ରାଉତ ଓ ଡ଼. ସରୋଜ କୁମାର ପଣ୍ଡା ସହଯୋଗ କରିଥିଲେ। ଡିନ ଡ଼. ପଦ୍ମଲୋଚନ ବର୍ମା, ଡ଼. ବିଷ୍ଣୁଦେବ ସିଂ ମଲ୍ଲିକଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ। ରାସାୟନ ବିଜ୍ଞାନ ବିଭାଗର ଅନ୍ୟ ଅଧ୍ୟାପିକା ଲିପ୍ସା ବାରିକ, ରୋହିତ ଭିତିରିଆ, ସମୀର କୁମାର ଦାସ ପ୍ରମୁଖ ଯୋଗାଦେଇଥିଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରଫୁଲ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# କୁରାଳ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଭାଟ୍‌



ସମାଜର ପ୍ରତିଭା ଓ ସଂଗଠକମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭବାନୀପାଟଣା,୧୫।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଭଙ୍ଗବାରୀ ଗ୍ରାମ ଫଂଟାଝୁଲେନ ମଞ୍ଚରେ କଳାହାଣ୍ଡି ଜିଲା କୁରାଳ ସମାଜ ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟ୍‌ଭାଟ୍‌ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁମ୍ଭାର ଜାତି ଏକ ଐତିହ୍ୟ ସମ୍ପନ୍ନ ଜାତି। ଏହି ଜାତିର ମାଟିଶିଳ୍ପ ସମଗ୍ର ପୃଥିବୀକୁ ଆହାର ଯୋଗାଇବା ପାଇଁ ସର୍ବଦା ସମର୍ଥ ହୋଇପାରିଛି। ବର୍ତ୍ତମାନ କୁମ୍ଭାରମାନଙ୍କ କୌଳିକ ବୃତ୍ତିର ସୁରକ୍ଷା, ସଂରକ୍ଷଣ ଓ ପ୍ରୋତ୍ସାହନ ପାଇଁ କୌଣସି ଆଖିଦୃଶିଆ ଯୋଜନା ହୋଇପାରୁନାହିଁ। ଏ ଦିଗରେ ସରକାର ସକାରାତ୍ମକ ପଦକ୍ଷେପ ଆସିଯାଇଛି। ଏଥିପାଇଁ ମାଟିକଳା ବୋର୍ଡ ଗଠନ କରିବାକୁ ଉପସ୍ଥିତ ଅତିଥିମାନେ କହିଛନ୍ତି। ଜିଲା କୁରାଳ ସମାଜ ସଭାପତି କେଦାରନାଥ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସଦସ୍ୟ ସୁଜିତ୍‌ କୁମାର, ମୁଖ୍ୟବକ୍ତା ଭାବେ ଅଷ୍ଟଚକ୍ର କ୍ଷେତ୍ର ସଂଯୋଜକ ରଶ୍ମିରଞ୍ଜନ ମୁଦୁଲି, ସମ୍ମାନିତ ଅତିଥି ନୂଆପଡ଼ା ସଭାପତି ରାଧେଶ୍ୟାମ ରଣା, ନବରଙ୍ଗପୁର ସଭାପତି ଅରୁଣପ୍ରସନ୍ନ ନାଏକ, କେନ୍ଦୁଝର ସଭାପତି ଗୋପାଳ ପ୍ରଜାପତି, କେନ୍ଦ୍ରାପଡ଼ା ସଭାପତି ବିଷ୍ଣୁଚରଣ ବେହେରା, ଯାଜପୁର ସଭାପତି ରାମଚନ୍ଦ୍ର ସାହୁ, ମାଲକାନଗିରି ସଭାପତି ଅଭିନ୍ନ ନାଏକ, ମୟୂରଭଞ୍ଜ ସଭାପତି ସହଦେବ ବେହେରା, ସମ୍ବଲପୁର ସଭାପତି ହରିହର ରଣା, କଳାହାଣ୍ଡି ଜିଲା ସାଧାରଣ ସମ୍ପାଦକ ବୀରକିଶୋର ରଣା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସମାଜର ପ୍ରତିଭା ଓ ସଂଗଠକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ରଣା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ସାଧାରଣ ସମ୍ପାଦକ ବୀରକିଶୋର ରଣା। ଯୁବଗାଳ୍ପିକ ଡିଲେଶ୍ୱର ରଣା ମଞ୍ଚ ପରିଚାଳନା କରିଥିଲେ। ସମ୍ବର୍ଦ୍ଧନା ପର୍ବକୁ ସଞ୍ଚାଳନ କରିଥିଲେ ଯୁବକବି ଯୁଧିଷ୍ଠିର ମୁଦୁଲି। ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ହଜାରି ରଣା। ଭବାନୀପାଟଣା ବ୍ଲକ ସଭାପତି ଦେବାର୍ଚ୍ଚନ ରଣା, ନର୍ଲା ବ୍ଲକ ସଭାପତି ଗଙ୍ଗାଧର ରଣା, ମଦନପୁର ରାମପୁର ବ୍ଲକ ସଭାପତି ହଳଧର ରଣା, ଗୋଲାମୁଣ୍ଡା ସଭାପତି ଉମାକାନ୍ତ ରଣା, ଜୁନାଗଡ ସଭାପତି ବଂଶୀଧର ରଣା, ଜିଲ୍ଲା ଉପସଭାପତି ଖଗେଶ୍ୱର ରଣା, ଘନଶ୍ୟାମ ନାଏକ, କୋଷାଧକ୍ଷ ଲବକାନ୍ତ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଭଙ୍ଗାବାରୀ ଗ୍ରାମ୍ୟ କମିଟି ତଥା ଜିଲା କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜମିବାଡ଼ି ବିବାଦରୁ ଯୁବକଙ୍କୁ ହତ୍ୟା

ସିନାପାଲି,୧୫।୧୦(ମନଫୁଲ ମେହେର)

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଝାରବନ୍ଦ ପଞ୍ଚାୟତ ମାଲପଡା ଗ୍ରାମରେ ଜମିବାଡି ବିବାଦ ନେଇ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ଏ ନେଇ ସିନାପାଲି ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ସୁଶିଲ କୁଲଦିପ (୩୫)। ପ୍ରାପ୍ତ ଖବର ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ମାଲପଡା ଗ୍ରାମର ଟଙ୍କଧର ଦିପ (୪୦) ଓ ସୁଶିଲ କୁଲଦିପଙ୍କ ମଧ୍ୟରେ ପୂର୍ବରୁ ଲାଗି ରହିଥିବା ଜମିବାଡିକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ଟଙ୍କଧର ସୁଶିଲଙ୍କୁ ଆକ୍ରମଣ କରିଥିଲେ। ସେଠାରୁ ପରିବାର ଲୋକେ ସୁଶିଲଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକେ ସିନାପାଲି ଥାନାରେ ଅଭିଯୋଗ କରିଥିଲେ। ଘଟଣା ପରେ ଟଙ୍କଧର ଫେରାର୍‌ ହେବା ସମୟରେ ସିନାପାଲି ପୋଲିସ ତାଙ୍କୁ ଗିରଫ କରିଥିଲା। ବ୍ୟବଚ୍ଛେଦ ପରେ ଶବଦାହ ପାଇଁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ସିନାପାଲି ଥାନାରେ ଏକ ମାମଲା (ନଂ.୨୬୨/୨୩) ରୁଜୁ କରି ଅଧିକ ତଦନ୍ତ ଚଲାଇଥିବା ସିନାପାଲି ଥାନାଧିକାରୀ ରଶ୍ମିତା ପ୍ରଧାନ ସୂଚନା ଦେଇଛନ୍ତି।

# ରାଜ୍ୟ ସଭା ସଦସ୍ୟଙ୍କ ସିର୍ଜାପାଲି ଗସ୍ତ

କେସିଙ୍ଗା,୧୫।୧୦(ତୁମେଶ୍ୱର ସାହୁ)

## ବିଭିନ୍ନ ସମସ୍ୟା ନେଇ ଲୋକଙ୍କ ସହ ଆଲୋଚନା କଲେ

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ଅନ୍ତର୍ଗତ ସିର୍ଜାପାଲି ଗ୍ରାମକୁ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ରବିବାର ଗସ୍ତ କରିଛନ୍ତି। ଏହି ଅବସରରେ ଗାଁ ଲୋକଙ୍କ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ରାସ୍ତାଘାଟ, ପାନୀୟଜଳ ଇତ୍ୟାଦି ବିଷୟରେ ଆଲୋଚନା କରି ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସିର୍ଜାପାଲିରେ ଆସନ୍ତା ୨୦୨୪ ଫେବୃୟାରୀ ୨ରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ସ୍ଥିର କରାଯାଇଛି। ଏହି ଉତ୍ସବରେ ଯୋଗଦେବାକୁ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାରଙ୍କୁ ନିମନ୍ତ୍ରଣ କରିବା ପାଇଁ ଜଗନ୍ନାଥ ମନ୍ଦିର କମିଟିର ଅଧକ୍ଷ ପଦ୍ମନାଭ ଦାଶ, ସଂପାଦକ କାଳିଆ ଭୋଇ, ସରପଞ୍ଚ ପ୍ରମୋଦ କୁମାର ଦାଶ, ରୋହିତ ସାହୁ, ତୋଫାନ ଗୌଡିଆ, ଭିକାରୀ ଗୌଡିଆ, ମନବୋଧ ପ୍ରଧାନ, ଭକ୍ତ ପ୍ରଧାନ, ବୃନ୍ଦାବନ ସାହୁ, ନୀଳାମ୍ବର ପ୍ରଧାନ ପ୍ରମୁଖ ଉପସ୍ଥିତରେ ନିମନ୍ତ୍ରଣ କରାଯାଇଥିଲା। ସରପଞ୍ଚ ଦାଶ ସାଂସଦଙ୍କୁ ଗ୍ରାମର ସୁବିଧା ଅସୁବିଧାର ସ୍ଥାୟୀ ସମାଧାନ କରିବା ପାଇଁ ଅନୁରୋଧ କରିଥିଲେ। ଗାଁର ଅସୁବିଧାର ସମାଧାନ ପାଇଁ ରାଜ୍ୟ ସଭା ସଦସ୍ୟ ପ୍ରତିଶ୍ରୁତି ଦେଇଥିଲେ। ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅଧକ୍ଷ ପଦ୍ମନାଭ ଦାଶ ସାଂସଦଙ୍କୁ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦାନ ପାଇଁ ଅନୁରୋଧ କରିଥିଲେ।



ରାଜ୍ୟ ସଭା ସଦସ୍ୟଙ୍କୁ ଶ୍ରୀଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ନିମନ୍ତ୍ରଣ କରାଯାଉଛି।

# ନବରାତ୍ର ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା

ନୂଆପଡ଼ା,୧୫।୧୦(ମକାରୁ ବେମାଲ)

ନୂଆପଡା ଜିଲାର ବିଭିନ୍ନ ସ୍ଥାନରେ ସାରଦୀୟ ନବରାତ୍ର ଦୁର୍ଗାପୂଜା ପାଇଁ କଳସ ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ମା' ଶୈଳପୁତ୍ରୀଙ୍କ ପୂଜାଅର୍ଚ୍ଚନା ଆରମ୍ଭ ହୋଇଯାଇଛି। ଜିଲାର ପୁରପଲ୍ଲୀରେ ପାର୍ବଣ ପାଇଁ ଚଳଚଞ୍ଚଳ ଦେଖାଦେଇଛି। ଯେଉଁ ପଟେ ଚାହିଁଲେ ଗହଳି ଲାଗୁଛି। ଜିଲା ସଦର ମହକୁମା ମନ୍ଦିରପଡାସ୍ଥିତ ଦୁର୍ଗା ମନ୍ଦିର, ନୀଳଶୈଳ ନଗରସ୍ଥିତ ମଙ୍ଗଳା ମନ୍ଦିର ଓ ସିରତୋଲଠାରେ ସାରଦୀୟ ନବରାତ୍ର ପୂଜା ଆରମ୍ଭ ହୋଇଥିବା ବେଳେ ଜିଲାର ବାଣିଜ୍ୟ ସହର ଭାବେ ପରିଚିତ ଖରିଆର ରୋଡ ଓ କୋମନାଠାରେ ନବରାତ୍ର ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ସେହିପରି ତରବୋଡ ଓ ବୃଦ୍ଧିକୋମନାଠାରେ ୫୦ତମ ଦୁର୍ଗାପୂଜା ଗୋଲଡେନ ଜୁବଲି ପାଳନ କରୁଛି। ଚଳିତବର୍ଷ ଗୋଲଡେନ ଜୁବଲି ଉପଲକ୍ଷେ ତରବୋଡ ଓ ବୃଦ୍ଧିକୋମନାଠାରେ ଜାକଜମକରେ ଦୁର୍ଗାପୂଜା ପାଳନ କରିବା ସହ ଆଲୋକ ମାଳାରେ ଦର୍ଶକ ମନମୋହି ନେଉଛି। ଦର୍ଶକ ମନୋରଞ୍ଜନ ପାଇଁ ରାବଣ ଦରବାର ଅନୁଷ୍ଠିତ ହୋଇ ୭ ଦିନ ପାଇଁ ରାବଣ ରାଜୁତି ଚାଲିବ। ଦଣ୍ଡନୃତ୍ୟ, ଛତିଶଗଡି ନାଚ, ସାମାଜିକ ନାଟକ, ପୌରାଣିକ ନାଟକ, ବାହାକ, ସଂକୀର୍ତ୍ତନ ବୈଠକି, ପାଲା, ଡ୍ୟାନ୍ସ ପ୍ରତିଯୋଗିତା, କବାଡି ପ୍ରତିଯୋଗିତା, ଗାଁଗାଁରେ ମହିଳାମାନଙ୍କୁ ନେଇ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ବିଶେଷ ଆକର୍ଷଣ ରାବଣ ପୋଡି ରହିବ ବୋଲି ତରବୋଡ ଦୁର୍ଗାପୂଜା କମିଟି ସଭାପତି ଦୁଃଖଭଞ୍ଜନ ନାୟକ ପ୍ରକାଶ କରିଛନ୍ତି।



କଳସ ଯାତ୍ରାରେ ସାମିଲ ମହିଳା ଓ ପୁରୁଷ।

# ମନମୋହିବ ରୁଷିଆର ହର୍ମିଟେଜ୍‌ ମ୍ୟୁଜିୟମ ମଣ୍ଡପ




ଭବାନୀପାଟଣା,୧୫।୧୦(ଉତ୍ତମ କୁମାର ଦାଶ)



ଋଷିଆର ହର୍ମିଟେଜ ହର୍ମିଟ୍ଜ ମ୍ୟୁଜିୟଜ୍‌ ପୂଜା ମଣ୍ଡପ।

ଶାରଦୀୟ ଦୁର୍ଗାପୂଜା ପାଇଁ ସମୟ ଯେତେ ପାଖେଇ ଆସୁଛି, ପୂଜା ମଣ୍ଡପଗୁଡିକରେ ପ୍ରସ୍ତୁତି ସେତେ ଯୋର ଧରୁଛି। ଏପରିସ୍ଥଳେ କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ନକଟିଗୁଡା ପୂଜା ମଣ୍ଡପ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥାଏ। ପ୍ରତିବର୍ଷ ଏଠାକାର ପୂଜା କମିଟି ପକ୍ଷରୁ ନିଆରା ମଣ୍ଡପ ତିଆରି କରି ପଶ୍ଚିମ ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି। ଏଠାରେ ବିଭିନ୍ନ ରୂପରେ ସୁନ୍ଦର ଓ ସୁଉଚ୍ଚ ଆକର୍ଷଣୀୟ ପୂଜା ମଣ୍ଡପ ପ୍ରସ୍ତୁତ କରାଯାଏ। ଯାହାକି ହଜାର ହଜାର ଭକ୍ତଙ୍କ ମନମୋହିଥାଏ। ଚଳିତବର୍ଷ ନକଟିଗୁଡା ପୂଜା କମିଟି ପକ୍ଷରୁ ଢେଙ୍କାନାଳ କାରିଗରମାନଙ୍କ ଦ୍ୱାରା ଋଷିଆର ହର୍ମିଟେଜ୍‌ ମ୍ୟୁଜିୟମ ଆକୃତିର ପୂଜା ମଣ୍ଡପ ନିର୍ମାଣ କରାଯାଇଛି। ଏଥର ନକଟିଗୁଡା ସାର୍ବଜନୀନ ଦୁର୍ଗା ପୂଜା ୧୩ ବର୍ଷରେ ପଦାର୍ପଣ କରିଛି। ନକଟିଗୁଡାରେ ପ୍ରଥମେ ୨୦୧୧ରେ ପୁରୀ ଶ୍ରୀମନ୍ଦିର ଆକୃତିର ମଣ୍ଡପ ନିର୍ମାଣ କରାଯାଇଥିଲା। ୨୦୧୨ରେ ଚେନ୍ନାଇ ଆୟପ୍ପା ମନ୍ଦିର, ୨୦୧୩ରେ ତିରୁପତି ବାଲାଜୀ ମନ୍ଦିର, ୨୦୧୪ରେ କର୍ଣ୍ଣାଟକ ବିଧାନ ସଭା, ୨୦୧୫ରେ ଅକ୍ଷରଧାମ ମନ୍ଦିର, ୨୦୧୬ରେ କୋଣାର୍କ ସୂର୍ଯ୍ୟ ମନ୍ଦିର, ୨୦୧୭ରେ ଋଷିକେଶ ମନ୍ଦିର, ୨୦୧୮ରେ ବୃନ୍ଦାବନ ଚନ୍ଦ୍ରୋଦୟ ମନ୍ଦିର, ୨୦୧୯ରେ ଭୁବନେଶ୍ୱର ରାମମନ୍ଦିର ସଦୃଶ ପୂଜା ମଣ୍ଡପର ରୂପ ଦିଆଯାଇଥିଲା। କୋଭିଡ୍‌ ସମୟରେ କେବଳ ମା' ଜଗତଜନନୀଙ୍କ ବିଧି ପୂଜା କରାଯାଇଥିଲା। ୨୦୨୨ରେ ରାଷ୍ଟ୍ରପତି ଭବନ ଆକୃତିର ପୂଜାମଣ୍ଡପ ସମସ୍ତ ଭକ୍ତଙ୍କ ମନମୋହିଥିଲା। ଚଳିତବର୍ଷ ନକଟିଗୁଡାରେ ହର୍ମିଟେଜ ମ୍ୟୁଜିୟମ ଆକୃତିର ପୂଜା ମଣ୍ଡପ ପ୍ରସ୍ତୁତି ହୋଇଛି। ପ୍ରାୟ ୧୦୦ ଫୁଟ ଲମ୍ବ ଓ ୭୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ପୂଜା ମଣ୍ଡପ ନିର୍ମାଣରେ ଢେଙ୍କାନାଳର ୧୫ରୁ ଉର୍ଦ୍ଧ୍ୱ କୁଶଳୀ କାରିଗର ଦିନରାତି ଏକକରି ଏହା ପ୍ରସ୍ତୁତ କରିଛନ୍ତି। ଚଳିତବର୍ଷ ମଧ୍ୟ ଏହି ପୂଜା ମଣ୍ଡପ ମୁଖ୍ୟ ଆକର୍ଷଣ ହେବ ବୋଲି ଆଶା ରଖିଛନ୍ତି ପୂଜା କମିଟି କର୍ମକର୍ତ୍ତା। ପୂଜା ସମୟ ମଧ୍ୟରେ ମା' ମାଣିକେଶ୍ୱରୀଙ୍କ ବିଶ୍ୱବିଖ୍ୟାତ ଛତରଯାତ୍ରା ପାଇଁ ଭବାନୀପାଟଣାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ସେହି ସମୟରେ ପୂଜା ମଣ୍ଡପ ଭକ୍ତମାନଙ୍କ ଆକର୍ଷଣ ପାଲଟିଥାଏ। ଚଳିତବର୍ଷ ମଧ୍ୟ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ଆଶା କରାଯାଉଛି। ଭକ୍ତମାନଙ୍କ ମନରେ ଉତ୍ସାହ ଉଦ୍ଦୀପନା ସହ ଆଧାତ୍ମିକ ବାତାବରଣ ସୃଷ୍ଟି କରିବା ଓ ମନୋରଞ୍ଜନର ଖୋରାକ ଯୋଗାଇବା ପାଇଁ ଆମେ ପ୍ରୟାସ କରୁଛୁ ବୋଲି ନକଟିଗୁଡା ଦୁର୍ଗାପୂଜା କମିଟି ସଭାପତି ସାମନ୍ତ ଖମାରି, ସମ୍ପାଦକ ସୁକାନ୍ତ ବିଶି ଓ କମିଟିର କର୍ମକର୍ତ୍ତାମାନେ କହିଛନ୍ତି।

**୧୩ ବର୍ଷରେ ନକଟିଗୁଡା ସାର୍ବଜନୀନ ଦୁର୍ଗାପୂଜା**

**ବୌଦ୍ଧ ପଞ୍ଚମ ଆଇଆରବି ପରିସରରେ ନୂଆଁଖାଇ ଭେଟ୍‌ଘାଟ**

ବୌଦ୍ଧ,(ଅଜିତ କୁମାର ବାରିକ): ବୌଦ୍ଧ ପଞ୍ଚମ ଆଇଆରବି ପରିସରରେ ରବିବାର ଦିନ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କମାଣ୍ଡାଣ୍ଟ ଦୁର୍ବାସା ନାଏକ, ତାଙ୍କ ସ୍ତ୍ରୀ ସବିତା ନାଏକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ଲଳିତ ମେହେର, ଗୋପବନ୍ଧୁ ତ୍ରିପାଠୀ, ଶ୍ରଦ୍ଧାକର ଧରୁଆ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନର କଳାକାରମାନେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମୁଖ୍ୟଅତିଥି ସୁନାମଧନ୍ୟ କଳାକାର ଓ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିଥିଲେ।

**ସଂକ୍ଷେପରେ**

## ବ୍ରାହ୍ମଣ ସମାଜ ସାଧାରଣ ବୈଠକ



ଅମରପାଲି,୧୫।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ବ୍ରାହ୍ମଣ ସମାଜର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବ୍ରାହ୍ମଣ ସମାଜର ସାଧାରଣ ସମ୍ପାଦକ ଦ୍ୱିତିକୃଷ୍ଣ ପଣ୍ଡା ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସମାଜର ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଏହାସହିତ ଆଗାମୀ ମାଘ ମାସ କୃଷ୍ଣପକ୍ଷ ଷଷ୍ଠୀ ଗୁରୁବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ୧୦୦୮ ବ୍ରାହ୍ମଣଙ୍କ ପଦଧୌତ ସେବା ସହିତ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ ସେବା ଦଳ ଗଠନ କରି ଦାୟିତ୍ୱ ହସ୍ତାନ୍ତରପୂର୍ବକ କିଭଳି ଭାବରେ କାର୍ଯ୍ୟକ୍ରମକୁ ସଫଳ୍ୟମଣ୍ଡିତ କରାଯିବ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସୁଶାନ୍ତ କୁମାର ପୁରୋହିତ, ନବାରୁଣ ଦେବଦତ୍ତ ଶତପଥୀ, ନୀଳାମ୍ବର ହୋତା,ଶୁଭେନ୍ଦୁ ଶେଖର ଷଡଙ୍ଗୀ,ରମାକାନ୍ତ ହୋତା, ବିକାଶ କୁମାର ପଣ୍ଡା, ଅକ୍ଷୟ ଚାନ୍ଦ, ଶୁଭେନ୍ଦୁ ଚାନ୍ଦ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରବର୍ତ୍ତୀ ବୈଠକ କାର୍ତ୍ତିକ ମାସ ପ୍ରଥମ ସପ୍ତାହରେ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

## ସାଇବର ସଚେତନତା କାର୍ଯ୍ୟକ୍ରମ



ଅମରପାଲି,୧୫।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ହିକୁଡ଼ିସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ସାଇବର ସୁରକ୍ଷା ସଚେତନତା ରଥକୁ ସ୍ୱାଗତ କରାଯାଇଛି। ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ ପାଢ଼ୀ ମୁଖ୍ୟଅତିଥି ଓ ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଇବର ଠକଙ୍କ ପ୍ରତି ସମସ୍ତେ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଷ୍ଟେଟ ବ୍ୟାଙ୍କ ଅଧିକାରୀ ମୀନକେତନ ପ୍ରଧାନ ବ୍ୟାଙ୍କ ଠକେଇ ବିଷୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୀରମହାରାଜପୁର ଥାନା ଅଧିକାରୀ ରାଜେଶ୍ୱରୀ ଭୋଇ ଓ ଅନୁଷ୍ଠାନର ଅଧ୍ୟକ୍ଷ ଶୈଳେଶ ନାୟକ ଉପସ୍ଥିତ ଥିଲେ। ହାବିଲଦାର ମନୋଜ ପଣ୍ଡା ଓ ପ୍ରଶିକ୍ଷିକା ମାନିନୀ ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ହିକୁଡି ବିଟ ହାଉସର କର୍ମଚାରୀଙ୍କ ସମେତ ପ୍ରଶିକ୍ଷକ ଶେଖର ପାତ୍ର, ଲୋଚନ ନାଏକ, ଜୟନ୍ତୀ ହାଁସଦା, ଧିରଜ ସାହୁ, ସୌଭାଗ୍ୟ ମାଝୀ, ଗାୟତ୍ରୀ କାର୍ଗୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ସାଇବର ସଚେତନତା କୁଇଜ କାର୍ଯ୍ୟକ୍ରମରେ ଭାଗ ନେଇ ରୋହନ ଡାଙ୍ଗ, ପୂଜାରାଣୀ ସାହୁ ଓ ବିଜେତା ହରିପାଲ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଶିଳ୍ପ ତାଲିମ କେନ୍ଦ୍ରର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ପଶ୍ଚିମ ଓଡ଼ିଶାର ଇତିହାସ, ଭାଷା, ସଂସ୍କୃତି ଅବହେଳିତ

ସୋନପୁର,୧୫।୧୦(ମୃତ୍ୟୁଞ୍ଜୟ ଶତପଥୀ)

ପଶ୍ଚିମ ଓଡିଶାର ଇତିହାସ, ଭାଷା ଓ ସଂସ୍କୃତି ମହାନ। ତେବେ ଏହି ଗୌରବଶାଳୀ ଇତିହାସ ଓ ଭାଷା ଏବେ ସମ୍ପୁର୍ଣ୍ଣ ଭାବରେ ଅବହେଳିତ। ପଶ୍ଚିମ ଓଡିଶାର ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ସମ୍ପଦ ସବୁ ଅବଲୁପ୍ତିର ଦ୍ୱାରଦେଶରେ ଦଣ୍ଡାୟମାନ। ଅଞ୍ଚଳର ଇତିହାସ ମଧ୍ୟ ସଠିକ ଭାବେ ଲେଖା ଯାଇନାହିଁ। ପଶ୍ଚିମ ଓଡିଶାବାସୀ ଏବେ ନିଜର ପରିଚିତି ହରାଇବାକୁ ବସିଛନ୍ତି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ଶାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ଦାୟୀ ବୋଲି ରବିବାର ଆୟୋଜିତ ଏକ ଆଲୋଚନାଚକ୍ରରେ ଐତିହାସିକ ତଥା ପ୍ରତ୍ନତତ୍ତ୍ୱବିତ୍‌ମାନେ ମତପ୍ରକାଶ କରିଥିଲେ। କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ଓ କୋସଲ ହେରିଟେଜ ଟ୍ରଷ୍ଟ ତରଫରୁ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର କାର୍ଯ୍ୟାଳୟ ପରିସରରେ ଗୋରେଖନାଥ ସାହୁଙ୍କ




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଓ ଆଲୋଚକ ବୃନ୍ଦ।

ଅଧ୍ୟକ୍ଷତାରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ ପ୍ରଫେସର ଡ. ପ୍ରଦୀପ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପଶ୍ଚିମ ଓଡିଶାର ସମୃଦ୍ଧ ପ୍ରତ୍ନତାତ୍ତ୍ୱିକ ବୈଭବ ସଂପର୍କରେ ଆଲୋକପାତ କରିଥିଲେ। ସୋନପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପାଢୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୌରବଶାଳୀ ଦକ୍ଷିଣ କୋସଳ, ବର୍ତ୍ତମାନ ଯାହାକୁ ପଶ୍ଚିମ ଓଡିଶା କୁହାଯାଉଛି ତାହାର ସମୃଦ୍ଧ ଇତିହାସ ସଂପର୍କରେ ବକ୍ତବ୍ୟ ରଖିଥିଲେ। ଐତିହାସିକ ଡ. ପ୍ରଫୁଲ୍ଲ କୁମାର ରଥ ଭାଷା, ସଂସ୍କୃତି ତଥା ଐତିହାସିକ ପୃଷ୍ଠଭୂମିର ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ। ଐତିହାସିକ ତଥା ଅଧ୍ୟାପକ ଗୋପାଳକୃଷ୍ଣ ଦାଶ, ଅଧ୍ୟାପକ କୃଷ୍ଣଚନ୍ଦ୍ର ଭୋଇ, ଡ. ସୁଦାମ ଦୀପ ସମ୍ମାନିତ ବକ୍ତା ଭାବେ ଯୋଗଦାନ କରି ପଶ୍ଚିମ ଓଡିଶାର ଇତିହାସ, ଭାଷା ଓ ସଂସ୍କୃତି ସଂପର୍କରେ କହିଥିଲେ। ପଶ୍ଚିମ ଓଡିଶାର ସ୍ୱତନ୍ତ୍ର ଇତିହାସ ଲେଖା ହେବା ସହ ଏହାର ଉନ୍ନତ ଭାଷା ଓ ସଂସ୍କୃତି ସଂପର୍କରେ ସାଧାରଣ ଲୋକଙ୍କ ବିଶେଷ ଜ୍ଞାନ ହେବା ଉଚିତ୍ ବୋଲି ମତ ରଖିଥିଲେ। ଉପରୋକ୍ତ ବିଷୟବସ୍ତୁ ଉପରେ ଶିକ୍ଷାୟତନଗୁଡିକରେ ବିଶେଷ ଆଲୋଚନା ହେବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ସାହୁ ତାଙ୍କ ସଭାପତିତ୍ୱ ଅଭିଭାଷଣରେ କହିଥିଲେ, କୋସଲି/ସମ୍ବଲପୁରୀ ଭାଷା ପୃଥିବୀର ଶ୍ରେଷ୍ଠତମ ଭାଷା ମଧ୍ୟରୁ ଅନ୍ୟତମ। ଏହି ଭାଷାରୁ ଜନ୍ମ ନେଇଥିବା ସଂସ୍କୃତିର ମହତ୍ତ୍ୱ ଆହୁରି ଅଧିକ ଯାହା ପଶ୍ଚିମ ଓଡିଶାର ଗ୍ରାମୀଣ ଯାନିଯାତ୍ରାରେ ବରୁଆତତ୍ତ୍ୱ ଭାବେ ଲୁକ୍କାୟିତ ଅଛି। ଏହି ଅବସରରେ ଏକାଡେମୀ ତରଫରୁ ପ୍ରକାଶିତ କିଛି ପୁସ୍ତକ ଅତିଥିମାନଙ୍କୁ ଉପହାର ସ୍ୱରୁପ ପ୍ରଦାନ କରାଯାଇଥିଲା। ଡ. ଦେବାଶିଷ ପାଣ୍ଡିଆ, ଲେଖକ ଯୋଗୀନ୍ଦ୍ର ପଣ୍ଡା, ନାଟ୍ୟଶ୍ରୀ ଗଦାଧର ବାରିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ କବି ଆର୍ତ୍ତତ୍ରାଣ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ




ଆଡେଣିଗଡ ପଞ୍ଚାୟତରେ କଂଗ୍ରେସ କାର୍ଯ୍ୟକ୍ରମରେ ନେତା ଓ କର୍ମୀ।

ବୌଦ୍ଧ,୧୫।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ ଜିଲାର ହରଭଙ୍ଗା ବ୍ଲକର ଆଡେଣୀଗଡ ଗ୍ରାମ ପଞ୍ଚାୟତରେ ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ନବକୁମାର ମିଶ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଦଳୀୟ ନେତା ଓ କର୍ମୀମାନେ ଏକ ଶୋଭାଯାତ୍ରାରେ ଆଡେଣୀଗଡ ପଞ୍ଚାୟତର ଆଡେଣୀଗଡ, ରାଣିଗଞ୍ଜ, ସୁର୍ତ୍ତାଗଣ୍ଡା, ଗୋଛାବାରି ଗ୍ରାମର ଘରକୁ ଘରକୁ ଯାଇ ରାହୁଲ ଗାନ୍ଧୀଙ୍କ ବାର୍ତ୍ତା ପହଞ୍ଚାଇବା ସହ ଭାଜପା ଓ ବିଜେଡି କୁଶାସନରୁ ଦେଶବାସୀଙ୍କୁ ରକ୍ଷା କରିବାକୁ ହେଲେ କଂଗ୍ରେସ ଏକମାତ୍ର ବିକଳ୍ପ ବୋଲି ଜିଲା ସଭାପତି ମିଶ୍ର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଦଳର ମୁଖ୍ୟ ପ୍ରବକ୍ତା ଶାନ୍ତନୁ ମହାପାତ୍ର, ଉପସଭାପତି ସମରେଶ ମିଶ୍ର, ହରଭଙ୍ଗା ବ୍ଲକ ସଭାପତି ପଙ୍କଜ କର୍ଣ୍ଣ, ହରଭଙ୍ଗା ବ୍ଲକ ସଂପାଦକ ପଲସ୍ତି ପ୍ରଧାନ, ସମରେନ୍ଦ୍ର ମହାକୁଡ, ବେଣୁଧର ମେହେର, ବସନ୍ତ ହୋତା, ରୋହିତାଶ୍ୱ ବେହେରା, ଗଣେଶ ଲଉରିଆ, ସତ୍ୟ ନାରାୟଣ ବେହେରା, ବୁଦ୍ଧଦେବ ପ୍ରଧାନ, ପ୍ରମୋଦ ବାଘ, ଗୋପାଳ ବାଘ, ଝରିଆ ସାହୁ, ଗିରିଧାରି ପ୍ରଧାନ, ବଟକୃଷ୍ଣ ପ୍ରଧାନ, ସୁଧାଂଶୁ କହଁର, ବିଭୁଦତ୍ତ ବେହେରା, ଜିତନ୍ଦ୍ରେ ପ୍ରଧାନ, ପ୍ରଦୀପ ପ୍ରଧାନ, ପ୍ରଦୀପ ବେହେରା, ଚନ୍ଦ୍ର ଶେଖର ବେହେରା, ସୁରେଶ ବାଙ୍କ, ଶକୁନ୍ତଳା ଭୋଇ , ବିନୀତି ନାଏକଙ୍କ ସମେତ ବହୁ ସଂଖ୍ୟକ ନେତା ଓ କର୍ମୀ ସାମିଲ ଥିଲେ।

# ମା' ଦୁର୍ଗାଙ୍କ ନବରାତ୍ର ପୂଜା ଆରମ୍ଭ

ବୌଦ୍ଧ,୧୫।୧୦(ଅଜିତ କୁମାର ବାରିକ)

ଆରମ୍ଭ ହୋଇଛି ଜଗତଜନନୀ ମା' ଦୁର୍ଗାଙ୍କ ନବରାତ୍ର ପୂଜା। ସେଥିପାଇଁ ଦେବୀ ପୀଠଗୁଡିକ ଚଳଚଞ୍ଚଳ ହୋଇପଡିଛି। ବୌଦ୍ଧ ସହରର ମାଳୀସାହିସ୍ଥିତ ଦୁର୍ଗାମଣ୍ଡପଠାରେ ମଧ୍ୟ ମା' ଦୁର୍ଗାଙ୍କର ନବରାତ୍ର ପୂଜା ରବିବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ରାମନାଥ ଯୁବ ସଂସଦ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଏହି ନବରାତ୍ର ପୂଜାରେ ମା' ଦୁର୍ଗାଙ୍କର ଷୋଡଶ ଉପଚାର ପୂଜା ସହ ପ୍ରତ୍ୟହ ଚଣ୍ଡି ପାଠ କରାଯିବ। ପ୍ରତିଦିନ ମା' ଦୁର୍ଗାଙ୍କୁ ଭିନ୍ନ ଭିନ୍ନ ବେଶରେ ପୂଜା କରାଯିବା ସହ ସ୍ୱତନ୍ତ୍ର ପୂଜା ଆରମ୍ଭ ହୋଇଛି। ବୌଦ୍ଧ ଗଡଜାତ ସମୟରୁ ରାଜବାଟୀଠାରେ ମା' ଦୁର୍ଗାଙ୍କୁ ମାଳୀ ପୂଜକମାନେ ନବରାତ୍ର ପୂଜା କରୁଥିଲେ। ରାଜୁଡା ଶାସନ ପରେ ରାଜବାଟୀଠାରେ ହେଉଥିବା ମା'ଙ୍କ ପୂଜା ବନ୍ଦ ହୋଇଯିବାରୁ ପୂଜକମାନେ ମା'ଙ୍କ ଚଳନ୍ତି ପ୍ରତିମାକୁ ରାମେଶ୍ୱର ମନ୍ଦିରରେ ସ୍ଥାପନ କରି ଦୀର୍ଘ ବର୍ଷ ହେଲା ନବରାତ୍ର ପୂଜା କରି ଆସୁଥିଲେ ।



ମାଳିସାହିରେ ମା' ଦୁର୍ଗାଙ୍କ ନବରାତ୍ର ପୂଜା।

ପୂର୍ବରୁ ମା'ଙ୍କ ପୂଜା ୧୬ ଦିନ ଧରି ପାଳିତ ହୋଇ ଆସୁଥିବା ବେଳେ ବର୍ତ୍ତମାନ ରାମନାଥ ଯୁବ ସଂସଦ ପକ୍ଷରୁ ପୂଜା ୯ ଦିନ ଧରି ପାଳିତ ହୋଇଆସୁଛି। ଦଶମୀ ପର୍ଯ୍ୟନ୍ତ ପ୍ରତିଦିନ ମା'ଙ୍କ ଚଳନ୍ତି ପ୍ରତିମା ନଗର ପରିକ୍ରମାରେ ଯାଇଥାନ୍ତି ଏବଂ ଦଶହରା ଦିନ ବୌଦ୍ଧ ସହରର ବିଭିନ୍ନ ସାହିରେ ପୂଜା ପାଇ ଆସୁଥିବା ମା'ଙ୍କୁ ଦୁର୍ଗାମଣ୍ଡପଗୁଡିକରେ ଭେଟ ହୋଇଥାନ୍ତି। ମା'ଙ୍କ ଭେଟ ଦେଖିବାକୁ ଭକ୍ତଙ୍କ ପ୍ରବଳ ଗହଳି ହୋଇଥାଏ। ମା'ଙ୍କ ଆବାହନ ପୂର୍ବରୁ ବିଲ୍ୱବରଣ କରାଯାଇ ଅଷ୍ଟକୋଟି ଦେବାଦେବୀଙ୍କୁ ଆବାହନ ପରେ ଘଟ ସ୍ଥାପନ କରାଯାଇଥିଲା। ଘଟ ସ୍ଥାପନ, ନବ ପତ୍ରିକା ପ୍ରବେଶ ଓ ଚକ୍ଷୁଦାନ ପରେ ମା'ଙ୍କ ଆବାହନ କରାଯାଇ ସପ୍ତସତୀ ଚଣ୍ଡୀ ପାଠ ସହିତ ହୋମ କରାଯାଇଥିଲା। ବୌଦ୍ଧ ସହରସ୍ଥିତ ମାଳିସାହି ମଣ୍ଡପରେ ମା'ଙ୍କ ଆବାହନ ହେଲା ପରେ ସହରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏହି ପୀଠରେ ମହାଷ୍ଟମୀ ଦିନ ନିଶାରାତ୍ରରେ ବଳିପ୍ରଥା କରାଯାଇଥାଏ। ପୂଜକ ଭାବରେ ପଦ୍ମଚରଣ ମିଶ୍ର, ଆଶୁତୋଷ ପଣ୍ଡା ଓ କର୍ତ୍ତା ଭାବରେ ସୂର୍ଯ୍ୟନ୍ଦ୍ରେ କୁମାର ଶତପଥୀ ଓ ପୁରସ୍ତମ ମହାକୁଡ ଦାୟିତ୍ୱ ତୁଲାଉଥିବା ବେଳେ ରାମନାଥ ଯୁବ ସଂସଦ ସଭାପତି ଶ୍ୟାମସୁନ୍ଦର ବାରିକ, ସଂପାଦକ ସୁଦର୍ଶନ ନାୟକ, ସୁଶୀଲ ପ୍ରଧାନ, ଅଶ୍ୱିନ ବାରିକ, ପାର୍ଥ ଦେହୁରୀ, ହେମନ୍ତ ନାୟକ, ରାମଶଙ୍କର ମହାପାତ୍ର, ସୁଧୀର ମହାପାତ୍ର, ଦିଲିପ ନାଏକଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରୁଛନ୍ତି।

## ଭରସା ପରିବାର ପକ୍ଷରୁ ୪୦ ୟୁନିଟ ରକ୍ତ ସଂଗ୍ରହ

ବିନିକା,୧୫।୧୦(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ପିତେଇପାଲି (ଗଜବନ୍ଧ )ଠାରେ ଭରସା ପରିବାର ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ଯୁବ ବ୍ୟବସାୟୀ ତଥା ସାମାଜିକ କର୍ମୀ ପ୍ରଦୀପ ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବୀରମହାରାଜପୁର ସବଟ୍ରେଜେରୀ ଅଧିକାରୀ ଅରୁଣ କୁମାର ମେହେର ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ବୁର୍ଲା ବ୍ଲଡ ବ୍ୟାଙ୍କର ଡ. ସ୍ମୃତିରଞ୍ଜନ ପଣ୍ଡା, ଦେବାଶିଷ ମିଶ୍ର, ମଣ୍ଟୁ ପଧାନ, ସ୍ମୃତିରଞ୍ଜନ ପଟ୍ଟନାୟକ, ଜନକ ବେହେରା, ପଏନୁ ଭୋଇ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।ଏଥିରେ ଭରସା ପରିବାରର ମୁଖ୍ୟ ବିନାୟକ ଦ୍ୱାରି (ଟୁକୁ), ଲକ୍ଷ୍ମଣ ପାତ୍ର, ବବୁଲ ତ୍ରିପାଠୀ, ଦୁର୍ବାଦଳ ପର୍ଡଆ, ବଳରାମ ମହାକୁର, ପୂର୍ଣ୍ଣଚନ୍ଦ୍ର ମେଲ୍ଲୀ, ଶମ୍ଭୁ ମେଲ୍ଲୀ, ରଘୁନାଥ କ୍ଷେତି ଜଗଦିଶ ଶତପଥୀ, ସଞ୍ଜୀବ ପ୍ରମୁଖ ସହଯୋଗ କରିଥିଲେ।

# ୬୨ ୟୁନିଟ ରକ୍ତ ସଂଗ୍ରହ



ଶିବିରରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

ସୋନପୁର,୧୫।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ବାବୁପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜୁନିୟର ରେଡକ୍ରସ ୟୁନିଟ ତରଫରୁ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆ, ସମ୍ମାନିତ ଅତିଥି ଭାବେ ଜୁନିୟର ରେଡକ୍ରସ ଅଫିସର ରବିଚନ୍ଦ୍ର ପ୍ରଶାୟତ, ଜିଲା ଜୁନିୟର ରେଡକ୍ରସ ଉପସଭାପତି ଗତିକୃଷ୍ଣ ମିଶ୍ର, ସୋନପୁର ବ୍ଲକ ରେଡକ୍ରସ ସଂଯୋଜକ ଗୋପେଶ ପଣ୍ଡା, ସାଧନକର୍ମୀ ଚନ୍ଦ୍ରଶେଖର ମହାପାତ୍ର ଓ ଚନ୍ଦ୍ରମଣି ବାଘ, ପରାମର୍ଶଦାତା ବ୍ରତାନନ୍ଦ ଭୋଇ, ହେମନ୍ତ ମେହେର ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କଳାପଥର ପଞ୍ଚାୟତ ସମିତି ସଭ୍ୟ ଅରବିନ୍ଦ ବାରିକ, ଗ୍ରାମ ମୁଖିଆ ଇନ୍ଦ୍ରଜିତ ବାଘ ଉପସ୍ଥିତ ରହି ସମସ୍ତଙ୍କୁ ଅଧିକରୁ ଅଧିକ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ। ପ୍ରଧାନଶିକ୍ଷକ ଶଶୀଭୂଷଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ତଥା ରେଡ଼କ୍ରସ ପରାମର୍ଶଦାତା ମୋନାଲିସା ପରାମାଣିକ ସଂଯୋଜନା କରିଥିଲେ। ଏଥିରେ ୬୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରରେ ବ୍ଲଡ଼ବ୍ୟାଙ୍କ ଅଫିସର ଡା. ଦୁର୍ଗାଦତ୍ତ ଦାଶ, ଡା.ରାମଶଙ୍କର ତ୍ରିପାଠୀ, ଡା.ସରୋଜ ପଟେଲ, ଡା. ଧବଳେଶ୍ୱର ମାହାକୁଡ଼ ପ୍ରମୁଖ ଯୋଗଦେଇ ରକ୍ତଦାନର ଉଦ୍ଦେଶ୍ୟ ଓ ମହତ୍ୱ ବିଷୟରେ ବକ୍ତବ୍ୟ ରଖିଥିଲେ। ରକ୍ତ ସଂଗ୍ରହ କରିବାରେ ଜଗତ ଦରୱାନ, ସତ୍ୟ ତାଣ୍ଡି, ଯୁଧିଷ୍ଠିର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ମହେନ୍ଦ୍ରୀ ସାହୁ, ଜୟନ୍ତୀ ତରିଆ, ପୂର୍ଣ୍ଣିମା ନାୟକ, ଆଶାକର୍ମୀ ଯଶୋବନ୍ତୀ ନାଗ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟାସଭ୍ୟ, ବିଦ୍ୟାଳୟର ପୂର୍ବତନ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୌରୀଶଙ୍କର ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଡୁଙ୍ଗୁରିପାଲି ସେବା ଫାଉଣ୍ଡେଶନ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି,୧୫।୧୦(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସେବା ଫାଉଣ୍ଡେଶନ ପକ୍ଷରୁ ଶନିବାର ରାତିରେ ଆରଏମସି ପରିସରରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେବା ଫାଉଣ୍ଡେଶନର ପ୍ରତିଷ୍ଠାତା ବିଭୁଦତ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀରାମ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରମେଶ ଚନ୍ଦ୍ର ପୂଜାରୀ, ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ହିମାଂଶୁ ଶେଖର ବିଶ୍ୱାଳ, ବଲାଙ୍ଗୀର ଏଡ଼ିଏମ ମହେନ୍ଦ୍ର ମହାପାତ୍ର, ବଲାଙ୍ଗୀର ବିଡ଼ିସିସି ବ୍ୟାଙ୍କ ସଭାପତି ସ୍ମାରକ



କାର୍ଯ୍ୟକ୍ରମରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଅନ୍ୟ ଅତିଥିବୃନ୍ଦ।

ରଞ୍ଜନ ମିଶ୍ର, ବିଏମ ଉଜ୍ଜ୍ୱଳଚନ୍ଦ୍ର ଦାସ, କଂସ ମହାରାଜ ଭୁବନେଶ୍ୱର ପଧାନ, ସାମାଜିକ କର୍ମୀ ଅଶୋକ ପୂଜାରୀ ଯୋଗ ଦେଇ ଥିଲେ। ମେଘନାଦ ପଧାନ ଓ ମୃତ୍ୟୁଞ୍ଜୟ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମନ୍ତ୍ରୀ ପୂଜାରୀ ପଶ୍ଚିମ ଓଡିଶାର ମହାନ ଗଣପର୍ବ ନୂଆଁଖାଇର ବିଶେଷତ୍ୱ, ପରମ୍ପରା ଓ ପର୍ବର ମହନୀୟତା ଉପରେ ବକ୍ତବ୍ୟ ରଖିଥିଲେ। ଏଥିସହିତ ସରକାର ପଞ୍ଚାୟତ ସ୍ତରରୁ କଳାକାର ଚୟନ କରିବା ପ୍ରକ୍ରିୟା ହାତକୁ ନେଇଥିବା ପ୍ରକାଶ କରିଥିଲେ। ଏହି ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରସରକେଲି, ମାଇଲାଜଡ଼, ସମ୍ବଲପୁରୀ ଦଣ୍ଡ ନାଚ ଗୀତ, ଭଜନ ପରିବେଷଣ ହୋଇଥିଲା। ପଶ୍ଚିମ ଓଡିଶାର ନାମୀଦାମୀ କଳାକାରମାନେ ଯୋଗଦେଇ ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ମଞ୍ଚ କଳାକାର ଭକ୍ତ ପଧାନ ପରିଚାଳନା କରିଥିଲେ। ଏହି ଅବସରରେ ମନ୍ତ୍ରୀ ପୂଜାରୀ ମାହେଶ୍ୱରୀ ସେନା ଓ ସମ୍ବଲପୁରୀ ଅର୍କେଷ୍ଟ୍ରା କଳାକାର ତଥା ପିଏଲ ତ୍ରିପାଠୀ, ମୋନାଲିସା ସାହୁ, ମାମି ମିଶ୍ର, ବୁଦ୍ଧଦେବ ସାହୁ, ସଂଯୋଗ ସାହଙ୍କୁ ଉପଢୌକନ ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ପଦ୍ମଲୋଚନ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଓବିସି ବର୍ଗର ସମସ୍ତଙ୍କୁ ଏକଜୁଟ କରିବାକୁ ଗୁରୁତ୍ୱ

ତରଭା,୧୫।୧୦(ମାନଭଞ୍ଜନ ମିଶ୍ର)

**ଓବିସି ମଞ୍ଚ ଜନଜାଗରଣ ବୈଠକ**

ସ୍ଥାନୀୟ ହାଇସ୍କୁଲ ଖେଳପଡିଆ ଠାରେ ତରଭା ବ୍ଲକ ଓବିସି ମଞ୍ଚ ତରଭା ଶାଖାର ଜନଜାଗରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓବିସି ମଞ୍ଚ ଜିଲା କାର୍ଯ୍ୟକାରୀ ସଭାପତି ପ୍ରିୟବ୍ରତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଓବିସି ବର୍ଗର ସମସ୍ତଙ୍କୁ ଏକଜୁଟ କରିବାକୁ ଏକ ରଥ ବାହାରି ସଚେତନ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ତରଭା ଓବିସି ମଞ୍ଚ ବ୍ଲକ ଶାଖା ପରାମର୍ଶଦାତା ଓ ସଂଯୋଜକ କମିଟି ଗଠିତ ହୋଇଯାଇଛି । ଅନ୍ତର୍ଯ୍ୟାମୀ ସାହୁଙ୍କୁ ସଂଯୋଜକ କମିଟିର ମୁଖ୍ୟ ଭାବରେ ମନୋନୀତ କରା ଯାଇଥିବା ବେଳେ ପରୀକ୍ଷିତ ସା, ସମ୍ପତି ଘିବେଲାଙ୍କୁ ସହ ସଂଯୋଜକ ମନୋନୀତ କରାଯାଇଛି। ଆଗାମୀ ୨୯ତାରିଖରେ ଓବିସି ମଞ୍ଚ ତରଭା ଶାଖାର ପୂର୍ଣ୍ଣାଙ୍ଗ ବୈଠକ ଅନୁଷ୍ଠିତ ହେବ । ଏହି ବୈଠକର ସଫଳତା ନେଇ ଡୋଳାମଣି ପ୍ରଧାନ, ନିଜ୍ଜନ ନାଏକ, ଦିନେଶ ସାହୁ, ଉମେଶ ନାୟକ, ମନମୋହନ ସାହୁ, ଦେବରାଜ ସାହୁ, ମୁଚୁରାମ ମେଣ୍ଡିଲି , ବଳଭଦ୍ର ସାହୁ, ସୁଶାନ୍ତ ଷାଣ୍ଡ, ଶାନ୍ତନୁ ରଣା ଓ ପ୍ରଭାତ ପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲା ଓବିସି ସେଲ ସଂଯୋଜକ ଶିବରାମ ସାହୁ, ଜିଲା ଉପ ସଭାପତି ସାନନ୍ଦ ମେହେର, ସୁରେଶ ମହଲା, କଲ୍ୟାଣ ନାଏକ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ଝାଙ୍କର, ରାମଶଙ୍କର ଭୋଇ, ରାଜେନ୍ଦ୍ର ପ୍ରସାଦ ମେହେର, ରଞ୍ଜନ ଅମାତଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଓବିସି ବର୍ଗର ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ଓବିସି ନେତୃବୃନ୍ଦ।

# ଭଙ୍ଗା ଘରେ ଚାଲିଛି ସେବା ସମବାୟ ସମିତି

ତଳଗାଁ,୧୫।୧୦(କୁନା ବେହେରା)

ରାଜ୍ୟ ସରକାର କୃଷକମାନଙ୍କ ଉନ୍ନତି ସକାଶେ ସେବା ସମବାୟ ସମିତି ଜରିଆରେ ବିଭିନ୍ନ ଯୋଜନା କରି ଆସୁଥିବା ବେଳେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ହରଭଙ୍ଗାଠାରେ ଥିବା ସେବା ସମବାୟ ସମିତି ନାହି ନାହିଁରେ ଚାଲିଥିବା ଦେଖିବାକୁ ମିଳିଛି। ଦୀର୍ଘ ୪୫ ବର୍ଷ ହେଲା ଏହି ସେବା ସମବାୟ ସମିତି ଚାଲି ଆସୁଥିବା ବେଳେ ବର୍ତ୍ତମାନ ସମିତି ଏକ ଭଙ୍ଗା ଟିଣ ଘରେ ଚାଲୁଛି। ପ୍ରତ୍ୟହ ଶହ ଶହ ସଂଖ୍ୟାରେ ଚାଷୀ ସମିତକୁ ଆସି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସମିତିରେ ଚାଷୀଙ୍କ ବସିବା ପାଇଁ ଭଲ ଘର ଖଣ୍ଡେ ନ ଥିବା ଜଣାପଡିଛି। ସରକାର ସେବା ସମବାୟ ସମିତିଗୁଡିକୁ ଗୋଦାମ ଗୃହ, ମିଟିଂ ହଲ ଆଦି ତିଆରି କରି ଦେଉଥିବା



ସେବା ସମବାୟ ସମିତି ଚାଲିଥିବା ଭଙ୍ଗା ଟିଣ ଘର

ବେଳେ ହରଭଙ୍ଗା ସେବା ସମବାୟ ସମିତି ପ୍ରତି କାହାର ନିଘା ନାହିଁ । ସମିତିର ଭଙ୍ଗା ଟିଣ ଘର ଯୋଗୁ ବର୍ଷା ହେଲେ ପାଣି ଗଳୁ ଥିବାରୁ ଗୋଦାମରେ ସାର, ବିହନ ଆଦି ନଷ୍ଟ ହେବାକୁ ବସିଛି । ସେବା ସମବାୟ ସମିତିରେ ମଣ୍ଡି ଖୋଲାଯାଇଥିବା ବେଳେ ଚାଷୀଙ୍କ ଧାନ କିଣିବାକୁ ସିମେଣ୍ଟର ଖଳାଟିଏ ନାହିଁ । ଫଳରେ ଚାଷୀ ଧାନ ଆଣି ଧୂଳିରେ ଢାଳି ବିକ୍ରି କରିଥାଏ । ଜିଲା ପ୍ରଶାସନ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହେଉଛି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଜଣେ ମୃତ

**ଲହୁଣୀପଡା, ୧୫।୧୦(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ରାଜାମୁଣ୍ଡା ପଞ୍ଚାୟତ ଡୁମକଲାସ୍ଥିତ ଭାସ୍କର ସ୍ୱଞ୍ଜୀ କାରଖାନା ମୁଖ୍ୟ ଫାଟକ ରାସ୍ତା କଡ଼ରେ ଠିଆ ହୋଇ ଥିବା ଜଣେ ବ୍ୟକ୍ତିଙ୍କ ଟ୍ରକ୍ ଧକ୍କାରେ ମୃତ୍ୟୁ ଘଟିଛି। ମୃତକ ହେଲେ ବିରମିତ୍ରପୁର ଥାନା ଅନ୍ତର୍ଗତ ଗୋବିରା ଗ୍ରାମର ସନ୍ତୁ ରାମ (୪୯)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଥାନାରେ ମାମଲା ରୁଜୁ କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରି ଚାଳକଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ରାମ ଉକ୍ତ କାରଖାନା ମୁଖ୍ୟ ଫାଟକର ରାସ୍ତା କଡରେ ଛିଡ଼ା ହୋଇଥିବା ବେଳେ ଓଡ଼ି -୦୭ୟୁ -୮୮୮୧ ନମ୍ବର ଟ୍ରକ ପଛୁଆ ଚଢ଼ି ଯାଇଥିଲା। ଫଳରେ ରାମଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା।

### କୁନି ଝିଅକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କଲା ପୋଲିସ

**କୁତ୍ରା, ୧୫।୧୦(ଦେବାଶିଷ ସାହୁ):** ସୁନ୍ଦରଗଡ ଜିଲା କୁତ୍ରା ପୋଲିସ ଏକ କୁନି ଝିଅକୁ ଉଦ୍ଧାର କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ରବିବାର ସକାଳୁ ଜଣେ ନାବାଳିକା ଛାତ୍ରୀ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ବୁଲାବୁଲି କରୁଥିବା ପୋଲିସ ନଜରରେ ପଡିଥିଲା। ପୋଲିସ ତାଙ୍କୁ ଉଦ୍ଧାର କରି ପଚରା ଉଚରା କରିବାରୁ ଝିଅଟି ନିଜ ନାମ ଅଙ୍କିତା କିଷାନ(୯ବର୍ଷ) ଏବଂ କଆଁରମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ୩ୟ ଶ୍ରେଣୀରେ ପାଠ ପଢୁଥିବା କହିଥିଲେ। ଏନେଇ ପୋଲିସ ସେହି ବିଦ୍ୟାଳୟ ସହ ଯୋଗାଯୋଗ କରିବାରୁ କିଛି ମାସ ପୂର୍ବରୁ ସେହି ବିଦ୍ୟାଳୟରୁ ଟିସି ନିଆଯାଇଥିବା ସହ ବର୍ତ୍ତମାନ ତାଙ୍କ ପରିବାର କୁତ୍ରାରେ ରହୁଥିବା ଜଣାପଡିଥିଲା। ପରେ ପୋଲିସ ତାଙ୍କ ପରିବାରଙ୍କ ସହ ଯୋଗାଯୋଗ କରି ଝିଅକୁ ହସ୍ତାନ୍ତର କରିଥିଲା। ଝିଅଟି କୌଣସି କାରଣ ବଶତଃ ଘରୁ ରାଗି ଚାଲିଯାଇଥିବା ବେଳେ ପରିବାର ପକ୍ଷରୁ ଖୋଜାଖୋଜି କରାଯାଉଥିବା ପରିବାର ସଦସ୍ୟ କହିଛନ୍ତି। ହେଲେ ଝିଅଟିର ପ୍ରକୃତ ନାମ ଦୟନ୍ତି ଟପ୍ପୋ ଏବଂ ବର୍ତ୍ତମାନ କୁତ୍ରାର ଏକ ଘରୋଇ ବିଦ୍ୟାଳୟରେ ପାଠ ପଢୁଥିବା ଜଣାପଡିଛି।

### ଲୋକଙ୍କୁ ଠକୁଛନ୍ତି ମୁର୍ଗା ବେପାରୀ

**ବନ୍ଧମୁଣ୍ଡା, ୧୫।୧୦(ସୁବ୍ରତ ଡେ):** ବନ୍ଧମୁଣ୍ଡା ଅଞ୍ଚଳ ସି ସେକ୍ଟରସ୍ଥିତ ମୁଖ୍ୟ ବଜାରରେ ସୋନାଲି ଜାତିର କୁକୁଡ଼ାକୁ କିଛି ମୁର୍ଗା ବେପାରୀ ଦେଶୀ କୁକୁଡ଼ା କହି ଚଢ଼ା ଦରରେ ବିକ୍ରି କରୁଛନ୍ତି। ଦେଶୀ କୁକୁଡ଼ା ପରି ଦେଖାଯାଉ ଥିବା ଏହି ସୋନାଲି ଜାତିର କୁକୁଡ଼ା ବନ୍ଧମୁଣ୍ଡା ବଜାରରେ ୪୦୦ ରୁ ୪୫୦ ଟଙ୍କା ମୂଲ୍ୟରେ ବିକ୍ରି କରାଯାଉଛି। ସାଧାରଣତଃ ବଜାରରେ ଏହିପରି କୁକୁଡ଼ାମାନଙ୍କ ବିକ୍ରୟ ମୂଲ୍ୟ କିଲୋ ପିଛା ମାତ୍ର ୧୫୦ରୁ ୧୭୦ ଟଙ୍କା ରହିଛି। ଏଭଳି ସ୍ଥିତିରେ କିଛି କୁକୁଡ଼ା ବ୍ୟବସାୟୀ ବନ୍ଧମୁଣ୍ଡା ଅଞ୍ଚଳର ଲୋକଙ୍କୁ ଖୋଲାଖୋଲିଭାବେ ଠକୁଛନ୍ତି। ତେବେ ଏଥିପ୍ରତି ସ୍ଥାନୀୟ ବଜାର କମିଟି ଏବଂ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଘରେ ଘରେ ପହଞ୍ଚିବ ବିକାଶର ବାର୍ତ୍ତା



ବିଜେଡି ପକ୍ଷରୁ ବାହାରିଥିବା ପଦଯାତ୍ରା।

## ସୁନ୍ଦରଗଡ଼ରେ ବିଜେଡିର ପଦଯାତ୍ରା

**ସୁନ୍ଦରଗଡ, ୧୫।୧୦(ଜୟ ନାରାୟଣ ମେଣ୍ଡୁଲି)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟରେ ଯେଉଁ ବିକାଶ ଧାରା ଜାରି ରହିଛି ଏବଂ ଆଗାମୀ ଦିନରେ ଯେଉଁ ସବୁ ଉନ୍ନତିମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ସେ ବିଷୟରେ ରାଜ୍ୟବାସୀଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପଦଯାତ୍ରା ଆୟୋଜନ ହୋଇଛି। ଏହି ପରିପ୍ରେକ୍ଷୀରେ ରବିବାର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସଦର ବ୍ଲକ ସାଲେପାଲିଠାରେ ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂହଙ୍କ ନେତୃତ୍ୱରେ ଓ ବ୍ଲକ ବିଜେଡି ସଭାପତି ତଥା ସଦର ବ୍ଲକ 'କ' ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକଙ୍କ ସଭାପତିତ୍ୱ ଏବଂ 'ଖ' ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ନାଏକଙ୍କ ତତ୍ତ୍ୱାବଧାନରେ ଏକ ବିରାଟ ପଦଯାତ୍ରା ଏବଂ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଜନସାଧାରଣ ଏବଂ ବିଜୁ ଜନତା ଦଳର କର୍ମକର୍ତ୍ତା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ବିକାଶମୂଳକ କାର୍ଯ୍ୟର ବାର୍ତ୍ତା ଘରେ ଘରେ ପହଞ୍ଚାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଲେପାଲି ସରପଞ୍ଚ ସ୍ୱର୍ଣ୍ଣ ମାଝି, ଲେଡ଼ିମଙ୍ଗ ସରପଞ୍ଚ ଅନିରୁଦ୍ଧ ଠେମରିଆ, କୁଲଟା ସରପଞ୍ଚ ଭେମସେନ୍ ନାଏକ, ମଝାପଡା ସମିତି ସଭ୍ୟ ବସନ୍ତ କିଷାନ, ଲହଣ୍ଡାବୁଡ ସମିତି ସଭ୍ୟ ବାବୁଲି କର, ଜିଲା କୃଷକ ସଂପାଦକ ସୁନୀଲ ମହାପାତ୍ର, ବରିଷ୍ଠ ନେତା ବସନ୍ତ ଶେଖର ଦେଓ, ଅମୃତ ଶେଖର ଦେଓ, ଜଗଦୀଶ ସାଥହୁ, ଟିକେଟ ଦେଓ, ସୁଶାନ୍ତ ସିଂହ, କୃପା ଦୁବେ, ଅନିଲ ସିଂହ, ନବୀନ ସା, ଫକୀର ଦେଓ ଏହି ପଦଯାତ୍ରାରେ ସାମିଲ ଥିଲେ।

# ମା' କନ୍ତଦେବୀଙ୍କ ପରିକ୍ରମା ଆରମ୍ଭ

**ଲହୁଣୀପଡ଼ା, ୧୫।୧୦(ଦାଶରଥି ପଣ୍ଡା)**

ପ୍ରସିଦ୍ଧ ମା' କନ୍ତଦେବୀଙ୍କ ବାର୍ଷିକ ନଗର ପରିକ୍ରମାର ଅନୁକୂଳ ରବିବାର ଶୁଭାରମ୍ଭ ହୋଇଯାଇଛି। ଲହୁଣୀପଡ଼ା ବ୍ଲକ ହଳଦୀ କୁଦର ପଞ୍ଚାୟତ ସାନଜୋଲ ପାହାଡ଼ ଗୁମ୍ଫାରୁ ମା'ଙ୍କୁ ପୂଜାର୍ଚ୍ଚନା କରି ଆମନ୍ତ୍ରଣ କରାଯାଇଥିଲା। ବାଦ୍ୟନୃତ୍ୟର ତାଳେ ତାଳେ ପାଛୋଟି ଅଣାଯାଇ ସାନଜୋଲ ଗ୍ରାମସ୍ଥିତ ଦେବୀ ମଣ୍ଡପ ଆସ୍ଥାନରେ ରଖି ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାକ ଭକ୍ତଙ୍କ ସମାଗମ ହୋଇଥିଲା। ସୂଚନାଅନୁସାରେ, ଆବାହନ କାଳରୁ ବଣେଇଁର ଅନ୍ୟତମ ପ୍ରତ୍ୟକ୍ଷ ଓ ପ୍ରସିଦ୍ଧ ମା' କନ୍ତଦେବୀଙ୍କ ନଗର ପରିକ୍ରମା ପ୍ରତ୍ୟେକ ବର୍ଷ ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦା ଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ଦିନ ପିଠେ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ମା'ଙ୍କ ଆଗମନ ପାଇଁ ଦେହୁରୀ ମାନେ(ଭୂୟାଁ ପୂଜକ) ମହାଳୟା ୨ଦିନ ପୂର୍ବରୁ ରାଜପ୍ରାସାଦକୁ ଆସିଥାନ୍ତି। ଦ୍ୱାଦଶୀ ତିଥି ଦିନ ରାଜାଙ୍କ ଘରୁ ଦେହୁରୀଙ୍କୁ ପୁରାଞ୍ଜଳି ଦିଆଯାଇଥାଏ। ଏକ ନୂଆ ହାଣ୍ଡିରେ ଧାନ, ଅରୁଆ ଚାଉଳ, ଗୁଆ, କଉଡ଼ି, ସିନ୍ଦୁର, ଝୁଣା, ଧୂପ, ପୂଜା ସାମଗ୍ରୀ ଦେଇ ନୂତନ ବସ୍ତ୍ରର ହାଣ୍ଡିର ମୁଖକୁ ଆବଧ କରି ଆନୁଷ୍ଠାନିକ ଭାବେ ଦେହୁରୀଙ୍କୁ ପ୍ରଦାନ କରାଯାଇଥାଏ। ସେହି ପୁରାଞ୍ଜଳିକୁ ନେଇ ଦେହୁରୀ ମାନେ ମା' କନ୍ତଦେବୀଙ୍କ ଆଗମନ ପାଇଁ ପୂଜାର୍ଚ୍ଚନା କରି ଆମନ୍ତ୍ରଣ କରିଥାନ୍ତି। ରବିବାର ପ୍ରଥମ ଦିବସରେ ସାନଜୋଲ, ହଳଦୀ କୁଦର ଓ କଣ୍ଟା କୁଦର



ଗ୍ରାମରେ ପୂଜା ପାଇ ନୂଆଡ଼ିହି ଗ୍ରାମରେ ମା' ଙ୍କ ବିଶ୍ରାମ ଅଛି। ରାଜ ଦରବାର ତରଫରୁ ପ୍ରଚଳିତ ପୂର୍ବ ସୂଚି ଅନୁଯାୟୀ ମା'ଙ୍କ ଏହି ପକ୍ଷାନ୍ତ ନଗର ପରିକ୍ରମା କାର୍ଯ୍ୟକ୍ରମ ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହେବ। କୁମାର ପୂର୍ଣ୍ଣିମା ଦିନ ମା'ଙ୍କ ପିଠେ ପ୍ରତ୍ୟାବର୍ତ୍ତନ ହେବେ। ଏହି ପକ୍ଷାନ୍ତ ନଗର ପରିକ୍ରମା ବେଳେ ବଣେଇଁର ବିଭିନ୍ନ ସ୍ଥାନରେ ମା'ଙ୍କ ଆଗମନକୁ ଭବ୍ୟ ସ୍ୱାଗତ ସହିତ ପୂଜାର୍ଚ୍ଚନା କରାଯାଏ। ଏହାକୁ ସୂଚାରୁ ରୂପେ ତୁଲାଇବା ପାଇଁ ରାଜ ଦରବାର ଓ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପମାନ ଗ୍ରହଣ କରାଯାଇଥାଏ। ଏଥିରେ ବଣେଇଁ ସମେତ ପଡୋଶୀ ଅଞ୍ଚଳ ଓ ବହୁ ଦୂରଦୂରାନ୍ତରୁ ଭକ୍ତମାନେ ଆସି ପୂଜାର୍ଚ୍ଚନା କରିବା ସହିତ ମନସ୍କାମନା ପୂର୍ଣ୍ଣ ପାଇଁ ମାନସିକ ବ୍ରତ ପାଳନ କରିଥାନ୍ତି। ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟାରେ ମା'ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥାଏ। ଏହାସହିତ ବିଭିନ୍ନ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

# ଶିଶୁ ମହୋତ୍ସବ ସୁରଭି, ମିଲେଟ ପ୍ରତିଯୋଗିତା


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ବଡ଼ଗାଁ, ୧୫।୧୦(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମିଲେଟ ପ୍ରତିଯୋଗିତା ଆଦର୍ଶ ବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଡିଓ କ୍ଷମାନିଧି ଭୋଇ ମୁଖ୍ୟ ଅତିଥି ଓ ବଡ଼ଗାଁ ଯୁକ୍ତ ୨ କଲେଜ ଅଧକ୍ଷ ସୁଶାନ୍ତ କୁମାର ଚୌଧୁରୀ, ବରଙ୍ଗାକଛାର ଯୁକ୍ତ ୨ କଲେଜ ଅଧ୍ୟକ୍ଷ ନବୀନ ଚନ୍ଦ୍ର ନାଏକ, ତୁଡାଲଗା ଯୁକ୍ତ ୨ କଲେଜ ଅଧକ୍ଷ ବାବୁଲାଲ ପଟେଲ, ବ୍ଲକ ମଙ୍ଗଳ ଅଧିକାରୀ ଦିଲୀପ କୁମାର ମାଝି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୩୫୦ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଚୟନକର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତା ଶେଷ ହେଲାପରେ ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଡିଓ କ୍ଷମାନିଧି ଭୋଇ ମୁଖ୍ୟ ଅତିଥି ଓ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ଉପାଧ୍ୟକ୍ଷା ରଶ୍ମିତା ନାଏକ, ଭୋଇପାଲି ସରପଞ୍ଚ ମହେଶ୍ୱର ବରିହା, ବାମରା ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ ପ୍ରକାଶ ସଏ ସମ୍ମାନନୀୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଡିବେଟ, ରଚନା, ଗୀତ, କୁଇଜ୍, ସୃଜନଶୀଳ ଲିଖନ, ହସ୍ତାକ୍ଷର ଓ ଶ୍ରୁତଲିଖନ ପ୍ରତିଯୋଗିତା ହୋଇଥିବାବେଳେ ପୁଷ୍ଟି ଶସ୍ୟ ପ୍ରତିଯୋଗିତାରେ ବକ୍ତୃତା, କୁଇଜ୍, ଚିତ୍ରାଙ୍କନ, ଚିତ୍ରକଳା ହୋଇଥିଲା। ବ୍ଲକ୍ ସ୍ତରରେ ପ୍ରଥମ ସ୍ଥାନ ପାଇଥିବା ଛାତ୍ରୀଛାତ୍ର ଜିଲା ସ୍ତରୀୟ ହେବାକୁ ଥିବା ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମରେ ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନ୍ୱେଷା ଦାସ ଓ ବଡ଼ଗାଁ ହାଇସ୍କୁଲ ସ୍କାଉଟ ଶିକ୍ଷକ ଜନସନ ଖାଖା ମଞ୍ଚ ପରିଚାଳନା କରିଥିଲାବେଳେ ଶିକ୍ଷକ ଧନଞ୍ଜୟ ନାଏକ, ସିଆର୍‌ସିସି ଦୁର୍ଗାମାଧବ ବେହେରା, ଶିକ୍ଷକ ଦିଲୀପ ପୃଷେଟ, ପ୍ରଦୀପ ସାହୁ, ଦେବରାଜ ନିଖଣ୍ଡିଆ, ଜ୍ୟୋତିର୍ମୟୀ ନାଏକ, କୃଷ୍ଣଚନ୍ଦ୍ର ସାହୁ, ସତ୍ୟବ୍ରତ ନାଏକ, ମାନସ ରଞ୍ଜନ ପାଣ୍ଡେ, ବାସୁଦେବ କାଲୋ, ଏରେନ କୁଜୁର ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ।

# ଜମିବାଡ଼ି ବିବାଦରୁ ଯୁବକଙ୍କୁ ହତ୍ୟା

**ସିନାପାଲି, ୧୫।୧୦(ମନଫୁଲ ମେହେର)**

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଝାରବନ୍ଧ ପଞ୍ଚାୟତ ମାଲପଡା ଗ୍ରାମରେ ଜମିବାଡି ବିବାଦ ନେଇ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ଏ ନେଇ ସିନାପାଲି ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ସୁଶିଲ କୁଲଦିପ (୩୫)। ପ୍ରାପ୍ତ ଖବର ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ମାଲପଡା ଗ୍ରାମର ଟଙ୍କଧର ଦିପ (୪୦) ଓ ସୁଶିଲ କୁଲଦିପଙ୍କ ମଧ୍ୟରେ ପୂର୍ବରୁ ଲାଗି ରହିଥିବା ଜମିବାଡିକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ଟଙ୍କଧର ସୁଶିଲଙ୍କୁ ଆକ୍ରମଣ କରିଥିଲେ। ସେଠାରୁ ପରିବାର ଲୋକେ ସୁଶିଲଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକେ ସିନାପାଲି ଥାନାରେ ଅଭିଯୋଗ କରିଥିଲେ। ଘଟଣା ପରେ ଟଙ୍କଧର ଫେରାର୍ ହେବା ସମୟରେ ସିନାପାଲି ପୋଲିସ ତାଙ୍କୁ ଗିରଫ କରିଥିଲା। ବ୍ୟବଚ୍ଛେଦ ପରେ ଶବଦାହ ପାଇଁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ସିନାପାଲି ଥାନାରେ ଏକ ମାମଲା (ନଂ.୨୬୨/୨୩) ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ସିନାପାଲି ଥାନାଧିକାରୀ ରଶ୍ମିତା ପ୍ରଧାନ ସୂଚନା ଦେଇଛନ୍ତି।

# ରାଜ୍ୟ ସଭା ସଦସ୍ୟଙ୍କ ସିର୍ଜାପାଲି ଗସ୍ତ

**କେସିଙ୍ଗା, ୧୫।୧୦(ତୁମେଶ୍ୱର ସାହୁ)**

**ବିଭିନ୍ନ ସମସ୍ୟା ନେଇ ଲୋକଙ୍କ ସହ ଆଲୋଚନା କଲେ**

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ଅନ୍ତର୍ଗତ ସିର୍ଜାପାଲି ଗ୍ରାମକୁ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ରବିବାର ଗସ୍ତ କରିଛନ୍ତି। ଏହି ଅବସରରେ ଗାଁ ଲୋକଙ୍କ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ରାସ୍ତାଘାଟ, ପାନୀୟଜଳ ଇତ୍ୟାଦି ବିଷୟରେ ଆଲୋଚନା କରି ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସିର୍ଜାପାଲିରେ ଆସନ୍ତା ୨୦୨୪ ଫେବୃୟାରୀ ୨ରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ସ୍ଥିର କରାଯାଇଛି। ଏହି ଉତ୍ସବରେ ଯୋଗଦେବାକୁ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାରଙ୍କୁ ନିମନ୍ତ୍ରଣ କରିବା ପାଇଁ ଜଗନ୍ନାଥ ମନ୍ଦିର କମିଟିର ଅଧ୍ୟକ୍ଷ ପଦ୍ମନାଭ ଦାଶ, ସଂପାଦକ କାଳିଆ ଭୋଇ, ସରପଞ୍ଚ ପ୍ରମୋଦ କୁମାର ଦାଶ, ରୋହିତ ସାହୁ, ତୋଫାନ ଗୌଡିଆ, ଭିକାରୀ ଗୌଡିଆ, ମନବୋଧ ପ୍ରଧାନ, ଭକ୍ତ ପ୍ରଧାନ, ବୃନ୍ଦାବନ ସାହୁ, ନୀଳାମ୍ବର ପ୍ରଧାନ ପ୍ରମୁଖ ଉପସ୍ଥିତରେ ନିମନ୍ତ୍ରଣ କରାଯାଇଥିଲା। ସରପଞ୍ଚ ଦାଶ ସାଂସଦଙ୍କୁ ଗ୍ରାମର ସୁବିଧା ଅସୁବିଧାର ସ୍ଥାୟୀ ସମାଧାନ କରିବା ପାଇଁ ଅନୁରୋଧ କରିଥିଲେ। ଗାଁର ଅସୁବିଧାର ସମାଧାନ ପାଇଁ ରାଜ୍ୟ ସଭା ସଦସ୍ୟ ପ୍ରତିଶ୍ରୁତି ଦେଇଥିଲେ। ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅଧ୍ୟକ୍ଷ ପଦ୍ମନାଭ ଦାଶ ସାଂସଦଙ୍କୁ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦାନ ପାଇଁ ଅନୁରୋଧ କରିଥିଲେ।


ରାଜ୍ୟ ସଭା ସଦସ୍ୟଙ୍କୁ ଶ୍ରୀଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ନିମନ୍ତ୍ରଣ କରାଯାଉଛି।

# ମହାରାଷ୍ଟ୍ର ଚାମ୍ପିୟନ, ୟୁଏଇ ରନର ଅପ

**ସୁନ୍ଦରଗଡ, ୧୫।୧୦(ଜୟ ନାରାୟଣ ମେଣ୍ଡୁଲି)**

## ବାଳିକା ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

କାଉନସିଲ ଅଫ୍ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକ୍ସାମିନେଶନ (ସିଆଇଏସସିଇ) ଦ୍ୱାରା ଆୟୋଜିତ ୧୯ ବର୍ଷରୁ କମ୍ ଜାତୀୟ ବାଳିକା ଫୁଟ୍‌ବଲ ପ୍ରତିଯୋଗିତା ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦର ଷ୍ଟାଡିୟମଠାରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ସିଆଇଏସସିଇ ଓ ଓଡ଼ିଶା ରିଜନର ମିଳିତ ସହଯୋଗରେ ସେଣ୍ଟ ଟେରେସା ଇଂଲିଶ ବିଦ୍ୟାଳୟ ଏହି ପ୍ରତିଯୋଗିତାକୁ ଆୟୋଜନ କରିଥିଲା। ଦେଶର ୭ଟି ରିଜନ ଓ ୟୁଏଇର ଏକ ଦଳ ଅଂଶଗ୍ରହଣ କରିଥିଲା। ଏହି ପ୍ରତିଯୋଗିତାରେ ମହାରାଷ୍ଟ୍ର ପ୍ରଥମ, ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ୨ୟ ଓ ନର୍ଥ ଇଣ୍ଡିଆ ଦଳ ୩ୟ ସ୍ଥାନ ଅଧିକାର କରିଛି। ନର୍ଥ -ଇଣ୍ଡିଆ ଦଳ ୩-୧ ଗୋଲରେ ୟୁପି-ୟୁକେ ଦଳକୁ ପରାସ୍ତ କରି ୨ୟ ରନର୍ସ ଅପ ଆଖ୍ୟା ଅର୍ଜନ କରିଛି। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ମହାରାଷ୍ଟ୍ର ଦଳ ୨-୧ ଗୋଲରେ ୟୁଏଇକୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଅପରପକ୍ଷରେ ୟୁଏଇ ଦଳକୁ ପ୍ରଥମ ରନର୍ସ ଅପରେ ସନ୍ତୁଷ୍ଟ ହେବାକୁ ପଡିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ପ୍ରତ୍ୟୁଷ ଦିବାକର ଉପସ୍ଥିତ ଥିବାବେଳେ ସମ୍ମାନୀତ ଅତିଥିଭାବେ ଜିଲା କ୍ରୀଡା ଅଧିକାରୀ



ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଖେଳାଳୀ।

ଅଭିଜିତ ମହନ୍ତ, ସିଆଇଏସସିଇ ପର୍ଯ୍ୟବେକ୍ଷକ ଡ. ଜେମ୍ସ ମୁଲାସେରି, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ମେମ୍ବର ବିଦ୍ୟାଳୟର ଅଧକ୍ଷା ଓ ଅଧକ୍ଷା ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ନିହାରିକା ଶର୍ମା ମଞ୍ଚ ପରିଚାଳନା କରିଥିଲେ। ପ୍ରତିଯୋଗତାକୁ ଅନିଲ ଦାସ, ସଞ୍ଜୟ କୁମାର ପାଢୀ, ହମିଦ କୁମାର ମହାପାତ୍ର, ଦେବାଶିଷ ସାହୁ, ସୋମ୍ୟରଞ୍ଜନ ନାୟକ, ଦିପକ ସାହୁ, ଅରିନ୍ଦମ ମହାପାତ୍ର, ଆନନ୍ଦ କୁଜୁର ପରିଚାଳନା କରିଥିବା ବେଳେ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ମ୍ୟାଚ କମିସନର ଭାବେ ନିତ୍ୟ କୁମାର ବଲ, ଅଫିସିଆଲ ଭାବେ ପ୍ରଶାନ୍ତ ପାଲ,ସନ୍ୟାସି ମୁଣ୍ଡା, ହେମନ୍ତ ଦାସ, ଅଶୋକ ପାଣ୍ଡବ, ଲକ୍ଷ୍ମଣ ସେଠ, ନିତ୍ୟାନନ୍ଦ ମେହେର ଓ ସୁଶାନ୍ତ କିଷାନ ଖେଳ ପରିଚାଳନା କରିଥିଲେ। ଚୟନକର୍ତ୍ତା ଭାବେ ଚିତ୍ତ ରଞ୍ଜନ ନାୟକ ଓ କାର୍ତ୍ତିକା ରକ୍ସା ଦାୟିତ୍ୱ ତୁଲାଇଥିଲେ।ଏହି ପ୍ରତି ଯୋଗିତାରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିବା ୧୮ ଜଣ ବାଳିକାଙ୍କୁ ସ୍କୁଲ ଗେମ୍ସ ଫେଡେରେଶନ ଅଫ ଇଣ୍ଡିଆର ପ୍ରତିଯୋଗିତାରେ ସିଆଇଏସସିଇର ପ୍ରତିନଧିତ୍ୱ କରିବେ। ଏହି ପ୍ରତିଯୋଗିତାକୁ ସଫଳ କରିବା ପାଇଁ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ପ୍ରଭାତ କୁମାର ଭୋଲଙ୍କ ସହିତ ସମସ୍ତ କର୍ମକର୍ତ୍ତା ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ। ସେଣ୍ଟ ଥୋମାଷ ବିଦ୍ୟାଳୟର ଅଧକ୍ଷା ଶିବା ଡାନିଏଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଆଇସିଏସସି ସ୍କୁଲ ଓଡ଼ିଶା ରିଜନର ସମ୍ପାଦକ ତଥା ପ୍ରିନ୍ସିପାଲ କୋର୍ଡିନେଟର ଗେମ୍ସ ଆଣ୍ଡ ସ୍ପୋର୍ଟ୍ସ ଏବଂ ଅର୍ଗାନାଇଜିଙ୍ଗ ସମ୍ପାଦକ ସିଷ୍ଟର ପି. ସେଲଭି ଧନ୍ୟବାଦ ଅର୍ପଣ କରିଥିଲେ।

# ୧୮୦୦୦ ମହିଳାଙ୍କ ସଶକ୍ତୀକରଣ ଘୋଷଣା

**ରାଜଗାଙ୍ଗପୁର, ୧୫।୧୦(ଅଶୋକ ପାଣି)**

ସିମେଣ୍ଟ ଓ ଚିନି ବ୍ୟବସାୟରେ ନିୟୋଜିତ ଭାରତର ଅଗ୍ରଣୀ ବ୍ୟବସାୟିକ ଗୋଷ୍ଠୀ ଡାଲମିଆ ଭାରତ ଗ୍ରୁପ୍ ଆନ୍ତର୍ଜାତିକ ଗ୍ରାମୀଣ ମହିଳା ଦିବସ ଅବସରରେ ୧୮୦୦୦ ମହିଳାଙ୍କର ସଫଳତାର ସହିତ ସଶକ୍ତୀକରଣ ସମ୍ପର୍କରେ ଘୋଷଣା କରିଛି। ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସ୍ଥାପନ ଜରିଆରେ ଏହି ମହିଳାଙ୍କୁ ଅତ୍ୟାବଶ୍ୟକ କୁଶଳତାର ତାଲିମ ପ୍ରଦାନ ଏବଂ ଦୀର୍ଘସ୍ଥାୟୀ ଜୀବିକା ବିକାଶ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଯୋଗାଇ ଦିଆଯାଇଛି। ଏନ୍‌ଆର୍‌ଏଲ୍‌ଏମ୍, ନାବାର୍ଡ ଆଦି ବିବିଧ ସଂଗଠନ ସହଯୋଗିତାରେ ଡାଲମିଆ ଭାରତ ଅଣୁ ଉଦ୍ୟୋଗ ବିକାଶ, ହସ୍ତଶିଳ୍ପ ଉତ୍ପାଦନ ଏବଂ ଉଭୟ କୃଷି ଓ ଅଣକୃଷି ଆଦି ଅନ୍ୟାନ୍ୟ କ୍ଷେତ୍ରରେ ବହୁବିଧ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହି ସମସ୍ତ କାର୍ଯ୍ୟକ୍ରମ ଡାଲମିଆ ଭାରତ ଗ୍ରୁପ ଭାରତର ୧୨ଟି ରାଜ୍ୟରେ ଥିବା ବ୍ୟବସାୟିକ କାର୍ଯ୍ୟପରିଚାଳନା ଅଞ୍ଚଳ ଚତୁର୍ପାର୍ଶ୍ୱରେ ବାସ କରୁଥିବା ଗୋଷ୍ଠୀଗୁଡ଼ିକରେ ଆୟୋଜନ କରାଯାଉଛି। ଏହି ସମସ୍ତ ପ୍ରୟାସ ଗ୍ରାମୀଣ ମହିଳାଙ୍କୁ ସଶକ୍ତ କରିବା, କୁଶଳୀ କରିବା, ସେମାନଙ୍କ ଆୟ ଉତ୍ସର ବିବିଧକରଣ ଏବଂ ସେମାନଙ୍କୁ ଆନୁଷ୍ଠାନିକ ଋଣ ପ୍ରଦାନ ବ୍ୟବସ୍ଥାର ସୁଯୋଗ ଯୋଗାଇଦେବା ଲକ୍ଷ୍ୟ ରଖିଛି। ଓଡ଼ିଶାରେ ଏହାର ୨ଟି



ସଶକ୍ତୀକରଣ ମହିଳା ଗୋଷ୍ଠୀ।

ପ୍ରୟାସ ମଧ୍ୟରେ ପ୍ରୋଜେକ୍ଟ ହସ୍ତକଳା-ମହିଳା କାରିଗରଙ୍କୁ କୁଶଳୀ କରିବା ଏବଂ କଟକ, ରାଜଗାଙ୍ଗପୁର ଓ ଲାଞ୍ଜିବେର୍ଣ୍ଣା ଖଣି ଅଞ୍ଚଳ ଚତୁର୍ପାର୍ଶ୍ୱରେ ଥିବା ଗୋଷ୍ଠୀଗୁଡିକର ଛତୁଚାଷ ଜରିଆରେ ଉଦ୍ୟୋଗ ବିକାଶ ରହିଛି। ଡାଲମିଆ ଭାରତ ଓଡ଼ିଶାରେ ୧୦୦୦୦ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଇ ମାସିକ ୪ହଜାର ଟଙ୍କାରୁ ୮ ହଜାର ଟଙ୍କା ପର୍ଯ୍ୟନ୍ତ ଉପାର୍ଜନ କରିବାକୁ ସମର୍ଥ କରାଇଛି; ଯାହା ସେମାନଙ୍କର ବ୍ୟକ୍ତିଗତ କଲ୍ୟାଣରେ ଉନ୍ନତି ଆଣିବା ସହିତ ସେମାନଙ୍କ ପରିବାରବର୍ଗଙ୍କୁ ସକ୍ଷମ କରିବାରେ ସାମର୍ଥ୍ୟ ପ୍ରଦାନ କରିଛି। ଆନ୍ତର୍ଜାତିକ ଗ୍ରାମୀଣ ମହିଳା ଦିବସ ଅବସରରେ କମ୍ପାନୀର ପ୍ରୟାସ ସମ୍ପର୍କରେ ମତରଖି ଅଶୋକ କେ. ଗୁପ୍ତା ସିଇଓ ଡାଲମିଆ ଭାରତ ଫାଉଣ୍ଡେଶନ କହିଛି, ବିକାଶଶୀଳ ରାଷ୍ଟ୍ରଗୁଡିକରେ ଗ୍ରାମୀଣ ମହିଳାମାନେ ଖାଦ୍ୟ ନିରାପତ୍ତା ଏବଂ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। କିନ୍ତୁ ସେମାନେ ବ୍ୟାପକ ଭାବରେ ଗୁରୁତ୍ୱହୀନ ହୋଇ ରହିବା, ଉଚ୍ଚ ନିରକ୍ଷରତା ହାର ଏବଂ ପୁରୁଷଙ୍କ ତୁଳନାରେ ଅସମାନ ଉପାର୍ଜନ ହାର ଆଦି ପରିସ୍ଥିତିର ସମ୍ମୁଖୀନ ହୋଇଥାନ୍ତି। ଡାଲମିଆ ଭାରତ ଗୁରୁତ୍ୱହୀନ ହୋଇ ରହିଥିବା ଏହି ଗ୍ରାମୀଣ ମହିଳାଙ୍କ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ରମ ଜରିଆରେ ପାରିବାରିକ ଦାୟିତ୍ୱ ତୁଲାଉଥିବା ସହ ଆୟ ବୃଦ୍ଧି ଘଟାଇ ସେମାନଙ୍କର ଉତ୍ଥାନ ନିମନ୍ତେ କାର୍ଯ୍ୟ କରୁଛି। ଆମର ପ୍ରତିବଦ୍ଧତା ଜାତିସଂଘ ଦୀର୍ଘସ୍ଥାୟୀ ଲକ୍ଷ୍ୟ ମୁତାବକ ହୋଇଛି, ଯାହା ଏକ ସମାବେଶୀ ଏବଂ ଦୀର୍ଘସ୍ଥାୟୀ ଭାରତ ଗଠନ ନିମନ୍ତେ ଆତ୍ମନିର୍ଭରଶୀଳତା ଓ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରୁଛି। ଯେଉଁଠାରେ ସଶକ୍ତ ମହିଳା ଗୋଷ୍ଠୀସମୂହ ଏବଂ ରାଷ୍ଟ୍ରୀୟ ବିକାଶକୁ ଆଗେଇ ନେଉଛନ୍ତି। ପ୍ରୋଜେକ୍ଟ ହସ୍ତକଳା ଆନନ୍ଦରେ ଉପାର୍ଜନ କରିବାର ଏକ କୌଶଳ ବିକାଶ କାର୍ଯ୍ୟକ୍ରମ, ଯେଉଁଠାରେ ମହିଳାମାନଙ୍କୁ ଟାଇ ଆଣ୍ଡ ଡାଇ ବାଟିକ ଉତ୍ପାଦଗୁଡିକ ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି। ଏହି ପ୍ରକଳ୍ପ ଓଡ଼ିଶାର ଝଗରପୁର ଓ କଟଙ୍ଗ ପଞ୍ଚାୟତର ଆଦିବାସୀବହୁଳ ଅଞ୍ଚଳରେ କାର୍ଯ୍ୟକାରୀ କରାଯାଉଛି। ଜାତୀୟ ସ୍ତରର ପ୍ରଦର୍ଶନୀଗୁଡିକରେ ଏହାର ବ୍ୟାପକ ସଫଳତା ଲକ୍ଷ୍ୟ କରିବା ପରେ ଡାଲମିଆ ଭାରତ ବେଡଶିଟ୍, ରୁମାଲ, ସ୍କାର୍ଫ ଭଳି ହାତତିଆରି ବାଟିକ୍ ଉତ୍ପାଦକୁ ବହୁଧା ବିପଣନ ମଞ୍ଚ ଜରିଆରେ ପ୍ରୋତ୍ସାହିତ କରିବାକୁ ସାଦ୍ରି.ଇ ବ୍ରାଣ୍ଡ ପ୍ରଚଳନ କରିଥିଲା। ସେହିପରି, ଛତୁ ଚାଷ ଜରିଆରେ ଏସ୍‌ଏଚ୍‌ଜି ମହିଳାଙ୍କୁ ତାଲିମ କାର୍ଯ୍ୟକ୍ରମ ସହ ବଜାର ସଂଯୋଗୀକରଣ ଏବଂ ନିଜସ୍ୱ ଛତୁ ଚାଷ ୟୁନିଟ ସ୍ଥାପନ ଜରିଆରେ, ସେମାନଙ୍କୁ ମାସିକ ୫ ହଜାର ଟଙ୍କାର ଆୟ ସୁଯୋଗ କରାଇଛି। ଆନ୍ତର୍ଜାତିକ ଗ୍ରାମୀଣ ମହିଳା ଦିବସ ପ୍ରତିବର୍ଷ ଅକ୍ଟୋବର ୧୫ ତାରିଖରେ ପାଳନ କରାଯାଇ କୃଷି, ଖାଦ୍ୟ ନିରାପତ୍ତା ଓ ଗ୍ରାମୀଣ ବିକାଶ କ୍ଷେତ୍ରରେ ଗ୍ରାମାଞ୍ଚଳ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରୋତ୍ସାହନ ଦେଉଛି।

## ଆଜି କ'ଣ କେଉଁଠି

ଦେବଗଡ଼
- ବିଜେଡିପକ୍ଷରୁସ୍ୱେଚ୍ଛାକୃତରକ୍ତଦାନଶିବିର ବଲମ ଦୁର୍ଗା ପୂଜା ମଣ୍ଡପ, ପୂର୍ବାହ୍ନ ୯ଟା
- ହାପି ଟୁ ହେଲ୍ପ ଫାଉଣ୍ଡେସନ ପକ୍ଷରୁ ମେଗା ରକ୍ତଦାନ ଶିବିର ରୟାଲ ଭେନ୍ୟୁ ପ୍ରତାପ ଭବନ, ପୂର୍ବାହ୍ନ ୯ଟା

# ସାଇବର ସଚେତନତା ଅଭିଯାନ



**ଦେବଗଡ,୧୫।୧୦(ଶଶାଙ୍କ ଶେଖର ଝାଙ୍କର)**

ଭାରତୀୟ ଷ୍ଟେଟ ବ୍ୟାଙ୍କ ସହାୟତାରେ ଦେବଗଡ ଜିଲା ପୋଲିସ ଓ ପ୍ରଶାସନ ପକ୍ଷରୁ ଗତ ୨ରୁ ଆରମ୍ଭ ହୋଇଥିବା ସାଇବର ସଚେତନତା ଅଭିଯାନ ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଗୋପାଳଜୀ ମନ୍ଦିର ପଡିଆଠାରେ ଏସ୍‌ଡିପିଓ ସୌମ୍ୟ ରଞ୍ଜନ ମଲ୍ଲିକଙ୍କ ପରିଚାଳନା ଓ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ହେମନ୍ତ କୁମାର ପଣ୍ଡା, ଉପ ଜିଲାପାଳ ପରକ୍ଷୀତ ସାହୁ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପରିଚାଳକ ସୁଶାନ୍ତ କୁମାର ଦାଶ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ତଥା ଜିଲାପାଳ ଉପାଧ୍ୟାୟ ନିଜର ବକ୍ତବ୍ୟ ଉପସ୍ଥାପନ କରି ଜିଲାରେ ସାଇବର ସଚେତନତା ଅଭିଯାନ ବେଶ ସଫଳତାର ସହିତ ସମ୍ପନ୍ନ ହୋଇଥିବା ଦର୍ଶାଇ ଏଥିପାଇଁ ଜିଲା ପୋଲିସକୁ ସାଧୁବାଦ ଜଣାଇଥିଲେ। ଜିଲା ଆରକ୍ଷୀ ଅଧିକ୍ଷକ ମିଶ୍ର ଦୀର୍ଘ ୨ ସପ୍ତାହ ଧରି ଆୟୋଜିତ ସାଇବର ସଚେତନତା ଅଭିଯାନ ସଫଳ ହୋଇଥିବା ଦର୍ଶାଇବା ସହ ଏହି ସମୟସୀମା ମଧ୍ୟରେ ଜିଲାର କୌଣସି ଥାନା, ଫାଣ୍ଡିରେ ସାଇବର ଅପରାଧ ସମ୍ପର୍କୀତ ଅଭିଯୋଗ ହୋଇ ନ ଥିବା ପ୍ରକାଶ କରିଥିଲେ। ଏଥିସହ ଏହି ସଫଳତା ନିମନ୍ତେ ପ୍ରଶାସନ, ପୋଲିସ ଅଧିକାରୀ ଓ ବରିଷ୍ଠ ନାଗରିକଙ୍କ ସମେତ ସମସ୍ତ ବର୍ଗର ଲୋକଙ୍କୁ ସାଧୁବାଦ ଜଣାଇଥିଲେ। ଜିଲାରେ ଆୟୋଜିତ ସାଇବର ସଚେତନତା ଅଭିଯାନ ସଫଳ ରୂପାୟନ ପାଇଁ ନୋଡାଲ ଅଫିସର ତଥା ଉପ ଜିଲାପାଳ ସାହୁ, ଏସ୍‌ଡିପିଓ ମଲ୍ଲିକ, ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପରିଚାଳକ ଦାଶ, ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଆଦର୍ଶ ଥାନା ଅଧିକାରୀ ସରୋଜ କୁମାର ସେଠୀ, ରିଜର୍ଭ ଇନ୍ସପେକ୍ଟର ହମ୍ବିରା ସୋରେନ ଓ କନେଷ୍ଟବଳ ପ୍ରଭାତ କୁମାର ବିଶ୍ୱାଳଙ୍କ ସମେତ ସଚେତନତାମୂଳକ କ୍ଷୁଦ୍ର ନାଟକ ପରିବେଷଣ କରିଥିବା ସାଂସ୍କୃତିକ ଦଳ ଓ ପୋଲିସ କର୍ମଚାରୀଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଜିଲାରେ ଏହି ଅଭିଯାନର ସଫଳତା ନିମନ୍ତେ ସମସ୍ତ ୫ ଥାନାର ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶଂସା କରାଯାଇଥିଲା। ରାମଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନାଗରିକ, ମାଣ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଯୋଗଦେଇଥିଲେ।

## ଗାଁ ଲୋକେ ତିଆରି କଲେ ରାସ୍ତା



ଗ୍ରାମବାସୀ ଏକାଠି ହୋଇ ରାସ୍ତା ନିର୍ମାଣ କରୁଛନ୍ତି।

**ରିଆମାଳ, ୧୫।୧୦(ନିରଞ୍ଜନ ବେହେରା)**

ରିଆମାଳ ବ୍ଲକ ଗୁଣ୍ଡିଆପାଲି ପଞ୍ଚାୟତ ଧଉରାଗୋଠ ଗ୍ରାମ ଭିତରର ୨କି.ମି ରାସ୍ତା ବହୁ ବର୍ଷ ହେବ ବିପର୍ଯ୍ୟସ୍ତ ହୋଇ ପଡି ରହିଥିଲା। ବାରମ୍ବାର ପଞ୍ଚାୟତଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଗୁହାରୀ କରି କେହି ମଧ୍ୟ ଏହାର ଉନ୍ନୟନ ପାଇଁ ଆଗକୁ ହାତ ବଢାଇ ନ ଥିଲେ। ରବିବାର ବାଧ ହୋଇ ଖେଳ ପଡିଆଠାରୁ ଗାଁ ଭିତରର ପ୍ରାୟ ୯୦୦ ମିଟରରୁ ଅଧିକ ରାସ୍ତାକୁ ଗ୍ରାମବାସୀ ମିଳିତ ଭାବେ ନିଜସ୍ୱ ଉଦ୍ୟମରେ ନିର୍ମାଣ କରିଥିବା ଦେଖିବାକୁ ମିଳିଥିଲା। ଉକ୍ତ କାର୍ଯ୍ୟଟି ଛତ୍ରପତି ଶିବାଜୀ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଅବସର ପ୍ରାପ୍ତ ସେନାଅଧିକାରୀ ଧ୍ୟାନଚାନ୍ଦ ପ୍ରଧାନ ଏହାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ନେଇଥିଲେ। ଗ୍ରାମର ପ୍ରାୟତଃ ସମସ୍ତ ବ୍ୟକ୍ତି ଉକ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ଏବଂ ପ୍ରଶାସନ କିଭଳି ସ୍ଥାଣୁ ଓ ପଙ୍ଗୁ ହୋଇଯାଇଛି ଏହା ଏକ ଉଦାହରଣ ବୋଲି କହିଥିଲେ। ଏଥିରେ ଭାଜପା ଯୁବ ନେତା ସୁଧିର କୁମାର ବ୍ରହ୍ମା ସହଯୋଗର ହାତ ବଢ଼ାଇଥିଲେ।

## ଜଗନ୍ନାଥଙ୍କଠାରେ ସମର୍ପଣ ହେଲା ବ୍ରହ୍ମ କମଳ ଫୁଲ

**କର୍ଲାମୁଣ୍ଡା,୧୫।୧୦(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ବ୍ୟବସାୟୀ ନିତ୍ୟାନନ୍ଦ ମହାପାତ୍ରଙ୍କ ବାସଭବନରେ ବ୍ରହ୍ମ କମଳ ଫୁଲ ଫୁଟିଥିବା ଦେଖିବାକୁ ମିଳିଛି। ତେବେ ଏହି ଫୁଲ ପାଇଁ ଦୁଇ ବର୍ଷ ଧରି ଚେଷ୍ଟା କରି ଆସୁଥିବା ବେଳେ ଶନିବାର ରାତିରେ ଫୁଲ ଫୁଟିଥିବା ଦେଖିବାକୁ ପାଇଥିଲେ। ମହାପାତ୍ରଙ୍କ ପରିବାର ରବିବାର ସକାଳେ କର୍ଲାମୁଣ୍ଡା (ବସ୍ତି)ରେ ଥିବା ଜଗନ୍ନାଥ ମନ୍ଦିରକୁ ଯାଇ ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରି ବ୍ରହ୍ମ କମଳ ଫୁଲ ପ୍ରଭୁ ଜଗନ୍ନାଥଙ୍କୁ ସମର୍ପଣ କରିଥିଲେ।

## ଏସ୍‌ଏଚ୍‌ଜି ମହିଳାଙ୍କ ତାଲିମ ଶିବିର

**ରୁପ୍ରାରୋଡ୍,୧୫।୧୦(ସଞ୍ଜୀବ ଦାସ)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ଗ୍ରାମପଞ୍ଚାୟତରେ ଏସଏଚଜି ମହିଳାମାନଙ୍କୁ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସତ୍ୟ ମାକ୍ରୋ କ୍ୟାପିଟାଲ ଲିମିଟେଡ଼ ସଂସ୍ଥା ପକ୍ଷରୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତୁଷୁରା ରିଯୋନ ମ୍ୟାନେଜର ସୌମ୍ୟରଞ୍ଜନ ମନ୍ତ୍ରୀ ଓ ଯୋନାଲ ବ୍ରାଞ୍ଚ ମ୍ୟାନେଜର ମୁନିନ୍ଦ୍ର ପଣ୍ଡା ଯୋଗଦେଇ ଚୋରି ରୋକିବା ସହ ସାଇବର୍ କ୍ରାଇମ ଓ ଟଙ୍କା ଉଠାଣ ସମୟରେ ସତର୍କତା ଅବଲମ୍ବନ କରିବାକୁ ଅନୁରୋଧ କରିବା ସହ କେସଲେସ କିସ୍ତି ପୈଠ ବ୍ୟବସ୍ଥା ଆପଣାଇବା ସହ ବ୍ୟାଙ୍କରେ ଟଙ୍କା ସଞ୍ଚୟ ପାଇଁ ସଚେତନ କରାଇଥିଲେ। ଭବାନୀପାଟଣା ଶାଖା ପରିଚାଳକ କାର୍ତ୍ତିକେଶ୍ୱର ପ୍ରଧାନ, ଟ୍ରେନର ସୁଶାନ୍ତ ନାୟକ ଓ ସୁଶ୍ରୀ ଦେବସ୍ମିତା ସାହୁ ଓ ରୁପ୍ରା ସରପଞ୍ଚ ପ୍ରତିନିଧି ସୁଶାନ୍ତ ସେନାପତି ପ୍ରମୁଖ ଏସଏଚଜି ମହିଳାମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ମହିଳା ଗୋଷ୍ଠୀଙ୍କୁ ଟଙ୍କା ଉଠାଣ, ଟଙ୍କା କିପରି ସଞ୍ଚୟ କରାଯିବ ଏବଂ ଟଙ୍କାକୁ କିପରି ଠିକ ଯାଗାରେ ବ୍ୟବହାର କରି ନିଜେ ସୁଦୃଢ଼ ହୋଇପାରିବା ସେ ନେଇ ତାଲିମ ପ୍ରଦାନ କରିଥିଲେ।

## ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ ଉଦ୍‌ଯାପିତ



କାର୍ଯ୍ୟକ୍ରମରେ କଂଗ୍ରେସ ନେତା, କର୍ମୀ ସାମିଲ ହୋଇଛନ୍ତି।

**ଦେବଗଡ,୧୫।୧୦(ଶଶାଙ୍କ ଶେଖର ଝାଙ୍କର) :** ଦେବଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ଗାନ୍ଧି ଜୟନ୍ତୀ ଦିବସରୁ ଆରମ୍ଭ ହୋଇଥିବା ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଜିଲା କଂଗ୍ରେସ କମିଟି ସଭାପତି ସେମ୍ ହେମ୍ବ୍ରମଙ୍କ ନେତୃତ୍ୱରେ ବହୁ କଂଗ୍ରେସ ନେତା ଓ କର୍ମୀ ବାରକୋଟ ବ୍ଲକ ଦନ୍ତାରୀବାହାଲ ପଞ୍ଚାୟତର ଗୟାରମୁଣ୍ଡା, ମଦନ କଟେଇ, ଶ୍ରୀରାମ କଟେଇ, ରମ୍ଭେଇ ପଞ୍ଚାୟତର ଡାହିପାଳ ସମେତ ବିଭିନ୍ନ ଗ୍ରାମକୁ ଯାଇ ଘରେ ଘରେ ଲିଫଲେଟ୍ ବାଣ୍ଟିବା ସହ ଜିଲା ପ୍ରତି ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ଉପରେ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ନିର୍ବାଚନରେ ଠିକ ପ୍ରାର୍ଥୀଙ୍କୁ ଚୟନ କରିବାକୁ ଜନସାଧାରଣଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାରକୋଟ ବ୍ଲକ କଂଗ୍ରେସ ସଭାପତି ଯଶୋବନ୍ତ ପ୍ରଧାନ, ରିଆମାଳ ବ୍ଲକ କଂଗ୍ରେସ ସବାପତି ସୁଶାନ୍ତ କୁମାର ସ୍ୱାଇଁ, ଜିଲା ଯୁବ କଂଗ୍ରେସ ସଭାପତି ସଲମାନ ହେନେଜ, ଜିଲା ଛାତ୍ର କଂଗ୍ରେସ ସଭାପତି ଆନନ୍ଦ କୁଲା, ଦେବେନ୍ଦ୍ର ଗଡନାୟକ, ନରୋତମ ବେହେରା, ମଦନ ମୋହନ ସାହୁ ଓ ମନୋଜ ସାହୁଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ସାମିଲ ଥିଲେ।

## ଜମିବାଡ଼ି ବିବାଦରୁ ଯୁବକଙ୍କୁ ହତ୍ୟା

**ସିନାପାଲି,୧୫।୧୦(ମନଫୁଲ ମେହେର)**

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଝାରବନ୍ଧ ପଞ୍ଚାୟତ ମାଲପଡା ଗ୍ରାମରେ ଜମିବାଡି ବିବାଦ ନେଇ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ଏ ନେଇ ସିନାପାଲି ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ସୁଶିଲ କୁଲଦିପ (୩୫)। ପ୍ରାପ୍ତ ଖବର ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ମାଲପଡା ଗ୍ରାମର ଟଙ୍କଧର ଦିପ (୪୦) ଓ ସୁଶିଲ କୁଲଦିପଙ୍କ ମଧ୍ୟରେ ପୂର୍ବରୁ ଲାଗି ରହିଥିବା ଜମିବାଡିକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ଟଙ୍କଧର ସୁଶିଲଙ୍କୁ ଆକ୍ରମଣ କରିଥିଲେ। ସେଠାରୁ ପରିବାର ଲୋକେ ସୁଶିଲଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକେ ସିନାପାଲି ଥାନାରେ ଅଭିଯୋଗ କରିଥିଲେ।

## ମା' କନକଦୁର୍ଗା ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ



ମା' କନକ ଦୁର୍ଗା ମନ୍ଦିରରେ ନବରାତ୍ର ପୂଜା।

**ଦେବଗଡ଼,୧୫।୧୦(ଶଶାଙ୍କ ଶେଖର ଝାଙ୍କର):** ପୌରାଞ୍ଚଳସ୍ଥିତ ମଠସାହିରେ ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ମା' କନକ ଦୁର୍ଗା ମନ୍ଦିରରେ ନବରାତ୍ର ପୂଜା ରବିବାରଠୁ ଆରମ୍ଭ ହୋଇଯାଇଛି। ସକାଳୁ ସଂକୀର୍ତ୍ତନ, ହାଡ଼ି ବାଜାଦଳଙ୍କ ଗହଣରେ ପୂଜା କମିଟି କର୍ମକର୍ତ୍ତା ତଥା ବହୁସଂଖ୍ୟକ ମହିଳା ପୁରୁଷ ପ୍ରଧାନପାଟସ୍ଥିତ ଜଳପ୍ରପାତରୁ କଳସୀରେ ପବିତ୍ର ଜଳ ସଂଗ୍ରହ କରିବା ସହ ମା'ପଧାନୀଙ୍କ ପୀଠରେ ପୂଜାର୍ଚ୍ଚନା କରିଥିଲେ। ପରେ ମନ୍ଦିରରେ କଳସୀ ସ୍ଥାପନ କରିଥିଲେ। ମନୋରମା କ୍ଲବ ଏବଂ ମଠ ସାହି ମା' କନକଦୁର୍ଗା ପୂଜା କମିଟି ତରଫରୁ ଆୟୋଜିତ ପୂଜାରେ ୯ ଦିନ ଧରି ପ୍ରତ୍ୟେକ ଦିନ ମା'ଙ୍କୁ ବିଭିନ୍ନ ବେଶରେ ସଜାଯିବା ସହ ଭକ୍ତମାନଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଛି। ସେହିପରି ଚଣ୍ଡିପାଠ ସହ ଅଖଣ୍ଡ ଦୀପ ପ୍ରଜ୍ୱଳନ ଆଦି କାର୍ଯ୍ୟକ୍ରମମାନ ରଖାଯାଇଛି। ପୂଜାକାର୍ଯ୍ୟରେ ଦୁର୍ଗା ଉପାସକ ଦୀନବନ୍ଧୁ ଶତପଥୀ ଦାୟିତ୍ୱ ନେଇଥିବାବେଳେ କମିଟିର ସମସ୍ତ ସଦସ୍ୟ ପ୍ରମୁଖ ସକ୍ରିୟ ସହଯୋଗ କରୁଥିବା ଜଣାପଡ଼ିଛି।

## ସ୍ୱାସ୍ଥ୍ୟ ଶିବିର: ୨୭୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ସମ୍ବଲପୁର,୧୫।୧୦(ବି.ଶଙ୍କର)**



ହୀରାକୁଦ ହିଣ୍ଡାଲକୋ ଆୟୋଜିତ ସ୍ୱାସ୍ଥ୍ୟ ଶିବିରକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

ସମ୍ବଲପୁର ଜିଲା ହୀରାକୁଦସ୍ଥିତ ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ବିଶାଳ ସ୍ୱାସ୍ଥ୍ୟଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ତଥା ପ୍ରକଳ୍ପ ଅଶ୍ୱିନୀ ଅନ୍ତର୍ଗତ ଏହି ଶିବିର ଡେଙ୍ଗିମଚା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଥିଲା। ହିଣ୍ଡାଲକୋର ସ୍ମେଲଟର ମୁଖ୍ୟ ଦେବାଶିଷ ମଲ୍ଲିକ, ହୀରାକୁଦ କମ୍ପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ସ୍ମେଲଟର ଇଆର ମୁଖ୍ୟ ସତ୍ୟପ୍ରକାଶ ଦାସ, ସିଏସ୍‌ଆର ଓଡିଶା କ୍ଲଷ୍ଟର ମୁଖ୍ୟ ଶିବଶଙ୍କର ମହାପାତ୍ର ଓ ଗ୍ରାମର ବରିଷ୍ଠ ନାଗରିକ ଯୋଗେଶ୍ୱର ପ୍ରଧାନ, ନାଟୁ ବିଶ୍ୱାଳ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଶୁଭାରମ୍ଭ କରିଥିଲେ। ପାରିପାର୍ଶ୍ୱିକ ଓ କାରଖାନା ପରସ୍ପର ସହ ସର୍ବଦା ଜଡିତ। ତେଣୁ ହିଣ୍ଡାଲକୋ ତାର ପାରିପାର୍ଶ୍ୱିକ ଗ୍ରାମଗୁଡିକର ଉନ୍ନତି ପାଇଁ ସର୍ବଦା ପ୍ରୟାସଶୀଳ। ବିଶାଳ ସ୍ୱାସ୍ଥ୍ୟ ଶିବିର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ସହାୟକ ହେବ। ବିଗତ ଦିନଗୁଡିକରେ ସ୍ୱାସ୍ଥ୍ୟ ସେବା ପାଇଁ ନିଆଯାଇଥିବା କାର୍ଯ୍ୟକ୍ରମ ଏବଂ ତ୍ରିମାସିକ ମେଗା ସ୍ୱାସ୍ଥ୍ୟ ଶିବିର ବିଷୟରେ ଅବଗତ କରାଇଥିଲେ। ଜନସାଧାରଣଙ୍କ ସହଯୋଗରେ ସିଏସ୍‌ଆର ମାଧ୍ୟମରେ ପାରିପାର୍ଶ୍ୱିକ ଉନ୍ନତି କାର୍ଯ୍ୟ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିବିରରେ ମୋଟ ୨୭୫ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କୁ ମାଗଣାରେ ଔଷଧ ମଧ୍ୟ ଦିଆଯାଇଥିଲା। ହିଣ୍ଡାଲକୋର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁବ୍ରତ ଚାଟାର୍ଜୀ, ସିଏସ୍‌ଆର ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର ଓ ଲିଆଜନ ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା ଅନ୍ୟାନ୍ୟ ଅଧିକାରୀମାନେ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମକୁ ସିଏସ୍‌ଆର ବିଭାଗର ଆନନ୍ଦ ଚକ୍ରବର୍ତ୍ତୀ, ଜୀତେଶ ରଥ, ସରୋଜ ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ ଏବଂ ହିଣ୍ଡାଲକୋ ସ୍ୱାସ୍ଥ୍ୟ ବିଭାଗର ସତ୍ୟ ପଣ୍ଡାଙ୍କ ସହ ସମସ୍ତ କର୍ମଚାରୀ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଡେଙ୍ଗିମଚାର ଶିକ୍ଷୟିତ୍ରୀ ଓ ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଡେଙ୍ଗୀମଚା, ବୁଢ଼ାକଟା, ମହମ୍ମଦପୁର, ନୂଆଜାମଡା, ନୂଆଁଗୁଜତଲ, ଗଡ଼ମୁଣ୍ଡାର କୁଞ୍ଜବିହାରୀ ବନଛୋର, କ୍ଷମାସାଗର ସାହୁ, ଜଗନାଥ ପଣ୍ଡା, ପ୍ରମୋଦ ବିଶ୍ୱାଳ, ଦୀପକ ଭୋଇ, କୈଳାସ କିଷାନ ସାମିଲ ଥିଲେ। ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଯୋଗେଶ୍ୱର ପ୍ରଧାନ ଓ ମିତ୍ରଭାନୁ ପୋଡଶିବିର ବିଷୟରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ସ୍ୱାସ୍ଥ୍ୟ ଶିବିରକୁ ହିଣ୍ଡାଲକୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେ ମାର୍ଗଦର୍ଶନ ଦେଇଥିବା ବେଳେ ଓଡିଶା କ୍ଲଷ୍ଟର ମାନବ ସମ୍ବଳ ମୁଖ୍ୟ କ୍ରୀଷ୍ଣା ପାଢ଼ୀ ପରାମର୍ଶ ଦେଇଥିଲେ।

## ଦଳଗତ ନୃତ୍ୟରେ ସମ୍ବଲପୁର ମଣ୍ଡଳ ଶ୍ରେଷ୍ଠ

**ସମ୍ବଲପୁର,୧୫।୧୦(ବି.ଶଙ୍କର)**

### ସମ୍ବଲପୁର ମଣ୍ଡଳ ପକ୍ଷରୁ ଆନ୍ତଃ ବିଭାଗୀୟ ନୃତ୍ୟ ପ୍ରତିଯୋଗିତା




ସମ୍ବଲପୁରସ୍ଥିତ ରେଳବାଇ କମ୍ୟୁନିଟି ସେଣ୍ଟରଠାରେ ଅତିଥିଙ୍କଠାରୁ ପ୍ରତିଯୋଗୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

ପୂର୍ବତଟ ରେଳ ସମ୍ବଲପୁର ମଣ୍ଡଳ ପକ୍ଷରୁ ଆନ୍ତଃବିଭାଗୀୟ ସାଂସ୍କୃତିକ (ନୃତ୍ୟ) ପ୍ରତିଯୋଗିତା ରବିବାର ରେଳବାଇ କମ୍ୟୁନିଟି ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏକକ ଓ ଦଳଗତ ସାଂସ୍କୃତିକ ପ୍ରତିଯୋଗିତାରେ ସମ୍ବଲପୁର ମଣ୍ଡଳ, ଖୋର୍ଦ୍ଧାରୋଡ ମଣ୍ଡଳ, ୱାଲ୍ଟେୟାର ମଣ୍ଡଳ, ପୂର୍ବତଟ ରେଳବାଇ ଏବଂ ମଞ୍ଚେଶ୍ୱର ୱାର୍କସପ, ଭୁବନେଶ୍ୱରର ଦଳ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ବିନୀତ ସିଂ, ପୂର୍ବତଟ ରେଳବାଇର ମୁଖ୍ୟ ପର୍ଶନାଲ ଅଫିସର ସିଦ୍ଧାର୍ଥ କଟି ଏବଂ ସମ୍ବଲପୁର ଅତିରିକ୍ତ ମଣ୍ଡଳ ରେଳପ୍ରବନ୍ଧକ ଆନନ୍ଦ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରକାର ପ୍ରତିଯୋଗିତା ଆୟୋଜନ ଯୋଗୁଁ ଲୁକ୍କାୟିତ ପ୍ରତିଭା ଗୁଡିକର ପ୍ରଦର୍ଶନ ହେବ। ମୂଲ୍ୟବାନ ପ୍ରତିଭାଗୁଡିକ ଲୋକଲୋଚନକୁ ଆସିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦଳଗତ ନୃତ୍ୟ ପ୍ରତିଯୋଗିତାରେ ସମ୍ବଲପୁର ଡିଭିଜନ ପ୍ରଥମ, ମଞ୍ଚେଶ୍ୱର ୱାର୍କଶପ ଦ୍ୱିତୀୟ ଏବଂ ଖୋର୍ଦ୍ଧା ରୋଡ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଏକକ ନୃତ୍ୟ ବର୍ଗରେ ଖୋର୍ଦ୍ଧା ରୋଡ ଡିଭିଜନର ଲିପ୍ସା ରୟ ପ୍ରଥମ, ପୂର୍ବତଟ ରେଳବାଇର ନିକିତା ଶ୍ରୀଭାବ ଦ୍ୱିତୀୟ ଏବଂ ସମ୍ବଲପୁର ବିଭାଗର ପ୍ରିୟଙ୍କା ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ। ନୃତ୍ୟଗୁରୁ ଆଲୋକ କୁମାର ପଣ୍ଡା, ସୁନ୍ଦରଲାଲ ପଟେଲ ଓ ଆର.କେ କନହର ବିଚାରକ ଥିଲେ। ସମ୍ବଲପୁରର ବରିଷ୍ଠ ବୋର୍ଡ ପର୍ଶନାଲ ଅଫିସର ଜୁସୁଫ କବୀର ଅନସାରୀ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ଫଟୋରେ ଖବର



ନବରାତ୍ର ଉପଲକ୍ଷେ ରବିବାର ସମ୍ବଲପୁର ସମଲେଶ୍ୱରୀ ମନ୍ଦିରରେ ମାନସୀକ ଦୀପ ପ୍ରଜ୍ୱୋଳନ କରାଯାଉଛି।



ରବିବାର ସମ୍ବଲପୁର ଜିଲାକ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

## ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ରିଆମାଳ, ୧୫।୧୦(ନିରଞ୍ଜନ ବେହେରା):** ରିଆମାଳ ବ୍ଲକ ନାଉଲିପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଓ ଓଡିଶା ମିଲେଟ୍ସ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଏଡିଇଓ ତଥା ବିଇଓ ବିନୋଦ କୁମାର ସିଂଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୁଦନ ପ୍ରଧାନ, ମୁଖ୍ୟବକ୍ତା ରିଆମାଳ ଥାନାଧିକାରୀ ସରସ୍ୱତୀ ଡୁଙ୍ଗୁ, ସମ୍ମାନିତ ଅତିଥି ଗୋଷ୍ଠୀ ସାଧନ ସଂଯୋଜକ ଉମାକାନ୍ତ ପ୍ରଧାନ, ଅତିରିକ୍ତ ଶିକ୍ଷାଧିକାରୀ ସଂଯୁକ୍ତା ସାମଲ, ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ସଦସ୍ୟ ହୃଷିକେଶ ପ୍ରଧାନ, ପ୍ରଧାନ ଶିକ୍ଷକ ନାଉଲିପଡା ନିର୍ମଳ ରଣା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଷୟରେ ମାର୍ଗଦର୍ଶନ କରିଥିଲେ। ସେହିଭଳି ଉଦ୍‌ଯାପନୀ ଉତ୍ସବରେ ଏଡିଇଓ ତଥା ବିଇଓ ବିନୋଦ କୁମାର ସିଂଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ମୁଖ୍ୟବକ୍ତା ଅତିରିକ୍ତ ଆରକ୍ଷୀ ଅଧିକାରୀ ହେମନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଡା. ଶ୍ରୀକାନ୍ତ ବିଶି, ଅତିରିକ୍ତ ଶିକ୍ଷା ଅଧିକାରୀ ବନିତା ବେହେରା, ଶିକ୍ଷାବିତ ବସନ୍ତ ପ୍ରଧାନ, ପ୍ରଧାନ ଶିକ୍ଷକ ନିର୍ମଳ ରଣା ଉପସ୍ଥିତ ରହି ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ସକାଳ ୮ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୨ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଯୌତୁକ ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ

ବେଲପଡ଼ା,୧୫।୧୦(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଅନ୍ତର୍ଗତ ମାଲପଡ଼ା ଗାଁର ଜଣେ ମହିଳା(୨୪) ତାଙ୍କ ସ୍ୱାମୀଙ୍କ ବିରୋଧରେ ରବିବାର ଯୌତୁକ ନିର୍ଯାତନା ଅଭିଯୋଗ ଆଣିଥିଲେ। ଯୌତୁକ ପାଇଁ ତାଙ୍କ ସ୍ୱାମୀ ତାଙ୍କୁ ଗାଳିଗୁଲଜ କରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ପୀଡିତା ଥାନାରେ ଅଭିଯୋଗ କରିଥିଲେ। କିଛିଦିନ ପୂର୍ବରୁ ସ୍ୱାମୀ ତାଙ୍କ ନଗ୍ନଫଟୋ ନିଜ ମୋବାଇଲରେ ଉଠାଇ ଭାଇରାଲ କରିଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ଆଧାରରେ ବେଲପଡ଼ା ଥାନା ପୋଲିସ ତଦନ୍ତ ପୂର୍ବକ ଅଭିଯୁକ୍ତ ସ୍ୱାମୀଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି।

### ତୁଷୁରାରେ ଅଗ୍ରସେନ ଜୟନ୍ତୀ

ଗୁଡ଼ଭେଲା,୧୫।୧୦(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ଅଗ୍ରସେନ ଭବନରେ ରବିବାର ମାରୱାଡି ସମ୍ମିଳନୀ ପକ୍ଷରୁ ମହାରାଜ ଅଗ୍ରସେନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସମ୍ମିଳନୀର ଅଧ୍ୟକ୍ଷ ଚନ୍ଦ୍ରଭାନ ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋହନ ଅଗ୍ରୱାଲ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମାଜସେବୀ ନଥୁରାମ କେଡିଆ ମଞ୍ଚାସୀନ ଥିଲେ। ସଞ୍ଜୟ ଜୈନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମ୍ୟୁଜିକ ଚେୟାର, ଫ୍ୟାନ୍ସିଡ୍ରେସ, ହିଟ ଦ ଗ୍ଲାସ, କପ ସେ ପିରାମିଡ ବନାଓ, ନାଇଟ ବଲ ଗେମ, ଲୁଡୁ, ବାସକେଟ ବଲ, ରିଙ୍ଗ ଗେମ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦୀନଦୟାଲ କେଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଜପାର କର୍ମୀ ସମାବେଶ



ଖପ୍ରାଖୋଲ, ୧୫।୧୦(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ପଞ୍ଚାୟତ ସାନଡେଜେନ ଖେଳପଡିଆରେ ଭାଜପାର ମଣ୍ଡଳସ୍ତରୀୟ କର୍ମୀ ସମାବେଶ ଓ ନୂଆଁଖାଇ ଭେଟ୍‌ଘାଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଦେବକାନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଏମ୍‌ପି ସଙ୍ଗୀତ କୁମାରୀ ସିଂଦେଓ, ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଜିଲା କୃଷକ ମୋର୍ଚ୍ଚା ସଭାପତି ମାଧବ ସାଏ, ବ୍ଲକ ପ୍ରଭାରୀ ପ୍ରବୋଧାନନ୍ଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଦଳକୁ ତୃଣମୂଳସ୍ତରରୁ ସଂଗଠିତ କରିବାକୁ ଆହ୍ୱାନ ଦେଇଥିଲେ। ମୋଦି ସରକାରର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ସଫଳତା ଗାଁ ଗାଁରେ ଜଣାଇବାକୁ ନେତୃବୃନ୍ଦ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ସମାବେଶରେ ନାରୀ ନେତ୍ରୀ ରିତା ଘଣା, ସୁବାସ ସାହୁ, ଏମ୍‌ପି ପ୍ରତିନିଧି ପ୍ରବୀଣ ପୁରୋହିତ, ଉପେନ୍ଦ୍ର ଭୋଇ, ଫକୀର ପ୍ରଧାନ, ସତ୍ୟାନନ୍ଦ ସେନ୍ଦ୍ରିଆଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

# କଂଗ୍ରେସ ଲୋକଙ୍କ ପାଖରେ ବିକାଶ ପହଞ୍ଚାଇଥାଏ

ବଲାଙ୍ଗୀର,୧୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମରେ ରବିବାର ବଲାଙ୍ଗୀର ବ୍ଲକ ସକ୍‌ମାଠାରେ ଫାସଡ ପର୍ଯ୍ୟନ୍ତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଏଥିରେ ଯୋଗଦେଇ ପ୍ରତିପକ୍ଷ ଭାଜପା ଏବଂ ବିଜେଡି ଉପରେ ବର୍ଷିଥିଲେ। ଗାଁରୁ ଜିଲା, ଜିଲାରୁ ରାଜ୍ୟ ଯେଉଁଆଡେ ଦେଖିଲେ ଲୋକେ ଭାଜପା ଏବଂ ବିଜେଡିର ମିଥ୍ୟା ପ୍ରତିଶ୍ରୁତି ଦିଆ ରାଜନୀତି ଯୋଗୁଁ ଦୁର୍ଦ୍ଦଶା ଭୋଗୁଛନ୍ତି। ଶିକ୍ଷା ହେଉ କି କୃଷି, ଗମନାଗମନ ହେଉ କି ସ୍ୱାସ୍ଥ୍ୟ କୌଣସି ଗୋଟିଏ ବି ବିଭାଗ ଲୋକଙ୍କ ପାଇଁ ଠିକ୍ ଭାବରେ କାମ କରୁନାହିଁ। ଶିକ୍ଷା ବିଭାଗରେ ଭିତ୍ତିଭୂମି ଥିଲେ ହେଁ ପାଠ ପଢେଇବା ପାଇଁ ଶିକ୍ଷକ ଓ କର୍ମଚାରୀ ନାହାନ୍ତି । ଡାକ୍ତରଖାନାରେ ଡାକ୍ତର ନାହାନ୍ତି ଏବଂ କୃଷକର ଜମିକୁ ଜଳସେଚନ ହେଇପାରିନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଆଉ ବେଶୀ ଦିନ ଭୁଆଁ ବୁଲାଇ ପାରିବେ ନାହିଁ ବୋଲି ବିଧାୟକ ମିଶ୍ର କହିଥିଲେ। ଏହି ପଦଯାତ୍ରାରେ କଂଗ୍ରେସ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। କିରାବାହାଲ ଓ ଫାସଡଠାରେ ଆୟୋଜିତ ସାଧାରଣ ସଭାରେ ସମରେନ୍ଦ୍ର ବକ୍ତବ୍ୟ ରଖି ଏହି ଅଞ୍ଚଳ ପ୍ରତି ସବୁବେଳେ ତାଙ୍କର ଭାବଗତ ସମ୍ପର୍କ ରହିଛି ଏବଂ ସେ ସବୁବେଳେ ସମ୍ପର୍କକୁ ରାଜନୀତିରୁ ଉର୍ଦ୍ଧ୍ୱରେ ରଖିଛନ୍ତି ବୋଲି କହିଥିଲେ। ଯେଉଁମାନେ ମିଛ ରାଜନୀତିରେ ବିଶ୍ୱାସ କରନ୍ତି, ଲୋକଙ୍କ ସମସ୍ୟାର ସହିତ ନରହି ବଲାଙ୍ଗୀରକୁ ଏକ ରାଜନୈତିକ ପର୍ଯ୍ୟଟନସ୍ଥଳୀ ଭାବେ କେବଳ ସମୟ ଅତିବାହିତ କରିବା ପାଇଁ ଆସନ୍ତି ସେମାନଙ୍କୁ ଲୋକେ ଆଗାମୀ ଦିନରେ ଉଚିତ ଜବାବ ଦେବେ ବୋଲି କହିଥିଲେ। ବଲାଙ୍ଗୀରରେ ମେଡିକାଲ କଲେଜ, ଜଳସେଚନ, ଶିକ୍ଷା ଭିତ୍ତିଭୂମି, କ୍ରୀଡା ଭିତ୍ତିଭୂମି, ପର୍ଯ୍ୟଟନ ସ୍ଥଳୀର ବିକାଶ କେବଳ ଲୋକଙ୍କ ଏକତାର ଲଢେଇ ଏବଂ କଂଗ୍ରେସ ଦଳ ସହ ବିଧାୟକ ନରସିଂହ ମିଶ୍ରଙ୍କ ପ୍ରତି ଥିବା ବିଶ୍ୱାସ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ରାଣୀପାଲି ଓ ଫାସଡଠାରେ ୪ଟି ଉଚ୍ଚକ୍ଷମତା ସମ୍ପନ୍ନ ହାଇମାଷ୍ଟ ଲାଇଟ, ରାଣୀପାଲିଠାରେ ଦୁଇଟି ମଣ୍ଡପ ଓ ସକମାରେ ରାମଲୀଳା ମଣ୍ଡପର ଶୁଭ ଉଦ୍‌ଘାଟନ ଓ ଜଗନ୍ନାଥ ମଣ୍ଡପର ଭିତ୍ତିଭୂମି ସ୍ଥାପନ କରାଯାଇଥିଲା। ସକମା ସରପଞ୍ଚ ସଞ୍ଜୀବ ପ୍ରଧାନ, ବ୍ଲକ କଂଗ୍ରେସ ସଭାପତି ରାମ ମିଶ୍ର, ରାଜା ପଣ୍ଡା, ଲମ୍ବୋଦର ମହାକୁର, ବିପିନ ପଟେଲ, ଶ୍ରୀଧର ବାରିକ, ବ୍ଲକ ସରପଞ୍ଚ ସଭାପତି ବଳଦେବ ସାହୁ, ସରପଞ୍ଚ ଭରତ ଛତ୍ରିଆ, ପୂର୍ବତନ ଅଧ୍ୟକ୍ଷ ଯଶୋବନ୍ତୀ ବଘାର, ଲକ୍ଷ୍ମୀ ନନ୍ଦ, ରମ୍ଭା ରଣା, ଲକ୍ଷ୍ମୀ ନନ୍ଦ, ଶ୍ରୀୟା ସାହୁଙ୍କ ସହ ପଦଯାତ୍ରାରେ ସହସ୍ରାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ।



ସକ୍‌ମାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ମିଶ୍ର ଓ ସମରେନ୍ଦ୍ର ମିଶ୍ର।

**ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ**

# ଜିଲାସ୍ତରୀୟ ଶିଶୁ ମହୋତ୍ସବ-୨୦୨୩

ଖଡ଼ିଆଳ,୧୫।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଶିଶୁ ସୁରକ୍ଷା ବିଭାଗ ତତ୍ତ୍ୱାବଧନରେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା 'ଉତ୍ସାହ' ଖଡ଼ିଆଳ ରାଜା ଏଟି ହାଇସ୍କୁଲ ଖେଳପଡିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଥିବା ୩ଟି ଶିଶୁ ଯତ୍ନ ଅନୁଷ୍ଠାନ ଉତ୍କଳ ବାଳାଶ୍ରମ ଖଡ଼ିଆଳ, କରୁନ୍ୟ ବାଳନିକେତନ ଖଡ଼ିଆଳ ଓ ନବପ୍ରଭାତ ଓପନ ସେଲ୍ଟର ଖଡ଼ିଆଳର ୧୦୦ଜଣ ଶିଶୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମନ୍ତେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବଳିୟାର ସିଂ ଓ ଜିଲା ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ଫଣିନ୍ଦ୍ରମ ସିଂ ଦେଓଙ୍କ ତତ୍ତ୍ୱାବଧାନରେ ୧୦୦ ମିଟର, ୨୦୦ ମିଟର ଦୌଡ଼, ଉଚ୍ଚ ଓ ଲମ୍ବ ଡିଆଁ, କ୍ୟାରମ, ଚେସ ଆଦି ବିଭିନ୍ନ ପ୍ରତିଯୋଗିତା ଉଭୟ ବାଳକ ଓ ବାଳିକା ବର୍ଗରେ ଖେଳାଯାଇଥିଲା। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ୧୮ତାରିଖରେ ହେବାକୁ ଥିବା ଶିଶୁ ମହୋତ୍ସବ ମହକରେ ପୁରସ୍କୃତ କରାଯିବ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆଗାମୀ ରାଜ୍ୟସ୍ତରୀୟ ଉତ୍ସାହ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ଫଣିନ୍ଦ୍ରମ ଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ବିଭାଗର କର୍ମକର୍ତ୍ତା ଶ୍ରୀନିବାସ ବେହେରା, ସୁଧୀର କ୍ଷେତ୍ରି ଓ ଶିଶୁ ଯତ୍ନ ଅନୁଷ୍ଠାନ କର୍ମକର୍ତ୍ତା ଦେବାଶିଷ ତାଣ୍ଡି, ଚନ୍ଦ୍ରମଣି ମହାନନ୍ଦ, ମାଳା ଶବର, କେଶବ ପଟ୍ଟନାୟକ, କାଜଲ ଛୁରା, ଭାରତୀ ସାହୁ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ଛାତ୍ରୀଛାତ୍ର ଏବଂ ଅତିଥି।

# ଖଡ଼ିଆଳ ଥାନା ପକ୍ଷରୁ ସାଇବର ସେଫ୍‌ଟି କ୍ୟାମ୍ପେନ୍

ଖଡ଼ିଆଳ,୧୫।୧୦
(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ପକ୍ଷରୁ ସାଇବର ସେଫ୍‌ଟି କ୍ୟାମ୍ପେନ ରାଜ୍ୟ ସରକାର ଓ ରାଜ୍ୟ ପୋଲିସ ତତ୍ତ୍ୱାବଧାନ ଖଡ଼ିଆଳ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖଡ଼ିଆଳ ତଥା ଅଞ୍ଚଳର ବରିଷ୍ଠ ନାଗରିକ ଓ ମହିଳାମାନଙ୍କୁ ନେଇ ସାଇବର ଠକେଇରୁ ମୁକ୍ତି ପାଇବା ପାଇଁ ଏକ ସଚେତନତା ଖଡ଼ିଆଳ ବ୍ଲକ ଛକରୁ ଏକ ଶୋଭାଯାତ୍ରାରେ ବାହାରି ଖଡ଼ିଆଳ ଥାନାରେ ପହଞ୍ଚିଲା। ଖଡ଼ିଆଳ ଥାନାରେ ଅନୁଷ୍ଠିତ ସଭାରେ ଥାନାଧିକାରୀ ଧରୁଆ ସାଇବର ଠକେଇ ଉପରେ ବୁଝାଇଥିଲେ। ବର୍ତ୍ତମାନ ସାଇବର ଠକେଇ ବହୁଳ ପରିମାଣରେ ହେଉଥିବାରୁ କୌଣସି ବ୍ୟକ୍ତି ନିଜ ଆକାଉଣ୍ଟ ନମ୍ବର, ଓଟିପି ନ ଦେବାକୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମେଜର ଡ. ରାମଚନ୍ଦ୍ର ମିଶ୍ର, ଡୋଳାମଣୀ ସିଂ ବାବୁ, ବିନୋଦ ଅଗ୍ରୱାଲ, ନିମାଇଁ ଚରଣ ତାଣ୍ଡି, ଜଗବନ୍ଧୁ ବାରିକ, ସତୀଶ ପଟ୍ଟନାୟକ, ପ୍ରମୋଦ କୁମାର ଦଣ୍ଡସେନା, ସୁରେଶ ଟେଣ୍ଡକାରୀ, ହୀରାଧର ଅଗ୍ରୱାଲ, ଉପେନ୍ଦ୍ର ମୁଣ୍ଡ, ଖରତ ଚନ୍ଦ୍ର ବାରିକ ସମେତ ଷାଠିଏରୁ ଅଧିକ ବରିଷ୍ଠ ନାଗରିକ ଓ ମହିଳା ଯୋଗଦେଇଥିଲେ। ଖଡ଼ିଆଳ ପୋଲିସ ବିଭାଗର ସବଇନିସ୍ପେକ୍ଟର କ୍ଷୀରୋଦ ବାଗ, ଦୁର୍ଗାପ୍ରସାଦ ସାହୁ, ରାଜେଶ କୁମାର ଅଗସ୍ତି, ଏଏସଆଇ ଦେବାର୍ଚ୍ଚନ ମାଝିଙ୍କ ସମେତ ସମସ୍ତ ପୋଲିସ ଓ କର୍ମଚାରୀ ସହଯୋଗ କରିଥିଲେ।

# ନବରାତ୍ର ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା

ବଲାଙ୍ଗୀର,୧୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ରୁଗୁଡିପଡା ନବରାତ୍ର ଦୁର୍ଗାପୂଜା ପାଇଁ ରବିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମଣ୍ଡପଠାରୁ ପୂଜା କମିଟି କର୍ମକର୍ତ୍ତା ଓ ସଦସ୍ୟ ଏକ ଶୋଭାଯାତ୍ରାରେ ମହାରାଣୀ ସାଗରକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ଏକ ଶୋଭାଯାତ୍ରାରେ ପୂର୍ଣ୍ଣ ଜଳ କଳସ ଦୁର୍ଗା ମଣ୍ଡପକୁ ଅଣାଯାଇଥିଲା । କର୍ତ୍ତାଭାବେ ସିଦ୍ଧାନ୍ତ ପୂଜାରୀ ଓ ତାଙ୍କ ସହଧର୍ମିଣୀ ବର୍ଷାରାଣୀ ଦାୟିତ୍ୱ ତୁଲାଇଥିଲେ। ଏହି ଶୋଭାଯାତ୍ରାରେ ପୂଜା କମିଟି ସଭାପତି ଚେତନାନନ୍ଦ ପଣ୍ଡା, ଉପସଭାପତି ସଞ୍ଜୀବ ଶତପଥି ଓ ପ୍ରଦୀପ ପଟ୍ଟନାୟକ, ସହସମ୍ପାଦକ କାହ୍ନୁ ବରର୍ତ୍ତି, ଟିଙ୍କୁ ବାଗ, କୋଷାଧ୍ୟକ୍ଷ ଦେବାଶିଷ ମହାକୁର, କାର୍ଯ୍ୟକାରୀ ସଦସ୍ୟ ଶିବାନନ୍ଦ ବାଗ, ଅରୁଣ ନାଏକ, ବିଷ୍ଣୁ ଦତ୍ତ ହୋତା, ନୟନ ମହାନ୍ତି, ବାଜୁ ଦାସ, ଶ୍ରୀକାନ୍ତ ରାଉତ, ସଙ୍କେତ ବରର୍ତ୍ତି, ହୃଷୀ ପଟ୍ଟନାୟକ, ତଥାଗତ ବାଗ, ମିଳନ ସାହାଣୀ, ବିଭୂତି ଭୂଷଣ ମିଶ୍ର, ନାନୁ ମଲ୍ଲିକ, ଚରଣ ସାହାଣୀ, ଆନନ୍ଦ ସାହୁ, ତପନ ସେଠ ପ୍ରମୁଖ ଉପସ୍ଥିତ ଥିଲେ ।



ରୁଗୁଡିପଡା ନବରାତ୍ର ପୂଜା ପାଇଁ ଦୁର୍ଗାପୂଜା କମିଟିର କଳସ ଶୋଭାଯାତ୍ରା।

# କଳସ ଯାତ୍ରା ସହ ମା'ଙ୍କ ନବଦିନାତ୍ମକ ପୂଜା ଆରମ୍ଭ

କୋକସରା,୧୫।୧୦(ଦୁଷ୍ମନ୍ତ କୁମାର ପାଢୀଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଓଲମା ଗ୍ରାମରେ ଚଳିତବର୍ଷ ନବଦିନାତ୍ମକ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହେଉଥିବା ବେଳେ ଶନିବାର ସନ୍ଧ୍ୟାରେ ଅଧିବାସ ସମ୍ପନ୍ନ ହୋଇଛି। ରବିବାର ସକାଳୁ କଳସ ଯାତ୍ରା ସହ ମା'ଙ୍କ ପୂଜାର୍ଚ୍ଚନା ପାଇଁ ଆରମ୍ଭ ହୋଇଛି ପୂଜାବିଧି। ଚଳିତବର୍ଷ ଓଲମା ଗ୍ରାମ୍ୟ ପୂଜା କମିଟି ପକ୍ଷରୁ ପୂଜାକର୍ତ୍ତା ଭାବେ ବିଶେଷ କୁମାର ପଣ୍ଡା ଏବଂ ଶେଫାଳି ପଣ୍ଡା ପୂଜା କାର୍ଯ୍ୟ ତୁଲାଇବେ। ଶନିବାର ଅପରାହ୍ଣରେ ଆଡମ୍ବରରେ ଅଧିବାସ ପାଇଁ ପୂଜାକର୍ତ୍ତାଙ୍କୁ ବରଣ କରିବା ପରେ ବିଲବରଣ କରାଯାଇଛି। ରବିବାର ସକାଳୁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବିରାଟ ଶୋଭାଯାତ୍ରାରେ ଶହଶହ ସଂଖ୍ୟକ ମହିଳା ଯୋଗଦେଇ ଘଣ୍ଟୁଆ, ସଂକୀର୍ତ୍ତନ ଦଳ ପୁଷ୍କରିଣୀରୁ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରାଯାଇଛି। ନବ ଦିନାତ୍ମକ ନବଦୁର୍ଗା ପୂଜାରେ ପ୍ରତିଦିନ ଅନ୍ନଭୋଗ ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ପୂଜା କମିଟି ସଭାପତି ପ୍ରମୋଦ କୁମାର ପଣ୍ଡା, ଉପସଭାପତି ତ୍ରିନାଥ ଶବର, ସାଧାରଣ ସମ୍ପାଦକ ବ୍ରହ୍ମାନନ୍ଦ ମାଝି, ସହ ସମ୍ପାଦକ ଆଶିଷ କୁମାର ପଣ୍ଡା, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ପଣ୍ଡା, ଧନଞ୍ଜୟ ସାହୁ, ଭାଗବତ କଟା, ସୁମନ ଅଗସ୍ତି, ଫୁଲଚନ ଶବର, ପବିତ୍ର ମାଝି, ଦିଲୀପ ବାଗ ଓ ଓଲମା ଗ୍ରାମବାସୀ ନବ ଦିନାତ୍ମକ ପୂଜା କାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।



ଓଲମା ଗ୍ରାମରେ ଆୟୋଜିତ କଳସ ଯାତ୍ରା।

# ସଂଖ୍ୟା ଅନୁପାତରେ ନିଯୁକ୍ତି ଦିଅ

ବଲାଙ୍ଗୀର,୧୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଯାଦବ ଭବନରେ ଓଡିଶା ଯାଦବ ଅଧିକାର ମଞ୍ଚ କାର୍ଯ୍ୟକାରିଣୀ ବୈଠକ ଏବଂ ନୂଆଁଖାଇ ଭେଟ୍‌ଘାଟ ରବିବାର ଅନୁଷ୍ଠିତ ହୋଇଛି। ସଙ୍ଗଠକ ବାଳକୃଷ୍ଣ ଷାଣ୍ଢଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷ ସୁପାର ଠେଲା, ମୁଖ୍ୟବକ୍ତା ଭାବେ ଏମ୍‌ସିଏଲ୍ ଉପମହାପ୍ରବନ୍ଧକ (ଖନନ) ଇଂ. ଦେବେନ୍ଦ୍ର କୁମାର ଖଣ୍ଡା, ସମ୍ମାନିତ ଅତିଥି ବ ଆର. ଉଦୟଗିରି ବିଡିଓ ଲରିମନ୍ ଖରସେଲ, ଯାଦବ ସମାଜ ମହିଳା ସଭାପତି ଦମୟନ୍ତୀ ବାଗ, ପୌରାଞ୍ଚଳ ଯାଦବ ସମାଜ ସଭାପତି ପଙ୍କଜ ସେଲମା, ଯାଦବ ଅଧିକାର ମଞ୍ଚ ଉପଦେଷ୍ଟା ଦିଲୀପ କୁମାର ଖର୍ସେଲ, ସମ୍ବଲପୁରର ରାଜ୍ୟ କୋର୍ କମିଟି ସଦସ୍ୟ ଦେବାନନ୍ଦ ଖର୍ସେଲ, କଳାହାଣ୍ଡିର ଯୁଗଳ ପୋଢ଼, ସୁନ୍ଦରଗଡର ରାହାସ ବିହାରୀ ଷାଣ୍ଢ, ବରଗଡର କେଶବ ଜାଲ, ସୋନପୁରର ବିକାଶ କୁମାର ହାତୀ ମଞ୍ଚାସୀନ ଥିଲେ । ସଂଖ୍ୟା ଅନୁପାତରେ ଉଚ୍ଚଶିକ୍ଷା, ରାଜନୀତି, ସରକାରୀ ନିଯୁକ୍ତିରେ ଯାଦବମାନଙ୍କ ଭାଗିଦାରୀ ଏବଂ ଜାତିଭିତ୍ତିକ ଜନଗଣନା ପାଇଁ ଯାଦବ ଅଧିକାର ମଞ୍ଚ ପକ୍ଷରୁ ଦାବି ଜଣାଯାଇଥିଲା। ବକ୍ତାମାନେ ଯାଦବମାନଙ୍କ ଇତିହାସ, ସଂସ୍କୃତି, ପରମ୍ପରା ସହ ବର୍ତ୍ତମାନର ସାମାଜିକ ସ୍ଥିତି ବିଷୟରେ ଆଲୋକପାତ କରିଥିଲେ । ଯାଦବ ଜାତିର ଉନ୍ନତି ସକାଶେ ଓଡିଶା ଓବିସି ସଂରକ୍ଷଣ ଲାଗୁ କରିବା ଏବଂ ଜାତୀୟସ୍ତରରେ ଜାତିଭିତ୍ତିକ ଜନଗଣନା କରିବା ପାଇଁ ମଞ୍ଚାସୀନ ବକ୍ତାମାନେ ଦାବି ଜଣାଇଥିଲେ । ଯାଦବ ବହୁଳ ପଶ୍ଚିମ ଓଡିଶାରେ ଯାଦବମାନଙ୍କ ରାଜନୈତିକ ଅଧିକାର ସାବ୍ୟସ୍ତ କରିବା ପାଇଁ ଆହୁରି ସଙ୍ଗଠିତ ହେବା ପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ନୂଆଁଖାଇ ଭେଟଘାଟରେ କବିପ୍ରଭା ଘନଶ୍ୟାମ କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ। ଦିଲୀପ କୁମାର ଖର୍ସେଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅଷ୍ଟମୀ ବରର୍ତ୍ତି, ଖରତମଲ ରାଉତ, ଶଙ୍କର ପୋଡ, ପ୍ରଶାନ୍ତ ମହାକୁର, ବୀରେନ୍ଦ୍ର ପାଣ୍ଡେ ଓ ଶତାଧିକ ଯାଦବ ସଭ୍ୟ ଉପସ୍ଥିତ ଥିଲେ।




ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି।

**ଯାଦବ ଅଧିକାରୀ ମଞ୍ଚ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ**

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ବିଷ୍ଣୁ ଚରଣ



@ ବିଶ୍ୱଜିତ୍



@ ରଶ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହାରାଜ ଅଗ୍ରସେନଙ୍କ ଜୟନ୍ତୀ ପାଳିତ

ଗୋଲାମୁଣ୍ଡା,୧୫।୧୦(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁରେ ଉତ୍କଳ ପ୍ରାନ୍ତୀୟ ମାରୱାଡି ସମ୍ମଳନ କେଗାଁ ଓ ମହାଲିଙ୍ଗ ଶାଖା ପକ୍ଷରୁ ଅଗ୍ରସେନ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ କେଗାଁ ଚାରିଛକ ହନୁମାନ ମନ୍ଦିରଠାରୁ ଅଗ୍ରସେନ ମହାରାଜ ଫଟୋଚିତ୍ରକୁ ଏକ ରାଲିରେ ଗାଁ ପରିକ୍ରମା କରି ଅଗ୍ରୱାଲ ଭବନ ନିକଟରେ ପହଞ୍ଚିଥିଲା। ରାଲିରେ ଉଭୟ ଗାଁର ଶତାଧିକ ଲୋକ ଉପସ୍ଥିତ ଥିଲେ। ଅଗ୍ରୱାଲ ଭବନ ନିକଟରେ ଅନୁଷ୍ଠିତ ସଭାର ମହିଳାଙ୍କୁ ନେଇ ଏକ ଖେଳ-କୁଦ ଏବଂ ନାଚଗୀତ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବେ ସନଚେର ଗାଁ ବସ୍ତରଣୀ ମହାବିଦ୍ୟାଳୟ ଯୁକ୍ତ ୨ ପ୍ରିନ୍ସପାଲ ତ୍ରିଲୋଚନ ସାହୁ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ପବନ ଅଗ୍ରୱାଲ, ଉପସଭାପତି ପପୁଚନ୍ଦ ଅଗ୍ରୱାଲ, ସମ୍ପାଦକ ମନୋଜ ଅଗ୍ରୱାଲ, ସହସମ୍ପାଦକ ସତପାଲ ଅଗ୍ରୱାଲ, କୋଷାଧ୍ୟକ୍ଷ ଅଖେଳ ଅଗ୍ରୱାଲ ଓ ରାଜେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ବିଶେଷ ସୂଚନା
ମରାମତି କାର୍ଯ୍ୟ ପାଇଁ ଅକ୍ଟୋବର ୧୬ ତାରିଖ ଦିନ ରଘୁନାଥପୁର, ଶ୍ରୀରାମ ବଜାର, ବଙ୍ଗାଳି ସାହି ଅଞ୍ଚଳରେ ସକାଳ ୯ଟାରୁ ଅପରାହ୍ନ ୩ଟା ଯାଏ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
Plot No.-1/A, Jayadev Vihar, Xavier Square, Bhubaneswar-13
Website: www.gkcmorc.org, Email:gkcmorc@gmail.com
ବିଜ୍ଞାପନ
No.RR-22:ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ୨୦୨୩ ନିମନ୍ତେ ଆବେଦନ ପତ୍ର ତା ୧୬।୧୦।୨୩ ରିଖରୁ ତା ୪।୧୧।୨୩ ରିଖ ପର୍ଯ୍ୟନ୍ତ ଗ୍ରହଣ କରାଯିବ ।
ଏହି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର website-www.gkcmorc.orgରେ ଉପଲବ୍ଧ ।
ଇଚ୍ଛୁକ ପ୍ରାର୍ଥୀମାନେ ଏହି websiteକୁ ଯାଇ ନିଃଶୁଳ୍କ ଆବେଦନ କରିପାରିବେ । କେବଳ online application ଗ୍ରହଣ କରାଯିବ ।
ସ୍ୱା./-
ମୁଖ୍ୟ କାର୍ଯ୍ୟନିର୍ବାହୀ
OIPR-03004/11/0004/2324

## ସଂକ୍ଷେପରେ

### ଯୌତୁକ ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ

**ବେଲପଡ଼ା,୧୫।୧୦(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଅନ୍ତର୍ଗତ ମାଲପଡ଼ା ଗାଁର ଜଣେ ମହିଳା(୨୪) ତାଙ୍କ ସ୍ୱାମୀଙ୍କ ବିରୋଧରେ ରବିବାର ଯୌତୁକ ନିର୍ଯାତନା ଅଭିଯୋଗ ଆଣିଥିଲେ। ଯୌତୁକ ପାଇଁ ତାଙ୍କ ସ୍ୱାମୀ ତାଙ୍କୁ ଗାଳିଗୁଲଜ କରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ। କିଛିଦିନ ପୂର୍ବରୁ ସ୍ୱାମୀ ତାଙ୍କ ନଗ୍ନଫଟୋ ନିଜ ମୋବାଇଲରେ ଉଠାଇ ଭାଇରାଲ କରିଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ଆଧାରରେ ବେଲପଡ଼ା ଥାନା ପୋଲିସ ତଦନ୍ତ ପୂର୍ବକ ଅଭିଯୁକ୍ତ ସ୍ୱାମୀଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି।

### ତୁଷୁରାରେ ଅଗ୍ରସେନ ଜୟନ୍ତୀ

**ଗୁଡ଼ଭେଲା,୧୫।୧୦(ମନୋଜ କୁମାର ଜୈନ)**

ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ଅଗ୍ରସେନ ଭବନରେ ରବିବାର ମାରୱାଡି ସମ୍ମିଳନୀ ପକ୍ଷରୁ ମହାରାଜ ଅଗ୍ରସେନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସମ୍ମିଳନୀର ଅଧ୍ୟକ୍ଷ ଚନ୍ଦ୍ରଭାନ ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋହନ ଅଗ୍ରୱାଲ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମାଜସେବୀ ନଥୁରାମ କେଡିଆ ମଞ୍ଚାସୀନ ଥିଲେ। ସଞ୍ଜୟ ଜୈନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମ୍ୟୁଜିକ ଚେୟାର, ଫ୍ୟାନ୍ସିଡ୍ରେସ, ହିଟ ଦ ଗ୍ଲାସ, କପ ସେ ପିରାମିଡ ବନାଓ, ନାଇଟ ବଲ ଗେମ, ଲୁଡୁ, ବାସକେଟ ବଲ, ରିଙ୍ଗ ଗେମ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦୀନଦୟାଲ କେଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଜପାର କର୍ମୀ ସମାବେଶ

**ଖପ୍ରାଖୋଲ, ୧୫।୧୦(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ପଞ୍ଚାୟତ ସାନଉଡେନ ଖେଳପଡିଆରେ ଭାଜପାର ମଣ୍ଡଳସ୍ତରୀୟ କର୍ମୀ ସମାବେଶ ଓ ନୂଆଁଖାଇ ଭେଟ୍‌ଘାଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଦେବକାନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଏମ୍‌ପି ସଙ୍ଗୀତ କୁମାରୀ ସିଂଦେଓ, ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଜିଲା କୃଷକ ମୋର୍ଚ୍ଚା ସଭାପତି ମାଧବ ସାଏ, ବ୍ଲକ ପ୍ରଭାରୀ ପ୍ରବୋଧାନନ୍ଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଦଳକୁ ତୃଣମୂଳସ୍ତରରୁ ସଂଗଠିତ କରିବାକୁ ଆହ୍ୱାନ ଦେଇଥିଲେ। ମୋଦି ସରକାରର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ସଫଳତା ଗାଁ ଗାଁରେ ଜଣାଇବାକୁ ନେତୃବୃନ୍ଦ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ସମାବେଶରେ ନାରୀ ନେତ୍ରୀ ରିତା ଘଣା, ସୁବାସ ସାହୁ, ଏମ୍‌ପି ପ୍ରତିନିଧି ପ୍ରବୀଣ ପୁରୋହିତ, ଉପେନ୍ଦ୍ର ଭୋଇ, ଫକୀର ପ୍ରଧାନ, ସତ୍ୟାନନ୍ଦ ସେନ୍ଦ୍ରିଆଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

### ସେମିରେ ୟୁନାଇଟେଡ ସ୍ପୋର୍ଟସ କ୍ଲବ

**ବରଗଡ଼, ୧୫।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡିୟମରେ ଚାଲିଥିବା ଜିଲା ନକ୍ ଆଉଟ ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ଚତୁର୍ଥ କାର୍ଟର ଫାଇନାଲ ମ୍ୟାଚ୍‌ରେ ୟୁନାଇଟେଡ ସ୍ପୋର୍ଟସ ଓ ସୋହେଲା ଦଳ ମୁହାଁମୁହିଁ ହୋଇଥିଲେ । ଏହି ମ୍ୟାଚରେ ୟୁନାଇଟେଡ ସ୍ପୋର୍ଟସ ଦଳ ଚମତ୍କାର ଖେଳ ପ୍ରଦର୍ଶନ କରି ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଦେଇଥିଲେ। ଏଥିରେ ୟୁନାଇଟେଡ ସ୍ପୋର୍ଟସ ଦଳ ୫-୦ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସେକ ହେୟାତ ୨ଟି ଗୋଲ ଦେଇଥିବା ବେଳେ ମନୋଜ ବରିହା, ମଧ ବରିହା, ରାଜା ବେହେରା ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଏହି ମ୍ୟାଚ୍‌କୁ ଦୀପେଶ ପ୍ରଧାନ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସଚିନ ଭୁଏ, ବଷ୍ଟି ପ୍ରଧାନ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ପିଣ୍ଟୁ ସାହୁ। ମ୍ୟାଚ୍ କମିଶନର ଥିଲେ ସଚ୍ଚିଦାନନ୍ଦ ପଣ୍ଡା। ପୁରସ୍କାର ବିତରଣୀ ଉତ୍ସବରେ ସେକ ସବଦର, ଜ୍ଞାନ ରଞ୍ଜନ ପୂଜାରୀ, ଗଙ୍ଗା ମଲ୍ଲିକ, ଅନନ୍ତ ମଜୁମଦାର, ମୋହନ କିଙ୍ଗ ଅତିଥି ଭାବେ ଯୋଗ ଦେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ୟୁନାଇଟେଡ ଦଳର ସେକ ହେୟାତଙ୍କୁ ପୁରସ୍କୃତ କରିଥିଲେ।

# ବାପାଙ୍କ ସେବା ପାଇଁ ପାଠପଢ଼ାରେ ଡୋରି

## ଅସୁସ୍ଥ ବାପା ଡାକ୍ତରଖାନାରେ ଭର୍ତ୍ତି ହେଲେ



ଅସୁସ୍ଥ ବିକାଶଙ୍କୁ ଡାକ୍ତରଖାନା ନିଆଯାଉଛି।

**ବରଗଡ଼ ୧୫।୧୦(ପ୍ରେମାନନ୍ଦ ଖମାରୀ)**

ପରିଣତ ବୟସରେ ମା' ବାପାଙ୍କଠାରୁ ଅନେକ ପୁଅ ଦୂରେଇ ଯାଉଥିବା ଦେଖିବାକୁ ମିଳିଥାଏ। ହେଲେ ବରଗଡ ବ୍ଲକ ଅନ୍ତର୍ଗତ ନାଗେନପାଲି ଗ୍ରାମରେ ଜଣେ ନାବାଳକ ପୁଅ ରୋଗାକ୍ରାନ୍ତ ଶଯ୍ୟାଶାୟୀ ବାପାଙ୍କୁ ସେବା ଯୋଗାଇଦେବା ପାଇଁ ଅଧାରୁ ପାଠପଢା ଛାଡ଼ି ଦେଇଥିବା ଭଳି ଘଟଣା ସାମ୍ନାକୁ ଆସିଛି।

ନାଗେନପାଲି ଗ୍ରାମର ଉପରପଡାରେ ରୁହନ୍ତି ବିକାଶ ବିଶ୍ୱାଳ। ବୟସ ୪୬ବର୍ଷ। ସ୍ତ୍ରୀ ଉପାସୀ ଏବଂ ଶିଶୁପୁତ୍ର ସ୍ୱାଗତଙ୍କୁ ନେଇ ପରିବାର ହସଖୁସିରେ ଚାଲିଥିଲା। ବିକାଶ ଏକ ଢାବାରେ କାମ କରି ପରିବାର ଚଳାଉଥିଲେ। ସ୍ୱାଗତଙ୍କୁ ଗ୍ରାମ ସ୍କୁଲରେ ପାଠ ମଧ୍ୟ ପଢାଉଥିଲେ। ହେଲେ ୨୦୧୫ରେ ସ୍ତ୍ରୀ ଉପାସୀ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ସ୍ତ୍ରୀର ଚିକିତ୍ସା ପାଇଁ ବିକାଶ ନିଜର ସଞ୍ଚିତ ରାଶି ସହିତ ବାସନକୁସନ ବିକି ଖର୍ଚ୍ଚ କରିଥିଲେ। ଏହାସତ୍ତ୍ୱେ ସେ ସ୍ତ୍ରୀର ଜୀବନ ରକ୍ଷା କରି ପାରି ନ ଥିଲେ ବୋଲି କହିଛନ୍ତି ବିକାଶ। ଅନ୍ୟପଟେ ବିକାଶ ମଧୁମେହ ରୋଗରେ ଆକ୍ରାନ୍ତ ହୋଇଥିଲେ। ତାଙ୍କ ପାଦରେ ଘା' ହୋଇଥିବାବେଳେ ଶଯ୍ୟାଶାୟୀ ଅଛନ୍ତି। ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ବାପାଙ୍କ ସେବା ପାଇଁ ସପ୍ତମ ଶ୍ରେଣୀରେ ପଢୁଥିବା ସ୍ୱାଗତଙ୍କ ପାଠପଢା ବି ଅଧାରେ ଅଟକି ଯାଇଛି। କେବଳ ସେତିକି ନୁହେଁ, ଘରେ ନା ଅଛି ବିଦ୍ୟୁତ ନା ଖାଇବାକୁ ମୁଠେ ଅଛି। ଏଭଳି ସ୍ଥିତିରେ ବାପପୁଅ ଦୁର୍ବିସହ ଜୀବନ ଅତିବାହିତ କରୁଛନ୍ତି। ଏହା ଜାଣିବା ପରେ ରବିବାର ବରଗଡ଼ ସଂକଳ୍ପ ପରିବାର ସହଯୋଗର ହାତ ବଢାଇଛି। ଏହି ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ବିକାଶଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

## ଅଗ୍ରସେନ ଜୟନ୍ତୀ, ସହର ବୁଲିଲା ଶୋଭାଯାତ୍ରା

**ପାଇକମାଲ,୧୫।୧୦(ବଡ ଶତପଥୀ)**




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବରଗଡ ଜିଲା ପାଇକମାଳସ୍ଥିତ ନୃସିଂହନାଥ ଧର୍ମଶାଳାଠାରେ ଅଗ୍ରୱାଲ ସମାଜ ତରଫରୁ ଅଗ୍ରସେନ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏ ନେଇ ଅନୁଷ୍ଠିତ ସଭାରେ ଅଗ୍ରୱାଲ ସମାଜ ସଭାପତି ଅନିଲ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ଖରିଆର ରୋଡ୍‌ର ଆଇନଜୀବୀ ରମେଶ ଅଗ୍ରୱାଲ ମୁଖ୍ୟଅତିଥି, ସନ୍ତୋଷ ଅଗ୍ରୱାଲ, କିଶନ ଅଗ୍ରୱାଲ, କୁସୁମ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ରାଜ୍ୟ ମାରୱାଡି ଯୁବାମଞ୍ଚ କ୍ୟାନସର ସଂଯୋଜକ ନିଲେଶ ଅଗ୍ରୱାଲ ସଭା ପରିଚାଳନା କରିଥିଲେ। ସକାଳେ ମାରୁଆଡି ସମାଜ ପକ୍ଷରୁ ସ୍ଥାନୀୟ ଧର୍ମଶାଳାଠାରେ ସମାଜର ବରିଷ୍ଠ ସଦସ୍ୟ ଗୋବର୍ଦ୍ଧନ ଅଗ୍ରୱାଲ ମହାରାଜ ଅଗ୍ରେସନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଅପରାହ୍ନ ୩ଟାରେ ଆକାଶ ଅଗ୍ରୱାଲ ମହାରାଜା ଅଗ୍ରସେନ ଭୂମିକାରେ ଅଭିନୟ କରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ସଭାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୁରେଶ ଅଗ୍ରୱାଲ, ନବିନ ଅଗ୍ରୱାଲ, କବି ଅଗ୍ରୱାଲ, ରମେଶ ଅଗ୍ରୱାଲ, ଡା. କମଳେଶ ଅଗ୍ରୱାଲ, ବିବେକ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଯୁବାମଞ୍ଚ ସଭାପତି ଆୟୁଷ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରଥିଲେ।

## ଖଡ଼ିଆଳ ଥାନା ପକ୍ଷରୁ ସାଇବର ସେଫଟି କ୍ୟାମ୍ପେନ

**ଖଡ଼ିଆଳ,୧୫।୧୦(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ଥାନା ପକ୍ଷରୁ ସାଇବର ସେଫଟି କ୍ୟାମ୍ପେନ ରାଜ୍ୟ ସରକାର ଓ ରାଜ୍ୟ ପୋଲିସ ତତ୍ତ୍ୱାବଧାନ ଖଡ଼ିଆଳ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆଙ୍କ ସଭାପିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖଡ଼ିଆଳ ତଥା ଅଞ୍ଚଳର ବରିଷ୍ଠ ନାଗରିକ ଓ ମହିଳାମାନଙ୍କୁ ନେଇ ସାଇବର ଠକେଇରୁ ମୁକ୍ତି ପାଇବା ପାଇଁ ଏକ ସଚେତନତା ଖଡ଼ିଆଳ ବ୍ଲକ ଛକରୁ ଏକ ଶୋଭାଯାତ୍ରାରେ ବାହାରି ଖଡ଼ିଆଳ ଥାନାରେ ପହଞ୍ଚିଲା। ଖଡ଼ିଆଳ ଥାନାରେ ଅନୁଷ୍ଠିତ ସଭାରେ ଥାନାଧିକାରୀ ଧରୁଆ ସାଇବର ଠକେଇ ଉପରେ ବୁଝାଇଥିଲେ। ବର୍ତ୍ତମାନ ସାଇବର ଠକେଇ ବହୁଳ ପରିମାଣରେ ହେଉଥିବାରୁ କୌଣସି ବ୍ୟକ୍ତି ନିଜ ଆକାଉଣ୍ଟ ନମ୍ବର, ଓଟିପି ନ ଦେବାକୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମେଜର ଡ. ରାମଚନ୍ଦ୍ର ମିଶ୍ର, ଡୋଳା ମଣୀ ସିଂ ବାବୁ, ବିନୋଦ ଅଗ୍ରୱାଲ, ନିମାଇଁ ଚରଣ ତାଣ୍ଡି, ଜଗବନ୍ଧୁ ବାରିକ, ସତୀଶ ପଟ୍ଟନାୟକ, ପ୍ରମୋଦ କୁମାର ଦଣ୍ଡସେନା, ସୁରେଶ ଟେଣ୍ଡକାରୀ, ହୀରାଧର ଅଗ୍ରୱାଲ, ଉପେନ୍ଦ୍ର ମୁଣ୍ଡ, ଖରତ ଚନ୍ଦ୍ର ବାରିକ ସମେତ ଷାଠିଏରୁ ଅଧିକ ବରିଷ୍ଠ ନାଗରିକ ଓ ମହିଳା ଯୋଗଦେଇଥିଲେ। ଖଡ଼ିଆଳ ପୋଲିସ ବିଭାଗର ସବଇନିସ୍ପେକ୍ଟର କ୍ଷୀରୋଦ ବାଗ, ଦୁର୍ଗାପ୍ରସାଦ ସାହୁ, ରାଜେଶ କୁମାର ଅଗସ୍ତି, ଏଏସଆଇ ଦେବାର୍ଚ୍ଚନ ମାଝିଙ୍କ ସମେତ ସମସ୍ତ ପୋଲିସ ଓ କର୍ମଚାରୀ ସହଯୋଗ କରିଥିଲେ।

## ଏସ୍‌ଡବ୍ଲ୍ୟୁଡବ୍ଲ୍ୟୁର ଅନ୍ନଦାନ ସେବା

**ବରଗଡ଼,୧୫।୧୦(ପ୍ରେମାନନ୍ଦ ଖମାରୀ)**




ଗୁରୁ ବିଶ୍ରାମ ଆଶ୍ରମରେ ଏସ୍‌ଓଡବ୍ଲ୍ୟୁଡବ୍ଲ୍ୟୁର ସଦସ୍ୟାବୃନ୍ଦ ।

ସ୍ୱାଭିମାନୀ ଓଡ଼ିଆ ଓମେନ୍ସ ୱାର୍ଲ୍ଡ (ଏସ୍‌ଓଡବ୍ଲ୍ୟୁଡବ୍ଲ୍ୟୁ) ପରିବାର ତରଫରୁ ଦିଲ୍ଲୀର ଗୁରୁ ବିଶ୍ରାମ ଆଶ୍ରମ, ଗୌତମପୁରୀରେ ଶନିବାର ନବରାତ୍ର ଅବସରରେ ଅନ୍ନଦାନ ସେବା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସ୍‌ଓଡବ୍ଲ୍ୟୁଡବ୍ଲ୍ୟୁର ଆଡ୍‌ମିନ ଅଗ୍ନିଶିଖାଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟା ମୁଖ୍ୟତଃ ଔଷଧ, ଗ୍ରୋସରୀ, ଫଳ ଆଦି ବଣ୍ଟନ କରିଥିଲେ। ଏଭଳି ସେବା ପାଇ ଆଶ୍ରମର ସବୁ ଅନ୍ତେବାସୀ ଖୁସି ବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଆହୁରି ଏଭଳି ସେବା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ।

## ଓଡ଼ିଶା କୁଳିତା ସମାଜର ବୈଠକ



ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

**ଅତାବିରା,୧୫।୧୦(ହୃଷୀକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ବ୍ଲକ ଲାଦେରପାଲିସ୍ଥିତ ରାମଚଣ୍ଡୀ ମନ୍ଦିର ପରିସରରେ ଶନିବାର ଓଡ଼ିଶା କୁଳିତା ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୋପାଳ ଚନ୍ଦ୍ର ପ୍ରଧାନଙ୍କୁ ନୂତନ ସାଧାରଣ ସମ୍ପାଦକ ଏବଂ ସୁରେଶ ଚନ୍ଦ୍ର ପ୍ରଧାନଙ୍କୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ସେହିପରି ସ୍ୱର୍ଗତ ମହେନ୍ଦ୍ର ବଡ଼େଇଙ୍କ ସ୍ତ୍ରୀ ମଞ୍ଜୁଶ୍ରୀଙ୍କୁ ମୁଖ୍ୟ ସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ କଳାହାଣ୍ଡି ଜିଲା ସଭାପତି ବେଲାଲ୍ ସିଂହ ଭୋଇ, ଜିଲା ସଭାପତି କେଶବ ଭୋଇ, ବଲାଙ୍ଗୀର ସୋନପୁର ସଭାପତି ପ୍ରଦ୍ୟୁମ୍ନ ଭୋଇ, ସୁନ୍ଦରଗଡ଼ର ପୂର୍ବତନ ସଭାପତି ଗୋପାଳ ଚନ୍ଦ୍ର ପ୍ରଧାନ, ସମ୍ବଲପୁର ସଭାପତି ନବୀନ ଗୁପ୍ତା, ଝାରସୁଗୁଡ଼ାର ସନ୍ତୋଷ ସାହୁ, ସନ୍ତୋଷ ବଡ଼େଇ, ରତନ ସାହୁ, ବାସନ୍ତୀ ବିଶ୍ୱାଳ, ସଞ୍ଜିବ ଭୋଇ, ପୁରୁଷୋତ୍ତମ ପ୍ରଧାନ, ପୁନୁଲାଲ ପ୍ରଧାନ, ବିଜୟ କୁମାର ଭୋଇ, ଅର୍ଜ୍ଜୁନ ନାଏକ, ଦିବାକର ପ୍ରଧାନ, ଗଜିନ୍ଦ୍ର ପ୍ରଧାନ, ଜଗଦୀଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। କ୍ଷେତ୍ରବାସୀ ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ସୁରେଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସର୍ବଭାରତୀୟ ଫୁଟବଲ, କୁଚିଣ୍ଡା ଚାମ୍ପିୟନ



ବିଜେତା ଦଳ ସହିତ ମୁଖ୍ୟ ଅତିଥି ଓ ଅନ୍ୟମାନେ।

**ପଦ୍ମପୁର,୧୫।୧୦(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଆଥଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ପ୍ରଥମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ସ୍ଥାନୀୟ ରାଜବୋଡାସମ୍ବର ହାଇସ୍କୁଲ ପଡିଆରେ ସମାପନ ହୋଇଛି। ଫାଇନାଲ ମ୍ୟାଚ୍ ସମ୍ବଲପୁର ଓ କୁଚିଣ୍ଡା ଦଳ ମଧ୍ୟରେ ହୋଇଥିଲା। କୁଚିଣ୍ଡା ଦଳ ୪ଟି ଗୋଲରେ ସମ୍ବଲପୁର ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ସଚ୍ଚିଦାନନ୍ଦ ବହିଦାର, ବିଦେଶୀ ସାହୁ, ଚନ୍ଦ୍ରମଣି ସାହୁ, ହରେକୃଷ୍ଣ ମେହେର, ନରେଶ ବାରିକ, ନରୋତ୍ତମ ପ୍ରଧାନ, ପ୍ରଦୀପ ପତ୍ର, ଜୟପଲ ଭୋଇ, ଭବାନୀ ମାଝୀ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଉତ୍ସବରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ପାଟଣା ମହାରାଜ କନକ ବର୍ଦ୍ଧନ ସିଂଦେଓ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଆଥ୍‌ଲେଟିକ ଆସୋସିଏଶନ ଉପସଭାପତି ନନ୍ଦ କିଶୋର ମାଝୀ, ସମ୍ପାଦକ ଶିରୀଶ କୁମାର ବହିଦାର, ସଦସ୍ୟ ଗୋବିନ୍ଦ ଅଗ୍ରୱାଲ, ନିରୋଜ ଦୋରା, ଧନମାଳୀ ସାହୁ, ବିଶ୍ୱାକେସନ ଦୋରା, ଲାଲବିହାରୀ ମିଶ୍ର, ନୀଳମାଧବ ଦୋରା, ଅଶ୍ୱିନୀ ପାଣିଗ୍ରାହୀ, ଅଶୋକ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଗତ ତିନି ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ମୋଟ ୮ ଟି ଦଳ ଭାଗ ନେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

smbselfie@gmail.com



@ ବିଷ୍ଣୁ ଚରଣ



@ ବିଶ୍ୱଜିତ୍



@ ରଶ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମହାରାଜ ଅଗ୍ରସେନଙ୍କ ଜୟନ୍ତୀ ପାଳିତ

**ଗୋଲାମୁଣ୍ଡା,୧୫।୧୦(ବଟକୃଷ୍ଣ ପଣ୍ଡା)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁରେ ଉତ୍କଳ ପ୍ରାନ୍ତୀୟ ମାରୱାଡି ସମ୍ମଳନ କେଗାଁ ଓ ମହାଲିଙ୍ଗ ଶାଖା ପକ୍ଷରୁ ଅଗ୍ରସେନ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ କେଗାଁ ଚାରିଛକ ହନୁମାନ ମନ୍ଦିରଠାରୁ ଅଗ୍ରସେନ ମହାରାଜ ଫଟୋଚିତ୍ରକୁ ଏକ ରାଲିରେ ଗାଁ ପରିକ୍ରମା କରି ଅଗ୍ରୱାଲ ଭବନ ନିକଟରେ ପହଞ୍ଚିଥିଲା। ରାଲିରେ ଉଭୟ ଗାଁର ଶତାଧକ ଲୋକ ଉପସ୍ଥିତ ଥିଲେ। ଅଗ୍ରୱାଲ ଭବନ ନିକଟରେ ଅନୁଷ୍ଠିତ ସଭାର ମହିଳାଙ୍କୁ ନେଇ ଏକ ଖେଳ-କୁଦ ଏବଂ ନାଚଗୀତ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବେ ସନଚେର ଗାଁ ବସ୍ତ୍ରଣୀ ମହାବିଦ୍ୟାଳୟ ଯୁକ୍ତ ୨ ପ୍ରିନ୍ସପାଲ ତ୍ରିଲୋଚନ ସାହୁ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ପବନ ଅଗ୍ରୱାଲ, ଉପସଭାପତି ପପୁଚନ୍ଦ ଅଗ୍ରୱାଲ, ସମ୍ପାଦକ ମନୋଜ ଅଗ୍ରୱାଲ, ସହସମ୍ପାଦକ ସତପାଲ ଅଗ୍ରୱାଲ, କୋଷାଧ୍ୟକ୍ଷ ଅଖେଳ ଅଗ୍ରୱାଲ ଓ ରାଜେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

**TPCODL**
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
**ବିଶେଷ ସୂଚନା**
ମରାମତି କାର୍ଯ୍ୟ ପାଇଁ ଅକ୍ଟୋବର ୧୬ ତାରିଖ ଦିନ ରଘୁନାଥପୁର, ଶ୍ରୀରାମ ବଜାର, ବଙ୍ଗାଳି ସାହି ଅଞ୍ଚଳରେ ସକାଳ ୯ଟାରୁ ଅପରାହ୍ନ ୩ଟା ଯାଏ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
**ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର**
Plot No.-1/A, Jayadev Vihar, Xavier Square, Bhubaneswar-13
Website: www.gkcmorc.org, Email:gkcmorc@gmail.com
**ବିଜ୍ଞାପନ**
No.RR-22:ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ୨୦୨୩ ନିମନ୍ତେ ଆବେଦନ ପତ୍ର ତା ୧୬।୧୦।୨୩ ରିଖରୁ ତା ୪।୧୧।୨୩ ରିଖ ପର୍ଯ୍ୟନ୍ତ ଗ୍ରହଣ କରାଯିବ ।
ଏହି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର website- www.gkcmorc.orgରେ ଉପଲବ୍ଧ ।
ଇଚ୍ଛୁକ ପ୍ରାର୍ଥୀମାନେ ଏହି websiteକୁ ଯାଇ ନିଃଶୁଳ୍କ ଆବେଦନ କରିପାରିବେ । କେବଳ online application ଗ୍ରହଣ କରାଯିବ ।
ସ୍ୱା./-
ମୁଖ୍ୟ କାର୍ଯ୍ୟନିର୍ବାହୀ
OIPR-03004/11/0004/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସାଇନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏଏପିରେ ଅଭିନେତ୍ରୀ ଗୌରୀ

**ନୂଆଦିଲ୍ଲୀ,୧୫।୧୦**

ବିଗ୍ ବସ୍ ଫେମ୍ ତଥା ଅଭିନେତ୍ରୀ ଗୌରୀ ନାଗୋରୀ ଆମ୍ ଆଦ୍ମୀ ପାର୍ଟି (ଏଏପି)ରେ ଯୋଗ ଦେଇଛନ୍ତି। ଏହି ଅବସରରେ ଗୌରୀ କହିଛନ୍ତି, ନାଗୌରକୁ ପରିଚୟ ଦେବାକୁ ଚାହୁଁଛି, ତେଣୁ ଏଏପିରେ ଯୋଗ ଦେଇଛି। ମୁଁ ଭାବୁଛି ଏଏପି ନାଗୌରକୁ ପରିଚୟ ଦେଇପାରିବ।



ଭାଜପା ଓ କଂଗ୍ରେସ ବଦଳରେ ରାଜନୀତି ପାଇଁ ଏଏପିରେ ଯୋଗଦେବା ସମ୍ପର୍କରେ ସେ କହିଛନ୍ତି, ଆମେ ଚାହୁଁ ଯେ ଆମ୍ ଆଦ୍ମୀ ପାର୍ଟି ଏକ ସୁଯୋଗ ପାଉ। ଦେଶରେ ଦୁଇଟି ଷ୍ଟେରିଓଟାଇପ୍ ପାର୍ଟି ଭାଜପା ଏବଂ କଂଗ୍ରେସ ଅଛି। ତେଣୁ ଦେଶରେ କିଛି ନୂଆ ଆସିବା ଦରକାର। ଏଏପିର କାର୍ଯ୍ୟ ଦେଖିବା ପରେ ମୁଁ ଏଥିରେ ଯୋଗଦେବାକୁ ନିଷ୍ପତ୍ତି ନେଲି। ପଞ୍ଜାବ ଓ ଦିଲ୍ଲୀର ବିଦ୍ୟୁତ, ଶିକ୍ଷା ଏବଂ ଡାକ୍ତରଖାନା କ୍ଷେତ୍ରରେ ଏହି ଦଳ ଅନେକ କାର୍ଯ୍ୟ କରିଛି। ତେଣୁ ମୁଁ ଚାହେଁ ରାଜସ୍ଥାନରେ ମଧ୍ୟ ଏହିସବୁ କାର୍ଯ୍ୟ ହେଉ।



ନୂଆଦିଲ୍ଲୀସ୍ଥିତ ତେଲଙ୍ଗାନା ଭବନ ସମ୍ମୁଖରେ ରବିବାର ଦିଲ୍ଲୀ ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ତେଲଙ୍ଗାନା ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ଚମନ ଗୌତମ)

# କଂଗ୍ରେସ ଭବନରେ ଅଣଭାଜପା ଓ ବିଜେଡି ଦଳର ବୈଠକ

- ୧୭ ଜଣିଆ ସଂଯୋଜନା କମିଟିରେ ପିସିସି ସଭାପତି ରହିଲେ ଅଧ୍ୟକ୍ଷ
- ୪ ପର୍ଯ୍ୟାୟରେ ୪ ଜିଲାରେ ଜନଆକ୍ରୋଶ ସମାବେଶ କରିବାକୁ ନିଷ୍ପତ୍ତି

**ଭୁବନେଶ୍ୱର, ୧୫।୧୦(ସୁନିତ୍ ମିଶ୍ର)**

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅଣଭାଜପା ଏବଂ ବିଜେଡି ରାଜନୈତିକ ଦଳର ନେତୃବୃନ୍ଦମାନଙ୍କୁ ନେଇ ଏକ ସର୍ବଦଳୀୟ ବୈଠକ ରବିବାର କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଉପସ୍ଥିତ ନେତୃବୃନ୍ଦମାନଙ୍କ ପରାମର୍ଶ ଅନୁଯାୟୀ ୧୬ଟି ରାଜନୈତିକ ଦଳକୁ ନେଇ ଏକ ୧୭ ଜଣିଆ ସଂଯୋଜନା କମିଟି ଗଠନ କରାଯାଇଛି। ଏହି କମିଟିରେ ପିସିସି ସଭାପତି ଅଧ୍ୟକ୍ଷ ଥିବାବେଳେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ମୁଖ୍ୟ ସଂଯୋଜକ ଏବଂ ଅନ୍ୟ ସମଭାବାପନ୍ନ ରାଜନୈତିକ ଦଳର ନେତୃବୃନ୍ଦମାନେ ସଭ୍ୟ ଅଛନ୍ତି। ବିଜେଡି ଓ ଭାଜପାର ଜନବିରୋଧୀ ନୀତି ବିରୋଧରେ ଜନଆନ୍ଦୋଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ରାଜ୍ୟରେ ଆକାଶଛୁଆଁ ଦରବୃଦ୍ଧି, ଜାତିଭିତ୍ତିକ ଗଣନା, ଉତ୍କଟ ବେକାରି ସମସ୍ୟା, ବ୍ୟାପକ ଦୁର୍ନୀତି ଆଦି ପ୍ରସଙ୍ଗ ନେଇ ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରେ ରାୟଗଡ଼ାଠାରେ ଜନଆକ୍ରୋଶ ସମାବେଶ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିଭଳି ନଭେମ୍ବର ଦ୍ୱିତୀୟ ସପ୍ତାହରେ ରାଉରକେଲା ଏବଂ ଡିସେମ୍ବରର ପ୍ରଥମ ସପ୍ତାହରେ ସମ୍ବଲପୁର ଓ ଦ୍ୱିତୀୟ ସପ୍ତାହରେ ବାଲେଶ୍ୱରରେ ଜନଆକ୍ରୋଶ ସମାବେଶ ହେବ ବୋଲି ବୈଠକ ଶେଷରେ ସୂଚନା ଦିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସିପିଆଇ, ସିପିଆଇଏମ୍, ସିପିଆଇଏମ୍ଏଲ୍(ଏଲ୍), ଅଲ୍ଇଣ୍ଡିଆ ଫରୱାର୍ଡ ବ୍ଲକ, ସିପିଆଇଏମ୍ଏଲ୍ଏ ରେଡଷ୍ଟାର, ଏନ୍ସିପି, ଆର୍ବିଆଇ, ଆମ୍ ଆଦ୍ମୀ ପାର୍ଟି, ସମାଜବାଦୀ ପାର୍ଟି, ତୃଣମୂଳ କଂଗ୍ରେସ, ସମତାକ୍ରାନ୍ତି, ଆର୍ଜେଡି ଏବଂ ଜେଡିୟୁ ଦଳର ପ୍ରତିନିଧିମାନେ ଅଂଶଗ୍ରହଣ କରି ନିଜର ମତାମତ ରଖିଛନ୍ତି।


MARUTI GROUP OF INSTITUTION
BARGARH, ODISHA
MARUTI PHARMACY COLLEGE
COURSES : D. PHARMA (2 Yrs.)
: B. PHARMA (4 Yrs.)
MARUTI INSTITUTE OF PARAMEDICAL & ALLIED SCIENCE
COURSES : DIPLOMA IN MEDICAL LABORATORY TECHNICIAN (DMLT) - 2 Yrs.
Consultancy required contact:
7605930501, 9438066954
Eligibility for Admission for all +2 Science Pass


# 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର


ଭୁବନେଶ୍ୱରଠାରେ ଆୟୋଜିତ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

**ଭୁବନେଶ୍ୱର, ୧୫।୧୦(ସୁନିତ୍ ମିଶ୍ର)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ରାଜଧାନୀର ଜନସାଧାରଣ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ସାମିଲ ହୋଇ 'ଅମୃତ କଳସ'ରେ ମାଟି ସଂଗ୍ରହ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, 'ଆଜାଦୀ କା ଅମୃତ ମହୋତ୍ସବ' ଅନ୍ତର୍ଗତ ଦେଶବ୍ୟାପୀ ଏହି ଅଭିଯାନ ଆରମ୍ଭ ହୋଇଛି। ଏହା ଆମର ବୀର ଯୋଦ୍ଧାମାନଙ୍କୁ ମନେପକାଇବାର ଏକ ଭଲ ଅବସର ଦେଇଛି। ଦେଶମାତୃକାର ସେବା ପାଇଁ ବୀରଙ୍କୁ ବନ୍ଦନ କରାଯାଉଛି ଓ ସମସ୍ତଙ୍କ ପ୍ରାଣରେ ଦେଶପ୍ରେମ ଜାଗ୍ରତ ହୋଇଛି। ସ୍ଥାନୀୟ ଜନସାଧାରଣ ବିଶେଷ ଭାବେ ମହିଳାଙ୍କ ମଧ୍ୟରେ 'ମୋ ମୋଟି ମୋ ଦେଶ' କାର୍ଯ୍ୟକ୍ରମକୁ ନେଇ ବହୁତ ଉତ୍ସାହ ଦେଖାଯାଇଛି। ଆଜି ସଂଗ୍ରହ ହୋଇଥିବା ମାଟି ନୂଆଦିଲ୍ଲୀରେ କର୍ତ୍ତବ୍ୟ ପଥରେ 'ଅମୃତ ବାଟିକା'ରେ ସ୍ଥାପିତ ହେବ। ଏହି 'ଅମୃତ ବାଟିକା' 'ଏକ ଭାରତ ଶ୍ରେଷ୍ଠ ଭାରତ' ପ୍ରତିବଦ୍ଧତାର ପ୍ରତୀକ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ବିକାଶ ନାଁରେ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାର: ବିଜୟ


ପଦଯାତ୍ରାରେ ସାମିଲ ହୋଇଛନ୍ତି କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ଓ ଅନ୍ୟମାନେ।

**ଲାଞ୍ଜିଗଡ଼,୧୫।୧୦(ରମେଶ ଚନ୍ଦ୍ର ନାୟକ)**

**ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରଠାରୁ ଚମ୍ପାଦେଇପୁର ପର୍ଯ୍ୟନ୍ତ କଂଗ୍ରେସର ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏନେଇ ଜିଲା କଂଗ୍ରେସ ପକ୍ଷରୁ ରବିବାର ଚମ୍ପାଦେଇପୁରଠାରେ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବସନ୍ତପଡା ସରପଞ୍ଚ ଚାଞ୍ଚେର ମାଝିଙ୍କ ନେତୃତ୍ୱରେ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରୁ ବହୁ କଂଗ୍ରେସ ନେତା ଓ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମୁଖ୍ୟଅତିଥି ପ୍ରଦେଶ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ଯୋଗଦେଇଥିଲେ। ପଦଯାତ୍ରାରେ ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀର ଜୟପାଟଣା, ଥୁଆମୂଳ ରାମପୁର, ଭବାନୀପାଟଣା ଓ ଲାଞ୍ଜିଗଡ ଅଞ୍ଚଳର ବହୁ କର୍ମୀ ଓ ଜନସାଧାରଣ ପଦଯାତ୍ରାରେ ଆସି ଚମ୍ପାଦେଇପୁରଠାରେ ବିଶାଳ ସମାବେଶରେ ସାମିଲ ହୋଇଥିଲୋ। କେନ୍ଦ୍ର ଓ ରାଜ୍ୟ ସରକାର ବିକାଶ ନାଁରେ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ବିଜୟ ପଟ୍ଟନାୟକ କହିଥିଲେ। ଏହି ସମାବେଶରେ ଜିଲା ସଭାପତି ଭାରତଭୂଷଣ ବେମାଲ, ରାଜ୍ୟ କଂଗ୍ରେସ ଆଦିବାସୀ ସେଲ ଉପସଭାପତି ପରମାନନ୍ଦ ମାଝି, ଲାଞ୍ଜିଗଡ଼ ବ୍ଲକ ସଭାପତି ବିଜୟ ନାଏକ, ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ଥୁଆମୁଳ ରାମପୁରର ମହିଳା କଂଗ୍ରେସ ସମ୍ପାଦିକା ଦ୍ରୌପଦୀ ମାଝି ପ୍ରମୁଖ ମଞ୍ଚାସୀନ ହୋଇଥିବା ବେଳେ ଭଗବାନ ମାଝି, ବୁଦ୍ଧୁ ପଟେଲ, ତାରେଶ୍ୱର ସାହୁ, ପଠାଣି ସାମନ୍ତ ନାଗ, ଗୋପାଳ ଚନ୍ଦ୍ର ଦାସଙ୍କ ସମେତ ୨୬ଟି ପଞ୍ଚାୟତର ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ଏହି ସମାବେଶରେ ମାଲିଗୁବାଙ୍ଗ, କର୍ଲାମୁଣ୍ଡା ଓ ବିଶ୍ୱନାଥପୁର ପଞ୍ଚାୟତର ଶତାଧିକ ବିଜେଡି ଓ ଭାଜପା କର୍ମୀ କଂଗ୍ରେସରେ ସାମିଲ ହୋଇଥିଲେ। ସମାବେଶକୁ ବିଜୟ ନାଏକ ପରିଚାଳନା କରିଥିବା ବେଳେ ହରିହର କୁମାର ଧନ୍ୟବାଦ ଅର୍ପଣ କରିଥିଲେ।


# Classified Everyday

0674-2580101, 2549949


AUTOMOBILE

**SALE**

TATA HYVA (Model-3118) 2018, 5 Nos., TATA HYVA (Model-2518) 2016, 4 Nos. - 9348369473, 7504690838. D-75235


REAL ESTATE

**SALE**

ଭୁବନେଶ୍ୱର Gita College ନିକଟ Gridco Colony/ Infocity-2 ପାଖରେ ପ୍ଲଟ୍ sqft. 520/- ବିକ୍ରିହେବ। 8917351078. D-75237

Kantabada Chhak Sparsh Hospital ପାଖରେ sthitiban plot Electricity ସହିତ ମିଳୁଅଛି। Contact: 8917697736, 9439101373. D-1428

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot-300/-. 7978663279. D-75231

Twincity ମଧ୍ୟଭାଗରେ Grand Bazar, (Nakhara NH-16) ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି plot ସୁଲଭ ମୂଲ୍ୟରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8249310759. D-75238

ଘରବାରି ବାସୋଉପଯୋଗୀ ପାଚେରି, ଇଲେକ୍ଟ୍ରିସହ ଭୁବନେଶ୍ୱର ନିୟୁରେଲୱେ ଷ୍ଟେସନ୍ ନିକଟରେ ପ୍ଲଟ୍ ସୁଲଭମୂଲ୍ୟରେ ଉପଲବ୍ଧ ଅଛି। ସମ୍ପର୍କ କରନ୍ତୁ। 9439924161. D-75236

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। (Bank Loan available) Excuse broker- 6370469894. D-75229

**PURCHASE**

ଭୁବନେଶ୍ୱରରେ ଘର କଲା ଭଳି କିସମ- ଘରବାରି yellow zone ଥାଇ ପିଚୁ ରାସ୍ତାକୁ ଲାଗି ଜାଗା ଆବଶ୍ୟକ ଅଛି। 9799798009ରେ Whatsapp କରନ୍ତୁ। D-74589


CONSTRUCTION

Construct your home 850/-, 1340/- which includes Architecture structure along with 3 years FMC, provide BDA Plan approval, boring-SNV Construction- 9439295469. D-75226


Healthcare

Newly open spa positively Health benefits with expert therapist. 9040286886. D-75152

Relax, Refresh your body, Mind at Saikrupa Spa with best therapies. 8984068077. D-1502

Newly open health benefits Spa special offer @ 999. Contact: 7749034655. D- 75157

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75051

Full body massage by expert therapist positively health benefits. 9938843929. D-75159

Spa Kerala body Massage only best Therapist @699/- Bhubaneswar. 9337672475. D-1535

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LOST**

ମୁଁ ହରିଶ୍ଚନ୍ଦ୍ର ସାହୁ, ପିତା: ଭିକାରୀ ଚରଣ ସାହୁ, ଗ୍ରା: ବଳରାମପୁର, ପୋ:ଅ: ବେଗୁନିଆ, ଥାନା- ବେଗୁନିଆ, ଜିଲ୍ଲା- ଖୋର୍ଦ୍ଧା। ମୁଁ ବିଜ୍ଞାପନ ଦେବାର କାରଣ ଏହିକି ଯେ, ମୋର ଓରିଜିନାଲ କବଲା ନଂ- ୩୬୭ / ୦୭, ମୌଜା ଓଡ଼ଗାଁ, ଖାତା- ନଂ. ୨୩୯/୪୬, ଏରିଆ- ୦.୦୭୨ ଡେସିମିଲ। ମୁଁ ତା. ୬।୧୦।୨୦୨୩, ସମୟ ଅପରାହ୍ନ ୨ ଘଟିକା ସମୟରେ ତହସିଲ ଯିବା ରାସ୍ତାରେ କେଉଁଠାରେ ଉକ୍ତ କବଲାଟି ହଜି ଯାଇଥିଲା। ଏଣୁ ଆପଣମାନଙ୍କୁ ବିନୀତ ଅନୁରୋଧ କରୁଅଛି କି, ଯଦି କେହି ସହୃଦୟ ବ୍ୟକ୍ତି କବଲାକୁ ପାଇବେ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବେ କିମ୍ବା ନିମ୍ନମତେ ମୋ ଓକିଲଙ୍କୁ ଯୋଗାଯୋଗ କରିବେ।
ଆଡ୍‌ଭୋକେଟ୍- ଦୀପକ କୁମାର ସାହୁ
ମୋ- 9937058785
D22864
ଧ-୧୫୬୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an affidavit c.f. No. 66/11.09.23 before the Court of Executive Magistrate, Bhubaneswar, that I Choudhury Harshita Sutar, D/o Choudhury Bijay Kumar Sutar, At/ PO/PS-Tirtol, Dist.-Jagatsinghpur, Pin -754137 Wrongly reflected in aadhar as Arjya Prajna Rudhimanta instead of CHOUDHURY HARSHITA SUTAR. That Choudhury Harshita Sutar and Arjya Prajna Rudhimanta is one and same person. D-1574


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


CLASSIFIED DISPLAY
MORE SPACE • SAME PRICE

BIJAYA FINANCE
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ। ସୁଧ ୨%
Mob:7656825212
7656825011


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰କୁମାରୀ ଦାଶ**
(ବାଉଁଶିଆ ରଘୁନାଥପୁରଶାସନ)
ଶରଣକୁଳ, ନୟାଗଡ଼
ଆବିର୍ଭାବ: ୦୬।୧୦।୧୯୫୩
ତିରୋଧାନ: ୦୮।୧୦।୨୦୨୧
ତା୧୬।୧୦।୨୦୨୩ ଆଶ୍ୱିନ, ଶୁକ୍ଳପକ୍ଷ, ଦ୍ୱିତୀୟା
ଆଜି ଆପଣଙ୍କର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତ କୋଟି ପ୍ରଣାମ ଜଣାଉଛୁ।
ଶୋକସନ୍ତପ୍ତ: ସ୍ୱାମୀ- ତ୍ରିନାଥ ଦାଶ, ପୁତ୍ର- ସନ୍ତୋଷ, ସୁଶାନ୍ତ ପୁତ୍ରବଧୂ- ନନ୍ଦିତା, ସରୋଜିନୀ, ନାତୁଣୀ/ ନାତି- ଅଙ୍କିତା, ଅଂଶୁମାନ
ଧ-୧୫୭୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଜାନକୀ ପୃଷ୍ଟି**
(ବ୍ରାହ୍ମଣ ସାହି, ଚୌଦ୍ୱାର)
ଆବିର୍ଭାବ: ୩୦।୦୧।୧୯୫୪
ତିରୋଧାନ: ୨୭।୦୯।୨୦୨୨
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନି ତୁମେ ଆମ ପାଖରେ ନାହଁ ବୋଲି । ତୁମର ଅନାବିଳ ପ୍ରେମ, ଶ୍ରଦ୍ଧା, ଓ ଭଲପାଇବା ଆମ ପାଇଁ ଅମୂଲ୍ୟ ସମ୍ପଦ ହୋଇ ରହିବ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କୁ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପତି: ବୈକୁଣ୍ଠନାଥ ପୃଷ୍ଟି, ପୁତ୍ର- ଶିବ ଓ ପବିତ୍ର, ଝିଅ- ଜ୍ୱାଇଁ, ରବି, ନାରାୟଣ, ନାତି /ନାତୁଣୀ ଓ ପରିବାରବର୍ଗ
ଧ-୧୫୭୬

# ଆକ୍ସିସ୍ ବ୍ୟାଙ୍କର ନୂତନ ଅଭିଯାନ

ଭୁବନେଶ୍ୱର,୧୫।୧୦

ଆକ୍ସିସ୍ ବ୍ୟାଙ୍କର ନୂତନ ଅଭିଯାନ 'ସ୍ୱର୍ଶ ସପ୍ତାହ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଗ୍ରାହକଙ୍କ ପ୍ରତି ରହିଥିବା ଆଗ୍ରହର ପରିପ୍ରକାଶ କରିବା ଲାଗି ଉକ୍ତ ଅଭିଯାନର ଆୟୋଜନ କରାଯାଇଛି। ଏପରିକି ବ୍ୟାଙ୍କ ଓ ଗ୍ରାହକମାନଙ୍କ ମଧ୍ୟରେ ରହିଥିବା ସମ୍ପର୍କକୁ ମଜଭୁତ କରିବା ଲାଗି ବ୍ୟାଙ୍କ ପକ୍ଷରୁ ଏଭଳି ଏକ ଅଭିଯାନ କର୍ମଚାରୀମାନଙ୍କ ଲାଗି ବିଭିନ୍ନ ଗ୍ରାହକ ସଂପୃକ୍ତି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ସପ୍ତାହରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଶିକ୍ଷଣୀୟ ଓ ଗ୍ରାହକଙ୍କ ଉପରେ ଗୁରୁତ୍ୱାରୋପ କରୁଥିବା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଯାହାଫଳରେ କର୍ମଚାରୀ ଓ ଗ୍ରାହକମାନଙ୍କ ପ୍ରଗତି, ନବସୃଜନ ଓ ରୂପାନ୍ତରଣ ଯାତ୍ରାରେ ବ୍ୟାଙ୍କ ଯୋଡ଼ିହୋଇ ରହିପାରିବ। ଉଲ୍ଲେଖଯୋଗ୍ୟ, ଶୁଣନ୍ତୁ, ପଦକ୍ଷେପ ନିଅନ୍ତୁ ଓ ଉତ୍ସବ ପାଳନ କରନ୍ତୁ ଭଳି ତିନିଟି ମୂଳ ତତ୍ତ୍ୱ ଉପରେ ଚଳିତ ବର୍ଷର ସ୍ୱର୍ଶ ସପ୍ତାହ ପର୍ଯ୍ୟବସିତ ରହିବ। ଗ୍ରାହକଙ୍କ ଆବଶ୍ୟକତା ଓ ସମସ୍ୟାକୁ ଭଲ ଭାବେ ବୁଝିବା ଓ ଗ୍ରାହକଙ୍କ ମତାମତ ଓ ପ୍ରଶ୍ନ ଅନୁସାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା ଓ ଗ୍ରାହକଙ୍କ ସହିତ ଆକ୍ସିସ୍ ବ୍ୟାଙ୍କର ମୂଲ୍ୟବାନ ସମ୍ପର୍କକୁ ପାଳନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି।

ଏ ସମ୍ପର୍କରେ ଆକ୍ସିସ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ବ୍ୟାଙ୍କିଙ୍ଗ ଅପରେସନ୍ସ ଆଣ୍ଡ ଟ୍ରାନ୍ସଫର୍ମେଶନ) ସୁବ୍ରତ ମହାନ୍ତି କହିଛନ୍ତି, ଆମେ ସବୁ ଗ୍ରାହକଙ୍କ ଲାଗି ଦିଲ୍ ସେ ଓପନ୍ ଏବଂ ଉଚ୍ଚସ୍ତରର ଗ୍ରାହକ ସେବା ପାଇଁ ପ୍ରତିବଦ୍ଧ ରହିଛୁ। ଆମ ଗ୍ରାହକଙ୍କ କଥା ଓ ମତାମତକୁ ଶୁଣିବା, ପଦକ୍ଷେପ ନେବା ଓ ପାଳନ କରିବା ଲାଗି ଆମେ ଅଭିଳାଷ ରଖିଥିବାରୁ ସ୍ୱର୍ଶ ସେହି ଭାବର ପରିପ୍ରକାଶ କରୁଛି। କେବଳ ଆମେ ଏକ ବ୍ୟାଙ୍କ ନୁହେଁ ବରଂ ଜଣେ ସହଯୋଗୀ ଏବଂ ସ୍ୱପ୍ନ ଓ ଅଭିଳାଷ ପୂରଣ କରିବାର ସକ୍ଷମକାରୀ ଭାବେ ଆମ ମୂଲ୍ୟବୋଧକୁ ଏହି ଅଭିଯାନ ପ୍ରତିଫଳିତ କରୁଛି। ଦଶନ୍ଧି ଧରି ଆମ ଗ୍ରାହକମାନଙ୍କ ଆମ ଉପରେ ବିଶ୍ୱାସ ରହିଛି ଏବଂ ଆମେ ସେମାନଙ୍କୁ ଉଲ୍ଲାସପୂର୍ଣ୍ଣ ବ୍ୟାଙ୍କିଙ୍ଗ ଅନୁଭୂତି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ।

# ଏଏସ୍‌ଡିସିକୁ ବେଷ୍ଟ ପ୍ରାକ୍ଟିସ ଇନ୍ ଡିଜିଟାଲ ଟ୍ରାନ୍ସଫର୍ମେଶନ ଆୱାର୍ଡ

ଭୁବନେଶ୍ୱର,୧୫।୧୦ (ଅଭୟ ଦାଶ)




ଆଦାନୀ ଫାଉଣ୍ଡେଶନର ପ୍ରମୁଖ ସଂସ୍ଥା ଆଦାନୀ ସ୍କିଲ୍ ଡେଭେଲପମେଣ୍ଟ ସେଣ୍ଟର(ଏଏସ୍‌ଡିସି)କୁ ନିକଟରେ ସମ୍ମାନଜନକ 'ବେଷ୍ଟ ପ୍ରାକ୍ଟିସ ଇନ୍ ଡିଜିଟାଲ ଟ୍ରାନ୍ସଫର୍ମେଶନ ଆୱାର୍ଡ' ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ସିଆଇଆଇ-ଟାଟା କମ୍ୟୁନିକେଶନ୍ସ ସେଣ୍ଟର ଫର୍ ଡିଜିଟାଲ ଟ୍ରାନ୍ସଫର୍ମେଶନ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏଏସ୍‌ଡିସିକୁ ବେଷ୍ଟ ପ୍ରାକ୍ଟିସ ଇନ୍ ଡିଜିଟାଲ ଟ୍ରାନ୍ସଫର୍ମେଶନ ଆୱାର୍ଡ ଦିଆଯାଇଛି। ବିଶେଷକରି ଏଏସ୍‌ଡିସି ତା'ର ସକ୍ଷମ କାର୍ଯ୍ୟକ୍ରମ ଜରିଆରେ ନବସୃଜନର ଉତ୍କର୍ଷ ଆଣିବା ଲାଗି ସେଣ୍ଟରର ପ୍ରତିବଦ୍ଧତାର ଏହି ପୁରସ୍କାର ହେଉଛି ପ୍ରମାଣ। ଉକ୍ତ ପ୍ରକଳ୍ପରେ ୱେଲଡର, ଇଲେକ୍ଟ୍ରିସିଆନ, ଭାରିଯାନ ଚାଳକ, କ୍ରେନ ଅପରେଟର ଆଦିଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏହି ସିମୁଲେଟର କେନ୍ଦ୍ରରେ ଅଗମେଣ୍ଟେଡ ରିଅଲିଟି (ଏଆର୍), ଭର୍ଚୁଆଲ ରିଅଲିଟି (ଭିଆର୍) ଓ ମିକ୍ସଡ ରିଅଲିଟି (ଏମ୍ଆର୍) ପ୍ରଯୁକ୍ତି ଆଦି ସାମିଲ ରହିଛି। ଏପରିକି ଶିଳ୍ପର ଦକ୍ଷତା ଅଭାବ ଦୂର କରିବା ତଥା ଜାତୀୟ ବିକାଶ ପ୍ରତି ଯୋଗଦାନ ପ୍ରଦାନ କରିବା ଲାଗି ଏଏସ୍‌ଡିସିର ପ୍ରତିବଦ୍ଧତା ଅଭିଳାଷୀ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷାଗତ ସୁଯୋଗକୁ ମାର୍ଜିତ କରିଛି, ଏହା ନିଯୁକ୍ତି ଆଶାୟୀଙ୍କ ପାଇଁ ନିଯୁକ୍ତି ସମ୍ଭାବନାକୁ ବଢ଼ାଇ ଶ୍ରମ ଶକ୍ତି ଭିତରେ ପ୍ରତିଦ୍ୱନ୍ଦ୍ୱିତାର ମନୋଭାବର ଏକ ନୂତନ ଯୁଗ ଆରମ୍ଭ କରିଛି।

ଏ ସମ୍ପର୍କରେ ଏଏସ୍‌ଡିସିର ସିଓଓ ଯତୀନ ତ୍ରିବେଦୀ କହିଛନ୍ତି, ଏଭଳି ଏକ ପୁରସ୍କାରରେ ସମ୍ମାନିତ କରାଯାଇଥିବାରୁ ଆମେ ବେଶ୍ ଉତ୍ସାହିତ । ପ୍ରଯୁକ୍ତିର ବ୍ୟବହାର ଜରିଆରେ ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧିର ପ୍ରସାର କରିବା ଏବଂ ଛାତ୍ରୀଛାତ୍ରଙ୍କ ପାଇଁ ଏକ ରୂପାନ୍ତରିତ ଶିକ୍ଷାଗତ ଅଭିଜ୍ଞତା ସୃଷ୍ଟି କରିବାରେ ଏହା ବେଶ୍ ସହାୟକ ହୋଇଥିବା ବେଳେ ବିଭିନ୍ନ ଶିଳ୍ପରେ ଦକ୍ଷତା ଅନ୍ତରକୁ ଦୂର କରୁଛି, ଦକ୍ଷତା ବିକାଶ ଜରିଆରେ ଜୀବନକୁ ସମୃଦ୍ଧ କରିବାର ଲକ୍ଷ୍ୟ ପ୍ରତି ଆମେ ସଂକଳ୍ପବଦ୍ଧ ରହିଛୁ। ବିଶ୍ୱର ପ୍ରଥମ ସଂସ୍ଥା ଭାବେ ମେଟାଭର୍ସରେ ଦକ୍ଷତା କେନ୍ଦ୍ର ସ୍ଥାପନ କରିବାର ମାନ୍ୟତା ଏଏସଡିସି ନାମରେ ରହିଛି, ଏକ ମିଳିତ ଭର୍ଚୁଆଲ କୋଠରିରେ ବିଭିନ୍ନ ଭୌଗୋଳିକ ସ୍ଥାନର ଲୋକମାନେ ତା'ର ଲାଭ ଉଠାଇପାରୁଛନ୍ତି।

# ଆଇ-ଫାଇନାନ୍ସର ଶୁଭାରମ୍ଭ

ଭୁବନେଶ୍ୱର,୧୫।୧୦

ଆଇସିଆଇସିଆଇ ବ୍ୟାଙ୍କର ନୂତନ ଉତ୍ପାଦ 'ଆଇ-ଫାଇନାନ୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହା ଜରିଆରେ ଗ୍ରାହକମାନେ ସଞ୍ଚୟ ଓ ଚଳନ୍ତି ଖାତାକୁ ଗୋଟିଏ ସ୍ଥାନରେ ଏକସଙ୍ଗେ ଦେଖିବାର ସୁଯୋଗ ପାଇବେ। ଏପରିକି ଉକ୍ତ ସୁବିଧାକୁ ଅନ୍ୟ ବ୍ୟାଙ୍କର ଗ୍ରାହକମାନେ ମଧ୍ୟ ହାସଲ କରିପାରିବେ। ସେହିଭଳି ବ୍ୟାଙ୍କର ଡିଜିଟାଲ୍ ପ୍ଲାଟଫର୍ମ ଆଇ-ମୋବାଇଲ୍ ପେ' ଆପ୍, ରିଟେଲ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍, କର୍ପୋରେଟ୍ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ଓ ଇନଷ୍ଟାବିଜ୍ ଭଳି ଆକାଉଣ୍ଟ ଏଗ୍ରିଗେଟର ବ୍ୟବସ୍ଥା ଜରିଆରେ ସେମାନେ ଏହାର ଲାଭ ପାଇପାରିବେ। ସମସ୍ତ ଆକାଉଣ୍ଟର ଏକକ ଡ୍ୟାସ୍‌ବୋର୍ଡ ଭାବେ ଆଇ ଫାଇନାନ୍ସ କାର୍ଯ୍ୟ କରିବ। ଏପରିକି ଗ୍ରାହକମାନେ ଖାତା ବାଲାନ୍ସ ଯାଞ୍ଚ କରିପାରିବେ, ବ୍ୟୟ ଢାଞ୍ଚା ଉପରେ ମୂଲ୍ୟବାନ ସୂଚନା ହାସଲ କରିପାରିବେ ଏବଂ ଖାତା ଷ୍ଟେଟମେଣ୍ଟ ଡାଉନ୍‌ଲୋଡ୍ କରିବା ଭଳିବହୁସୁବିଧା ମଧ୍ୟ ପାଇପାରିବେ। ଏହି ଡ୍ୟାସ୍‌ବୋର୍ଡ ଗ୍ରାହକଙ୍କୁ ଉଲ୍ଲେଖନୀୟ ସୁବିଧା ପ୍ରଦାନ କରିବ ଏବଂ ବ୍ୟୟ ଉପରେ ଉତ୍ତମ ନିୟନ୍ତ୍ରଣ ପ୍ରଦାନ କରିବା ସହ ସେମାନେ ନିଜ ଫାଇନାନ୍ସକୁ ନିରବଚ୍ଛିନ୍ନ ଢଙ୍ଗରେ ପରିଚାଳନା କରିପାରିବେ। ଏ ସମ୍ପର୍କରେ ଆଇସିଆଇସିଆଇ ବ୍ୟାଙ୍କର ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ମୁଖ୍ୟ ସିଦ୍ଧାର୍ଥ ମିଶ୍ର କହିଛନ୍ତି, ଆମ ଗ୍ରାହକମାନଙ୍କୁ ଭବିଷ୍ୟତ ଲାଗି ପ୍ରସ୍ତୁତ ଓ ଅଭିନବ ଡିଜିଟାଲ୍ ସମାଧାନ ପ୍ରଦାନ କରିବା ଲାଗି ଆମେ ପ୍ରତିବଦ୍ଧ ରହିଛୁ। ଆଇ-ଫାଇନାନ୍ସର ଶୁଭାରମ୍ଭ ସହିତ ଖାତା ତଥ୍ୟକୁ ଗୋଟିଏ ସ୍ଥାନରେ ଦେଖିବା ଏବଂ ସେମାନଙ୍କ ଫାଇନାନ୍ସ ଉପରେ ଉତ୍ତମ ନିୟନ୍ତ୍ରଣ ପ୍ରଦାନ କରିବା ଲାଗି ଆମ ଗ୍ରାହକଙ୍କ ସମେତ ଅନ୍ୟ ଗ୍ରାହକମାନଙ୍କୁ ତାହା ସକ୍ଷମ କରିବ।



କଟକ କନିକା ଛକସ୍ଥିତ ସନି ମୋଟର୍ସ ପରିସରରେ ହିରୋର ନ୍ୟୁ ହାର୍ଲି ଡାଭିଡସନ ଏକ୍ସ୪୪୦କୁ ଅତିଥି ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଅନାବରଣ କରାଯାଇଛି।

## ଓଡ଼ିଶା ବଜାରରେ ହିରୋର ନ୍ୟୁ ହାର୍ଲି ଡାଭିଡସନ ଏକ୍ସ୪୪୦

ଭୁବନେଶ୍ୱର, ୧୫।୧୦

ହିରୋ ମୋଟକର୍ପ ପ୍ରାଇଭେଟ ଲିମିଟେଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନ୍ୟୁ ହାର୍ଲି ଡାଭିଡସନ ଏକ୍ସ୪୪୦ ନିକଟରେ ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲରଗୁଡ଼ିକ ଜରିଆରେ ଉକ୍ତ ମଡେଲକୁ କମ୍ପାନୀ ଓଡ଼ିଶା ବଜାରରେ ପ୍ରବେଶ କରାଇଛି। ବିଶେଷକରି କମ୍ପାନୀର ଉକ୍ତ ମଡେଲରେ ଅନେକ ବୈଶିଷ୍ଟ୍ୟ ସାଙ୍ଗକୁ ନୂତନ ସୁବିଧା ସଂଯୋଗ କରାଯାଇଛି। ଉଲ୍ଲେଖଯୋଗ୍ୟ, ନ୍ୟୁ ନ୍ୟୁ ହାର୍ଲି ଡାଭିଡସନ ଏକ୍ସ୪୪୦ ୩ଟି ଭାରିଆଣ୍ଟ ସହିତ ୪ଟି ଆକର୍ଷଣୀୟ କଲର(ରଙ୍ଗ)ରେ ଉପଲବ୍ଧ ହେଉଥିବାବେଳେ ଏହାର ବଜାର ମୂଲ୍ୟ (ଏକ୍ସ ଶୋ'ରୁମ ନୂଆଦିଲ୍ଲୀ) ୨,୭୭,୬୪୦ ଟଙ୍କା ରହିଛି।



କଟକ ପ୍ରଫେସରପଡାସ୍ଥିତ ଜେଏମ୍‌ଜି ଅଟୋମୋବାଇଲ୍ସ ପରିସରରେ ହିରୋର ନ୍ୟୁ ହାର୍ଲି ଡାଭିଡସନ ଏକ୍ସ୪୪୦କୁ ଅତିଥି ଓ କର୍ମଚାରୀଙ୍କ ଉପସ୍ଥିତିରେ ଅନାବରଣ କରାଯାଇଛି।



# 'ମା'ର ଉନ୍ନତିରେ, ସମାଜର ଉନ୍ନତି'

## ଆର୍ଯ୍ୟସମାଜ ପକ୍ଷରୁ 'ନବମାତୃକା ପୂଜା' ମହୋତ୍ସବ

ଭୁବନେଶ୍ୱର, ୧୫।୧୦ (ବନ୍ଦନା ସେଠୀ)



ଆର୍ଯ୍ୟସମାଜ ଓଡ଼ିଶା ପକ୍ଷରୁ ନବରାତ୍ରର ପ୍ରଥମ ଦିବସରେ ରବିବାର ରାଜ୍ୟସ୍ତରୀୟ ନବମାତୃକା ପୂଜା ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାନନ୍ଦ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରି କହିଲେ, ଭାରତ ବର୍ଷରେ ଆର୍ଯ୍ୟସମାଜ ଏକ ସଂସ୍କାରବାଦୀ ଆନ୍ଦୋଳନ। ଏହା କେବଳ ଯଜ୍ଞ ପ୍ରବଚନରେ ସୀମିତ ନୁହେଁ, ୧୫୦ ବର୍ଷ ଧରି ଆର୍ଯ୍ୟସମାଜ ଭାରତର ସାଧାରଣ ସମାଜରେ ଜାତିପ୍ରଥାର ବିଲୋପ ଓ ମହିଳାଙ୍କ ଅଧିକାର ପାଇଁ ଲଢେଇ କରି ଆସିଛି। ନବମାତୃକା ପୂଜାରେ ଜୀବିତ ମହିଳାଙ୍କର ପୂଜା କରି ଆର୍ଯ୍ୟସମାଜ ଏକ ସ୍ୱତନ୍ତ୍ର ଉଦାହରଣ ସୃଷ୍ଟି କରିଥିବା ମେୟର କହିଥିଲେ। ଆର୍ଯ୍ୟସମାଜ ଓଡ଼ିଶାର ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେଦ ବିଦୂଷୀ ସନ୍ନୋ ଦେବୀ ଯୋଗଦେଇ କହିଲେ, ବେଦରେ ମା'କୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି। ମା'ର ଉନ୍ନତିରେ, ସମାଜର ଉନ୍ନତି ଓ ଆର୍ଯ୍ୟସମାଜର ସଂସ୍କାରବାଦୀ ବିଚାରଧାରା ପ୍ରତ୍ୟେକ ଯୁବକ, ଛାତ୍ରଙ୍କ ନିକଟରେ ପହଞ୍ଚିବା ଉଚିତ ବୋଲି ସେ ମତ ଦେଇଥିଲେ।

ଏହି ଅବସରରେ ୯ଜଣ ପ୍ରତିଷ୍ଠିତ ମହିଳା ସାବିତ୍ରୀ ରାଉତ, ଡ. କନକ ମଞ୍ଜରୀ ମିଶ୍ର, ସରଳା କାନୁନ୍‌ଗୋ, ପୁଷ୍ପାଞ୍ଜଳି ପ୍ରଧାନ, ଆଶାଦେବୀ ଅଗ୍ରୱାଲ, ଡ. ବିମୋଚପ୍ରଜ୍ଞା ତ୍ରିପାଠୀ, ସରୋଜିନୀ ପଣ୍ଡା, ଆରତିଶାସ୍ତ୍ରୀ ଓ ଋତୁପର୍ଣ୍ଣା ମହାନ୍ତିଙ୍କୁ ପୂଜନ କରାଯାଇଥିଲା। ଆୟୋଜିତ ବୈଦିକ ଯଜ୍ଞ ଓ ନବମାତୃକା ପୂଜାକୁ ପଣ୍ଡିତ ବିନୋଦ ବିହାରୀ ଦାସ ଓ ଆଚାର୍ଯ୍ୟ ଧର୍ମରାଜ ସଂଯୋଜନା କରିଥିଲେ। ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, କଥାବାଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସ୍ଥାନୀୟ କର୍ପୋରେଟର ଟିଙ୍କିବାବୁ, ପୂର୍ବତନ କୁଳପତି ନରେନ୍ଦ୍ର କୁମାର ମିଶ୍ର, ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର, ପୂର୍ବତନ ପ୍ରଶାସକ ପଞ୍ଚାନନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ଟ୍ରଷ୍ଟି ଆରତି ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଚିତ୍ତରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ପୋଲିସ ଠିକା କମ୍ପାନୀର ଗୁଣ୍ଡା ସାଜିଛି: ମାଓବାଦୀ ସଂଗଠନ

## ଏସ୍‌ପି, ଘରୋଇ କମ୍ପାନୀ ବିରୋଧରେ ପ୍ରେସ୍ ରିଲିଜ ଜାରି

ରାୟଗଡ଼ା,୧୫।୧୦(ଆଶିଷ ରଞ୍ଜନ ପଣ୍ଡା)



ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ଓ ଘରୋଇ କମ୍ପାନୀ ବିରୋଧରେ ବାଂଶଧାରା-ଘୁମୁସର-ନାଗାବଳୀ (ବାଘୁନା) ଡିଭିଜନାଲ ମାଓବାଦୀ କମିଟି ପ୍ରେସ୍ ରିଲିଜ ଜାରି କରିଛି। ଏସ୍‌ପି ଶର୍ମାଙ୍କ ନେତୃତ୍ୱରେ ଜିଲା ପୋଲିସ ଠିକା କମ୍ପାନୀର ଗୁଣ୍ଡା ସାଜିଛି। ପୋଲିସ ନିରୀହ ଆଦିବାସୀ, ଦଳିତ ଓ ଚାଷୀ ସମାଜର ଲୋକଙ୍କୁ ଉଠାଇ ନେଇ ନିର୍ଯାତନା ଦେଉଛି । ବେଦାନ୍ତ, ଆଦାନୀ, ବିର୍ଲା ଭଳି ଖଣି ଲୁଟେରାଙ୍କୁ ସୁହାଇଲା ଭଳି ରାଜ୍ୟ ସରକାର ଓ ପୋଲିସ କାମ କରୁଥିବା ଉକ୍ତ ପ୍ରେସ୍ ରିଲିଜରେ ଉଲ୍ଲେଖ କରାଯାଇଛି । ହେଲେ ଏହି ଦମନଲୀଳାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ମାଓବାଦୀ ସଂଗଠନ ପକ୍ଷରୁ କୁହାଯାଇଛି।

ରାୟଗଡ଼ା ଓ କଳାହାଣ୍ଡି ଜିଲାରେ ରହିଥିବା ସିଜିମାଳି ଓ କୁତ୍ରୁମାଳି ପାହାଡ଼ ବେଦାନ୍ତ ଏବଂ ଆଦାନୀ କମ୍ପାନୀକୁ ଲିଜ୍‌ରେ ମିଳିଛି । ରାୟଗଡ଼ା ଏସପି ବିବେକାନନ୍ଦ ଶର୍ମା ଉକ୍ତ କମ୍ପାନୀର ଠିକା ଗୁଣ୍ଡା ଭଳି କାମ କରୁଛନ୍ତି। ଜୁଲାଇରୁ ଅଦ୍ୟାବଧି ଜିଲାର ୨୭ଜଣ ନିରୀହ ଆଦିବାସୀଙ୍କୁ ରାତିଅଧିଆ ଉଠାଇ ନେଇ ମାଡ଼ ମାରି ନିର୍ଯାତନା ଦେଉଛନ୍ତି ଏବଂ ପରବର୍ତ୍ତୀ ସମୟରେ ଦେଶଦ୍ରୋହୀ ଭଳି ୟୁଏପିଏ ମାମଲାରେ ଛନ୍ଦି ଜେଲ ପଠାଉଛନ୍ତି। ସେହିଭଳି ଜିଲାରେ ରହୁଥିବା ବିଭିନ୍ନ ଦଳର ରାଜନେତା, କୁଜିନେତାମାନେ କମ୍ପାନୀର ଦଲାଲ ସାଜି ପଇସା ଖାଇ କମ୍ପାନୀ ସପକ୍ଷରେ ଖୋଲାଖୋଲି ଖବରଦାତା ସମ୍ମିଳନୀ କରୁଛନ୍ତି । ଏହା କ'ଣ ତାଙ୍କ ଦଳ ହାଇକମାଣ୍ଡଙ୍କ ନିଷ୍ପତ୍ତି ନା ଏହି ନେତାମାନେ ନିଜ ସ୍ୱାର୍ଥ ପାଇଁ ଏଭଳି କରୁଛନ୍ତି ବୋଲି ମାଓବାଦୀ ପ୍ରଶ୍ନ କରିଛନ୍ତି । ଖଣି ଅଞ୍ଚଳବାସୀ ଯଦି କମ୍ପାନୀ ଓ ପୋଲିସର ଏହି ଜୁଲମକୁ ବିରୋଧ କରିବା ପାଇଁ କୌଣସି ସହାୟତା ଚାହୁଁଛନ୍ତି, ତେବେ ବାଘୁନା କମିଟି ସହଯୋଗ କରିବା ପାଇଁ ପ୍ରସ୍ତୁତ ଅଛି ବୋଲି ଏହି ପ୍ରେସ୍ ବିବୃତିରେ ଉଲ୍ଲେଖ ରହିଛି। ପ୍ରେସ ବିବୃତି ବାଘୁନା ଡିଭିଜନାଲ କମିଟି ସମ୍ପାଦିକା ରୀତାଙ୍କ ପକ୍ଷରୁ ଜାରି ହୋଇଥିବା ଉଲ୍ଲେଖ ରହିଛି। ଏ ନେଇ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ବିଷ ପିଇ ଗୁରୁତର ଚାଷୀଙ୍କ ମୃତ୍ୟୁ

## ଧାନ ଫସଲ ନଷ୍ଟ ଦେଖି ଭାଙ୍ଗିପଡ଼ିଥିଲେ

ଧର୍ମଶାଳା,୧୫।୧୦ (ବଟକୃଷ୍ଣ ପରିଡ଼ା)

ଧାନ ଫସଲ ନଷ୍ଟ ଯୋଗୁ ବିଷ ପିଇ ଗୁରୁତର ହୋଇଥିବା ଜଣେ ଚାଷୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସନ୍ଧ୍ୟାରେ ମୃତ୍ୟୁ ହୋଇଛି। ସେ ହେଲେ ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଧୀନ ବାଜବାଟି ଗ୍ରାମର ନିତ୍ୟାନନ୍ଦ ପରିଡ଼ା(୫୦)। ନିତ୍ୟାନନ୍ଦ ୩ ଏକର ଜମିରେ ଋଣ କରି ଧାନଚାଷ କରିଥିଲେ। ତେବେ ଧାନ ଜମି କଡ଼ରେ ଗଭୀର କଳାପଥର ଖାଦାନ ଥିବାରୁ ଜମିରେ ପାଣି ନ ରହି ଖାଦାନକୁ ବୋହିଯାଉଛି। ଫଳରେ ଜମି ଶୁଷ୍କ ହୋଇ ଧାନ ଫସଲ ପ୍ରଭାବିତ ହୋଇଛି। ଶନିବାର ପୂର୍ବାହ୍ନରେ ନିତ୍ୟାନନ୍ଦ ଧାନ ଜମିରେ କୀଟନାଶକ ପକାଇବା ପାଇଁ ଯାଇଥିବା ବେଳେ ଫସଲ ନଷ୍ଟ ହୋଇଥିବା ଦେଖି ଭାଙ୍ଗିପଡ଼ିଥିଲେ। ପରେ ସେ ବିଷ ପିଇ ସେଠାରେ ଟଳିପଡ଼ିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା।

# ଜବତ ମଦ, ବାଣ ଚୋରାଚାଲାଣ କରୁଥିଲା ପୋଲିସ

ଖୋର୍ଦ୍ଧା/ବେଗୁନିଆ,୧୫।୧୦(ପ୍ରଭାତ ପାଣିଗ୍ରାହୀ/ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ପରିସରରୁ ଶନିବାର ବିଳମ୍ବିତ ରାତିରେ ଜବତ ବାଣ ଓ ମଦ ଏକ କାର୍‌ରେ ଚୋରାଚାଲାଣ ବେଳେ ଲୋକଙ୍କ ହାତରେ ଜଣେ ହୋମଗାର୍ଡଙ୍କ ସମେତ ଡ୍ରାଇଭର ଧରାପଡିଥିଲେ। ତାଙ୍କୁ ଛାଡି ଦେବା ପାଇଁ ହୋମଗାର୍ଡ ଜଣଙ୍କ ଲୋକଙ୍କ ଆଗରେ କାନ ଧରି ଉଠ୍‌ବସ ହୋଇଥିଲେ। ତେବେ ଲୋକେ ଉଭୟଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ସଦର ଏସ୍‌ଡିପିଓ ଦିଲୀପ ଦାସ ସଦଳବଳ ପହଞ୍ଚି କାର୍ (ନଂ.ଓଆର୦୨-ବିଏ-୫୨୬୭) ସହ ବାଣ ଓ ମଦ ଜବତ କରିଥିଲେ। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ହୋମଗାର୍ଡ ପ୍ରକାଶ ମୁଦୁଲି ଏବଂ କାର୍ ଡ୍ରାଇଭର କୁନା ତାଡ଼ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୩୬୬/୨୩) ରୁଜୁ ହୋଇଛି।

ସୂଚନା ମୁତାବକ, ବେଗୁନିଆ ଥାନା ଅଧୀନ କଣ୍ଟାବାଡ଼ସ୍ଥିତ ମୁକୁନ୍ଦପୁର ଗ୍ରାମର ବିଶ୍ୱନାଥ



ମହାପାତ୍ରଙ୍କ ଘରେ ଶନିବାର ପୋଲିସ ଚଢ଼ାଉ କରି ୧୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବାଣ ଏବଂ ୨୫ କେଜି ବାରୁଦ ଜବତ କରିଥିଲା। ବିପୁଳ ପରିମାଣର ବାଣ ଧରିଥିବାରୁ ପ୍ରଶଂସା ସାଉଁଟିଥିଲା ପୋଲିସ। ସେହିଦିନ ସନ୍ଧ୍ୟାରେ ଏକ ବାଇକ୍ ଓ କାର୍ ଦୁର୍ଘଟଣାରେ ଲୋକେ କାର ଚାଳକଙ୍କୁ ଧରି ପୋଲିସ ଜିମା ଦେଇଥିଲେ। କାର୍ ଭିତରୁ ପୋଲିସ ପେଟି ପେଟି ମଦ ମଧ୍ୟ ଜବତ କରିଥିଲା। ଅନ୍ୟପକ୍ଷରେ ରାତି ପ୍ରାୟ ୧ଟାରେ ଉପରୋକ୍ତ କାର୍ (ଓଆର୦୨-ବିଏ-୫୨୬୭) ଥାନା ଭିତରକୁ ପ୍ରବେଶ କରିଥିଲା। ସେଠାରୁ ଜବତ ବାଣ ଏବଂ ମଦ ନେଇ ଥାନାର ପଛପଟ ଫାଟକ ଦେଇ ଯାଉଥିବା ବେଳେ ବେଗୁନିଆ ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ ଓ ସ୍ଥାନୀୟ ଲୋକେ କାରକୁ ଅଟକାଇଥିଲେ।

## ବେଗୁନିଆ ଥାନା ହୋମଗାର୍ଡ, କାର୍ ଡ୍ରାଇଭର ଗିରଫ

- ଭିଡିଓ ଭାଇରାଲ, ପୋଲିସର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ
- ଅନ୍ୟ ଜଣେ ହୋମଗାର୍ଡ, କନ୍‌ଷ୍ଟେବଲଙ୍କ ସମ୍ପୃକ୍ତି ଚର୍ଚ୍ଚା



କାର ଭିତରେ ବିପୁଳ ପରିମାଣର ବାଣ ଏବଂ ମଦ ଥିବା ଦେଖି ଏସ୍‌ଡିପିଓ ଦାସଙ୍କୁ ଯୋଗାଯୋଗ କରିଥିଲେ। ଏହି ସମୟରେ ହୋମଗାର୍ଡ ମୁଦୁଲି ତାଙ୍କୁ ଛାଡି ଦେବାକୁ ନେହୁରା ହେବା ସହ ଏପରି ଭୁଲ ଆଉ କରିବେ ନାହିଁ ବୋଲି କହି ଉଠ୍‌ବସ ହୋଇଥିଲେ। ତେବେ ଏହି ବାଣ ଓ ମଦ କେଉଁଆଡେ ନେଉଥିଲେ ସେ ସମ୍ପର୍କରେ ଠିକ୍ ସୂଚନା ଦେଇନଥିଲେ। ଅନ୍ୟପକ୍ଷରେ ଘଟଣାସ୍ଥଳରେ ଉପସ୍ଥିତ ଥିବା ଲୋକେ ଏହାର ଭିଡିଓ କରିଥିଲେ। ଏହି ଘଟଣାରେ ଥାନାର ଅନ୍ୟ ଜଣେ ହୋମ୍‌ଗାର୍ଡ ଓ କନ୍‌ଷ୍ଟେବଲଙ୍କ ସମ୍ପୃକ୍ତି ଥିବା କହିଥିଲେ। ତେବେ କିଏ ସେ ସମ୍ପୃକ୍ତ ପୋଲିସ କର୍ମଚାରୀ ତାହା ତଦନ୍ତ ସାପେକ୍ଷ। ଖବରପାଇ ଏସ୍‌ଡିପିଓ ଦାସ ଏବଂ ଥାନା ଅଧିକାରୀ ବିଶ୍ୱନାଥ ରାଉତରାୟ ପହଞ୍ଚିଥିଲେ। ଏସ୍‌ଡିପିଓ ଦାସଙ୍କୁ ଲୋକେ କାର୍ ବୋଝେଇ ବାଣ, ମଦ ହସ୍ତାନ୍ତର କରିଥିଲେ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଲାଗି ଉପସ୍ଥିତ ଲୋକେ ଦାବି ମଧ୍ୟ କରିଥିଲେ। ଘଟଣା ସମ୍ପର୍କରେ ଥାନା ଅଧିକାରୀ କିପରି ଜାଣିପାରିଲେ ନାହିଁ ସେ ନେଇ ସରପଞ୍ଚ ପ୍ରଧାନ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟଙ୍କୁ ସୁରକ୍ଷା ଦେଉଥିବା ପୋଲିସ ଯଦି ନିଜେ ଏପରି ଦୁର୍ନୀତିରେ ଲିପ୍ତ ରହିବ ସ୍ଥାନୀୟ ଅଞ୍ଚଳରେ କ'ଣ ଘଟିବ ସେ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଥାନାରେ ଥିବା ଏଭଳି କର୍ମଚାରୀ ଓ ଅଧିକାରୀଙ୍କୁ ତୁରନ୍ତ ବଦଳି ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।



ପିଲାମାନଙ୍କ ଗହଣରେ ନିଜର ୭୧ତମ ଜନ୍ମ ଦିବସ ପାଳନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

# ନୀରବ ନାୟକ-ନବୀନ

ନବୀନ ପଟ୍ଟନାୟକ- କେବଳ ଏକ ନାମ ନୁହେଁ,
ବରଂ ଅନନ୍ୟ ସଫଳତାର ଏକ ବିରଳ କାହାଣୀ।



ଏକ ଦୁର୍ବାର ରାଜନୈତିକ ଅଭିଯାନ। ସେ ଅଭିଯାନ ଯେତିକି ରୋମାଞ୍ଚକର, ସେତିକି ଉଦ୍‌ବୋଧନୀୟ। ରାଜନୀତିରେ ରୁଚି ନ ଥାଇ ମଧ ଓଡ଼ିଶାବାସୀଙ୍କ ଶ୍ରଦ୍ଧା, ଆଗ୍ରହ ଓ ଅନୁରୋଧକୁ ଏଡ଼ି ନ ପାରି ସେ ରାଜନୀତି କ୍ଷେତ୍ରକୁ ଆସିଥିଲେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ(୧୯୯୭) ପରେ। କଳା ସାହିତ୍ୟର ପରିଚୟ ଓ ପ୍ରତିଷ୍ଠା ଭିତରୁ ବାହାରି ପ୍ରଥମେ ଉପନିର୍ବାଚନରେ ଜିତି କେନ୍ଦ୍ରମନ୍ତ୍ରୀ (୧୯୯୮) ଏବଂ ତା'ର ଦୁଇ ବର୍ଷ ପରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ବିପୁଳ ଜନସମର୍ଥନ ପାଇ ଶପଥ ନେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ସେତେବେଳେ ରାଜନୈତିକ ଅଭିଜ୍ଞତା ନ ଥିଲା ସତ, କିନ୍ତୁ ଥିଲା ନିଷ୍କଳଙ୍କ ବ୍ୟକ୍ତିତ୍ୱ ଓ ବୁଦ୍ଧିଦୀପ୍ତ ସ୍ଥିତପ୍ରଜ୍ଞତା। ନିଜର ନିଷ୍ପାପର ଉଦ୍ୟମ ବଳରେ ଓଡ଼ିଶାର ବିକାଶ କ୍ରମରେ ଯୋଡ଼ିଚାଲିଲେ ସଫଳତାର ନୂଆ ନୂଆ ଫର୍ଦ୍ଦ। ଓଡ଼ିଶା ରାଜନୀତିକୁ ପ୍ରବେଶ କରିବାର ବର୍ଷ କେଇଟା ମଧରେ ସେ ଲୋକଙ୍କ ବିଶ୍ୱାସ ଓ ଭରସାକୁ ଜିଣି ହାସଲ କଲେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତାର ପରିଚୟ ଓ ପ୍ରତିଷ୍ଠା।

ନବୀନ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ନେଲା ବେଳକୁ(୨୦୦୦) ପ୍ରଳୟଙ୍କରୀ ମହାବାତ୍ୟା(୧୯୯୯)ର ତାଣ୍ଡବରେ ଭାଙ୍ଗିଯାଇଥିଲା ଓଡ଼ିଶାର ମେରୁଦଣ୍ଡ। ରାଜ୍ୟର ଆର୍ଥିକ ସ୍ଥିତି ଏମିତି ଦେବାଳିଆ ଅବସ୍ଥାରେ ଥିଲା ଯେ ଉନ୍ନୟନ କାର୍ଯ୍ୟ ତ ଦୂରର କଥା, କର୍ମଚାରୀଙ୍କୁ ଦରମା ଦେବା ପାଇଁ ବି ରାଜକୋଷରେ ନ ଥିଲା ଅର୍ଥ। ଏଭଳି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅର୍ଥନୀତିକୁ ସଜାଡ଼ିବା ପାଇଁ କଠୋର ଆର୍ଥିକ ଶୃଙ୍ଖଳା ଭିତରେ ଅତିବାହିତ ହୋଇଥିଲା ତାଙ୍କର ପ୍ରଥମ ପାଳି ଶାସନ ଅବଧି। ଦୀର୍ଘ ପାଞ୍ଚ ବର୍ଷର ନିରବଚ୍ଛିନ୍ନ ପ୍ରୟାସ ଫଳରେ କ୍ରମଶଃ ବଦଳିବାକୁ ଲାଗିଲା ସ୍ଥିତି। ଦ୍ୱିତୀୟ ପାଳି ଆରମ୍ଭରୁ ରାଜସ୍ୱ ଆୟ ବୃଦ୍ଧି ସାଙ୍ଗକୁ ନିୟନ୍ତ୍ରଣକୁ ଆସିଲା ବିତ୍ତୀୟ ନିଅଣ୍ଟ। ଧୀରେ ଧୀରେ ତ୍ୱରାନ୍ୱିତ ହେବାକୁ ଲାଗିଲା ଉନ୍ନୟନ କାର୍ଯ୍ୟ।

ସେତେବେଳକୁ ଏକ ଲମ୍ବା ସମୟ ଧରି ଓଡ଼ିଶା ମଥାରେ ଲାଗିଥିଲା ଗୋଟେ ଅନାହାର ମୃତ୍ୟୁପ୍ରବଣ ରାଜ୍ୟର ମୋହର। ଦାରିଦ୍ର୍ୟ ଓ ଅନଗ୍ରସରତା ପାଇଁ ବିଶ୍ୱ ଦରବାରରେ ବାରମ୍ବାର ନିନ୍ଦିତ ହେଉଥିଲା ଓଡ଼ିଶା। ଖାଦ୍ୟାଭାବର ଏଭଳି ଦୟନୀୟ ଚିତ୍ରକୁ ବଦଳାଇବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଣୟନ କଲେ ଏକ ଯୁଗାନ୍ତକାରୀ ଯୋଜନା। କ୍ଷୁଧାର୍ତ୍ତ ଓ ଅନାହାର ପୀଡ଼ିତଙ୍କୁ ରିହାତି ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇଦେଇ ସାରା ଦେଶରେ ସୃଷ୍ଟି କଲେ ଉଦାହରଣ। ତାଙ୍କର ଏହି କଲ୍ୟାଣକାରୀ ଯୋଜନାକୁ ଅନୁସରଣ କରି ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ପ୍ରଣୟନ କଲେ ଖାଦ୍ୟ ସୁରକ୍ଷା (୨୦୧୩) ଆଇନ।

ଏକ କୃଷି ପ୍ରଧାନ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ କୃଷି ଓ କୃଷକର ଉନ୍ନତିକୁ ଅଗ୍ରାଧିକାର ଦେଇ ସେ ପ୍ରସ୍ତୁତ କଲେ ସ୍ୱତନ୍ତ୍ର କୃଷି ବଜେଟ। କୃଷି ସହିତ ଜଳସେଚନ, ମତ୍ସ୍ୟଚାଷ, ପଶୁପାଳନ ଓ ସମବାୟ ଆଦି କ୍ଷେତ୍ରକୁ ନେଇ ଗଠନ ହେଲା କୃଷି କ୍ୟାବିନେଟ। ଧୀରେ ଧୀରେ ବଢ଼ିଲା କୃଷି ଉତ୍ପାଦନ। କ୍ରମାଗତ ଭାବେ ରାଜ୍ୟକୁ ମିଳିଲା କୃଷି କର୍ମଣ ପୁରସ୍କାର। କୃଷକର ଆୟ ବୃଦ୍ଧି ତଥା ଜୀବିକା ନିର୍ବାହ ନିମନ୍ତେ ସହାୟତା ଯୋଗାଇ ଦେବା ପାଇଁ ରାଜ୍ୟରେ କାର୍ଯ୍ୟକାରୀ ହେଲା କାଳିଆ ଯୋଜନା। ସାମଗ୍ରିକ ଭାବେ କୃଷି କ୍ଷେତ୍ରରେ ତିଆରି ହେଲା ବିକାଶର ନୂଆ ନକ୍ସା। ୧୯୯୯-୨୦୦୦ ସାମାଜିକ ଓ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ, ରାଜ୍ୟରେ ପ୍ରାୟ ୬୫.୫୮ ଲକ୍ଷ ହେକ୍ଟର ଚାଷଜମି ଥିଲା ଏବଂ ସେଥି ମଧରୁ ୨୪.୮୫ ଲକ୍ଷ ହେକ୍ଟର ଜମିଥିଲା ଜଳସେଚିତ। ସରକାର ଜଳସେଚନ ଉପରେ ଗୁରୁତ୍ୱ ଦେବା ଫଳରେ ୨୦୨୦-୨୧ ବେଳକୁ ଜଳସେଚିତ ଜମିର ପରିମାଣ ବୃଦ୍ଧିପାଇ ହେଲା ୪୨.୫୧ଲକ୍ଷ ହେକ୍ଟର।

ରାଜ୍ୟରେ ଅନୁସୂଚିତ ଜନଜାତି ଲୋକଙ୍କ ସଂଖ୍ୟା ପାଖାପାଖି ଏକ ଚତୁର୍ଥାଂଶ। ସେମାନଙ୍କ ଉନ୍ନତି ବିନା ରାଜ୍ୟର ବିକାଶ ଅସମ୍ଭବ। ଏକଥା ଉପଲବ୍ଧି କରି ଜନଜାତିର ବିକାଶ ଦିଗରେ ବିଶେଷ ଧାନ ଦେବା କାରଣରୁ ୯ ଆଦିବାସୀ ବହୁଳ ଜିଲାରେ ଗଠନ ହେଲା ସ୍ୱତନ୍ତ୍ର ବିକାଶ ପରିଷଦ। ତାକୁ ସାମ୍ବିଧାନିକ ମାନ୍ୟତା ମିଳିବା ସହିତ ଜନଜାତି ଉନ୍ନତି ପାଇଁ ମଞ୍ଜୁର ହେଲା ସ୍ୱତନ୍ତ୍ର ଅର୍ଥ ରାଶି। ଗାନ୍ଧିଜୀ କହୁଥିଲେ, ନାରୀ ସଶକ୍ତ ନ ହେଲେ ଆଗକୁ ଯାଇପାରିବନି ଦେଶ। ତେଣୁ ନାରୀମାନେ କେମିତି ଆତ୍ମନିର୍ଭରଶୀଳ ଓ ଶୋଷଣମୁକ୍ତ ହୋଇ ସ୍ୱାଧୀନ ଓ ନିର୍ଭୀକ ଭାବରେ ଜୀବନ ଧାରଣ କରିବେ,ତାହା ସୁନିଶ୍ଚିତ କରିବା ରାଷ୍ଟ୍ରର କର୍ତ୍ତବ୍ୟ। ସେଥିପାଇଁ ବିଜୁବାବୁଙ୍କ ସ୍ଲୋଗାନ ଥିଲା ଗାଁକୁ କାମ ଓ ମାଆକୁ ସମ୍ମାନ। ଏହି ନୀତିକୁ ଅବଲମ୍ବନ କରି ନବୀନବାବୁ ଆରମ୍ଭ କଲେ ମିଶନ ଶକ୍ତି ପ୍ରକଳ୍ପ (୨୦୦୧)। ଏଥିରେ ସାମିଲ ହେଲେ ୭୦ଲକ୍ଷରୁ ଅଧିକ ମହିଳା। ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ବିନା ସୁଧରେ ଯୋଗାଇ ଦିଆଗଲା ଋଣ। ରାଜନୀତି କ୍ଷେତ୍ରରେ ମହିଳାଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ପଞ୍ଚାୟତ ଓ ପୌର ସଂସ୍ଥାରେ ରହିଲା ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା। ୫୦ ପ୍ରତିଶତ ଗାଁର ବିକାଶ ଦାୟିତ୍ୱ ମହିଳାଙ୍କ ହାତରେ ରହିବା ସାଙ୍ଗକୁ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ମହିଳାଙ୍କ ପାଇଁ ରହିଛି ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା। ଏହି ଦୃଷ୍ଟିରୁ ବିଚାର କଲେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଓଡ଼ିଶା ଏବେ ଯେକୌଣସି ରାଜ୍ୟଠାରୁ ଆଗରେ।

ବିପଦ ବେଳେ ଜଣାପଡ଼େ ନେତୃତ୍ୱର ଅସଲ ପରାକାଷ୍ଠା। ଗୋଟିଏ ପରେ ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରି ତା'ର ପ୍ରମାଣ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଫାଇଲିନ(୨୦୧୩) ହେଉ କି ହୁଦ୍‌ହୁଦ୍(୨୦୧୪) ସବୁ କ୍ଷେତ୍ରରେ ଜିରୋ କାଜୁଆଲିଟି ଘୋଷଣା କରି କ୍ଷୟକ୍ଷତିକୁ ରୋକିଛନ୍ତି ଆଗୁଆ ପ୍ରସ୍ତୁତି ଓ ପଦକ୍ଷେପ ବଳରେ।

ଲୋକଙ୍କ ଧନଜୀବନ ରକ୍ଷାକରି ସାରା ଦେଶକୁ ବିପର୍ଯ୍ୟୟ ମୁକାବିଲାର ବାଟ ଦେଖାଇଛି ଓଡ଼ିଶା।

ବିଶେଷକରି ମହାମାରୀ କରୋନାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ପଞ୍ଚମ ପାଳି ଥିଲା ସବୁଠାରୁ ସଂଘର୍ଷପୂର୍ଣ୍ଣ। 'ଅର୍ଥନୀତି ନୁହେଁ, ଜୀବନ ବଡ଼'-ଏହି ବିଚାରଧାରା ନେଇ ସେ ଲୋକଙ୍କ ସହଯୋଗ କ୍ରମେ କରୋନା ସହିତ ଲଢ଼ିଲେ ଯୋଜନାବଦ୍ଧ ଲଢ଼େଇ। ସଂକ୍ରମଣ ସାଂଘାତିକ ହେବା ପୂର୍ବରୁ ସବୁ ଜିଲାରେ କୋଭିଡ୍ ହସ୍ପିଟାଲ ପ୍ରତିଷ୍ଠା କରି ପ୍ରମାଣ କଲେ ନିଜର ପ୍ରତିବଦ୍ଧତା। କରୋନା ଭୟଙ୍କର ସଂକ୍ରମଣ ବେଳେ ସ୍ଥିତିକୁ ଅଧିକ ଗମ୍ଭୀର କରି ଦେଇଥିଲା ଅମ୍ଳଜାନ ସଙ୍କଟ। ଡାକ୍ତରଖାନାରେ ଅମ୍ଳଜାନ ସିଲିଣ୍ଡର ଅଭାବ କାରଣରୁ ବିଭିନ୍ନ ରାଜ୍ୟରେ ପ୍ରତିଦିନ ମୃତ୍ୟୁବରଣ କରୁଥିଲେ ଅନେକ ହଜାର ରୋଗୀ। ଏତିକିବେଳେ ବିଭିନ୍ନ ରାଜ୍ୟକୁ ଓଡ଼ିଶା ଯୋଗାଇଥିଲା ଜୀବନ ସଞ୍ଜୀବନୀ ଅମ୍ଳଜାନ। ମୁଖ୍ୟମନ୍ତ୍ରୀଙ୍କ ଏହି ସମ୍ବେଦନା ପାଇଁ ସାରା ଦେଶରୁ ଅଜାଡ଼ି ହୋଇ ପଡ଼ିଥିଲା ଅଜସ୍ର ପ୍ରଶଂସା। ବସ୍ତୁତଃ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ କେବଳ ଦେଶରେ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଏକ ମଡେଲ ହୋଇ ଉଭା ହୋଇଛି ଓଡ଼ିଶା।

କ୍ରୀଡ଼ା ଯୁବପିଢ଼ିଙ୍କ ଭବିଷ୍ୟତ। ଏହାକୁ ଦୃଷ୍ଟିରେ ରଖି କ୍ରୀଡ଼ା ଭିତ୍ତିଭୂମିର ବିକାଶ ଦିଗରେ ସେ ଗ୍ରହଣ କରିଛନ୍ତି ଅନେକ ଉଲ୍ଲେଖନୀୟ ପଦକ୍ଷେପ। ସାହାରା ଇଣ୍ଡିଆ ହାତ ଛାଡ଼ିଦେବା ପରେ ଏକପ୍ରକାର ଅନାଥ ହୋଇ ପଡ଼ିଥିଲା ଭାରତୀୟ ହକି। ଏତିକିବେଳେ ଭାରତୀୟ ହକିକୁ ସାହାରା ଦେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଜାତୀୟ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ତା'ର ପୃଷ୍ଠପୋଷକତା କରିବାକୁ ଆଗେଇ ଆସିଥିଲା ଓଡ଼ିଶା। ଆଗରୁ କେବେ କୌଣସି ରାଜ୍ୟ ସରକାର ଜାତୀୟ କ୍ରୀଡ଼ାର ପୃଷ୍ଠପୋଷକ ହୋଇ ନ ଥିବାରୁ ଏହା ଥିଲା ହକି ଇତିହାସର ପ୍ରଥମ ଘଟଣା। ସାଧାରଣତଃ କୌଣସି ବ୍ୟବସାୟିକ ସଂସ୍ଥା କ୍ରୀଡ଼ାର ପୃଷ୍ଠପୋଷକତା କରିବା ପଛରେ ଥାଏ ନିଜକୁ ବିଜ୍ଞାପିତ କରିବାର ଲାଭଖୋର ମନୋବୃତ୍ତି। ମାତ୍ର ଭାରତୀୟ ହକିରେ ବିପ୍ଳବ ଆଣିବା ଥିଲା ଓଡ଼ିଶାର ଲକ୍ଷ୍ୟ। ତେଣୁ ଖୁବ୍‌ଶୀଘ୍ର ଦେଖିବାକୁ ମିଳିଲା ଭାରତୀୟ ହକିର ନବକଳେବର। ଦୀର୍ଘ ୪ ଦଶନ୍ଧି ପରେ ଟୋକିଓ ଅଲିମ୍ପିକ୍ସରେ ସଫଳତାର ସ୍ୱାଦ ଚାଖିଲା ଦେଶ। ସଫଳତାର ଶ୍ରେୟ ପାଇଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ଯେଉଁମାନେ ବିରୋଧ କରୁଥିଲେ, ସେମାନଙ୍କ ମୁହଁ ବନ୍ଦ ହୋଇଗଲା ଆପେ ଆପେ। କ୍ରୀଡ଼ାକୁ ନେଇ ରାଜନୀତି ହେବା କିଛି ନୂଆ କଥା ନୁହେଁ, ମାତ୍ର ଏଠି ପ୍ରଥମଥର ପାଇଁ କ୍ରୀଡ଼ା ବଦଳାଇ ଦେଲା ରାଜନୀତିର ଧାରା। ଟୋକିଓ ଅଲିମ୍ପିକ୍ସରେ ଉଭୟ ପୁରୁଷ ଓ ମହିଳା ହକି ଦଳର ପ୍ରଦର୍ଶନ ଭାରତୀୟ ରାଜନୈତିକ ଦୃଶ୍ୟପଟରେ ଆଣିଲା ନୂଆ ସମୀକରଣ। କାରଣ ଓଡ଼ିଶାରେ ବିଶ୍ୱକପ୍ ହକି ଆୟୋଜନଠାରୁ ଆରମ୍ଭ କରି ସୁନ୍ଦରଗଡ଼ରେ ସର୍ବବୃହତ୍ ହକି ଷ୍ଟାଡିୟମ ନିର୍ମାଣ ପର୍ଯ୍ୟନ୍ତ କ୍ରୀଡ଼ାର ବିକାଶ ପାଇଁ ନବୀନ ପଟ୍ଟନାୟକ ଅନେକ କିଛି କରିଛନ୍ତି, ହେଲେ କୌଣସି ପ୍ରତିଷ୍ଠାନକୁ ନିଜ ନାମରେ ନାମିତ କରିନାହାନ୍ତି କି କେଉଁ ଅନୁଷ୍ଠାନର ନାମ ପରିବର୍ତ୍ତନ କରିନାହାନ୍ତି ଦଳୀୟ ରାଜନୀତି ଭିତ୍ତିରେ। ଏସବୁ ଦୃଷ୍ଟିରୁ ଯେତେ ପ୍ରଶଂସା କଲେ ବି ତାହା ଊଣା ପଡ଼ିବ ତାଙ୍କ ସଫଳତା ତୁଳନାରେ। ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ଓ ସ୍ଥିର ଶାସନର ସ୍ଥପତି ନବୀନ ପଟ୍ଟନାୟକ। ସମକାଳୀନ ରାଜନୀତିରେ ଜଣେ ବିରଳ ବ୍ୟକ୍ତିତ୍ୱ। ତାଙ୍କ ରାଜନୈତିକ ଜୀବନକୁ ବହୁ ଭାବରେ ପ୍ରଭାବିତ କରିଛି ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶ। ସେ କହନ୍ତି, ଗାନ୍ଧିଜୀ ଥିଲେ ସତ୍ୟ ଓ ଅହିଂସାର ଏକ ଆଲୋକ ବର୍ତ୍ତିକା। ସମଗ୍ର ବିଶ୍ୱ ଏକଥା ଅନୁଭବ କରିଥିବାରୁ ତାଙ୍କ ଜନ୍ମଦିନକୁ ଆନ୍ତର୍ଜାତିକ ଅହିଂସା ଦିବସ ଭାବରେ ପାଳନ କରୁଛି ଜାତିସଂଘ। ତେଣୁ ଗାନ୍ଧିଜୀଙ୍କ ଅହିଂସା ତତ୍ତ୍ୱ ଭାରତ ସମ୍ବିଧାନର ମୁଖବନ୍ଧରେ ବି ସ୍ଥାନ ପାଇବା ଉଚିତ ବୋଲି ସେ ପ୍ରସ୍ତାବ ରଖିଥିଲେ ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଇଁ ଦିଲ୍ଲୀରେ ଆୟୋଜିତ ଆଲୋଚନାଚକ୍ରରେ। ତାଙ୍କର ଏଭଳି ପ୍ରସ୍ତାବ କେବଳ ଐତିହାସିକ ନୁହେଁ, ଯୁଗାନ୍ତକାରୀ। ସହଯୋଗ ଓ ସହମତି ରାଜନୀତିରେ ବିଶ୍ୱାସ କରୁଥିବା ନବୀନ ପଟ୍ଟନାୟକଙ୍କୁ କେବେ କାବୁ କରିପାରିନି ରାଜନୈତିକ ସଂକୀର୍ଣ୍ଣତା। ତେଣୁ ତାଙ୍କ କାର୍ଯ୍ୟଧାରାକୁ ଯେତେ ଯିଏ ସମାଲୋଚନା କଲେ ବି ଆଦୌ ପ୍ରତିକ୍ରିୟାଶୀଳ ନ ହେବା ହିଁ ତାଙ୍କ ରାଜନୈତିକ ଉଦାରତାର ପରିଚାୟକ। ଓଡ଼ିଶାର ବିକାଶ ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ। ତେଣୁ ବୈଚାରିକ ବିଭେଦତା ସତ୍ତ୍ୱେ ବିଭିନ୍ନ ସମୟରେ କେନ୍ଦ୍ର ସରକାରଙ୍କ ଅନେକ ପ୍ରସ୍ତାବକୁ ସେ ସମର୍ଥନ କରିଛନ୍ତି ବାଧ ବାଧକତାରେ। ତାଙ୍କର ଏଭଳି ମନୋଭାବ ପାଇଁ ଦୀର୍ଘ ୨୩ ବର୍ଷ ମଧରେ ବିକାଶ ପଥରେ ଅନେକ ପାହାଚ ଅତିକ୍ରମ କରିଛି ଓଡ଼ିଶା। ଗତ ଦୁଇ ଦଶନ୍ଧି ଭିତରେ ରାଜ୍ୟର ଆମୂଳଚୂଳ ପରିବର୍ତ୍ତନ ହୋଇଛି ବିଦ୍ୟାଳୟ ଶିକ୍ଷାର ଛବି। ଆଉ ନାହିଁ ଚାଳଛପର ଓ ବାଉଁଶ ତିଆରି ଝାଟିମାଟି ଘରେ କିମ୍ବା ଗଛମୂଳେ ବସି ପିଲା ପାଠ ପଢ଼ିବାର ବିକଳ ଚିତ୍ର। ଶିକ୍ଷାର ପୁନର୍ବିନ୍ୟାସ ପାଇଁ ସହଭାଗିତା ଓ ସହଯୋଗିତାଭିତ୍ତିରେ ଆରମ୍ଭ ହୋଇଛି 'ମୋ ବିଦ୍ୟାଳୟ ଅଭିଯାନ'। ମାତୃଗର୍ଭରେ ଭ୍ରୂଣ ସଞ୍ଚାର ହେବାଠାରୁ(ମମତା ଯୋଜନା) ମୃତ୍ୟୁ ପର ପର୍ଯ୍ୟନ୍ତ (ହରିଶ୍ଚନ୍ଦ୍ର ଯୋଜନା) ଓଡ଼ିଶାରେ ଏବେ କାର୍ଯ୍ୟକାରୀ ହେଉଛି ଅସୁମାରି କଲ୍ୟାଣକାରୀ ଯୋଜନା।

- ଡ. ପ୍ରଫୁଲ୍ଲ କୁମାର ସାହୁ
ଅବସରପ୍ରାପ୍ତ ଅଧକ୍ଷ
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪



ଏକାମ୍ର ପ୍ରକଳ୍ପ ପ୍ରତିଷ୍ଠା ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ



'ସ୍ପୋର୍ଟ୍ସ ଷ୍ଟାର୍ ଏଏସ୍-୨୦୨୩ ଆୱାର୍ଡ' କାର୍ଯ୍ୟକ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଖ୍ୟାତ କ୍ରିକେଟର ସୁନୀଲ ଗାଭାସ୍କର 'ବେଷ୍ଟ ଷ୍ଟେଟ୍ ଫର୍ ପ୍ରମୋଶନ ଅଫ୍ ସ୍ପୋର୍ଟ୍ସ' ସମ୍ମାନରେ ସମ୍ମାନିତ କରୁଛନ୍ତି। ନିକଟରେ ଅଛନ୍ତି 'ଦି ହିନ୍ଦୁ'ର ସମ୍ପାଦକ ସୁରେଶ ନମ୍ବଥ।




ଗ୍ରାମୀ ଆୱାର୍ଡ ୱିନର ତଥା ଭାରତୀୟ ମ୍ୟୁଜିକ୍ କମ୍ପୋଜର ରିକି କେଜ୍‌ଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରୁଛନ୍ତି



ମାଲକାନଗିରିରେ ଆଦିବାସୀଙ୍କ ଗହଣରେ ମୁଖ୍ୟମନ୍ତ୍ରୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୬ ଅକ୍ଟୋବର, ୨୦୨୩

# ୭୮ରେ ପ୍ରବୀଣ ନବୀନ







## ଗାଁର ସମୃଦ୍ଧି ପାଇଁ 'ଲକ୍ଷ୍ମୀ'

ରାଜ୍ୟ ପରିବହନ ବ୍ୟବସ୍ଥାରେ ରୂପାନ୍ତରଣ ଆଣିବା ସହିତ ଅର୍ଥନୀତିକୁ ଆହୁରି ମଜଭୁତ କରିବା ଏବଂ ଗାଁ ଗାଁରେ ସମୃଦ୍ଧି ଆଣିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ଆରମ୍ଭ କରିଛନ୍ତି 'ଲକ୍ଷ୍ମୀ ବସ୍ ଯୋଜନା'। ଏହି ଯୋଜନାରେ ସାରା ରାଜ୍ୟରେ ୧ ହଜାରରୁ ଅଧିକ ବସ୍ ଚାଲିବ। ଜିଲାର ସବୁ ପଞ୍ଚାୟତରେ ବିକାଶର ନୂଆ ଧାରା ଆରମ୍ଭ ହେବ। ଲକ୍ଷ୍ମୀ ଯୋଜନା ସମସ୍ତଙ୍କୁ ବିକାଶ ସହିତ ଯୋଡ଼ିବ। ଘର ପାଖକୁ ଆସିବ ବସ୍। ପିଲାଙ୍କୁ ସ୍କୁଲ, କଲେଜ ସହିତ ଚାଷୀଙ୍କୁ ମାର୍କେଟ ଓ ରୋଗୀଙ୍କୁ ହସ୍ପିଟାଲ ନେବ। ମା'ମାନେ ସେମାନଙ୍କ କାମ ପାଇଁ ବିଭିନ୍ନ ସ୍ଥାନକୁ ସୁବିଧାରେ ଯାଇପାରିବେ। ଲକ୍ଷ୍ମୀ ଯୋଜନା ଘରେ ଘରେ ଖୁସି ଆଣିବ ବୋଲି ଏହାର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ। ମାଲକାନଗିରି ଜିଲା ଷ୍ଟାଡିୟମରୁ ଗତ ୧୨ ତାରିଖରେ 'ଲକ୍ଷ୍ମୀ ବସ୍ ଯୋଜନା'ର ଶୁଭାରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମାଲକାନଗିରି ଗସ୍ତରୁ ଲୋକଙ୍କ ଅସୁବିଧା ବିଷୟରେ ଜଣାପଡ଼ିଥିଲା। ଏହାପରେ ଏହି ଲକ୍ଷ୍ମୀ ଯୋଜନାର ପରିକଳ୍ପନା କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଯୋଜନାରେ ୩୬ଟି ବସ୍ ଜିଲାର ୧୧୧ ପଞ୍ଚାୟତକୁ ସଦର ମହକୁମା ସହ ଯୋଡ଼ିବ। ଯୋଜନାର ଶୁଭାରମ୍ଭ ପରେ ମୁଖ୍ୟମନ୍ତ୍ରୀ ୧୦ ଟଙ୍କା ଦେଇ ପ୍ରଥମ ଟିକେଟ୍ କିଣି ମାଲକାନଗିରିରୁ ଏମ୍‌ଭି-୦୩ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ପ୍ରଥମ ଦିନରେ ମାଲକାନଗିରି ସହ ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ଗଜପତି ଓ କନ୍ଧମାଳରେ 'ଲକ୍ଷ୍ମୀ ଯୋଜନା' ଆରମ୍ଭ ହୋଇଛି। ଆଗକୁ ସବୁ ଗାଁକୁ ଲକ୍ଷ୍ମୀ ବସ୍ ଚାଲିବା ସହ ନୂଆ ବିକାଶର ପଥ ସୃଷ୍ଟି ହେବ।

ଦୀର୍ଘ ୨ଦଶନ୍ଧିରୁ ଊର୍ଦ୍ଧ୍ୱ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟବାସୀଙ୍କ ସେବା କରି ଆସୁଥିବା ନବୀନ ପଟ୍ଟନାୟକ ସୋମବାର ୭୮ବର୍ଷରେ ପଦାର୍ପଣ କରିଛନ୍ତି। ଲେଖକରୁ ରାଜନେତା ପାଲଟିବା ନବୀନଙ୍କ ପାଇଁ ଥିଲା ଏକ ସଂଯୋଗ। ସ୍ଥିର, ନମ୍ର ଏବଂ ବିଚକ୍ଷଣତା ତାଙ୍କୁ ଆଜି ଜଣେ ସଫଳ ରାଜନେତା କରାଇପାରିଛି। ଧୈର୍ଯ୍ୟର ସହ ଜଟିଳ ସ୍ଥିତିର ମୁକାବିଲା କରିବାରେ ଭାରତୀୟ ରାଜନୀତିକୁ ସେ ଦେଖାଇଛନ୍ତି ନୂଆ ବାଟ। ତାଙ୍କର ଜନ୍ମ ଦିବସରେ ଅଜସ୍ର ଶୁଭେଚ୍ଛା ଓ ଶୁଭକାମନା ।

## ଗତି ହିଁ ଶକ୍ତି

ମହିଳା ସଶକ୍ତୀକରଣ କ୍ଷେତ୍ରରେ ରାଜ୍ୟ ସରକାର ଆଉଏକ ବଡ଼ ପଦକ୍ଷେପ ନେଇଥିଲେ। ଗତ ୧୧ ତାରିଖରେ ମୁଖ୍ୟମନ୍ତ୍ରୀ ଐତିହାସିକ 'ମିଶନ ଶକ୍ତି ସ୍କୁଟର ଯୋଜନା' ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ମିଶନ ଶକ୍ତିର ମା'ମାନଙ୍କୁ ସ୍କୁଟର କିଣିବା ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯିବ। ସେମାନଙ୍କର ଏହି ଋଣ ବାବଦକୁ ରାଜ୍ୟ ସରକାର ୫୨୮ କୋଟି ଟଙ୍କାର ସୁଧ ଦେବେ। ୨ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସ୍କୁଟର ପାଇବେ। ଯୋଜନାର ଶୁଭାରମ୍ଭ ଅବସରରେ ୧୫ ହଜାର ସଦସ୍ୟଙ୍କୁ ସ୍କୁଟର ଦିଆଯାଇଛି। 'ଗତି ହିଁ ଶକ୍ତି, ଗତି ହିଁ ସଶକ୍ତୀକରଣ'ର ଆହ୍ୱାନ ଦେଉଥିବା ସ୍କୁଟର ଯୋଜନା ମା'ମାନଙ୍କ ଯାତାୟାତକୁ ସୁଗମ କରିବ। ବୃତ୍ତିଗତ କ୍ଷେତ୍ରରେ ମଧ ନୂଆ ସୁଯୋଗ ଆଣିବ। ମା'ମାନେ ବହୁତ ଭଲ କାମ କରୁଛନ୍ତି। ୭୦ ଲକ୍ଷ ସଦସ୍ୟାଙ୍କ ନିଜ ଅନୁଷ୍ଠାନ ମିଶନ ଶକ୍ତି ଆହୁରି ମଜଭୁତ ହେବ। ମା'ମାନଙ୍କ ଗତିଶୀଳତା ଓଡ଼ିଶାର ପ୍ରଗତିକୁ ନୂଆ ବେଗ ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



## ୨୦୨୩ର କିଛି ମୁହୂର୍ତ୍ତ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ



ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ



ନବୀନ ନିବାସରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସହ ସାକ୍ଷାତ



ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦ ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍ ଏଡିଟୋରିଆଲ୍ ଡାଇରେକ୍ଟର ପ୍ରଭୁ ଚାୱଲାଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ



୨୦୨୩ ପୁରୁଷ ହକି ୱାର୍ଲ୍ଡ କପ୍ ଆରମ୍ଭ ପୂର୍ବରୁ ବଲିଉଡ୍ ଅଭିନେତା ରଣବୀର ସିଂ ଏବଂ ଅଭିନେତ୍ରୀ ଦିଶା ପଟାନୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ




ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ହକି ଦଳର ସଦସ୍ୟ ଅମିତ ରୋହିଦାସଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରୁଛନ୍ତି



ଭାରତୀୟ ହକିକୁ ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନ ଜାରି ରହିଥିବାବେଳେ ଦଳ ବିଭିନ୍ନ ଅନ୍ତର୍ଜାତୀୟ କ୍ରୀଡ଼ାରେ ସଫଳତା ଅର୍ଜନ କରିଆସୁଛି। ପୁରୁଷ ହକି ଦଳ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ବିଶେଷ ମୁହୂର୍ତ୍ତ



ଇଣ୍ଟର କଣ୍ଟିନେଣ୍ଟାଲ୍ କପ୍-୨୦୨୩ରେ ଚାମ୍ପିୟନ୍ ଭାରତୀୟ ଫୁଟବଲ ଦଳର ଅଧିନାୟକ ସୁନୀଲ ଛେତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ରଫି ପ୍ରଦାନ କରୁଛନ୍ତି

# ଖେଳ ଛାଡ଼ିବା ଲକ୍ଷ୍ୟରେ ଥିଲେ ଅନୁ

**ନୂଆଦିଲ୍ଲୀ, ୧୫।୧୦ (ପି.ଟି.)**




ଚଳିତ ବର୍ଷ ଖରାପ ପ୍ରଦର୍ଶନ ରହିବାରୁ ଏସିଆନ ଗେମ୍ସ ପୂର୍ବରୁ ଖେଳ ଛାଡ଼ିଦେବା ଲକ୍ଷ୍ୟରେ ଥିଲେ ଭାରତୀୟ ଜାଭେଲିନ୍ ଥ୍ରୋୟର ଅନୁ ରାଣୀ। ମାତ୍ର ଉତ୍ତର ପ୍ରଦେଶର ଏହି ୩୧ ବର୍ଷୀୟା ଜାଭେଲିନ ଥ୍ରୋୟର ସିଜନ ଶ୍ରେଷ୍ଠ ପ୍ରୟାସ ୬୨.୯୨ ମିଟର ରହିଥିଲା। ସେ ପ୍ରଥମ ଭାରତୀୟ ମହିଳା ଭାବେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଜିତିବାରେ ସଫଳ ରହିଥିଲେ। ଅନୁ କହିଛନ୍ତି, ଚଳିତବର୍ଷ ତାଙ୍କୁ ଖୁବ୍ ସଂଘର୍ଷ କରିବାକୁ ହୋଇଛି। ଅଭ୍ୟାସ ପାଇଁ ସେ ବିଦେଶ ଗସ୍ତ କରିଥିଲେ। ଜଣେ ବିଦେଶୀ କୋଚ୍‌ଙ୍କଠାରୁ ଟ୍ରେନିଂ ନେବା ସତ୍ତ୍ୱେ ପ୍ରତିଟି ପ୍ରତିଯୋଗିତାରେ ତାଙ୍କ ପ୍ରଦର୍ଶନରେ ଅବନତି ଘଟିଥିଲା। ତାଙ୍କର ବର୍ଷଟା ନଷ୍ଟ ହୋଇଯାଇଥିଲା। ସରକାର ଓ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ତାଙ୍କ ପିଛା ବହୁ ଅର୍ଥ ବ୍ୟୟ କରିଛନ୍ତି। କିନ୍ତୁ ସେ ଭଲ ପ୍ରଦର୍ଶନ କରିବାରେ ବିଫଳ ରହୁଛନ୍ତି। ବୁଦାପେଷ୍ଟରେ ବିଶ୍ୱ ଚାମ୍ପିୟନଶିପ୍ ପରେ ସେ ଖେଳ ଛାଡ଼ିଦେବା ଲାଗି ମନସ୍ଥ କରିଥିଲେ। ଅନୁ ସେଠାରେ ୫୭.୦୫ ମିଟର ଶ୍ରେଷ୍ଠ ଥ୍ରୋ ସହ ଏକାଦଶ ସ୍ଥାନରେ ରହି ଫାଇନାଲକୁ କ୍ୱାଲିଫାଏ କରିପାରି ନ ଥିଲେ। ସେ ସେପ୍ଟେମ୍ବରରେ ୫୭.୭୪ ମିଟର ଥ୍ରୋ ସହ ବ୍ରସେଲ୍ସ ଡାଇମଣ୍ଡ ଲିଗ୍‌ରେ ୭ମ ସ୍ଥାନ ଅଧିକାର କରିଥିଲେ। ସମଗ୍ର ସିଜନରେ ସେ ୬୦ ମିଟର ଅଙ୍କ ଅତିକ୍ରମ କରିପାରି ନ ଥିଲେ। ତେବେ ସେ ପରେ ତାଙ୍କ ନିଷ୍ପତ୍ତିର ପରିବର୍ତ୍ତନ କରିଥିଲେ। ଏସିଆନ ଗେମ୍ସରେ ଶେଷ ଥର ପାଇଁ ଚେଷ୍ଟା କରିବା ଲାଗି ସ୍ଥିର କରିଥିଲେ। ସେ କଠିନ ପରିଶ୍ରମ କରିଥିଲେ ଏବଂ ମନକୁ ଦୃଢ଼ କରି ଏସିଆନ ଗେମ୍ସରେ ଭାଗ ନେଇଥିଲେ। ଶେଷରେ ସେ ୬୯.୯୨ ମିଟର ଥ୍ରୋ ସହ ସ୍ୱର୍ଣ୍ଣ ପଦକ ଲାଭ କରିପାରିଥିଲେ।

**ମହିଳା ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି**

# ଜାତୀୟ କ୍ୟାମ୍ପ ପାଇଁ ୩୪ ଜଣିଆ ଦଳ

**ନୂଆଦିଲ୍ଲୀ,୧୫।୧୦(ପି.ଟି.)**

ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ଭାରତୀୟ ମହିଳା ହକି ଦଳ ଜାତୀୟ କ୍ୟାମ୍ପ ପାଇଁ ୩୪ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଛି। ବେଙ୍ଗାଲୁରୁସ୍ଥିତ ସାଇରେ ଏହି କ୍ୟାମ୍ପ ୧୬ ତାରିଖରୁ ଅନୁଷ୍ଠିତ ହେବ। ଏହି କ୍ୟାମ୍ପଟି ୬ ଦିନ ପାଇଁ ଅନୁଷ୍ଠିତ ହେବ। ୨୨ ତାରିଖ ଯାଏ ଏହି କ୍ୟାମ୍ପ ହେବାକୁ ଥିବା ବେଳେ ରାଞ୍ଚିରେ ୨୭ ତାରିଖରୁ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ଆୟୋଜିତ ହେବ। ଏହି ଟୁର୍ନାମେଣ୍ଟରେ ଭାରତ ବ୍ୟତୀତ ଚାଇନା, ଜାପାନ, କୋରିଆ, ମାଲେସିଆ ଓ ଥାଇଲାଣ୍ଡ ଅଂଶଗ୍ରହଣ କରୁଛନ୍ତି। ଥାଇଲାଣ୍ଡ ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ବଡ ଟୁର୍ନାମେଣ୍ଟ ପୂର୍ବରୁ ଆମେ କେତେ ପ୍ରସ୍ତୁତ ତାହା ଏହି କ୍ୟାମ୍ପରୁ ଜଣାପଡିବ ବୋଲି ମୁଖ୍ୟ କୋଚ୍ ଜାନେକ ଶପମ୍ୟାନ କହିଛନ୍ତି। ଏସିଆନ୍ ଗେମ୍ସରୁ ପ୍ରତ୍ୟାବର୍ତ୍ତନ ପରେ ଖେଳାଳିମାନେ ବିଶ୍ରାମ ପରେ ଫେରୁଥିବାରୁ ଏହା ପ୍ରଦର୍ଶନରେ ଉନ୍ନତି ଆଣିବ ବୋଲି କହିଛନ୍ତି ଶପ୍‌ମ୍ୟାନ୍।

ଗୋଲକିପର୍ସ: ସବିତା, ରଜନୀ ଏଟିମାର୍ପୁ ବିଚ୍ଚୁ ଦେବୀ, ବଂଶାରୀ ସୋଲାଙ୍କି।

ଡିଫେଣ୍ଡର୍ସ: ଦୀପ ଗ୍ରେସ୍ ଏକ୍କା, ଗୁରଜିତ କୌର, ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧାରୀ, ଅକ୍ଷତା ଧେକାଲେ, ଜ୍ୟୋତି ଛତ୍ରି, ମହିମା ଚୌଧାରୀ।

ମିଡଫିଲ୍ଡର୍ସ: ନିଶା, ସଲିମା ଟେଟେ, ସୁଶୀଳା ଚାନୁ, ଜ୍ୟୋତି, ନଭଜୋତ କୌର, ମୋନିକା, ମାରିନା କୁଜୁର, ସୋନିକା, ନେହା, ବଲଜିତ କୌର୍, ରୀନା ଖୋଖର, ବୈଷ୍ଣବୀ ଫାଲକେ, ଆଜମିନା କୁଜୁର।

ଫରୱାର୍ଡ୍ସ: ଲାଲରେମସିଆମି, ନବନୀତ କୌର, ବନ୍ଦନା କଟାରିୟା, ଶର୍ମିଳା ଦେବୀ, ଦୀପିକା, ସଙ୍ଗୀତା କୁମାରୀ, ମୁମତାଜ ଖାନ, ସୁନେଲିତା ଟପ୍ପୋ, ବ୍ୟୁଟି ଡୁଙ୍ଗଡୁଙ୍ଗ।

# ବୋପାନ୍ନା-ଇବ୍ଡେନ୍ ରନରଅପ୍

**ଶାଂଘାଇ, ୧୫।୧୦ (ଏପି)**

ଭାରତର ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ପାର୍ଟନର ମାଥ୍ୟୁ ଇବ୍ଡେନ୍ ଏଠାରେ ଚାଲିଥିବା ଶାଂଘାଇ ମାଷ୍ଟର୍ସ ଏଟିପି ମାଷ୍ଟର୍ସ ଟେନିସ ଟୁର୍ନାମେଣ୍ଟର ପୁରୁଷ ଡବଲ୍ସ ରନରଅପ୍ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ୭ମ ସିଡ୍ ସ୍ପାନିଶ-ଆର୍ଜେଣ୍ଟାଇନ ଯୋଡ଼ି ମାର୍ସେଲ ଗ୍ରାନୋଲର୍ସ ଓ ହୋରାସିଓ ଜେବାଲସ ଚତୁର୍ଥ ସିଡ ଇଣ୍ଡୋ-ଅଷ୍ଟ୍ରେଲିଆନ ଯୋଡ଼ିଙ୍କୁ ୫-୭, ୬-୨ (୧୦-୭)ରେ ହରାଇ ଦେଇଛନ୍ତି। ଚାମ୍ପିୟନ ଟିମ୍ ୧୦୦୦ ଏଟିପି ପଏଣ୍ଟ ସହ ୪୩୬,୭୩୦ ଡଲାର ଏବଂ ରନରଅପ୍ ଦଳ ୬୦୦ ପଏଣ୍ଟ ସହ ୨୩୧,୬୬୦ ଡଲାର ପକେଟସ୍ଥ କରିଛି। ବୋପାନ୍ନା ଓ ଇବ୍ଡେନ୍‌ଙ୍କର ଏହା ହେଉଛି ଚଳିତ ସିଜନର ୬ଷ୍ଠ ଫାଇନାଲ। ଏହି ଯୋଡ଼ି ମାଡ୍ରିଡ ମାଷ୍ଟର୍ସ ଏବଂ ରୋଟରଡାମ୍‌କୁ ଛାଡ଼ିଦେଲେ ୟୁଏସ୍ ଓପନ ଫାଇନାଲରେ ପରାଜିତ ହୋଇଥିଲେ। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସ ଫାଇନାଲ ଜିତି ହୁବର୍ଟ ହୁର୍କାଜ ତାଙ୍କର ଦ୍ୱିତୀୟ ମାଷ୍ଟର୍ସ ଟାଇଟଲ ହାସଲ କରିଛନ୍ତି। ଏକ ମ୍ୟାଚ ପଏଣ୍ଟ ସେଭ୍ କରିବା ସହ ସେ ଆନ୍ଦ୍ରେ ରୁବ୍ଲେଭଙ୍କ ବିପକ୍ଷ ମ୍ୟାଚକୁ ୬-୩, ୩-୬,୭-୬ (୮)ରେ ଜିତି ନେଇଛନ୍ତି। ପୋଲାଣ୍ଡର ଏହି ଖେଳାଳି ସେବାଷ୍ଟିଆନ କୋର୍ଡାଙ୍କ ବିପକ୍ଷ ସେମିଫାଇନାଲ ବିଜୟ ମ୍ୟାଚ ଭଳି ପ୍ରଭାବୀ ପ୍ରଦର୍ଶନ କରିଥିଲେ। ୨୬ ବର୍ଷୀୟ ଏହି ଖେଳାଳିଙ୍କର ଏହା ହେଉଛି ୭ମ ଟୁର୍ ଲେଭଲ ଟାଇଟଲ। ରୁବ୍ଲେଭ ପୂର୍ବରୁ ତାଙ୍କ ପ୍ରଥମ ମାଷ୍ଟର୍ସ ଟାଇଟଲ ୨୦୨୧ରେ ମାୟାମିଠାରେ ଜିତିଥିଲେ।

# ବାକ୍‌ଙ୍କ କାର୍ଯ୍ୟକାଳ ବୃଦ୍ଧି ସପକ୍ଷରେ ଆଇଓସି ସଦସ୍ୟ

**ମୁମ୍ବାଇ, ୧୫।୧୦ (ପି.ଟି.)**


ଥୋମାସ ବାକ୍

ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଭାପତି ଥୋମାସ ବାକ୍‌ଙ୍କ କାର୍ଯ୍ୟକାଳ ୨୦୨୫ରେ ଶେଷ ହେବାକୁ ଥିବାରୁ ତାଙ୍କୁ ଆଉ ଏକ ପର୍ଯ୍ୟାୟ ଏହି ପଦବୀରେ ରଖିବା ଲାଗି ଆଇଓସି ସଦସ୍ୟମାନେ ଚାହୁଁଛନ୍ତି। ପୂର୍ବତନ ଅଲିମ୍ପିଆନ ତଥା ଜର୍ମାନୀର ବାକ୍ ହେଉଛନ୍ତି ଆଇଓସିର ୯ମ ସଭାପତି। ୨୦୧୩ରେ ବୁଏନ୍ସଏୟାର୍ସ ଅନୁଷ୍ଠିତ ଆଓସିର ୧୨୫ତମ ଅଧିବେଶନରେ ସେ ୮ ବର୍ଷ ପାଇଁ ନିର୍ବାଚିତ ହୋଇଥିଲେ। ୨୦୨୧ ମାର୍ଚ୍ଚରେ ବାକ୍ ଆଇଓସି ସଭାପତି ଭାବେ ଆଉ ୪ବର୍ଷ ପାଇଁ ନିର୍ବାଚିତ ହୋଇଥିଲେ। ଅଲିମ୍ପିକ ନିୟମାବଳୀ ଅନୁସାରେ ଜଣେ ସଭାପତି ପଦବୀରେ ଅତିବେଶିରେ ୧୨ ବର୍ଷ ରହିପାରିବେ। ଏହି ନିୟମ ଜ୍ୟାକ୍ସ ରଗ୍‌ଙ୍କ କାର୍ଯ୍ୟକାଳ ସମୟରେ କରାଯାଇଥିଲା। ରଗ୍ ୨୦୦୧ରୁ ୨୦୧୩ ପର୍ଯ୍ୟନ୍ତ ଆଇଓସି ମୁଖ୍ୟ ରହିଥିଲେ। ତାଙ୍କ ପରେ ବାକ୍ ଏହି ପଦବୀ ଅଳଙ୍କୃତ କରିଥିଲେ। ଏଠାରେ ଆଇଓସିର ୧୪୧ତମ ଅଧିବେଶନରେ ମୋଟ ସଦସ୍ୟ ୯୯ ମଧ୍ୟରୁ ଅଧିକାଂଶ ୨୦୨୫ ପରେ ବାକ୍‌ଙ୍କ ତୃତୀୟ କାର୍ଯ୍ୟକାଳ ସପକ୍ଷରେ ମତ ଦେଇଥିଲେ। ହେଲେ ଏଥିପାଇଁ ନିୟମାବଳୀର ସଂଶୋଧନ ଆବଶ୍ୟକ ରହିଛି। ଆଇଓସି ସଦସ୍ୟ ଲୁଇସ୍ ଓଭିଡୋ କହିଥିଲେ ବାକ୍ ଅଲିମ୍ପିକ ଆନ୍ଦୋଳନକୁ ଠିକଣା ଦିଗରେ ଆଗେଇ ନେଉଛନ୍ତି। ସେ ତାଙ୍କର ଏହି କାର୍ଯ୍ୟଧାରାକୁ ବଜାୟ ରଖନ୍ତୁ ବୋଲି ଆମେ ଚାହୁଁ। ଜବାବରେ ବାକ୍ ଆଇଓସି ସଦସ୍ୟମାନଙ୍କୁ ତାଙ୍କର ଧନ୍ୟବାଦ ଜଣାଇବା ସହ ସଦସ୍ୟମାନଙ୍କ ଏହି ଚିନ୍ତାଧାରା ତାଙ୍କ ହୃଦୟକୁ ସ୍ପର୍ଶ କରିଛି ବୋଲି କହିଥିଲେ। ଆଇଓସି ଅଧିବେଶନରେ ସୋମବାର କ୍ରିକେଟ ଏବଂ ଅନ୍ୟ ୪ଟି କ୍ରୀଡ଼ାକୁ ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ସାମିଲ କରାଯିବା ସମ୍ପର୍କରେ ଭୋଟ ଗ୍ରହଣ ହେବ ବୋଲି ଆଶା କରାଯାଉଛି।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ